

# ଅଳ୍ପବୟସ

ଶୈଶବର ସକାଳ



# ଶୈଶବର ସକାଳ


| ଗଳ୍ପ | ପୃଷ୍ଠା |
|---|---|
| ୧. ମେଣ୍ଢା | ୯ |
| ୨. ବାଉଁଶରାଣୀ ଓ ଲୌହକନ୍ୟା | ୧୬ |
| ୩. ବିମ୍ବରର ପୁରୁଣା ବଡ଼ମାଛମାନେ | ୨୬ |
| ୪. ବିଲେଇ | ୩୩ |
| ୫. ଏକ ହତ୍ୟାକାଣ୍ଡର ଯୋଜନା | ୪୦ |
| ୬. ଛେଳି | ୪୯ |
| ୭. ରେଡ଼ିଓ ସଂପର୍କରେ ଗୋଟେ ରଚନା | ୫୯ |
| ୮. ଏକ ଚୋରିର କାହାଣୀ | ୬୯ |
| ୯. ସାପ | ୮୪ |
| ୧୦. ସ୍କୁଲଦିନ | ୯୪ |
| ୧୧. ସାପ ଓ ମଣିଷ | ୧୦୬ |
| ୧୨. ମୃତ୍ୟୁସହ ପରିଚୟ | ୧୧୩ |
| ୧୩. ଚୋରର ନାମ ଗୋପୀଆ | ୧୨୫ |

# ମେଣ୍ଢା

ମେଣ୍ଢାଟିଏ ହେବାର ସ୍ୱପ୍ନ ସେତେବେଳେ ମୁଁ ଦେଖିଥିଲି ବାରମ୍ବାର। ବେଳେବେଳେ ମୁଁ ଅନୁଭବ କରୁଥିଲି ମୋ ଦେହ ସାରା ଯେମିତି ମାଟିଆ ମାଟିଆ ରୁମ କଅଁଳି ଯାଉଛି, କାନ ଅସମ୍ଭବ ଭାବରେ ଲମ୍ବିଯାଉଛି, ମୁହଁ ଗୋଜିଆ ହୋଇ ଆସୁଛି। ଶିଙ୍ଗ ଉଠିଆସୁଛି, ହାତ ଦୁଇଟା ଆଗ ଗୋଡ଼ରେ ପରିଣତ ହୋଇଯାଉଛି, ମୁଁ ଲାଞ୍ଜେଇ ଯାଉଛି। ଅବଶେଷରେ ବନିଯାଉଛି ଚମତ୍କାର ମେଣ୍ଢାଟିଏ। ଅଦ୍ଭୁତ ଯାହାର କଣ୍ଠସ୍ୱର। ନରମ ଯାହାର ଦେହ ଓ ନିରୀହ ଯାହାର ଦୃଷ୍ଟି।

ମେଣ୍ଢା ହେବାର ସ୍ୱପ୍ନଟିଏ ମୋ ମନରେ ପ୍ରବେଶ କରିଯାଇଥିଲା କେବଳ ଏଇଥିପାଇଁ ଯେ ନାଟକରେ ଅଭିନୟ କରିବାର ଇଚ୍ଛାଥିଲା ମୋର ବହୁ ପ୍ରାଚୀନ। ପ୍ରଚୁର ପରିମାଣରେ ରାତି ଅନିଦ୍ରା ହୋଇ ଯାତ୍ରା ଦେଖି ଏବଂ ଦିନରେ ଅଳତା ମିଶା ପାଣିକୁ ମଦକରି ପିଇଲା ବେଳେ କିମ୍ବା ବାଉଁଶଫାଳିଆ ଧରି ଯୁଦ୍ଧ କଲାବେଳେ ମୋର ମନେହେଉଥିଲା ସତେ ଯେମିତି ମୁଁ ବିଶ୍ୱର ଶ୍ରେଷ୍ଠ ଅଭିନେତା ହୋଇ ସାରିଛି। ନିଜକୁ ଶ୍ରେଷ୍ଠ ଅଭିନେତା କରିବାକୁ ବାବା ବୋଉ ତଥା ମାଷ୍ଟ୍ରମାନଙ୍କ ମାଡ଼ଗାଳି ସତ୍ତ୍ୱେ ମୋତେ ହାଣ୍ଡିକଳାରେ ନିଶ କରିବାକୁ ପଡୁଥିଲା, କାଗଜର ମୁକୁଟ ନାଇବାକୁ ପଡୁଥିଲା ଏବଂ ମୁହଁରେ ଚକ୍‌ଖଡ଼ିର ଗୁଣ୍ଡ ବୋଳିବାକୁ ପଡୁଥିଲା। କହିବା ବାହୁଲ୍ୟ ସେତେବେଳେ ମୁଁ ଥିଲି ନିମ୍ନ ପ୍ରାଥମିକ ବିଦ୍ୟାଳୟର ଛାତ୍ର।

ଠିକ୍ ସେହି ସମୟରେ ଆମ ସ୍କୁଲର ବୟସ୍କ ଛାତ୍ରମାନଙ୍କ ଦ୍ୱାରା ନାଟକଟିଏ ଅଭିନୀତ ହେବା ପାଇଁ ସ୍ଥିର ହେଲା। ନାଟକର ନାମ ଥିଲା 'ପଞ୍ଚାୟତିରାଜ'। ସବୁଦିନେ ଶ୍ରେଣୀରେ ପାଠପଢ଼ା ସରିବା ପରେ ନାଟକର ରିର୍ହଲସାଲ୍ ହେଉଥିଲା, ଅପରାହ୍ନରେ। ରିର୍ହଲସାଲ୍ ରୁମ୍‌ରେ ପ୍ରବେଶ କରିବାର ଅଧିକାର ଯେହେତୁ ଆମମାନଙ୍କୁ ଦିଆଯାଇ ନ ଥିଲା ସେଥିପାଇଁ ମୁଁ ତଥା କତିପୟ ସିଂଘାଣିନାକା ବାଳକ ଶ୍ରେଣୀଗୃହର ବଡ଼ ଝରକାର ବାହାର ପାଖରେ ନାକେଇବାକୁ ବାଧ୍ୟ ହେଉଥିଲୁ ଓ ଭିତରେ ଚାଲିଥିବା ଅଭିନୟ ଦେଖି ତୃପ୍ତ ହେଉଥିଲୁ।

ନାଟକରେ ଥିଲା ଏକ ଗୁରୁତ୍ୱପୂର୍ଣ୍ଣ ଦୃଶ୍ୟ। ସେଇ ଦୃଶ୍ୟଟି ହିଁ ମୋ ମନରେ ଛାପ ପକାଇ ଆସିଛି ଅଦ୍ୟାବଧି। ଗ୍ରାମପଥରେ କଥୋପକଥନରତ ଦୁଇ ଜଣ ଗ୍ରାମବାସୀଙ୍କୁ ନେଇ ଦୃଶ୍ୟଟି ପରିକଳ୍ପିତ। ଜଣେ ହାଟରୁ ଫେରୁଛି ମେଣ୍ଢାଟିଏ କିଣି ଓ ଅନ୍ୟଜଣେ ତାକୁ ଭେଟିଛି ସେହି ଦୃଶ୍ୟରେ ଓ ପଚାରୁଛି ମେଣ୍ଢାଟି ସମ୍ପର୍କରେ। ମେଣ୍ଢାର ଦାମ୍ କେତେ ? ତାହା କେତେ ମାଂସ ହେବ ଇତ୍ୟାଦି ସେହି ଆଲୋଚନା ପ୍ରସଙ୍ଗର ଅନ୍ତର୍ଭୁକ୍ତ।

ଯେତେବେଳେ ଏହି ଦୃଶ୍ୟଟିର ରିହର୍ଲସାଲ୍ ହୁଏ ସେତେବେଳେ ମେଣ୍ଢାବିହୀନ ଗ୍ରାମବାସୀଟି ଫେରୁଥାଏ ହାଟରୁ। ଅପର ଅଭିନେତା କେବଳ ଶୂନ୍ୟକୁ ଆଙ୍ଗୁଠି ଦେଖାଇ କହେ:କେତେରେ କିଣିଲ କିଓ ଏଇଟାକୁ ?' ପ୍ରଥମ ଅଭିନେତା ଉତ୍ତର ଦିଏ: ଟଙ୍କା ତିରିଶି ଦେଇଚି ! କ'ଣ ବେଶି ହୋଇଗଲା ?'ଇତ୍ୟାଦି ଇତ୍ୟାଦି। ଯଦିଓ ସେଠାରେ ମେଣ୍ଢାଟିଏ ନ ଥାଏ। ଏଭଳି ଏକ ଅବାସ୍ତବ ଅଭିନୟ ସମ୍ଭବତଃ ନିର୍ଦ୍ଦେଶକଙ୍କୁ ବ୍ୟଥିତ କରିଥିଲା। କାରଣ ସେ ବାସ୍ତବତାରେ ବିଶ୍ୱାସ କରୁଥିଲେ। ସେ ଦିନେ କହିଉଠିଲେ: ଗୋଟେ ମେଣ୍ଢା ଆଣ, ନୋହିଲେ ରିର୍ହଲସାଲ୍‌ରେ ରିଅଲିଟୀ ଆସୁନି।

ହାଟ ଫେରନ୍ତା ଗ୍ରାମବାସୀ ଭୂମିକାରେ ଅଭିନୟ କରୁଥିବା ଅଷ୍ଟମ ଶ୍ରେଣୀର ମଧୁଭାଇ ସାଙ୍ଗେ ସାଙ୍ଗେ ଝର୍କା ପାଖରେ କାଙ୍ଗାଳ ଭଳି ଚାହିଁଥିବା କ୍ଷୀଣତନୁ ବାଳକମାନଙ୍କ ଆଡ଼କୁ ଚାହିଁ କହିଲେ,'ତମ ଭିତରୁ କିଏ ଜଣେ ମେଣ୍ଢା ହେବ ଆସିଲ !'

ଠିକ୍ ସେତିକି ବେଳେ ସେଇ ଅପୂର୍ବ ସୁଯୋଗଟିକୁ କରଗତ କରିପାରିଥିଲି ମୁଁ । ରିର୍ହଲସାଲ୍ ରୁମ୍ ଭିତରକୁ ଡେଇଁ ପଡ଼ିଥିଲି। ଜୀବନରେ ପ୍ରଥମ ଥର ପାଇଁ ଅଭିନୟ କରିବାର ଆନୁଷ୍ଠାନିକ ସୁଯୋଗ ଆସିଥିଲା ଏହିପରି। ନ ହେଉ ପଛେ ରାଜା କିମ୍ବା ସେନାପତିର ରୋଲ୍, ପାର୍ଟଟେ ମିଳିଛି, ତାହା ହିଁ ଯଥେଷ୍ଟ।

ମୁଁ ଦୌଡ଼ି ଯାଇଥିଲି ରିର୍ହଲସାଲ୍ ମଞ୍ଚକୁ। ମଧୁଭାଇଙ୍କ ପାଖରେ ହାମୁଡ଼ି ପଡ଼ିଥିଲି।

ଅପର ଅଭିନେତା ଭୂମିକାରେ ଅଭିନୟ କରୁଥିବା ଶରତ ଭାଇ ପଚାରିଲେ: କେତେ ମାଂସ ହବ ଏଇଟା ?

ମଧୁଭାଇ ସଂଳାପ ମନେପକେଇ କହିଲେ: ଦେଖୁନା !

ଶରତ ଭାଇ ମୋର ଛନ୍ଦ ଫିତା ଲଗା ହାଫ୍ ପ୍ୟାଣ୍ଟ୍‌ର ମଝିକୁ ଧରି ଟେକି ଟେକି ନେଇଥିଲେ। ଶୂନ୍ୟରେ ଝୁଲି ପଡ଼ିଥିଲି ମୁଁ କିୟତ୍‌କ୍ଷଣ।

ତା'ପରଦିନ ରିର୍ହଲସାଲ୍ ରୁମ୍ ଭିତରକୁ ଯିବାକୁ ମୋତେ ପାସ୍‌ପୋର୍ଟ ମିଳିଯାଇଥିଲା। ହାଫ୍ ପ୍ୟାଣ୍ଟ୍‌ପିନ୍ଧା ସମସ୍ତ ବନ୍ଧୁମାନଙ୍କୁ ଉପେକ୍ଷା କରି ମୁଁ ପଶିପାରୁଥିଲି

ରିର୍ହଲସାଲ୍ ଘରେ। ନିଖୁଣ ଭାବରେ ଅଭିନୟ କରିବାକୁ ଉଦ୍ୟମ କରୁଥିଲି ମେଣ୍ଢା ପାର୍ଟଟିକୁ । ସେତିକି ବେଳେ ହିଁ ମୋର ମନେହୋଇଥିଲା ସତକୁ ସତ ମୁଁ ଗୋଟେ ମେଣ୍ଢା ହୋଇଆସୁଛି। ନାଟକ ମଞ୍ଚସ୍ଥ ହେବା ଦିନଯାକେ ମୁଁ ମୋ ଅଭିନୟରେ ଉନ୍ନତି ଆଣିଥିଲି। ନିଖୁଣତା ଆଣିବା ଚେଷ୍ଟାରେ ମାତିଥିଲି। ଦିନେ ମୋ ବେକରେ ଦଉଡ଼ିଟେ ବାନ୍ଧି ତାକୁ ଧରେଇ ଦେଇଥିଲି ମଧୁଭାଇଙ୍କ ହାତରେ। ଦିନେ ମୁହଁରେ ପୁଳାଏ ଘାସ ଚୋବେଇଥିଲି। ଦିନେ ମେଣ୍ଢାପରି ରଡ଼ି କରିଥିଲି। ଦିନେ ଆଣ୍ଠୁ ଛିଡ଼ିବା ଯାକେ ମଧୁଭାଇଙ୍କ ଚାରିପାଖରେ ଘୂରିବୁଲିଥିଲି। ଗୋଟେ ମେଣ୍ଢାର ରୋଲ୍ ପାଇଁ ମୋତେ ଅକ୍ଳାନ୍ତ ପରିଶ୍ରମ କରିବାକୁ ପଡ଼ିଥିଲା। ମୁଁ ବେଶ୍ ଆଗ୍ରହୀ ଥିଲି। କାରଣ ସିଏ ତ ଆରମ୍ଭ ମାତ୍ର। କଳାକାର ଜୀବନର ଅୟମାରମ୍ଭ !

ନାଟକରେ ମୁଁ ଅଭିନୟ କରୁଛି ବୋଲି ମୋର ବନ୍ଧୁମାନଙ୍କଠାରୁ ବିଶେଷ ସମ୍ମାନ ପାଉଥିଲି। ମୋ ଉପର କ୍ଲାସର ପିଲାମାନେ ମତେ ପଚାରୁଥିଲେ,'ତୁ ନାଟକରେ ପାର୍ଟ କରୁଚୁ ପରା।' ମୁଁ ଗର୍ବର ସହ 'ହଁ' ବୋଲି କହୁଥିଲି। ତଳ ଶ୍ରେଣୀର ପିଲାମାନେ ମୁଁ ଗଲାବେଳେ ପଛରେ କଥାଭାଷା ହଉଥିଲେ,'ଇଏନା! ନାଟକରେ ପାଆର୍ଟ କରୁଚି।' ମୁଁ କୃତ୍ୟକୃତ୍ୟ ମନେ କରୁଥିଲି ନିଜକୁ। କିଛି ମନ୍ତବ୍ୟ ଦଉ ନ ଥିଲି। ଖାଲି ହସି ଦେଉଥିଲି।

ଦେଖିବ ପିଲାମାନେ! ଦେଖିବ! ନାଟକ ଯେଉଁଦିନ ଷ୍ଟେଜ୍ ହେବ, ସେଇଦିନ ଦେଖିବ ! ସେଇଦିନ ଦେଖିବ ମୋର କଳାଚାତୁରୀ। ମୋର ଅଭିନୟର ପାରଦର୍ଶିତା ! ସେଇଦିନ ଆରମ୍ଭ ହେବ ଏକ ମହାନ କଳାକାରର ଅଭିନୟ ଜୀବନ।

ଅବଶେଷରେ ନାଟକ ମଞ୍ଚସ୍ଥ ହେବାର ଦିନ ଆସି ପହଞ୍ଚିଲା। ନାଟକରେ ଅଭିନୟ କରିବାର ସକଳ ଗର୍ବ, ଅହଂକାର, ସମ୍ମାନବୋଧ ସବୁକିଛିକୁ ଛାତିରେ ବୋହି ମୁଁ ପଶିଥିଲି ଗ୍ରୀନ୍‌ରୁମ୍‌ରେ। କିନ୍ତୁ ହାୟ ! ସେଠାରେ କେହି ମୋତେ ସାମାନ୍ୟତମ ସମ୍ମାନ ଦେଖାଇ ନ ଥିଲେ।

ଗ୍ରୀନ୍‌ରୁମ୍ ଭିତରେ ଘୁରି ବୁଲିଲାବେଳେ ମୁଁ ହଠାତ୍ ଆବିଷ୍କାର କରିଥିଲି ବପୁମାନ ମେଷଟିଏ। ହଠାତ୍ ରାଗିଗଲି। ମଧୁଭାଇଙ୍କ ପାଖକୁ ଧାଇଁଗଲି। ଅବଶ୍ୟ ତାଙ୍କୁ ଖୋଜି ପାଇବାକୁ ଟିକେ ସମୟ ଲାଗିଥିଲା। ନକଲି ଦାଢ଼ି ଓ ପରଚୂଳାରେ ସବୁ ଚିହ୍ନା ମୁହଁ ଅଚିହ୍ନା ଦିଶୁଥିଲେ।

ମଧୁଭାଇଙ୍କୁ ପାଇଲି। ପଚାରିଲି,'ଏ ମେଣ୍ଢା ଏଠିକି ଆସିଚି କାହିଁକି ?'

'ସେଇଟାକୁ ଧରି ମୁଁ ପରା ଷ୍ଟେଜ୍‌କୁ ଯିବି।' ନକଲି ନିଶକୁ ହଲେଇ ମନ୍ତବ୍ୟ

ଦେଲେ ମଧୁଭାଇ।

'ଆଉ ମୁଁ...!' ଏକଥା କହିଲାବେଳେ କାରୁଣ୍ୟରେ ମୋ କଣ୍ଠ ଓଦା ହୋଇଆସୁଥିଲା। ମଧୁଭାଇ ହସିଲେ ଓ ମୋତେ ପୁଳାଏ ଘାସ ଦେଇ କହିଲେ 'ଦେ! ଦେ! ତାକୁ ଖାଇବାକୁ ଦେ।'

ମୋର ସ୍ୱପ୍ନ ଭାଙ୍ଗିଯାଇଥିଲା। ମୁଁ ହୋଇପଡ଼ିଥିଲି ନିର୍ବାକ। ଦୁଃଖର ଝଡ଼ ମୋତେ ଆଚ୍ଛନ୍ନ କରି ଆସୁଥିଲା। ମୁଁ ଫୋପାଡ଼ି ହୋଇ ପଡ଼ିଲି ଗ୍ରୀନ୍‌ରୁମ୍ ବାହାରକୁ। କେମିତି ମୁହଁ ଦେଖାଇବି ମୋର ସାଙ୍ଗମାନଙ୍କୁ? କ'ଣ ହେବ ଏଇ କଳାକାର ଜୀବନର ଭବିଷ୍ୟତ?

ନାଟକ ଯଥାରୀତି ମଞ୍ଚସ୍ଥ ହୋଇଥିଲା। ଅବଲୀଳାକ୍ରମେ ମେଣ୍ଢାଟି ଉଠିଥିଲା ମଞ୍ଚ ଉପରକୁ। ଉଇଙ୍ଗିସ୍ ଧାରରେ ଛିଡ଼ା ହେଇ ମୁଁ ଏ ଦୃଶ୍ୟ ଦେଖିଥିଲି। ମୋ ରକ୍ତରେ ନିଆଁ ଲାଗିଯାଇଥିଲା। ହାଡ଼ ଶୂଳେଇ ହେଉଥିଲା। ଇଚ୍ଛା ହେଉଥିଲା ଡେଇଁପଡ଼ିବି ମଞ୍ଚ ଉପରକୁ। ମେଣ୍ଢାଟାର ତଣ୍ଟିଚିପି ତାକୁ ଶେଷ କରିଦେବି।

ଏବେ ମଞ୍ଚ ଉପରେ ମେଣ୍ଢା। ତା' ବେକରେ ଦଉଡ଼ି। ଦଉଡ଼ି ରହିଚି ମଧୁ ଭାଇଙ୍କ ହାତରେ। ମଧୁଭାଇ ଏବେ ଜନୈକ ଗ୍ରାମବାସୀର ଭୂମିକାରେ। ଉଇଙ୍ଗସ୍ ଦାଢ଼ରୁ ଭାସି ଆସୁଚି ପ୍ରମ୍ପଟିଂର ଅନୁଚ୍ଚ ସ୍ୱର। ମଧୁଭାଇ ନାଟକର ସଂଳାପ ମନେ ପକଉଛନ୍ତି।

ମଧୁଭାଇ କହୁଛନ୍ତି: ଏଇନା ତ ଫେରୁଚି ହାଟରୁ!

ଶରତ ଭାଇ ଅପର ଗ୍ରାମବାସୀର ଭୂମିକାରେ। ହାତଠାରି ଦେଖଉଛନ୍ତି ମେଣ୍ଢାକୁ।

ସଂଳାପ ଉଚ୍ଚାରଣ କରୁଛନ୍ତି: କେତେରେ କିଣିଲ କିଓ ଏଇଟାକୁ?

ବିପୁଳ ଦର୍ଶକଙ୍କୁ ଦେଖି ମେଣ୍ଢାଟି ଡରିଯାଇଥିଲା। ଦୁଇବାର ପଘା ଛିଣ୍ଡାଇ ପଳାଇ ଯିବାକୁ ଉଦ୍ୟମ କରିଥିଲା। ତା'ପରେ ବିକଟ ଚିତ୍କାର କରି ସେ ମଞ୍ଚ ଉପରେ ମଳମୂତ୍ର ତ୍ୟାଗ କରିପକାଇଲା। ଏହି ସମୟରେ ଦର୍ଶକମଣ୍ଡଳୀରୁ ପ୍ରଚୁର ତାଳି ମାଡ଼ରେ ମଞ୍ଚ ଫାଟିପଡ଼ିଲା। ମେଣ୍ଢାଟି ପଳେଇ ଯାଇଥିଲା ଡିଆଁମାରି।

ମୁଁ ବହୁତ ଖୁସୀ ହୋଇଯାଇଥିଲି। କାରଣ ସେଇ ଅଭିନୟଟି ମୁଁ କରିଥିଲେ ଏତେ ସବୁ ଦୁର୍ଘଟଣା ଆଦୌ ଘଟି ନ ଥାନ୍ତା। ମୁଁ ନିରବରେ ନାଟକର ପାଟିଅର୍ ଓ ନିର୍ଦ୍ଦେଶକଙ୍କୁ କହିଲି, ପାଅ ଏବେ ମଜା! ମତେ ରୋଲ୍ ନ ଦବାର ମଜା ପାଅ। ନାଟକ ତ ମର୍ଡ଼ର ହେଇଗଲାଣି ନା!

ତା'ପରଦିନ ମୋ ସାଙ୍ଗସାଥୀମାନେ ଆଲୋଚନା କରୁଥିଲେ, କାହା ପାର୍ଟ ସବୁଠୁ ଭଲ ହୋଇଥିଲା। ମୁଁ ଆଲୋଚନା ଭିତରେ ପଶି ଯାଇଥିଲି ଓ ଆଲୋଚନାର ଦିଗକୁ

ବୁଲାଇଦେଲି।

କହିଥିଲି,'ସବୁଠୁ କାହା ରୋଲ୍‌ଟା ବାଜେ ହେଲା ଜାଣ?'

'କାହାର?' ସମସ୍ତେ ପଚାରିଥିଲେ ସମସ୍ୱରରେ।

'ସେଇ ମେଣ୍ଢାଟାର। ସେ ଜମା ମେଣ୍ଢା ରୋଲ୍‌ଟା କରିପାରୁ ନ ଥିଲା। ଆମ ରିର୍ହଲସାଲ୍‌ରେ କେତେ ବଢ଼ିଆ ହଉଥିଲା ସେଇ ସିନ୍‌ଟା।'ମୁଁ ମନ୍ତବ୍ୟ କରିଥିଲି।

ମୋର ବନ୍ଧୁମାନେ ମୋ କଥା ବୁଝିପାରି ନ ଥିଲେ। ତେଣୁ ହସିଥିଲେ। ମୁଁ ଅପମାନବୋଧ କରିଥିଲି। ସେଠୁ ଖସି ଆସିଥିଲି।

ଏଥର ମୁଁ ଅନୁଭବ କଲି ମୁଁ ଯେମିତି ବଦଳି ଯାଉଛି ଗୋଟାଏ ମେଣ୍ଢାରେ। ମୋ ମୁଣ୍ଡ ଉପରେ ଉଠିଯାଉଛି ଦୁଇଟା ଶିଙ୍ଗ। ଗୋଜିଆ। ଟାଣ ଏବଂ ବଣ୍ୟ। ମୋର କପୋଳ କ୍ରମଶଃ ଶକ୍ତ ହୋଇଆସୁଛି। ମୋ ଆଖିରେ ଯୁଦ୍ଧ କରିବାର ଅସମ୍ଭବ ଆଗ୍ରହ। ମୁଁ ଏବେ ଗୋଟାଏ ହିଂସ୍ର ମେଣ୍ଢା। ଆକ୍ରମଣ କରିବାକୁ ପ୍ରସ୍ତୁତ। ଶିଙ୍ଗରେ ଭୁଷି ଛିନ୍ନଛତ୍ର କରିଦେବାକୁ ଉତ୍ସାହୀ ଗୋଟେ ମାରଣା ମେଣ୍ଢା।

ମୁଁ ଏଥର ଦୌଡ଼ିବାକୁ ଲାଗିଲି। ରାସ୍ତାସାରା।

ମୋର ଯୁଦ୍ଧ ଦରକାର। ମୋର ପ୍ରତିଶୋଧ ଦରକାର। ମୋର ପ୍ରତିଦ୍ୱନ୍ଦ୍ୱୀ ସେଇ ମେଣ୍ଢାଟା, ଯିଏ ଛଡ଼ାଇ ନେଲା ମୋ'ଠୁ ନାଟକରେ ଗୋଟାଏ ପାର୍ଟ। ଲିଭାଇ ଦେଲା ଗୋଟେ କଳାକାରର ଉଜ୍ଜ୍ୱଳ ଭବିଷ୍ୟତ। ଆଶାର ଆଲୋକ। ନିଶ୍ଚିହ୍ନ କରିଦେଲା ସହସ୍ର ସମ୍ଭାବନା। ମୁଁ ଏତେ ସହଜରେ ଏ ସବୁକୁ ଭୁଲିଯାଇପାରେନା। ମୋର ପ୍ରତିଶୋଧ ନେବା ଦରକାର। ମୁଁ ବି ଗୋଟାଏ ମେଣ୍ଢା। ମତେ ବି ଜଣାଅଛି ମେଣ୍ଢା ଲଢ଼େଇ। ମତେ ବି ଆସେ ତାଳ ପକେଇ।

ମୁଁ ଗୋଟାଏ ଅସଲି ମେଣ୍ଢା। ହିଂସ୍ର ଏବଂ ପ୍ରତିଶୋଧପରାୟଣ। ମୁଁ ଦୌଡ଼ିବାକୁ ଲାଗିଲି।

ସେଦିନ ଥିଲା ନାଟକ ଅଭିନୀତ ରଜନୀର ପରବର୍ତ୍ତୀ ଦିନର ଅପରାହ୍ନ। ସେତେବେଳକୁ ଷ୍ଟେଜ୍ ପୂରାପୂରି ଖୋଲା ସରି ନ ଥିଲା। ସ୍କ୍ରିନ୍ କି ସିନ୍ ନ ଥିଲା । ଉଇଙ୍ଗ୍‌ସ ସବୁ ଫେରସ୍ତ ସରିଥିଲା। ଷ୍ଟେଜ୍‌ଟା ସାରା ପଡ଼ିରହିଥିଲା ଖାଲି ଖଟ। ଚାଞ୍ଚରାବାଡ଼ ଆଉ ଲଙ୍ଗଳା ବାଉଁଶକୁ ନେଇ। ଦିଶୁଥିଲା ଗୋଟେ ରୁମଛଡ଼ା ରୋଗୀଣା କୁକୁର ଭଳି। ସେଇ ଷ୍ଟେଜ୍‌ର ଗୋଟେ କୋଣରେ ତିନି ଚାରି ଜଣ ଶୋଇ ରହିଥିଲେ। ସେମାନଙ୍କ

ଶୋଇରହିବାଟା ଭାରି ବେଖାପ ଅଡୁଆ ଦିଶୁଥିଲା ଆଖିକୁ।

ମୁଁ ସେଠାରେ ପହଞ୍ଚିଗଲି ଏବଂ ଚିତ୍କାର କରିବାକୁ ପ୍ରସ୍ତୁତ ହେଲି। ଚିତ୍କାର କରିବାର ଥିଲା ଏମିତି: କାହିଁଗଲା ସେ ପାପିଷ୍ଠ ମେଷ? କିମ୍ବା, 'ରେ! ରେ! ଦୁଷ୍ଟ ମେଷ, ଯଦି ପ୍ରକୃତରେ ମେଷର ରକ୍ତ ତେବେ ସାମ୍ନାକୁ ଆ! ଯୁଦ୍ଧ କର।'

ମଧୁଭାଇଙ୍କ ନାକତଳେ ନିଶ ନ ଥିଲା। ତଥାପି ସେ ନାଟକର ପୁରୁଣା ସଂଳାପ ଉଚ୍ଚାରଣ କରୁଥିଲେ ଅନୁଚ୍ଚ ସ୍ୱରରେ।

ମତେ ଦେଖିଲେ। ପଚାରିଲେ: କିରେ! କ'ଣ ହେଲା?

ମୁଁ ଚିତ୍କାର କରି କହିଲି: କୁଆଡ଼େ ଗଲା ସେ ମେଣ୍ଢାଟା?

ମଧୁଭାଇ ଚାଞ୍ଚରାବାଡ଼ ଆରପଟକୁ ଇଙ୍ଗିତ କଲେ।

:ହେଇ ସେଇପଟେ। ହେଲେ କାମ ସରିଲାଣି। ମୁଁ ତାଙ୍କ କଥା ବୁଝିପାରିଲିନି। ବୁଝିବାକୁ ସମୟ ନ ଥିଲା। ମୁଁ ଚାଞ୍ଚରା ଆରପଟକୁ କ୍ଷେପିଗଲି। ସେଠି ମୋ ପାଇଁ ଅପେକ୍ଷା କରି ରହିଥିଲା ଅଭାବିତ ଦୃଶ୍ୟଟେ।

ମେଣ୍ଢାର ଛିନ୍ନ ମସ୍ତକ ପଡ଼ିରହିଥିଲା ଟିକିଏ ଦୂରରେ। ତଳେ ଭିଜିଯାଇଥିଲା କିଛି ରକ୍ତ। ମେଣ୍ଢାର ଆଗଗୋଡ଼ ଲଟକା ଯାଇଥିଲା ଗଛରେ। ଏବଂ ଜଣେ ଲୋକ ତା' ଦେହରୁ ଚମଡ଼ା ଛଡ଼ଉଥିଲା। ସମ୍ଭବତଃ ସିଏ ହିଁ ଘାତକ।

କାର୍ଯ୍ୟକ୍ରମଟିକୁ ତଦାରଖ କରୁଥିଲେ ଗଜିଭାଇ।

ମତେ ଦେଖି ମନ୍ତବ୍ୟ ଦେଲେ: ମାଂସ ଚାଳିଶ କେଜି ପରେ ହେବ।

ମୁଁ ମେଣ୍ଢାର ଛିନ୍ନ ମସ୍ତକ ଉପରେ ନଜର ଠୁଳକଲି। ଆଖିଦୁଇ ତଥାପି ରହିଛି ଖୋଲା। ସେଇ ଆଖିର ଗୋଲକ ଧାରରେ ଟିକିଏ ଲୁହ। ବଡ଼ କରୁଣ ସେ ଦୃଷ୍ଟି। ସେଇ ମୃତ ଆଖି ତଥାପି ଚାହିଁ ରହିଛି ପୃଥିବୀକୁ। ପଚାରୁଛି କିଛି ପ୍ରଶ୍ନ।

କାହିଁକି ମେଣ୍ଢାଟିଏ ଜନ୍ମ ହୁଏ ଏଇ ପୃଥିବୀରେ? କାହିଁକି ଦିନ ଗଣି ପ୍ରତି ସନ୍ଧ୍ୟାରେ ଫେରିଆସେ ଗୁହାଳକୁ? କାହିଁକି ଅନୁରକ୍ତ ରହେ ମାଲିକର? କାହିଁକି ଅବା ବଡ଼ ହୁଏ? କାହିଁକି ଅବା ପହୁଞ୍ଚେ ଚାଳିଶ କେଜିର ଓଜନରେ?

ଗଜିଭାଇ ପୁଣି ମନ୍ତବ୍ୟ ଦେଲେ: ତତେ ଆଜି ସଞ୍ଜକୁ ନିମନ୍ତ୍ରଣ ରହିଲାରେ!

ମୁଁ କିଛି ଶୁଣିପାରୁ ନ ଥିଲି।

ସତରେ ମୁଁ କ'ଣ ପ୍ରତିଦ୍ୱନ୍ଦ୍ୱିତା କରୁଥିଲି ଏଇ ମେଣ୍ଢାଟି ସହ? ପ୍ରତିଦ୍ୱନ୍ଦ୍ୱିତା କରିପାରିବି କି? ମୁଁ କ'ଣ ଦାନ କରିପାରିବି ମୋର ଦେହର ମାଂସସବୁ କାହାରି ସଞ୍ଜର ନିମନ୍ତ୍ରଣକୁ?

ମୁଁ କ'ଣ ଚାଳିଶ କେଜିର ଓଜନରେ ପହଞ୍ଚିଯାଇ ବରଣ କରିନେଇ ପାରିବି ଏଇ ଅକାଳ ମରଣର ନିୟତି? ମୁଁ କ'ଣ କେବଳ ମାଂସ ହେବା ପାଇଁ ହିଁ ବଢ଼ି ଚାଲିପାରିବି ଏଇ ଅସହାୟ ପୃଥିବୀରେ ଅବଶିଷ୍ଟ ଦିନ?

ସତରେ କ'ଣ ମୁଁ ମେଣ୍ଢାଟିଏ ହୋଇପାରିବି।

ପରବର୍ତ୍ତୀ କାଳରେ ମୁଁ ମୋର ସାଙ୍ଗମାନଙ୍କୁ ବାରମ୍ବାର ବୁଝାଇଚି 'ମେଣ୍ଢାଟି ସେଦିନ କିଛି ଭୁଲ୍ କରି ନ ଥିଲା। ସେ ତା'ର ପାର୍ଟ ଠିକ୍ ଜାଣେ। ସେ ଜାଣେ, ସେ ବଞ୍ଚିରହିଛି ଖାଲି ମାଂସ ହେବା ପାଇଁ। ମଣିଷର ଭୋକର ଆଧାର ହେବା ପାଇଁ!'

କିନ୍ତୁ ମୋର ସାଙ୍ଗମାନେ କିଛି ବୁଝି ନ ଥିଲେ।

କାରଣ ସେମାନେ ସମସ୍ତେ ମାଂସ ଖାଇ ହାକୁଟି ମାରିବା ଜାଣିଥିଲେ। କିନ୍ତୁ ମଲା ମେଣ୍ଢାର ଆଖି ଦେଖି ନ ଥିଲେ। ଆଖି କୋଣର ଲୁହ ଦେଖି ନ ଥିଲେ। ସେଇ ନିର୍ଜୀବ ଆଖିର ପ୍ରଶ୍ନକୁ ସାମ୍ନା କରି ନ ଥିଲେ।

ଦେଖିଲେ ବି କ'ଣ ସେମାନେ ବୁଝିପାରିବେ!

# ବାଉଁଶରାଣୀ ଓ ଲୌହକନ୍ୟା

ରେଡ଼ିଓରେ ପ୍ରଚାରିତ ହୋଇ ନ ଥିଲା। ଖବରକାଗଜରେ ପ୍ରକାଶିତ ହୋଇ ନ ଥିଲା। କିମ୍ବା ଗାଁ ଦାଣ୍ଡରେ ଡେଙ୍ଗୁରା ବଜେଇ ବୁଲି ଯାଇ ନ ଥିଲା କୋଉ ହାଡ଼ିପିଲା। ତଥାପି ଖବର ପ୍ରସାରିତ ହୋଇ ସାରିଥିଲା। ଚାରି ଦିଗରେ।

ଖବରଟା ଏମିତି। ସାକ୍ଷୀଗୋପାଳକୁ ଆସିଚି ଗୋଟାଏ ଅଦ୍ଭୁତ ବାଳିକା। ତା'ର ଆଣ୍ଠୁଠୁ ତଳକୁ ଓ କହୁଣୀଠୁ ଆଗକୁ ଲୁହାରେ ଗଢ଼ା। ଦେହର ଅନ୍ୟାନ୍ୟ ଅଂଶ ଅବଶ୍ୟ ହାଡ଼ ମାଂସ। ଖୁବ୍ ଧନୀ ଘରର ଝିଅ ସେ। ସେ ଖେଳେ କବାଡ଼ି। ସେ ସର୍ତ୍ତରଖିଚି, ଯିଏ ତାକୁ କବାଡ଼ି ଖେଳରେ ପରାସ୍ତ କରିଦେବ, ସିଏ ହିଁ ହେବ ତା'ର ସ୍ୱାମୀ। ତା'ର ସବୁ ସମ୍ପତ୍ତି ପତ୍ରର ସିଏ ହେବ ମାଲିକ। ଅଥଚ ଏ ଯାଏଁ ତାକୁ କେହି ହରାଇପାରିନି। ଏମିତି ଖେଳି ଖେଳି ସେ ସାରା ଭାରତ ବୁଲି ଆସିଲାଣି। କିନ୍ତୁ କେହି ତାକୁ ହରାଇ ପାରୁନି କି ସେ ବାହା ହୋଇପାରୁନି। ଏବେ ସେ ସାକ୍ଷୀଗୋପାଳରେ ଆସି ପହଞ୍ଚିଛି।

ସାକ୍ଷୀଗୋପାଳଠୁ ଦଶ କିଲୋମିଟର ଦୂର ଗୋଟେ ନିପଟ ମଫସଲରେ ଆମେ ସବୁ ସେତେବେଳେ ମାଇନର ସ୍କୁଲର ଛାତ୍ର। ସମ୍ବାଦଟା ଆମକୁ ଯେତିକି ଚକିତ କରିଥିଲା ସେତିକି ଆଗ୍ରହୀ ବି କରିଦେଇଥିଲା। ମୁଁ ସମ୍ବାଦଟାକୁ ଅଧେ ବୁଝିଥିଲି। ଅଧେ ବୁଝି ପାରି ନ ଥିଲି। ତା'ଛଡ଼ା ମୁଁ ଟିକେ ବୋକା ବି ଥିଲି।

ପଚାରିଥିଲି: ଝିଅଟାର ହାତ ଆଉ ଗୋଡ଼ ଲୁହାରେ ତିଆରି ହେଲା କେମିତି ?

ଶୁଣାଯାଇଥିବାର ତଥ୍ୟକୁ ଭିତ୍ତି କରି ଯୋଗିଆ ବୁଝାଇଲା: ଝିଅଟା କେବଳ କ୍ଷୀର ପିଇ ବଞ୍ଚେ। ଭାତଫାତ ଖାଏନା। ସେ ଯୋଉ କ୍ଷୀର ପିଏ ସେଥିରେ ଲୁହା ଗୁଣ୍ଡ ମିଶେ।

ମୁଁ ପଚାରିଲି: କ୍ଷୀରରେ ଲୁହାଗୁଣ୍ଡ ମିଶେ କେମିତି ?

ସେ ବୁଝାଇଲା: କ୍ଷୀରରେ ଲୁହାଗୁଣ୍ଡ ଏକାଠି ବଟାଯାଏ। ତା'ପରେ ଯାଇ ସେଇ କ୍ଷୀରକୁ ଝିଅଟା ପିଏ। କ୍ଷୀର ପେଟ ଭିତରକୁ ଚାଲିଯାଏ। ହେଲେ ଲୁହା ଟିକେ ଓଜନିଆ। ସେଟା ଯାଇ ଜମେ ଗୋଡ଼ରେ ନୋହିଲେ ହାତରେ । ଏମିତିକା ଜମି ଜମି ତା'ର ହାତ ଆଉ ଗୋଡ଼ ଲୁହା ହେଇଯାଇଛି।

ଯୋଗିଆର ଉତ୍ତର ସନ୍ତୋଷଜନକ ଥିଲା। ମୁଁ ସେଟାକୁ ସାଦରେ ଗ୍ରହଣ କରିନେଲି। ମାତ୍ର ତତ୍‌କ୍ଷଣାତ୍ ସେ ଝିଅକୁ କବାଡ଼ି ଖେଳରେ ହରାଇବାର ଗୋଟେ ସୁନ୍ଦର ଉପାୟ ମୋ ମଥାରେ ବସାବାନ୍ଧି ପକେଇଲା।

ମୁଁ କହିଲି: ପାଇଚି ! ପାଇଚି !

ଯୋଗିଆ ପଚାରିଲା: କ'ଣ ?

ମୁଁ କହିଲି: ସେ ଝିଅକୁ କବାଡ଼ିର ହରାଇବାର ଉପାୟ !

ଯୋଗିଆ ପଚାରିଲା: କେମିତି ହରାଇବ ?

ମୁଁ କହିଲି: ନା ! ସେ କଥା ତତେ କୁହାଯିବନି। କାରଣ ତୁ ଉପାୟଟା ନେଇ ଆଗତୁରା ତାକୁ ହରେଇଦେବୁ।

ଯୋଗିଆ ମତେ ବହୁ ପ୍ରକାରେ ସାକୁଲା ସାକୁଲି କଲା। ମାତ୍ର ମୁଁ ଉପାୟଟାକୁ ତାକୁ ଦେଲିନାହିଁ। ଯୋଗିଆ ହତାଶ ହୋଇ ଫେରିଗଲା। ସେତେବେଳକୁ ଲୌହକନ୍ୟା ସମ୍ବାଦ ଆମ ଅଞ୍ଚଳ ସାରା ଚାଞ୍ଚଲ୍ୟ ସୃଷ୍ଟି କରିଚି। ଦଳଦଳ ପିଲା ତାକୁ ଦେଖିବାକୁ , ସାକ୍ଷୀଗୋପାଳ ଯିବାକୁ ପ୍ରସ୍ତୁତ ହେଉଥିଲେ। କେହି କେହି କବାଡ଼ି ଖେଳିବାର ଯୋଜନା କରୁଥିଲେ। କେତେଜଣ ଜିତିସାରି ମିଳିବାକୁ ଥିଲା ସୌଭାଗ୍ୟ ସମ୍ପର୍କରେ ସ୍ୱପ୍ନ ଦେଖୁଥିଲେ। ସେଇ ବିରାଟ ଚାଞ୍ଚଲ୍ୟକର ସମ୍ବାଦ ଭିତରେ ଛୋଟ ହାଲ୍ଲାଟେ ହେଇଗଲା ଯେ ଲୌହକନ୍ୟାକୁ ହରାଇବାର ତରିକା ମୋ ପାଖରେ ଅଛି।

ମତେ ଦଳଦଳ ପିଲା ଭେଟିଥିଲେ ଓ ଉପାୟ ନେବାକୁ ଅନୁରୋଧ କରିଥିଲେ। ମାତ୍ର ମୁଁ ଏତେବଡ଼ ପ୍ରାପ୍ତିକୁ ହଜାଇ ଦେବାକୁ ଇଚ୍ଛା କରି ନ ଥିଲି। ତେଣୁ କାହାକୁ ଦେଇ ନ ଥିଲି। ଆମ ଶ୍ରେଣୀରେ ସବୁଠୁ ବଦମାସ ପିଲା ଥିଲା ଗିରିଧାରୀ। ସେ ମତେ ଏକୁଟିଆ ଏକ ପ୍ରାୟ ନିର୍ଜନ ସ୍ଥାନକୁ ଘେନିଗଲା। ଧମକ ଦେବାର ସ୍ୱରରେ କହିଲା: ତୋ ପାଖରେ ସେ ଝିଅକୁ ହରାଇବାର ଉପାୟ ଅଛି ?

ମୁଁ କହିଲି: ହଁ!

ସେ କହିଲା: ସେଟା ମତେ ଦେ। ମୁଁ କାଲି ସାକ୍ଷୀଗୋପାଳ ଯାଇ ତା' ସାଙ୍ଗରେ କବାଡ଼ି ଖେଳିବି। ତାକୁ ହରେଇବି।

ମୁଁ କହିଲି: ମୁଁ ଦେବିନାହିଁ।

ଗିରିଧାରୀର ଆଖି ହିଂସ୍ର ହୋଇଉଠିଲା। ସେ ମୋ ବେକରେ ରଖିଲା ତା'ର ହାତ। ମୃଦୁ ଚାପ ଦେଲା। କହିଲା: ମତେ ନ କହିଲେ ମୁଁ ତତେ ଏଇଠି ସଫା କରିଦେବି।

ବାସ୍ ! ମୋର ଭୟ ଆସିଗଲା। କାରଣ ଗିରିଧାରୀ ଥିଲା ଗୁଣ୍ଡା କିସମର ପିଲା।

ମତେ ସେଇଠି ହତ୍ୟାକରି ଫିଙ୍ଗିଦେବା ତା' ପକ୍ଷରେ କିଛି ଅସମ୍ଭବ ନ ଥିଲା। ସେଇଠି ସେମିତି ଅସହାୟ ମୃତ୍ୟୁଟେ ମୁଁ ଆଶା କରିପାରିଲିନି। ଉପାୟଟାକୁ ଫିଙ୍ଗି ଦେଲି ଗିରିଧାରୀ ଉପରକୁ।

କହିଲି: କହୁଚି ! କହୁଚି ! ଜଣେ ଯଦି ଆଜିଠୁ କ୍ଷୀରରେ ଲୁହାଗୁଣ୍ଡ ବାଟିକି ପିଏ ତା'ର ମଧ୍ୟ ହାତ ଓ ଗୋଡ଼ ଲୁହା ହୋଇଯିବ। ତା'ପରେ ଯଦି ସେ ଝିଅଟି ସହ କବାଡ଼ି ଖେଳେ, ତେବେ ଅତି ସହଜରେ ଜିତି ଯାଇପାରିବ।

ଗିରିଧାରୀର ହାତ ମୋ କଣ୍ଠନଳୀ ଉପରୁ ହୁଗୁଳା ହୋଇଗଲା। ସେ ବେଶ୍ ଖୁସୀ ହୋଇଚାଲିଗଲା। ଫର୍ମୁଲାଟାକୁ ହରେଇ ସାରି ମୁଁ ଦୁର୍ବଳ ଲାଗୁଥିଲି। ଅବଶ ପାଦରେ ଫେରିଥିଲି ଘରକୁ।

ତା' ପରଦିନ ଆମ ସ୍କୁଲ ବନ୍ଦ ହୋଇଯିବା ଅବସ୍ଥା। ପ୍ରାୟ କୌଣସି ଶ୍ରେଣୀରେ କେହି ପିଲା ନ ଥିଲେ। ସମସ୍ତେ ଦଳ ଦଳ ହୋଇ ସାକ୍ଷୀଗୋପାଳ ଆଡ଼କୁ ଯାଉଥିବା ଦେଖାଯାଇଥିଲା। ଯୋଉମାନେ ସାଇକେଲ ଚଳାଇ ଜାଣିଥିଲେ ସେମାନେ ଆଗତୁରା ପହଞ୍ଚିବା ଆଶାରେ ତୀବ୍ର ବେଗରେ ଛୁଟୁଥିବାର ଦେଖାଯାଇଥିଲା।

ଆମେ କେତେଜଣ ଚାଲିଚାଲି ଯାଉଥିଲୁ। କାରଣ ଆମର ସାଇକେଲ୍ ନ ଥିଲା। ବାଟରେ ଦଳଦଳ ପିଲା ଯାଉଥିବାର ଦେଖିଲୁ। କବାଡ଼ି ଖେଳର ଅନ୍ୟାନ୍ୟ ସର୍ତ୍ତ ସବୁ ଶୁଣିଲୁ। ଯଥା-ମାତ୍ର ଗୋଟିଏ ବାଜି ଖେଳ ହେବ। ଖେଳରେ ଝିଅର ହାତକୁ କହୁଣୀଠୁ ପାପୁଲି ପର୍ଯ୍ୟନ୍ତ ଓ ପାଦକୁ ଆଣ୍ଠୁଠୁ ତଳକୁ ଛୁଇଁ ହେବ। ଅନ୍ୟାନ୍ୟ ଅଙ୍ଗକୁ ଛୁଇଁବା ନିଷିଦ୍ଧ। ଖେଳରେ ହାରିଗଲେ, ଯୁବକଟିକୁ ସେଇଠି ତିନିଥର କାନ ଧରି ବସଉଠ ହେବାକୁ ପଡ଼ିବ।

ଆମେ ଗାଁ ସୀମାରେଖା ଡେଇଁ ମୁଖ୍ୟ ସଡ଼କ ଉପରକୁ ଉଠିଗଲା ପରେ ଆମ ଉପର ଶ୍ରେଣୀର ଦଳେ ଛାତ୍ରଙ୍କ ଦ୍ୱାରା ଅବରୁଦ୍ଧ ହେଲୁ। ସେମାନେ ଆମକୁ ଧମକାଇବା ସ୍ୱରରେ ପଚାରିଲେ: ତମେ କ'ଣ ସବୁ କବାଡ଼ି ଖେଳିବ !

ଆମେ କହିଲୁ: ହଁ !

ସେମାନେ ପଚାରିଲେ: ଜିତିଲେ ସେ ଝିଅକୁ ବାହା ହେବ ? ଆମେ ଚୁପ୍ ରହିଲୁ କିଛି ସମୟ। ସେତେବେଳେ ବାହାଘର ସଂପର୍କରେ ଆମେ ବିଶେଷ କିଛି ଜାଣି ନ ଥିଲୁ। ଅନେକ ବାହାଘରରେ ଭୋଜି ଖାଇଥିଲୁ। ଏତିକି ଜାଣିଥିଲୁ ଯେ ବଡ଼ବଡ଼ ଲୋକମାନେ ବାହା ହୁଅନ୍ତି। ପୁଅମାନେ ଝିଅମାନଙ୍କୁ ହିଁ ବାହା ହୁଅନ୍ତି ଏବଂ ବାହାଘର କଥା ପଡ଼ିଲେ ସମସ୍ତେ ଟିକେ ଲାଜ କରନ୍ତି ଏବଂ ଚୁପ୍ ଚୁପ୍ ହସନ୍ତି।

ସେମାନେ କହିଲେ: ବଦମାସ୍! ଅଭଦ୍ର! ହଇରେ! ତମର ବାହା ହେବାକୁ ବଅସ ହେଲାଣି? ଯାଅ ପଳାଅ! ଆମକୁ ବାଟ ଛାଡ଼!

ନା! ଆଉ ଆଗକୁ ଯିବା ସମ୍ଭବ ହେଲାନି। ଆମେ ହତାଶ ହୋଇ ସେଇଠୁ ଫେରିଲୁ। ପରେ ଶୁଣିଲୁ ଆମ ଉପର ଶ୍ରେଣୀର ପିଲାମାନେ ବି ସାକ୍ଷୀଗୋପାଳରେ ପହଞ୍ଚି ପାରିଲେନି। ଅଧାବାଟରୁ ତାଙ୍କ ଉପର ଶ୍ରେଣୀର ପିଲାମାନେ ତାଙ୍କୁ ଧମକାଇ ବିଦା କରିଦେଲେ। ସେମାନଙ୍କୁ ହାଇସ୍କୁଲର ପିଲାମାନେ ସାକ୍ଷୀଗୋପାଳ ଉପକଣ୍ଠରୁ ମାଡ଼ଦେଇ ଘଉଡ଼ାଇ ଦେଇଥିବାର ମଧ୍ୟ ଶୁଣିବାକୁ ମିଳିଲା।

କୋଉ କୋଉମାନେ ସାକ୍ଷୀଗୋପାଳରେ ପହଞ୍ଚିପାରିଲେ ତା'ର ସଠିକ ଚିତ୍ର ମିଳିଲା ନାହିଁ। ତେବେ ବାଟସାରା ପିଲାମାନେ ବାଡ଼ିଆବାଡ଼ି ହୋଇଥିବା, ସାଇକେଲରୁ ପବନ ଖୋଲି ଦେଇଥିବା, ସାଇକେଲ ଭାଙ୍ଗିଥିବା ଭଳି ଚାଞ୍ଚଲ୍ୟକର ସମ୍ବାଦମାନ ପହଞ୍ଚୁଥିଲା। ଆମେ ରାତିଯାଏ ଏଇସବୁ ସମ୍ବାଦ ପାଇଁ ଅପେକ୍ଷା କରୁଥିଲୁ।

ମୁଁ ମତ ଦେଲି: ଆମେ ସିନା ଯାଇ ପାରିଲେନି କି ଦେଖିପାରିଲେନି, ଚାଲ ଯିଏ ସବୁ ଦେଖିଛନ୍ତି ତାଙ୍କଠୁ ବୁଝିବା।

ଭାସ୍କର କହିଲା: ଆମ ଏଠା ପିଲା ଯଦି କିଏ କବାଡ଼ି ଖେଳିଥିବେ, ତେବେ ନିଶ୍ଚେ ଜିତିଥିବେ। ସେ ଝିଅକୁ ବି ଆମେ ଦେଖିପାରିବା।

ସେଦିନ ସନ୍ଧ୍ୟାସାରା ଆମେ ଅମୁକଭାଇ, ସମୁକଭାଇ, ଅମୁକ କକା, ସମୁକ ଦାଦାମାନଙ୍କୁ ଖୋଜି ଘଟଣାର ସର୍ବଶେଷ ବିବରଣୀ ଚାହିଁଲୁ। ମାତ୍ର କୋଉଠୁ ହେଲେ ସଠିକ୍ ଚିତ୍ର ମିଳିଲା ନାହିଁ।

ତେବେ ଜଣକ ସାଙ୍ଗରେ ଦେଖାହେଲା ଯିଏ ସାକ୍ଷୀଗୋପାଳରେ ପହଞ୍ଚି ପାରିଥିଲେ। ସେ ହାଇସ୍କୁଲ ଛାତ୍ର। ଦିବାକର ଭାଇ। ସେ କହିଲେ ଆମେ ତ ପ୍ରଥମେ ଶୁଣିଲୁ, ବକୁଳବନଠି ଖେଳ ହେଉଛି। ସେଠି ପହଞ୍ଚି ଶୁଣିଲୁ ଖେଳ ହେଉଚି ଷ୍ଟେସନ ପାଖରେ। ଷ୍ଟେସନ ପାଖରେ ପହଞ୍ଚି ଜାଣିଲୁ ଖେଳହେଉଚି ନଡ଼ିଆ ଫାର୍ମଠି। ନଡ଼ିଆ ଫାର୍ମଠି ଯାଇ ଶୁଣିଲୁ ଖେଳ ହେଉଚି ସାତଶଙ୍ଖଠି। ଆଉ ସାତଶଙ୍ଖ ଯାଏଁ ଯାଇ ପାରିଲୁନି। ଫେରି ଆସିଲୁ।

ଆମେ ବି ହତାଶ ହୋଇ ଫେରିଲୁ ଦିବାକର ଭାଇଙ୍କ ଘରୁ। ପରବର୍ତ୍ତୀ ଦିନମାନଙ୍କରେ ଲୌହକନ୍ୟା ସମ୍ପର୍କରେ ଅଧିକରୁ ଅଧିକ ଆକର୍ଷଣୀୟ ସମ୍ବାଦମାନ ମିଳିଲା। ଯଥା-ସେ ସାତଶଙ୍ଖରୁ ବାହାରି ସାକ୍ଷୀଗୋପାଳରେ ପହଞ୍ଚି ସାରିଲାଣି। ଧର୍ମଶାଳା ପାଖରେ ରହୁଚି। କିଏ କହିଲା ସେଦିନ ଥାନା ପାଖରେ ଖେଳ ହେଇଯାଇଛି। ପୁଣି ଶୁଣାଗଲା

ତା'ର ଗୋଟାଏ ଲୁହାଗୋଡ଼ ଭାଙ୍ଗିଯାଇଥିଲା ଯେ କମାରଶାଳରେ ମରାମତ ହେଲା। ପୁଣି ଶୁଣାଗଲା ଆମ ପାଖ ଗାଁର କିଏ ଜଣେ ବୀରଯୁବକ ତାକୁ ଖେଳରେ ହରାଇ ଦେଇଛି ଓ ବାହା ହୋଇସାରିଲାଣି। ସଂଶୋଧନୀ ପ୍ରସ୍ତାବ ପୁଣି ପହଞ୍ଚିଲା ଯେ ସେ ଯୁବକ ବିବାହିତ ତେଣୁ ଏ ଦ୍ୱିତୀୟ ବିବାହ ହୋଇପାରିବ ନାହିଁ। ଅନ୍ୟ ଏକ ସୂତ୍ରରୁ ଖବର ମିଳିଲା ଯେ ବୀରଯୁବକର ପ୍ରଥମ ସ୍ତ୍ରୀ ଓ ଲୌହକନ୍ୟା ମଧ୍ୟରେ ମରାମରି ହୋଇଛି ଓ ଲୌହକନ୍ୟାକୁ ପୁଲିସ ବାନ୍ଧି ନେଇଛି। କିଏ ଜଣେ ତାଜା ସମ୍ବାଦ ଦେଲା ଯେ, ଏସବୁ ମିଛ। ସେ ହାରିନି। ଖେଳ ଏ ଯାଏଁ ଚାଲୁ ରହିଛି।

ଏଇ ସବୁକଥା ଗପୁ ଗପୁ ଆମର ସେଇ ସରଳ ଶୈଶବର ସ୍କୁଲ ଦିନସବୁ ବିତିଯାଉଥିଲା। ସକାଳ ହେଉଥିଲା ସନ୍ଧ୍ୟା। ଦିନ ସପ୍ତାହ ପକ୍ଷ ସବୁ ଆଗେଇ ଯାଉଥିଲେ ସମୟର ସିଡ଼ିରେ। ଲୌହକନ୍ୟାର ଆଲୋଚନା ଆମର ଦିନସବୁକୁ ଉଷ୍ମ କରି ରଖିଥିଲା କିଛିଦିନ।

ହଠାତ୍ ଦିନେ ଶୁଣାଗଲା ଭୂତିଆ ଗୁଣିଆ ସମ୍ବାଦ ଏବଂ ଏଇ ସମ୍ବାଦ ଆମ ଆଲୋଚନା ପ୍ରସଙ୍ଗ ଭିତରକୁ ଆସିବା ମାତ୍ରେ ଆମେ ଲୌହକନ୍ୟାକୁ ଭୁଲିଯିବାକୁ ଆରମ୍ଭ କଲୁ।

ଭୂତିଆ ଗୁଣିଆ ସମ୍ବାଦ ଥିଲା ଏଇଭଳି। ଭୂତିଆ ଥିଲା ଆମ ଆଖପାଖ ଅଞ୍ଚଳରେ ଏକମାତ୍ର ଗୁଣିଆ। ଆମେ ପ୍ରାୟ କେହି ଭୂତିଆକୁ ଦେଖି ନ ଥିଲୁ। କିନ୍ତୁ ତା'ର ଅଲୌକିକ କାର୍ଯ୍ୟକ୍ରମ ସଂପର୍କରେ ଶୁଣିଥିଲୁ। ସେ ଯେ କୌଣସି ମଣିଷକୁ ଦିନ ଦି'ପହରେ ଘରଚଟିଆରେ ପରିଣତ କରିପାରିବାର ଢେରଢେର ନଜିର ଥିଲା। ତେବେ ଭୂତିଆ ଏଥରକ କରିପକାଇଥିଲା ଅଜବ କାମଟେ।

ସେତେବେଳେ ଗାଁରେ ଗାଁରେ ବାଉଁଶରାଣୀ ନାଟ ହେଉଥିଲା। ଭ୍ରାମ୍ୟମାଣ କେଳା ଦଳଟିଏ ଏଇ ନାଟ ଦେଖାଉଥିଲେ। ନାଟ ଭିତରେ ଦୋଳି ଖେଳ, ଦଉଡ଼ି ଉପରେ ଚାଲିବା, ନିଆଁ ଭିତରେ ଡେଇଁବାଠୁ ଆରମ୍ଭ କରି ନାନା ଖେଳ କସରତ ଦେଖାଉଥିଲେ ଦଳେ ବାଳିକା। ସେମାନଙ୍କ ଦଳପତି ଅନବରତ ଢୋଲ ଢାଉଁ ଢାଉଁ କରି ଚିତ୍କାର କରୁଥିଲା। ଖେଳର କ୍ଲାଇମାକ୍ସରେ ସବୁଠୁ କ୍ରୀଡ଼ାନିପୁଣା ବାଳିକାଟି, ଯାହାକୁ ବାଉଁଶରାଣୀ ବୋଲି କୁହାଯାଉଥିଲା ଲମ୍ବା ଏକ ବାଉଁଶର ଶୀର୍ଷକୁ ଉଠିଯାଉଥିଲା। ସେଠି ପେଟ ଲଗାଇ ସମାନ୍ତର ଭାବରେ ରହୁଥିଲା ଭୂମିରେ। ତା'ପରେ ଚକ୍ରଭଳି ଘୁରୁଥିଲା।

ଆମ ପାଖ ଗାଁରେ ଥରେ ଏମିତି ବାଉଁଶରାଣୀ ନାଟ ହେଉଥିଲା। ବାଉଁଶରାଣୀ ବାଉଁଶ ଶୀର୍ଷରେ ଘୁରୁଥିଲା। ସେତିକିବେଳେ ସେଇ ବାଟ ଦେଇଯାଉଥିଲା ଭୂତିଆ। ତା'

ମନ ଭିତରେ ଦୁଷ୍ଟବୁଦ୍ଧି ପ୍ରବେଶ କରିଗଲା ଓ ସେ ବାଉଁଶ ଶୀର୍ଷରୁ ଉଡ଼ାଇ ନେଲା ବାଉଁଶରାଣୀକୁ। ଲୋକେ ହଠାତ୍ ବାଉଁଶ ଆଗକୁ ଚାହିଁ ଦେଖିଲେ ସେଠି କେହି ନାଇଁ। କିଛିକ୍ଷଣ ଆଗରୁ ସେଠି ଚକ୍ରବତ୍ ଘୁରୁଥିବା ନାରୀଟି ଉଭାନ୍ ହୋଇଯାଇଛି। ଲୋକମାନେ ଆତଙ୍କରେ ଥରି ଉଠିଲେ। ଅନ୍ୟ ବାଳିକାମାନେ ବାହୁନି ଉଠିଲେ। ଦଳପତି ମୁଣ୍ଡକଚାଡ଼ି ଦେଲା ଭୂଇଁରେ।

ସେଇ ଯେ ଭୂତିଆ ଝିଅଟାକୁ ଉଡ଼େଇ ନେଲା ଏବେ ବି ଆକାଶ ମାର୍ଗରେ ଉଡ଼େଇକି ରଖିଛି। ଲୋକମାନେ ଯେତେବେଳେ ଜାଣିଲେ ଏସବୁ ସେଇ ଗୁଣିଆ ଭୂତିଆର କାମ ସେମାନେ ତାକୁ ବହୁତ ନେହୁରା ହେଲେ ବୁଝାସୁଝା କଲେ। ଶେଷରେ ଭୂତିଆ ରାଜି ହୋଇଛି ଛାଡ଼ିଦେବ। କିନ୍ତୁ ତାକୁ ତ ଏମିତି ସେମିତି ଛାଡ଼ିହେବନି। ଯେମିତି ନେଇଥିଲା ସେମିତି ହିଁ ଛାଡ଼ିବ। ଗୋଟେ ଉଚ୍ଚା ବାଉଁଶ ଅଗରେ ସେମିତି ଶୁଆଇ ଦେଇ ଚାଲିଯିବ।

ଏଇ ସମ୍ବାଦ ଗାଁରେ ଗାଁରେ ଘୁରିଘୁରି ଆମ ସ୍କୁଲର ଅଗଣାରେ ଆସି ପହଞ୍ଚିଗଲା। ଆମେ ସାରା ଦ୍ୱିପ୍ରହର ଏଇ ବିଷୟରେ ଆଲୋଚନା କରୁଥିଲୁ।

ଈଶ୍ୱର କହିଲା: ବାଉଁଶରାଣୀ ଆକାଶରେ ଖାଉଚି କ'ଣ ?

ଲକ୍ଷିଆ ପାଣ୍ଡେ ମତ ଦେଲା: ଭୂତିଆ ଗୁଣିଆ ଖାଇବାକୁ ପଠାଉଥିବ।

ଈଶ୍ୱର ପଚାରିଲା: ସେ ଝାଡ଼ା ପରିସ୍ରା ଯାଉଛି କୋଉଠି କି ?

ଲକ୍ଷିଆ ପାଣ୍ଡେ କହିଲା: ସେ ଆକାଶରେ ନିଶ୍ଚେ ଝାଡ଼ାପରିସ୍ରା କରୁଥିବ। ଆକାଶକୁ ମୁହଁ କରି ଅନେଇଲେ ବିପଦ।

ଆମେ ସମସ୍ତେ ହସିଲୁ ଓ ସତର୍କ ହେଲୁ।

ଆମ ଅଞ୍ଚଳ ସାରା ଯୁବକମାନେ ଅନ୍ୟବାଗରେ ଉତ୍ସାହିତ ହେବାକୁ ଆରମ୍ଭ କରିଥିଲେ। ସେମାନେ ନିଜ ନିଜ ବାଡ଼ିରେ ଏକ ଏକ ବାଉଁଶ ଖମ୍ବ ପୋତିଥିଲେ। ଉଦ୍ଦେଶ୍ୟ କାଳେ ଭୂତିଆ ବାଉଁଶରାଣୀକୁ ସେଇଠି ଛାଡ଼ି ଦେଇଯିବ।

ଆସ୍ତେ ଆସ୍ତେ ସମସ୍ତେ ବାଉଁଶଟାଏ ପୋତିବାକୁ ଲାଗିଲେ। ଆମ ଶ୍ରେଣୀର ସାଙ୍ଗପିଲାମାନେ ମଧ୍ୟ ଏ ପ୍ରତିଯୋଗିତାରେ ଥିଲେ। ମାତ୍ର ମତେ ପୋତିବା ଯୋଗ୍ୟ ବାଉଁଶଟିଏ ମିଳି ନ ଥିଲା। ଆମ ସ୍କୁଲର ପଡ଼ିଆ ମଝିରେ ଥିଲା ପତାକା ଖୁଣ୍ଟି। ସ୍ୱାଧୀନତା ଦିବସ ଓ ଗଣତନ୍ତ୍ର ଦିବସମାନଙ୍କରେ ସେଇ ଖୁଣ୍ଟିରେ ପତାକା ଉତ୍ତୋଳନ ହେଉଥିଲା। ବେଶ୍ ଶକ୍ତ ଓ ସବଳ ଖମ୍ବଟେ। ପତାକା ଖୁଣ୍ଟିର ମୂଳରେ ଥିଲା ସିମେଣ୍ଟର ଚଉତରାଟେ। ମୋର କାହିଁକି ମନେହେଉଥିଲା ଯଦି ଭୂତିଆ ଗୁଣିଆ ବାଉଁଶରାଣୀକୁ ଛାଡ଼ିଦେବ ତେବେ

ଆମ ସ୍କୁଲ ପତାକା ଖୁଣ୍ଟି ଉପରେ ହିଁ ଛାଡ଼ିବ।

ମୁଁ ପତାକା ଖୁଣ୍ଟି ମୂଳରେ ଚାନ୍ଦିନୀ ଉପରେ ଶୋଇ ରହୁଥିଲି ସନ୍ଧ୍ୟାମାନଙ୍କରେ। ଆକାଶରେ କ୍ରମେ କ୍ରମେ ଫୁଟି ଉଠୁଥିଲେ ଅସଂଖ୍ୟ ତାରା। କୋଉଠି ଗୋଟେ ଗୋଟେ ଉଲ୍‌କା ଉଜଳି ଉଠି ପୁଣି ମିଶିଯାଉଥିଲେ ଅନ୍ଧକାରରେ। କୋଉ ଦୂରରେ ଉଡ଼ାଜାହାଜଟେ ଉଡ଼ି ଯାଉଥିଲା ଯେ ତା'ର ଆଲୁଅଟା ଦିଶୁଥିଲା ଗୋଟାଏ ଚଳମାନ ତାରକା ଭଳି। ମୋର ମନେହେଉଥିଲା ଆକାଶର ଏଇ ଅସଂଖ୍ୟ ତାରା ଭିତରେ କୋଉଠି ଯେମିତି ଘୁରିବୁଲୁଚି ବାଉଁଶରାଣୀ। ଭାରି ଅସହାୟ ଭାବରେ।

ପରଦିନମାନଙ୍କରେ ଆମେ ସ୍କୁଲରେ ବାଉଁଶରାଣୀ ବିଷୟରେ ଗପୁଥିଲୁ। ଯୋଗିଆ କହିଲା: ଜାଣୁ! କାଲି ରାତିରେ ବାଉଁଶରାଣୀ ଆମ ବାଉଁଶଖୁଣ୍ଟ ଉପରକୁ ଆସିଯାଇଥିଲା। କିନ୍ତୁ ବାଉଁଶଟା ସମ୍ଭାଳିଲା ନାହିଁ। ଭାଙ୍ଗି ପଡ଼ିଲା।

ଆମେ ପଚାରିଲୁ: ସତରେ।

ଯୋଗିଆ ସତ୍ୟର ପ୍ରତ୍ୟୟ ଦେଲା: ଆଖି ଛୁଉଁଚି।

ସ୍କୁଲଛୁଟି ପରେ ଆମେ ସରଜମିନ୍ ତଦନ୍ତ ପାଇଁ ଯୋଗିଆର ଘର ବାରିକୁ ଯାଇଥିଲୁ। ଦେଖିଥିଲୁ, ସେଠି ଭାଙ୍ଗି ପଡ଼ିଥିଲା ବାଉଁଶ ଖୁଣ୍ଟଟେ। ସେଟା ବାଉଁଶରାଣୀର ଓଜନ ସମ୍ଭାଳି ନ ପାରି ଭାଙ୍ଗି ଯାଇଥିଲା ବୋଲି କୌଣସି ପ୍ରମାଣ ବା ଉପାୟ ନ ଥିଲା। ଆମେ ଯୋଗିଆ କଥାକୁ ବିଶ୍ୱାସ କରିଥିଲୁ ଓ ହାୟ ହାୟ କଲୁ।

ଯୋଗିଆକୁ ନବ କହିଲା: ତୁ ଗୋଟେ ଭଲ ଶକ୍ତ ବାଉଁଶ ପୋତି ଦେ'।

ଯୋଗିଆ ଅସହାୟ ଦିଶିଲା। କରୁଣ ସ୍ୱରରେ କହିଲା: କୋଉଠୁ ପାଇବି ?

ଆମ ଅଞ୍ଚଳ ସାରା ଆସ୍ତେ ଆସ୍ତେ ବାଉଁଶର ଅଭାବ ଆରମ୍ଭ ହେଉଥିଲା। ଏବଂ ଏଇ ବାଉଁଶକୁ ନେଇ ଝଗଡ଼ା ଓ ଫୌଜଦାରୀ ମଧ୍ୟ ହେଉଥିଲା।

ଲକ୍ଷିଆ ପାଣ୍ଡେ କହିଲା: ବାଉଁଶରାଣୀ ଏତେ ଘୁରିଲାଣି ଆକାଶରେ, ତା' ମୁଣ୍ଡ ଗୋଳମାଳ ହୋଇଯିବଣି।

ଈଶ୍ୱର କହିଲା: ତେବେ ସିଏ କ'ଣ ପାଗଳୀ ହେଇଯିବ ?

ନବ କହିଲା: ହୁଏତ।

ଆମେ ସମସ୍ତେ ଦୁଃଖିତ ଦିଶିଲୁ। ଯୋଗିଆ ଘରଠୁ ଆମେ ଯେତେବେଳେ ସମସ୍ତେ ଫେରି ଆସୁଥିଲୁ ମୁଁ ପଛେଇ ଗଲି ଓ ଯୋଗିଆକୁ ଗୁପ୍ତରେ ପଚାରିଲି: ବାଉଁଶରାଣୀ ଯଦି ଏଇଠି ଓହ୍ଲାଇଆଆନ୍ତା, ତୁ କ'ଣ ତାକୁ ବାହା ହୁଅନ୍ତୁ।

ଯୋଗିଆ ଟିକେ ଲାଜେଇଗଲା। ତଳକୁ ମୁହଁ ପୋତିଦେଲା।

କହିଲା: ହେତ୍ !

ମୁଁ ପତାକା ଖୁଣ୍ଟି ତଳେ ସିମେଣ୍ଟ ଚାନ୍ଦିନୀରେ ଶୋଇରହି ଅଜବ ଅଜବ ସ୍ୱପ୍ନମାନ ଦେଖୁଥିଲି । ଆକାଶମାର୍ଗରୁ ଏକ ଘୂର୍ଣ୍ଣାୟମାନ ଚକ୍ରଭଳି ଅବତରଣ କରିଆସୁଚି ବାଉଁଶରାଣୀ ଓ ପତାକା ଖୁଣ୍ଟିର ଶୀର୍ଷରେ ଘୁରିବାକୁ ଲାଗିଛି । ମୁଁ ଅସହାୟ । ଜାଣେନା କେମିତି ସେ ଘୁରିବା ବନ୍ଦ ହେବ । ଜାଣେନା, ଖୁଣ୍ଟିରେ ଚଢ଼ି ଶୀର୍ଷରେ ପହୁଞ୍ଚିବାର ଉପାୟ । କିମ୍ବା ଜାଣେନା ପାଇଲେ ବାଉଁଶରାଣୀକୁ ମୁଁ ବାହା ହେଇପାରିବି କି ନା !

ମୁଁ କିଂକର୍ତ୍ତବ୍ୟବିମୂଢ଼ ଭାବରେ ସେଠୁ ଉଠି ଘରକୁ ଦୌଡ଼ି ପଳାଉଥିଲି ।

ଆସ୍ତେ ଆସ୍ତେ ପୋତାଯାଇଥିବା ବାଉଁଶ ସବୁ ଭାଙ୍ଗିବାକୁ ଲାଗିଲା । ଜଣାଗଲା ଅସହିଷ୍ଣୁ ଯୁବକମାନେ ରାତି ଅଧରେ ଅନ୍ୟର ବାଉଁଶସବୁ ଭାଙ୍ଗି ଦେଉଛନ୍ତି । ଆସ୍ତେ ଆସ୍ତେ ବର୍ଷା ପବନ ଓ ସମୟ ବାଉଁଶ ଉପରେ ଦାଉ ସାଧିଲେ । ଆସ୍ତେ ଆସ୍ତେ ଆମ ମନ ଭିତରୁ ବାଉଁଶରାଣୀ ଘଟଣାର ଚାଞ୍ଚଲ୍ୟ ଏବଂ ତା'ର ଅବତରଣର ଉତ୍ତେଜନା ଦୁର୍ବଳ ହୋଇ ଆସିଲା ।

ସେତିକିବେଳେ ପୁଣି ଶୁଣାଗଲା ଭିନ୍ନ ଏକ ଖବର । ମଧ୍ୟ ରାତ୍ରରେ ଆକାଶରେ ଉଡ଼ିଯାଉଛି ଗୋଟାଏ ଖଟ । ବିଚିତ୍ର ଭାବରେ । ପୂର୍ବ ଦିଗରେ ଉଦିତ ହେଉଛି । ତାରା ଓ ଜହ୍ନମାନଙ୍କୁ ବେଖାତିର କରି ଏକ ରାତ୍ରିଚର ପକ୍ଷୀ ଭଳି ଉଡ଼ିଯାଉଛି । ଅସ୍ତ ଯାଉଛି ପଶ୍ଚିମ ଦିଗରେ । ଆମେ ସ୍କୁଲର ଖେଳଛୁଟି ସାରା ଏ ସଂପର୍କରେ ଆଲୋଚନା ଜାରି ରଖିଲୁ ।

ଯୋଗିଆ କହିଲା: ସେ ଖଟକୁ କାନ୍ଧେଇଛନ୍ତି ଚାରିଜଣ ଲୋକ ।

ଭାସ୍କର କହିଲା: ଖଟର ଆଗେ ଆଗେ ଯାଉଛି ଜଣେଲୋକ । ତା' ହାତରେ ନିଆଁହୁଳା ।

ପାଣୁଆ ଶୁଣାଇଲା: ଖଟର ପଛରେ ଯାଉଛି ଗୋଟେ ବାଆଜୀ । ତା' ହାତରେ ଏକ ଚିମୁଟା । ଓଠରେ ଚିଲମ ଜଳୁଛି ।

ଦ୍ୱିପ୍ରହରର ସ୍ପଷ୍ଟ ଆଲୋକରେ ବି ଆମେ ସବୁ ଥରି ଉଠିଥିଲୁ ଭୟରେ । ଆକାଶକୁ ଚାହିଁ ପକେଇଥିଲୁ ଆଗ୍ରହରେ । କିଛି ନ ଥିଲା । ଟିକିଏ ବି ଚିହ୍ନବର୍ଣ୍ଣ ନ ଥିଲା ସେ ଭୌତିକ କାଣ୍ଡର । କୋଉ କୋଣରେ ଖଟର ଗୋଡ଼ ବା ଚିଲମର ଧୂଆଁ ଦିଶୁ ନ ଥିଲା । କୋଉଁଠି ମଧ୍ୟ ଦିଶୁ ନ ଥିଲା କାହାରି ପାଦଚିହ୍ନ । ସେ ମାୟାବୀ ବାବାଜୀ ଆମ ନିରୀହ ଶିଶୁମାନଙ୍କ ପାଇଁ ଛାଡ଼ି ଯାଇ ନ ଥିଲା ଗୋଟେ ହେଲେ ବି ଚିହ୍ନ । ତଥାପି ଆମେ ବିଶ୍ୱାସ କରିଗଲୁ ।

ମୁଁ ପଚାରିଲି: ତୁ ଦେଖିଛୁ ?

ଯୋଗିଆ କହିଲା: ନା ! ମତେ ଡର ଲାଗିଲା ।

ଈଶ୍ୱର କହିଲା: କାଲି ରାତିରେ ମତେ ନିଦ ଆସିଗଲା ।

ଭାସ୍କର କହିଲା: ମୋର ପରା ସେତିକି ବେଳକୁ ଆଖିପତା ପଡ଼ିଗଲା ।

ପାଣୁଆ ଶୁଣାଇଲା: ମୁଁ ଦେଖିନି ଯେ ! ମୋ ଦାଦି ଦେଖିଚି !

ଆମେ ସେଇଦିନ ସେତିକିବେଳେ ଶପଥବଦ୍ଧ ହେଲୁ ଯେ ଏ ଅଦ୍ଭୁତ ଦୃଶ୍ୟ ଆମେ ଅଲବତ୍ ଦେଖିବୁ । ଆଜି ରାତିରେ ହିଁ । ଆମେ ଉନ୍ନିଦ୍ର ରହିବୁ । ଆକାଶକୁ ଚାହିଁ ଚାହିଁ ବିତାଇବୁ । କିନ୍ତୁ ଦେଖିବୁ । ଏ ସୁଯୋଗ ଛାଡ଼ିବାର ନୁହେଁ ।

ଯଥାରୀତି ସ୍କୁଲ ଛୁଟି ହେଲା । ମୁଁ ଘରକୁ ଫେରି ଆସିଲି । ସଂଧ୍ୟା ହେଲା । ତା'ପରେ ରାତି । ମୁଁ ରାତି ଖାଇବା ଶେଷକରି ଶେଯରେ ଏପଟସେପଟ ଗଡୁଥିଲି । ବୋଉକୁ ଗୋଟାଏ ନିର୍ଦ୍ଦେଶନାମା ଶୁଣାଇଦେଲି: ମତେ ଟିକେ ରାତି ଅଧରେ ଉଠେଇ ଦେବୁ ତ !

ମାତ୍ର ବୋଉ ମତେ ଉଠାଇଲାବେଳକୁ ସକାଳ । ସୂର୍ଯ୍ୟ ଉଇଁ ସାରିଲେଣି । ମୁଁ ରାଗିଯିବା ଥିଲା ସ୍ୱାଭାବିକ । କହିଲି : ବୋଉ ! ମତେ ରାତିରେ ଉଠେଇଲୁ ନାହିଁ କାହିଁକି ?

ବୋଉ କହିଲା: ତୁ ଉଠିଲେ ତ ! ତତେ ଯେତେଥର ଉଠେଇଲି ତୁ ସେତେଥର ଯାଇ ଖଟରେ ଶୋଇଲୁ ।

ମୁଁ ଚୁପ୍ ହେଇଗଲି । ଦୋଷଟା ତେବେ ମୋ ନିଜର । ମାତ୍ର ଏଇ ସାମାନ୍ୟ ନିଦ୍ରାଲୋଭ ପାଇଁ ମୁଁ ଏତେବଡ଼ ଅଲୌକିକ ଦୃଶ୍ୟ ଦର୍ଶନର ସୁଯୋଗ ହାତଛଡ଼ା କରିପକାଇଲି । ମୁଁ କପାଳରେ କର ମାରିଲି ।

ସାରା ସ୍କୁଲ ସମୟ ସେଇ ଆଲୋଚନାରେ ବ୍ୟସ୍ତ ରହିଲା ।

ପାଣୁଆ କହିଲା: ମୁଁ ଖାଲି ଚିଲମର ଧୂଆଁଟା ଦେଖିଚି ।

ଗିରିଧାରୀର ଅଭିଜ୍ଞତା ହେଲା: ସେ ବାବାଜୀ ଫୁଲ ଫିଙ୍ଗୁଥିଲା । ସେଇ ଫୁଲଗୁଡ଼ାକ ହୋଇଯାଉଥିଲା ତାରା ।

ଲକ୍ଷିଆ ପାଣ୍ଡେ ଶୁଣାଇଲା: ସେ ଲୋକଗୁଡ଼ାକ ନିପଟ କଳା । ଆକାଶ ସାଙ୍ଗେ ପୂରାପୂରି ମିଶିଯାଉଥିଲେ ।

ଆମ ଅଞ୍ଚଳର ଆବାଳ ବୃଦ୍ଧବନିତା ରାତିରାତି ଜାଗି ରହୁଥିଲେ । ଉଦ୍ଦେଶ୍ୟ ସେଇ ଅପୂର୍ବ ଦୃଶ୍ୟକୁ ପ୍ରତ୍ୟକ୍ଷ କରିବେ । ମାତ୍ର ସଠିକ ସମ୍ବାଦ ମିଳୁ ନ ଥିଲା । କିଏ କହୁଥିଲା ଏଇଟା ଏକୋଇଶି ଦିନ ହେବ । ଆଉ କିଏ କହୁଥିଲା ଏକୋଇଶି ଦିନ ପାରି ହୋଇଗଲାଣି । ପୁଣି ଶୁଣାଯାଉଥିଲା ଏଇଟା ଶହେ ଆଠ ଦିନ ହେବ । କିଏ କହୁଥିଲା ଏଇଟା ପାପୀମାନଙ୍କୁ ଦେଖାଯିବ ନାହିଁ । ପୁଣି ଶୁଣାଗଲା ଦି'ଜଣ ଲୋକ ଏକାଠି ଦେଖିଲେ

ଦିଶିବନି। ଏକୁଟିଆ ଦେଖିବାକୁ ହେବ। ହଠାତ୍ ଶୁଣାଗଲା ଗୋଟେ ଡେଉଁରିଆ ପିନ୍ଧିଲେ ଦିଶିବ। ଡେଉଁରିଆର ଦାମ୍ ପାଁ ସୁଉକା।

ଏମିତି ଏମିତି ସମୟ ଆଗେଇ ଯାଉଥିଲା। ସମୟ ସହ ତାଳ ଦେଇ ନୂଆନୂଆ ଗୁଜବ ଓ ଚାଞ୍ଚଲ୍ୟକର ସମ୍ବାଦ ଶୁଣାଯାଉଥିଲା। ପୁରୁଣା ସମ୍ବାଦ ନିଜର ଓଜନ ଓ ଗୁରୁତ୍ୱ ହରାଇ ବସୁଥିଲା। ଆମେ ସ୍କୁଲର ଖେଳଛୁଟି ସାରା ଏମିତି ଏମିତି ଆଲୋଚନା ଜାରି ରଖୁଥିଲୁ। ପାଖ ଗାଁରେ ଦେଖାଯାଇଥିବା ମଣିଷଖିଆ ବାମନ ଆଖପାଖ ଅଞ୍ଚଳରେ ଆତଙ୍କ ସୃଷ୍ଟି କରୁଥିବା ଦୁଷ୍ଟ ଭୂତ, ନୂଆ ଗୁଣୀ ଶିଖିଥିବା ଜଗାର କାର୍ନାମା ଇତ୍ୟାଦି ସମ୍ବାଦ ଆମକୁ ସଂକ୍ରମିତ କରି ରଖୁଥିଲା। ଏବଂ ସବୁରି ଭିତରେ ଆମର ବୟସ ବଢୁଥିଲା।

ଆମେ ଆସ୍ତେ ଆସ୍ତେ ବଡ଼ ହେଉଥିଲୁ। ଆମ ପକେଟରେ ଟୁକୁରା ଟୁକୁରା ହେଇ ରହିଯାଉଥିଲା ଯୋଉ ଗତକାଲିର ଅମୀମାଂସିତ ଆଗ୍ରହ ଆମେ ସେ ସବୁକୁ ପକେଟରୁ ଝାଡ଼ି ସଫା କରୁଥିଲୁ। କିଏ ଆଉ ହିସାବ ରଖିଚି ଯେ ଲୌହକନ୍ୟା ବାହା ହେଲା କି ନା? ଭୂତିଆ ଗୁଣିଆ ବାଉଁଶରାଣୀକୁ ଛାଡ଼ିଲା କି ନା? କିମ୍ୱା ଆକାଶର ଅଦ୍ଭୁତ ଖଟ ବୁହାଳିମାନେ କୁଆଡ଼େ ଗଲେ? ମଣିଷଖିଆ ବାମନ ଏବେ କୋଉଠି ଅଛି?

ଆମର ବୟସ ଏମିତି ବଢୁଥିଲା ଯେ ଏ ପ୍ରଶ୍ନସବୁ ନିରର୍ଥକ ଓ ଅନାବଶ୍ୟକ ମନେହେଉଥିଲା। ଏବଂ ଦିନେ ମୁଁ ଚମକି ପଡ଼ି ଦେଖିଲି ଯେ ଆମେ ସବୁ ବୟସ୍କ। ଏବଂ ଏସବୁ ଚାଞ୍ଚଲ୍ୟକର ସମ୍ବାଦ ସବୁ କେବଳ ଗତକାଲିର। ତା' ପିଠିରେ ସ୍ମୃତିର ମୋହର।

ଆଜି ଯେତେବେଳେ ମୁଁ କୌଣସି ସ୍କୁଲ ପାଖ ଦେଇଯାଏ ଦେଖେ କଳରୋଳ କରି କୁନିକୁନି ପିଲା ବେଶ୍ ପ୍ରଗଳଭ ଭାବରେ ଗପି ଚାଲିଥାଆନ୍ତି। ଖେଳଛୁଟିସାରା ଆଲୋଚନା କରୁଥାଆନ୍ତି। ମୋର ଭାରି ଲୋଭ ହୁଏ ସେମାନଙ୍କ ସାଙ୍ଗରେ ଗପିବାକୁ। ଶୁଣିବାକୁ ସେମାନଙ୍କ ଆଲୋଚନା। ସେମାନେ କ'ଣ ସତରେ ଗପୁଥିବେ ଲୌହକନ୍ୟା ସଂପର୍କରେ? ସେମାନେ କ'ଣ ଗପୁଥିବେ ବାଉଁଶରାଣୀ ଅଥବା ଅଦ୍ଭୁତ ନଭଚାରୀମାନଙ୍କ ସଂପର୍କରେ?

ସେମାନଙ୍କ କଥା ଶୁଣିବାକୁ ଇଚ୍ଛା ଜାଗେ। କିନ୍ତୁ ସେମାନେ କ'ଣ ମୋତେ ସେମାନଙ୍କ କଥା ଶୁଣାଇବେ?

# ବିସ୍ମରର ପୁରୁଣା ବଡ଼ ମାଛମାନେ

ଯେଉଁ ଯେଉଁ ବିଜ୍ଞାନୀମାନେ ମାଛ ଉପରେ ଗବେଷଣା କରିବାକୁ ଚାହାନ୍ତି ସେମାନେ ଅନ୍ତତଃପକ୍ଷେ ମୋର ଜଣେ ବୟସ୍କବନ୍ଧୁ ଅର୍ଜୁନି ସହିତ ସମ୍ପର୍କ ରକ୍ଷା କରିବା ଉଚିତ ବୋଲି ଏକଦା ମୋ ମନରେ ଧାରଣା ହୋଇଯାଇଥିଲା। ଅବଶ୍ୟ ଏ ଧାରଣାଟି ମୋ ମନରେ ଜନ୍ମିଥିଲା ସେତିକିବେଳେ ଯେତେବେଳେ ମୁଁ ଗାଁ ପ୍ରାଇମେରୀ ସ୍କୁଲରେ ପାଠ ପଢୁଥିଲି ଏବଂ ଅର୍ଜୁନି ସହିତ ମୋର ନୂଆ ନୂଆ ବନ୍ଧୁତା ଗଢ଼ିଉଠୁଥିଲା। ଏଠାରେ ଅବଶ୍ୟ ଏ କଥା ସ୍ପଷ୍ଟ ଭାବରେ କହିଦେବା ଉଚିତ ଯେ ଅର୍ଜୁନି ଜଣେ ମତ୍ସ୍ୟଜୀବୀ ଯୁବକ ଏବଂ ଏକ ଖ୍ୟାତିସମ୍ପନ୍ନ ମାଛଧରା ଦଳର ସଦସ୍ୟ ଥିଲା।

ଅର୍ଜୁନି, ମୁଁ ତଥା ମୋ ବୟସର ଆମ ଗ୍ରାମର ହାଫ୍‌ପ୍ୟାଣ୍ଟ୍ ବାରମ୍ବାର ନାହି ତଳକୁ ଖସେଇ ପକାଉଥିବା ବନ୍ଧୁମାନଙ୍କ ସହ ଉତ୍ତମ ସମ୍ପର୍କ ରକ୍ଷା କରିଥିଲା, ତା'ର ଆମ ଗ୍ରାମରେ ପାଦ ଦେବାର ପ୍ରଥମ ଦିନରୁ। ଗୋଟିଏ ବଡ଼ ମାଛଧରାଳି ଦଳରେ ସେ ଆମ ଗାଁକୁ ଆସିଥିଲା ଗ୍ରାମ ଉପକଣ୍ଠସ୍ଥ ବିରାଟ ପୁଷ୍କରିଣୀରୁ ମାଛ ଧରିବା ପାଇଁ। ଏଥିପାଇଁ ସେ ଆମ ଗାଁରେ ଏକ ସପ୍ତାହରୁ କିଛି କମ୍ ଦିନ ରହିଥିଲା। ସେହି ସମୟରେ ହିଁ ସେ ଆମମାନଙ୍କୁ ତା'ର ସଙ୍ଗୀ ବନାଇ ପାରିଥିଲା।

ଆମ ଗ୍ରାମର ଉପାନ୍ତରେ ଥିବା ପୁଷ୍କରିଣୀଟି ଥିଲା ପ୍ରାଚୀନ ଓ ବିବଦମାନ। ଜେଜୀମା' ପର୍ଯ୍ୟାୟର ବୃଦ୍ଧାମାନେ କୁହନ୍ତି ଯେ ପୋଖରୀଟିରେ ଶେଷଥର ପାଇଁ ମାଛଧରା ହୋଇଥିଲା ଆମମାନଙ୍କ ଜନ୍ମର ବହୁ ପୂର୍ବରୁ। ତାହାପରେ ଗ୍ରାମ୍ୟ ବିବାଦରୁ ଓ ସେଇ ପୁଷ୍କରିଣୀରେ ଅଂଶଥିବା ଆଖପାଖ ଗ୍ରାମର ଅଧିବାସୀମାନଙ୍କ ମନୋମାଳିନ୍ୟରୁ ଆଉ ସେଥିରୁ ମାଛ ଧରାଯିବା ସମ୍ଭବପର ହୋଇ ନ ଥିଲା। ଏହିପରି ବିତିଯାଇଥିଲା ଅନେକ ବର୍ଷ। ବିରାଟ ପୁଷ୍କରିଣୀଟିରେ ନିର୍ବିଘ୍ନରେ ମାଡ଼ିଥିଲେ ପ୍ରଚୁର ଜଳଜ ଉଦ୍ଭିଦ, କଇଁବୁଦା, ବେଣା ଓ ଶଣ ଜାତୀୟ ଗଛ। ଏତଦ୍‌ଭିନ୍ନ ଗୋଟିଏ ପାଣିକୁଆ, ଦୁଇ ଚାରୋଟି କାଣ୍ଠିଆ ବଗ ଓ

କିଛି ହଂସରାଳି ମଧ୍ୟ ପୋଖରୀଟିକୁ ନିଜସ୍ୱ ବାସସ୍ଥାନ ବୋଲି ଗ୍ରହଣ କରିନେଇଥିଲେ।

ଏଇ ଭିତରେ ସ୍ୱାଧୀନତା ଆସିଗଲା। ସ୍ୱାଧୀନତା ପ୍ରାପ୍ତିର କିଛିବର୍ଷ ପରେ ଗ୍ରାମେ ଗ୍ରାମେ ଶିକ୍ଷିତ ଲୋକ ପୈଦା ହେବାକୁ ଲାଗିଲେ। ସେମାନେ ବିଚାରିଲେ ପୁଷ୍କରିଣୀକୁ କେନ୍ଦ୍ରକରି ରହିଥିବା ବିବାଦ ସବୁ ତୁଟାଇ ଦିଆଯିବା ଉଚିତ। ସେହିମାନଙ୍କ ପ୍ରଚେଷ୍ଟା ଫଳବତୀ ହେଲା। ମନୋମାଳିନ୍ୟ ଅପସରି ଗଲା। ପୁଷ୍କରିଣୀରୁ ସମସ୍ତ ମାଛ ଧରାଯାଇ ତାକୁ ଏକ ଆଦର୍ଶ ପୁଷ୍କରିଣୀ କରାଯିବାର ଯୋଜନା ହେଲା। ଆଧୁନିକ ମାଛ ଯଥା ରୋହୀ ଭାକୁଡ଼ର ଜାଆଁଳ ଛଡ଼ାଯିବ ବୋଲି ସ୍ଥିର କରାଗଲା।

ସେହି ସମୟଟି ଆମର ପ୍ରାଇମେରୀ ସ୍କୁଲ ଜୀବନର ସମୟ। ସେଇ ପ୍ରଥମ ଥର ପାଇଁ ହେଉଥିବା ମାଛଧରାରେ ମାଛ ଧରିବାକୁ ଆସିଥିବା ଦଳଟି ଥିଲା ଅର୍ଜୁନିର ଦଳ। ଯେଉଁ ଅର୍ଜୁନି ନାମକ ମତ୍ସ୍ୟଜୀବୀଟି ଏଇ ଗଳ୍ପର ମୁଖ୍ୟ ଚରିତ୍ର।

ଆମ୍ଭେମାନେ ସକଳ ନାକରୁ ସିଂଘାଣି ବୋହୁଥିବା ଅପରଚ୍ଛନିଆ ଟୋକାମାନେ ଯେଉଁମାନେ ନିଜକୁ ମହାନ୍ ଜ୍ଞାନୀ ବୋଲି ମନେକରୁ, ଚାହିଁ ବସିଥାଉ ପୋଖରୀ କୂଳରେ। ଅର୍ଜୁନି ଏବଂ ତା'ର ଦଳ ଧରୁଥାନ୍ତି ମାଛ। ଜାଲ ବିଛେଇ ହୋଇଥାଏ ପୋଖରୀ ସାରା। ଦଳ, ଅନାବନା ଲଟା ସବୁ ସଫା କରାଯାଇଥାଏ ପୂର୍ବରୁ। କିନ୍ତୁ କି ଆଶ୍ଚର୍ଯ୍ୟ! ପୋଖରୀ ମଝିରେ ଅର୍ଜୁନି ଦକ୍ଷତାର ସହିତ ଛିଡ଼ା ହୋଇଗଲା, ଯେଉଁଠାରେ ଅତିକମ୍‌ରେ ଚାରୋଟି ହାତୀ ବୁଡ଼ିଯାଇ ପାରିବ ବୋଲି ଜେଜୀମା ପର୍ଯ୍ୟାୟର ଭଦ୍ର ମହିଳାମାନେ ବାରମ୍ବାର କହିଥିଲେ, ସେମାନଙ୍କ ରାତ୍ରିକାଳୀନ ଗପ ଶୁଣାଇବା ସମୟରେ। ଆମେମାନେ ଚାହିଁ ରହିଥାଉ କେତେବେଳେ ବହୁ କିମ୍ବଦନ୍ତୀର ନାୟକ ମାଛମାନେ ଗିରଫ ହୋଇଯିବେ। ସେମାନେ ହେଲେ ଯଥାକ୍ରମେ- ବୟସ୍କ ହେଇ ପିଠିରେ ବାଳ ଉଠିଥିବା ମାଛଟି, ଆକାଶକୁ ଲମ୍ଫ ଦେଇ ଗୋଟିଏ ଉଡ଼ନ୍ତ ପାରାକୁ ଉଦରସ୍ଥ କରିଥିବା ଦୁଃସାହସୀ ମାଛଟି, ନାକରେ ସୁନାର ଫାଶିଆ ପିନ୍ଧିଥିବା ସୁବୃହତ ଚିତଳଟି, ଇତ୍ୟାଦି ଇତ୍ୟାଦି।

କିନ୍ତୁ ହାୟ! ସେମାନେ କେହି ହେଲେ ଧରାପଡ଼ିଲେ ନାହିଁ। ଆମେ ଆଶ୍ଚର୍ଯ୍ୟ ହେଲୁ। ଜାଲୁଆ ଦଳଟି ଅପାରଗ ବୋଲି ଆପଣା ଆପଣା ଭିତରେ ଆଲୋଚନା କଲୁ। କିନ୍ତୁ ପରେ ଏକ ଅସମର୍ଥିତ ସୂତ୍ରରୁ ଖବର ମିଳିଲା ଯେ ସେହିସବୁ ପ୍ରଭାବଶାଳୀ ମାଛମାନେ ଦକ୍ଷତାର ସହ ଜାଲ କଣା କରି ଫେରାର୍ ହୋଇଯାଇଛନ୍ତି। ହତାଶ କରି ପକାଇଛନ୍ତି ସେମାନଙ୍କ ଦୁର୍ଦ୍ଧର୍ଷ କାହାଣୀର ଶ୍ରୋତା, ଆମ ଭଳି ଦଶବାର ବର୍ଷର କିଶୋରମାନଙ୍କୁ।

ସେଇ ଦିନର ସନ୍ଧ୍ୟାଟି ଅର୍ଜୁନି ଆମ ସହିତ କଟାଇଥିଲା ଏବଂ ଆମକୁ ପ୍ରଚୁର

ଗପ କହିଥିଲା। ସବୁଗୁଡ଼ିକ ଗପ ତା' କୈବର୍ତ୍ତ ଜୀବନର ଅନୁଭୂତି ପ୍ରସୂତ। ଆମେ ଉତ୍କଣ୍ଠିତ ହୋଇ ଗପଗୁଡ଼ିକ ଶୁଣିଥିଲୁ। ତା'ର ଗପଗୁଡ଼ିକୁ ଏକତ୍ର କଲେ ତାହା ଯେ ପୃଥିବୀର ଜଣେ ଶ୍ରେଷ୍ଠ ମାଛ ବିଶାରଦଙ୍କ ସନ୍ଦର୍ଭଠାରୁ ଉତ୍କୃଷ୍ଟତର ହେବ ଏଥିରେ ସନ୍ଦେହ ନାହିଁ। କିନ୍ତୁ ସେତେବେଳେ ସେ ସବୁ ଗପକୁ ଲିପିବଦ୍ଧ କରିବାର ଆଗ୍ରହ କିମ୍ବା ଇଚ୍ଛା ଆମ ଭିତରୁ କାହାରି ଜଣକର ସୁଦ୍ଧା ନ ଥିଲା।

ଅର୍ଜୁନି ଆମକୁ ଯେଉଁସବୁ ଗପ କହିଥିଲା ତନ୍ମଧ୍ୟରୁ କେଉଁଠି କିପରି ଗୋଟେ ପ୍ରକାଣ୍ଡ ମାଛକୁ ଟାଙ୍ଗିଆରେ କାଟିବାକୁ ପଡ଼ିଥିଲା, କେଉଁ ପୋଖରୀରେ ମାଛମାନେ ଜାଲୁଆଙ୍କୁ ସମ୍ମିଳିତ ଆକ୍ରମଣ କରିଥିଲେ କିପରି କଉମାଛମାନେ ଖୋଲା ପଡ଼ିଆ ଉପରକୁ ପବନ ଖାଇବାକୁ ବେଳେବେଳେ ଉଠିଆସନ୍ତି ଇତ୍ୟାଦି ଗଳ୍ପ ଅନ୍ୟତମ। ଅର୍ଜୁନି ମଧ୍ୟ ଆମକୁ କହିଥିଲା କିପରି ପୁରୁଣା ହୋଇଗଲେ ମାଛମାନେ ବିମ୍ବରଖୋଳି ରହିପାରନ୍ତି।

:'ବିମ୍ବରମାନେ କ'ଣ?' ପଚାରିଥିଲା ଶିଶିର ବୋଲି ମୋର ମୂର୍ଖବନ୍ଧୁ ଜଣକ।

'ବିମ୍ବର ମାନେ ହେଲା ବଡ଼ ବଡ଼ ଖାଇ, ମାନେ ଗାତ।' ବୁଝାଇଥିଲା ଅର୍ଜୁନି।

କିନ୍ତୁ ମାଛମାନେ ଯେ ବିମ୍ବର ଖୋଳି ରହିପାରନ୍ତି ଏ ବିଷୟରେ ପ୍ରଚୁର ସନ୍ଦେହ ପ୍ରକାଶ କରିଥିଲା ଆମ ଶ୍ରେଣୀରେ ଅତିକ୍ରାନ୍ତ ଷାଣ୍ମାସିକ ପରୀକ୍ଷାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ପାଣୁଆ ନାମକ ବାଳକଟି।

ତା'ର ସନ୍ଦେହ ମୋଚନ ପାଇଁ ମୁଁ କହିଥିଲି,'ମୂର୍ଖଟା କିରେ! ଜାଣି ପାରୁନୁ! ବୟସ ହୋଇଗଲେ ମାଛମାନଙ୍କର ଦାନ୍ତ ବଢ଼ିଯାଏ, ଠିକ୍ ଦନ୍ତା ହାତୀର ବାହାରକୁ ବାହାରିଥିବା ଦାନ୍ତ ଭଳି। ଏବଂ ସେ ମୂଷାଭଳି ଗାତ ଖୋଳିବାକୁ ଭଲପାଏ।

ଏହାପରେ ଅର୍ଜୁନି ଆରମ୍ଭ କରିଥିଲା ତା'ର ଗପ।

ଗୋଟେ ଥିଲା ବିରାଟ ପୋଖରୀ। ତାରି କୂଳରେ ରହୁଥିଲା ଜଣେ ଗରିବ ଚାଷୀ। ଛୋଟିଆ କୁଡ଼ିଆଟିରେ। ପୋଖରୀ ହୁଡ଼ା ଉପରେ। ଦୁଃଖେ ସୁଖେ ଚଳେ। ସେଇ ପୋଖରୀରେ ଥିଲେ ଅନେକ ମାଛ। ପୁରୁଣା ଏବଂ ଦାନ୍ତବାନ୍। ସେମାନେ ବିମ୍ବର ଖୋଳି ରହିଥାଆନ୍ତି। ଦିନେ କ'ଣ ହେଲାନା ଚାଷୀଟି ତା' ଘରର ମାଟି ଚଟାଣରେ ଶୋଇଥାଏ। ଶୁଣିଲା କବ୍‌କବ୍ ଶବ୍ଦ। ସେ ଉଠିପଡ଼ିଲା। କାନ ପାରିଲା। ମାଟିତଳେ ତ ମାଛମାନେ ବିମ୍ବର ଖୋଳି ରହିଥାଆନ୍ତି ସେଇମାନେ ହିଁ ଡିଆଁକୁଦା କରି ଶବଦ ଉପୁଜାଉ ଥାଆନ୍ତି।

''ଆଚ୍ଛା ସେ ଚାଷୀର କ'ଣ ଛୁଆପିଲା, ମାଇପ, କେହି ନ ଥିଲେ?'' ପଚାରିଲା ଜଣେ ଅନୁସନ୍ଧିତ୍ସୁ ଶ୍ରୋତା।

''ରହବେ! କାଇଁ ବକ୍‌ବକ୍ ହଉଛୁ! ତା'ର ପିଲା ନ ଥିଲାରୁ ତୋର କ'ଣ

ଗଲା ।'' ଧମକେଇଥିଲା ପବନା, ଯିଏ ଗପକୁ ଏକରକମ ପାଟିମେଲା ରଖି ପିଇଯାଉଥିଲା ।

ପୁଣି ଅର୍ଜୁନି ଜାରି ରଖିଲା ତା'ର ଗପ । ଯାହା ଅଧା ଥିଲା ।

ଚାଷୀଟି ତ ଶୁଣିଲା ମାଟିତଳେ ମାଛମାନଙ୍କର ଶବ୍ଦ, ଖୋଳିଲା ସେଇ ମାଟିକୁ । ଖୋଳି ଖୋଳି କିଛି  ବାଟ ଗଲାପରେ ମାଟି ଭିତରକୁ ଧସି ପଡ଼ିଲା । ଗୋଟେ କୂଅ ଭଳି କଣା ହୋଇଗଲା । ଚାଷୀଟି ଦେଖିଲା ତା' ତଳେ ପାଣି । ଏବଂ ସେଇଠି ଅଛନ୍ତି ପ୍ରଚୁର ମାଛ । ସେ ନିଶୂଣୀଟିଏ ପକେଇ ଦେଲା । ଖାଇ ଭିତରକୁ ପଶିଲା । ମାଛଟିଏ ଧରି ବାହାରି ଆସିଲା । ତାକୁ ଇ ଖାଇଲା ।

''ଏଁ! ବଡ଼ ମାଛଟେ ଧରିଥିବ ତ!'' ପ୍ରଶ୍ନକଲା ପାଣୁଆ । ଜିଭ ଚାଟି ଚାଟି । ତାଙ୍କର ବଇଷ୍ଣମ ଘର । ତାଙ୍କ ଘରେ ଆଇଁଷ ପଶେନା । ପାଣୁଆ ଖାଏନା ବୋଲି ଆମକୁ ଦିନକୁ ଅତିକମ୍‌ରେ ତିନି ଥର ତଥ୍ୟଟି ଶୁଣାଉଥିଲା ।

''ହଁ! ଖୁବ୍ ବଡ଼ ମାଛ । ତାକୁ ଧରି ଭାଜି ଖାଇଲା । ବିମ୍ବର ଉପରେ ଗୋଟେ ପଟା ଘୋଡ଼େଇ ଦେଲା । ପଟା ଉପରେ ସଉପ ପାରିଦେଇ ଶୁଏ । ଯେମିତି କି ବାହାରକୁ ଜମା ଜଣା ନ ପଡ଼ିବ । ଏମିତି ସବୁଦିନ କରେ । ଯେମିତି ରାତିହୁଏ । ପଟା କାଢ଼ିଦିଏ ବିମ୍ବର ଉପରୁ । ନିଶୁଣୀଟି ପକାଇ ଦିଏ । ଗୋଟିଏ ବଡ଼ ମାଛ ଧରେ । ଉପରକୁ ଆସେ । ମାରିଖାଏ । ସବୁଦିନେ ଏମିତି ଚାଲିଥାଏ ।''

କହିଚାଲିଲା ଅର୍ଜୁନି ।

:''ମାଛମାନେ ଜାଣିପାରନ୍ତିନି ?'' ଆଗ୍ରହରେ ପଚାରିଲା ରାଧା । ପଛରେ ବସିଥିଲା ଯିଏ । ଏବଂ ଠିକ୍ ସେତିକିବେଳକୁ ଆଗକୁ ଆସିଗଲା ।

''କବ୍‌କବ୍ କଲେ ଗୋଳି କଲେ ସିନା ମାଛମାନେ ତରକିବେ । ଚାଷୀଟି ତ ଧୀରେ ଯାଏ । ଚୁପ୍‌ଚାପ୍ ମାଛଟି ଧରେ । ଏତେ ମାଛ ଥାଆନ୍ତି ଯେ ହାତ ବୁଲେଇଲେ ଇ ମାଛ । ସେ ଗୋଟିଏ ଧରେ ଆଉ ଧୀରେ ଖସିଆସେ । ଜାଣିବ କିଏ ?'' ବୁଝାଇଥିଲା ଅର୍ଜୁନି ।

:''ତା'ପରେ ?'' ମୁଁ ପ୍ରଶ୍ନ କରିଥିଲି । କାହାଣୀର ଜଣେ ଗୁଣମୁଗ୍ଧ ଶ୍ରୋତା ହିସାବରେ ।

''ଏମିତି ମାଛ ଖାଉ ଖାଉ ପ୍ରଚୁର ମାଛ ଖାଇଦେଲା ଚାଷୀଟି । କିନ୍ତୁ ବଡ଼ ମାଛମାନଙ୍କର ବଡ଼ କଣ୍ଟାଗୁଡ଼ିକ ଲୁଚାଇବ ବା କେଉଁଠି ? ବାଧ୍ୟହୋଇ ଖତଗଦାରେ ଫୋପାଡ଼ିଲା । ଏମିତି ହଉ ହଉ ଖତଗଦା ମାଛକଣ୍ଟାରେ ଭରତି ହୋଇଗଲା । ଲୋକମାନେ

ଆସ୍ତେ ଆସ୍ତେ ସନ୍ଦେହ କଲେ। ଏତେ ମାଛକଣ୍ଟା ଆସୁଚି କୋଉଠୁ? ଚାଷୀଟି ତ ଗରିବ। ମାଛ କିଣିପାରେ ନାହିଁ। ଘଟଣା କ'ଣ? ଲୋକମାନେ ଅନୁସନ୍ଧାନ କରିବାରେ ଲାଗିଲେ। ଦିନେ ରାତିରେ ଲୋକମାନେ ସେହି ଚାଷୀର ଘରେ ପଶିଗଲେ। ଦେଖିଲାବେଳକୁ ଚାଷୀଟି ନିଶୁଣୀ ପକେଇ ବିମ୍ବର ଭିତରୁ ମାଛ ଧରୁଛି। ଲୋକମାନେ ରାଗିଗଲେ। ବାହାରୁ ନିଶୁଣୀଟିକୁ କାଢ଼ି ଆଣିଲେ। ଚାଷୀଟି ପଡ଼ିଗଲା ବିମ୍ବର ଭିତରେ। ଲୋକମାନେ ବିମ୍ବର ଉପରେ ପଟା ଘୋଡ଼ାଇ ଦେଲେ। ପଟା ଉପରେ ଗଦା କରି ଦେଲେ ପର୍ବତ ପ୍ରମାଣେ ମାଟି।'' କହି ଚାଲିଥିଲା ଅର୍ଜୁନି!

''ଲୋକଟା କ'ଣ ତା' ତଳେ ମରିଗଲା?'' ମୁଁ ବିସ୍ମିତ ହୋଇଥିଲି।

''ହଁ! ମାଛମାନେ ଖୁବ୍ ଖୁସିରେ ତାକୁ ଖାଇଥିଲେ। ଯୋଉ ଲୋକ ମାଛମାନଙ୍କୁ ଖାଇ ଦେହ ଜମେଇଥିଲା, ସେଇ ଦେହଟାକୁ ତା'ର ଖାଇଗଲେ ମାଛମାନେ। ବିମ୍ବର ଭିତରର ମାଛମାନେ। ପୁରୁଣା ବଡ଼ମାଛମାନେ।'' କହିଥିଲା ଅର୍ଜୁନି।

ଆମେ ସମସ୍ତେ ହାୟ ହାୟ କରିଥିଲୁ। ସତରେ କ'ଣ ଏମିତି ହୁଏ? ମଣିଷ, ଯିଏ ମାଛମାନଙ୍କୁ ଖାଏ, ଶିକାର କରେ, ଜାଲ ପାତେ, ତାକୁ ବି ସୁବିଧା ପାଇଲେ ମାଛମାନେ ଖାଇଦେଇ ପାରନ୍ତି।

ଜଣେ ଅଭିଜ୍ଞ ଲୋକଭଳି ଶିଶିର ମନ୍ତବ୍ୟ ଦେଇଥିଲା,''ନିଶ୍ଚେ ସେ ମଣିଷଟାକୁ ମାଛମାନେ ତିନି ମାସରେ ଖାଇଥିବେ।''

ଆମେ ସମସ୍ତେ ହସିଥିଲୁ। ଅର୍ଜୁନି ବି ଆମ ସହିତ। ସେଦିନ ରାତି ଅନେକ ହୋଇଯାଇଥିଲା। ଆମ ଗପର ଆସର ମନକୁ ମନ ଭାଙ୍ଗିଯାଇଥିଲା। ଏହାପରେ ଆଉ ଦୁଇଟି ରାତି ମଧ୍ୟ ଆମେ ଅର୍ଜୁନିଠାରୁ ଗପ ଶୁଣିଥିଲୁ। ମାଛଙ୍କ ମହାସଭା, ମାଛଙ୍କ ଦିଗ୍‌ବିଜୟ ଇତ୍ୟାଦି ଇତ୍ୟାଦି ଗପ। କିନ୍ତୁ ସବୁ ଗପ ଭିତରୁ ସାରାଜୀବନ ମନେ ରଖିଲା ଭଳି ଗପଟି କେବଳ ସେଇ ଗପଟି ଯେଉଁଥିରେ ବିମ୍ବରର ପୁରୁଣା ବଡ଼ମାଛମାନେ ଗୋଟେ ମଣିଷକୁ ଖାଇଥିଲେ।

ଆମ ସମସ୍ତଙ୍କର ପୁରୁଣା ବଡ଼ ମାଛମାନଙ୍କ ପ୍ରତି ଗୋଟେ ଭୟ ଆସିଯାଇଥିଲା। ବିମ୍ବର ନାଁ ଶୁଣିଲେ ମନରେ ଗୋଟେ କେମିତି ଆତଙ୍କ ଖେଳି ଯାଉଥିଲା। ସେଇଦିନୁ ମୁଁ ପୋଖରୀରେ ଗାଧୋଇଲା ବେଳେ ଏଇକଥା ଭାବି ଅନେକଥର ଶିହରି ଉଠିଛି। ପୋଖରୀରେ ବିମ୍ବର ଅଛି କି ନାହିଁ ଖୋଜିଛି।

କୋଉ ବନ୍ଧୁବାନ୍ଧବ ଘର ଗାଁକୁ ଗଲେ ତାଙ୍କ ଗାଁ ପୋଖରୀରେ ଗାଧୋଇବା

ପୂର୍ବରୁ ସେ ପୋଖରୀରେ ବିମ୍ବର ଅଛି କି ନାହିଁ, ପୁରୁଣା ବଡ଼ ମାଛମାନେ ଅଛନ୍ତି କି ନାଇଁ ବୁଝିଛି, ତା'ପରେ ଯାଇ ଗାଧୋଇଛି, ଗୋଟେ ଭୟ ରହିଯାଇଛି ସେଇଦିନୁ। ବିମ୍ବର ପ୍ରତି। ପୁରୁଣା ବଡ଼ ମାଛମାନଙ୍କ ପ୍ରତି।

ସେ ବର୍ଷ ଅର୍ଜୁନି କହିଯାଇଥିଲା ପରବର୍ଷ ଆସିବ ବୋଲି, କିନ୍ତୁ ଆସିଲା ନାହିଁ। ଆମେ ସମସ୍ତେ ତା'ଠାରୁ ପୁଣି ନୂଆଗପ ଶୁଣିବୁ ବୋଲି ଅପେକ୍ଷା କରିଥିଲୁ। ନିରାଶ ହେଲୁ। ଆମେ ଅପେକ୍ଷା କଲୁ ସେ ଆସିଲା ନାହିଁ। ଏଇମିତି ପରପର କେଇଟି ବର୍ଷ ବିତିଗଲା। ଏବେ ବି ସେ ଆସିନାହିଁ। ତା' ଗପ ଶୁଣାଇ ନାହିଁ। କିମ୍ବା ତା' ଜାଲୁଆ ଦଳର କାହାରି ସହ ଆମର ବି ଦେଖା ହୋଇନାହିଁ।

ଏବେ କିନ୍ତୁ ବିମ୍ବରର ପୁରୁଣା ବଡ଼ମାଛମାନଙ୍କ ହିଂସ୍ରତା ସମ୍ପର୍କରେ ଏକ ରୋମାଞ୍ଚକାରୀ ଲୋମହର୍ଷକ ସମ୍ବାଦ ଆମ ଅଞ୍ଚଳରେ ପରିବେଷିତ ହୋଇଯାଇଥିଲା। ଯେହେତୁ ସେହି ବିମ୍ବରର ପୁରୁଣା ବଡ଼ମାଛମାନଙ୍କ ଭୟାବହତା ସହ ଅର୍ଜୁନି ଜରିଆରେ ଆମେ ପରିଚିତ ଥିଲୁ, ଏ ସମ୍ବାଦକୁ ବିଶ୍ୱାସ କଲୁ, ବିଶ୍ୱାସ କରିବାକୁ ବାଧ୍ୟ ହେଲୁ।

ସମ୍ବାଦଟି ଏହିପରି-ଗୋଟେ ପୁରୁଣା ପୋଖରୀରେ ବର୍ଷ ବର୍ଷ ଧରି ରହୁଥିଲେ ପ୍ରଚୁର ମାଛ। ବୟସ୍କ ହୋଇଥିବାରୁ ସେମାନେ ଥିଲେ ଦାନ୍ତବାନ ଓ ବିମ୍ବର ଖୋଳି ରହିବା ଥିଲା ସ୍ୱାଭାବିକ। ମାଛମାନଙ୍କ ମଧ୍ୟରେ ସବୁଠୁ ବଡ଼ଥିଲା ଗୋଟେ ଚିତଳ ମାଛ। ଯାହାକୁ ସେଇ ପୁରୁଣା ପୁଷ୍କରିଣୀର ମତ୍ସ୍ୟସମ୍ରାଟ ବୋଲି ନିଃସନ୍ଦେହରେ କୁହାଯାଇପାରେ। କହିବା ବାହୁଲ୍ୟ ପୋଖରୀଟି ଥିଲା ଗୋଟିଏ ଦେବ ମନ୍ଦିର ନିକଟରେ ଏବଂ ଦେବତାଙ୍କର ସମ୍ପତ୍ତି।

କିନ୍ତୁ କ୍ରମେ ଦେବତାଙ୍କ ଉପରୁ ଜନତା ବିଶ୍ୱାସ କମାଇବା ପରେ ସଂଖ୍ୟାଧିକ ଅବିଶ୍ୱସ୍ତ ଭାଗଚାଷୀ ଠାକୁରଙ୍କ ଜମିଗୁଡ଼ିକୁ କବ୍‌ଜା କରିନେବା ପରେ, ମନ୍ଦିରର ରକ୍ଷଣାବେକ୍ଷଣ ପାଇଁ ଅର୍ଥାଭାବ ଉପୁଜିବାରୁ ପୂଜକମାନେ ବହୁବର୍ଷ ଧରି ଧରାଯାଇ ନ ଥିବା ପୋଖରୀଟିରୁ ମାଛଧରିବା ପାଇଁ ଏକ ଜାଲୁଆ ଦଳକୁ ଡକାଇଲେ।

ମାତ୍ର ମାଛମାନେ ଥିଲେ ବୁଦ୍ଧିମାନ। ଜାଲୁଆ ଆସୁଥିବାର ସମ୍ବାଦ ସେମାନେ ପାଇଗଲେ ଓ ଅଚିରେ ବିମ୍ବର ମଧ୍ୟରେ ଆତ୍ମଗୋପନ କରିଗଲେ । ସେମାନେ କିଭଳି ଏ ସମ୍ବାଦ ପାଇଲେ ତାହା ଅଜ୍ଞାତ। ଜାଲୁଆମାନେ ପୋଖରୀସାରା ନିଜର ଜାଲ ବୁଲାଇ ଆଣିଲେ। ମାତ୍ର କି ଆଶ୍ଚର୍ଯ୍ୟ! ଗୋଟିଏ ହେଲେ କେରାଣ୍ଡି ଛୁଆ ମଧ୍ୟ ସେହି ଜାଲରେ ପଡ଼ି ନ ଥିଲେ। ପୁଣିଥରେ ଜାଲ ଭିଡ଼ିଲେ। ମାତ୍ର ଦଶା ପୂର୍ବପରି ହେଲା। ଏହିପରି

ପୋଖରୀ ସାରା ସେମାନେ ଛଅଥର ଜାଲ ବୁଲାଇଲେ। କିନ୍ତୁ ଗୋଟିଏ ହେଲେ ମାଛ ଧରାପଡ଼ିଲେ ନାହିଁ।

ଜାଲୁଆ ଦଳରେ ଥିଲା ଜଣେ ସାହସୀ ଯୁବକ। ଯିଏ ଅନୁସନ୍ଧାନ କରି ଖୋଜି ପାଇଲା ଗୋଟେ ବିମ୍ୱର। ଜାଣିପାରିଲା ତାହାରି ଭିତରେ ଲୁଚି ରହିଛନ୍ତି ସକଳ ପଳାତକ ମତ୍ସ୍ୟ। ନିଜ ସନ୍ଦେହର ସତ୍ୟତା ଜାଣିବା ପାଇଁ ସେ ବୁଡ଼ ମାରିଲା ଏବଂ ପ୍ରବେଶ କରିଗଲା ବିମ୍ୱର ଭିତରେ। ଠିକ୍ ଏତିକି ବେଳେ ଦ୍ୱାର ଜଗିଥିଲା ଯେଉଁ ବଡ଼ ଚିତଳ ମାଛଟି, ବିମ୍ୱରର ଦ୍ୱାରକୁ ନିଜର ପଟାଳିଆ ଦେହରେ ଢାଙ୍କି ବନ୍ଦ କରିଦେଲା। ସାହସୀ ଯୁବକଟି ବାହାରକୁ ବାହାରିବା ପାଇଁ ଚେଷ୍ଟା କଲା, ମାତ୍ର ପାରିଲା ନାହିଁ। ଶ୍ୱାସରୁଦ୍ଧ ହୋଇ ସେ ପ୍ରାଣ ହରାଇଲା ବିମ୍ୱର ମଧ୍ୟରେ। ତାରି ମାଂସକୁ ପରମ ଆନନ୍ଦରେ ଖାଇଥିଲେ ମାଛମାନେ, ବିମ୍ୱର ଭିତରର ମାଛମାନେ। ପୁରୁଣା ବଡ଼ ମାଛମାନେ।

ପାଣୁଆ କହେ, ସେଇ ସାହସୀ ଯୁବକଟି କୋଉଠି ଅର୍ଜୁନି। ଆମର ପୁରାତନ ମତ୍ସ୍ୟଜୀବୀ ବନ୍ଧୁଟି। ତା'ର ଦାଦା ଯିଏ କି ସଦ୍ୟ କଲିକତାରୁ ଫେରି ଧୋବ ଧାଉଳିଆ ହୋଇ ଚା' ଦୋକାନରେ ଏବେ ଗୁଲିଗପ କରୁଥିବାର ଦେଖାଯାଇଥାଏ ସିଏ ହିଁ କହିଥିଲେ ଏ କଥାଟି ପାଣୁଆକୁ। କିନ୍ତୁ ମୁଁ ନିଶ୍ଚିତ ସେଇ ହତଭାଗ୍ୟ ମତ୍ସ୍ୟଜୀବୀଟି କେବେ ହେଲେ ଆମର ସେଇ ଅର୍ଜୁନି ହୋଇ ନ ଥିବ। ଅସମ୍ଭବ ! ଅର୍ଜୁନି ଏ ଦୁଃସାହସ କରି ନ ପାରେ। ସେ ଜାଣେ ବିମ୍ୱରର କଥା । ତା' ଭିତରର ପୁରୁଣା ବଡ଼ମାଛମାନଙ୍କ କଥା। ସେମାନଙ୍କ କ୍ରୁରତା, ହିଂସ୍ରତାର କଥା। ସେ କେବେ ହେଁ ଅର୍ଜୁନି ନୁହେଁ। କେବେ ନୁହେଁ।

ମାତ୍ର ସେଇଦିନୁ ଅର୍ଜୁନିର ଆଉ ଦେଖାନାଇଁ।

ତଥାପି ବି ଅର୍ଜୁନି କଥା ମନେପଡ଼େ। ନୂଆବର୍ଷା ଜଳରେ ଆମ ଘର ପାଖ ପୋଖରୀରୁ ଉଠିଆସି ଓଳିତଳେ ଅଳ୍ପ ଅଳ୍ପ ପାଣିରେ ଖେଳୁଥିବା କଉମାଛମାନଙ୍କୁ ମୁଁ ଓ ମୋର ସାନ ଭାଇ ଚିଡ଼େଇରେ ଗିରଫ କଲାବେଳେ ଅର୍ଜୁନି ମନେପଡ଼େ। ଏବଂ କେବେ କେବେ ମୁଁ ଏବଂ ସାବି ମାଉସୀ ଟର୍ଚ୍ଚ ହାତରେ ମାଛମାନଙ୍କୁ ପୋଖରୀ କୂଳରେ ଅଗଭୀର ଜଳରେ ଠାବ କରି ପିଠାପାଟିଆରେ ସେମାନଙ୍କ ମୁଣ୍ଡକୁ ଚୋଟ ମାରିବା ବେଳେ ଅର୍ଜୁନି ମନେପଡ଼େ। ଖୁବ୍ ମନେପଡ଼େ।

# ବିଲେଇ

ବିଲେଇଟିଏ କ'ଣ କେବଳ ମୂଷା ହିଁ ମାରିବ? ଅନ୍ୟ କିଛି ନୁହେଁ! ତାକୁ କ'ଣ ଅନ୍ୟ କୌଣସି କାମରେ ବ୍ୟବହାର କରାଯାଇ ପାରିବ ନାହିଁ? ସେ ସବୁବେଳେ କେବଳ ମୂଷାମରା ଜୀବନଟିଏ ହିଁ ବିତାଉଥିବ? ପୃଥିବୀରେ ଏତେ ଚମତ୍କାର ଚମତ୍କାର ଜୀବନର ରାସ୍ତା ଥାଉଁ ଥାଉଁ ସେ କେବଳ ମୂଷା ହିଁ ମାରିବ? ଏ ପ୍ରକାର ଏକ ବିଦ୍ରୋହୀ ଚିତ୍କାର ମୁଁ କରିଥିଲି ସର୍ବପ୍ରଥମେ।

କିନ୍ତୁ ବାବା ପୁରୁଣା ମୂଲ୍ୟବୋଧରେ ବିଶ୍ୱାସ କରୁଥିଲେ। ମୂଷା ମାରିବା ପାଇଁ ନୂତନ ବିଜ୍ଞାନ ସମ୍ମତ ଉପାୟମାନ ଅନୁସୃତ ହେଉଥିଲେ ହେଁ ବାବା ବିଲେଇଟିଏ ରଖିବା କଥା ଚିନ୍ତା କରିଥିଲେ ଓ ତାଙ୍କ ଛାତ୍ରମାନଙ୍କୁ ଗୋଟେ ବିଲେଇର ଅନୁସନ୍ଧାନ କରିବାକୁ କହିଥିଲେ। ବାବା ଥିଲେ ସ୍କୁଲରେ ପ୍ରଧାନ ଶିକ୍ଷକ । ଆଉ ଆମେ ଥିଲୁ ଭାଇ ଭଉଣୀ ମିଶି ଚାରି ।

ସେତେବେଳକୁ ମୂଷାମାନଙ୍କର ଦୌରାତ୍ମ୍ୟ ଆମ ଘରେ ସୀମା ଅତିକ୍ରମ କରିଥାଏ। ମୂଷାମାନେ ସମ୍ଭବତଃ ଜାଣିନେଇ ଥାଆନ୍ତି ଯେ ଚେଷ୍ଟା କଲେ ବି ଆମେ ସେମାନଙ୍କର କିଛି କରିପାରିବୁ ନାହିଁ। ସେମାନେ ବେଶ୍ ନିର୍ଭୟରେ ସ୍ପଷ୍ଟ ଦିବାଲୋକରେ ଆମ ସାମନାରେ ଡିଆଁକୁଦା କରୁଥିଲେ। ଘରର ଧାନ ଚାଉଳକୁ ଗର୍ଭସ୍ଥ କରିବାଠୁ ଆରମ୍ଭ କରି ମୋର ବହିପତ୍ର ତଥା ସାନ ଭଉଣୀର କଣ୍ଢେଇମାନଙ୍କୁ ସ୍ନେହରେ ଚୁମ୍ବନ ଦେଇ ବିକଳାଙ୍ଗ କରିଦେବାରେ ଥିଲା ସେମାନଙ୍କର ପ୍ରଚୁର ଆନନ୍ଦ।

ଏହିଭଳି ଏକ ଦୁଃସମୟରେ ଛୋଟ ପୁଷିଟି ଆମ ଘରକୁ ଆମଦାନୀ ହୋଇଥିଲା। ସେ ଘରେ ପହଞ୍ଚିବାକ୍ଷଣି ଆମେ ସମସ୍ତେ ଖୁସୀ ହୋଇଥିଲୁ ଓ ତାକୁ ସମ୍ବର୍ଦ୍ଧନା ଦେବାରେ କାର୍ପଣ୍ୟ କରି ନ ଥିଲୁ।

ସମସ୍ୟାଟି ପ୍ରଥମେ ପହଞ୍ଚିଲା ଯେତେବେଳେ ଆମ ଭାଇଭଉଣୀମାନଙ୍କ ଭିତରେ ବଚସା ଆରମ୍ଭ ହେଲା ପୁଷିର ନାମକରଣକୁ କେନ୍ଦ୍ରକରି। ବଡ଼ଭାଇ ଯଦିଓ ଏ ସବୁଥିରେ ସେତେ ଆଗ୍ରହୀ ନ ଥିଲା ତଥାପି ତାକୁ ପଚରାଗଲା ପରେ ସେ ଏକ ବୈଜ୍ଞାନିକ,

ଚିନ୍ତାଦ୍ୟୋତକ, ଆଧୁନିକ ନାମ ଦେବାକୁ ପରାମର୍ଶ ଦେଲା। ତା' ମତରେ ବିଲେଇଟିଏର ନାମ 'ସ୍ପୁଟନିକ୍', 'ଏପୋଲୋ' କିମ୍ବା 'ସୋୟୁଜ୍' ହେବା ଉଚିତ୍।

ମାତ୍ର ଏହାର ପ୍ରତିବାଦ କରିଥିଲି ମୁଁ। କହିଥିଲି ଏତେ ଆଧୁନିକ ନାମ ଆମର ସେ ନିପଟ ମଫସଲରେ ଚଳିବ ନାହିଁ। ତା'ର ନାମ ବରଂ 'ଟାଇଗର୍' କିମ୍ବା 'ଲାୟନ୍' ହେଲେ ଭଲ ହେବ। ପଶୁର ନାମ ପଶୁଭଳି ହେବା ଦରକାର। 'ଟାଇଗର୍' କିମ୍ବା 'ଲାୟନ୍' ନାମ ଦିଆଗଲେ ସେ ବଡ଼ ହୋଇ ଭବିଷ୍ୟତରେ ବାଘ ବା ସିଂହ ହୋଇଯିବାର ସମ୍ଭାବନା ବି ରହିଛି।

ସାନଭାଇ ଏକମତ ହେଲାନାହିଁ। କହିଲା-'ହେଃ! ଏ ସବୁ କ'ଣ ଗୋଟେ ଗୋଟେ ନାଁ। ତା'ର ନାମଟା ବରଂ ଗୋଟେ ଗୁଣ୍ଡା ବା ଖେଳୁଓ୍ୱାଡ଼ର ନାମ ହେବା ଦରକାର। ଏଇ ଯେମିତି 'ଶୋଭନ ସିଂ' କିମ୍ବା 'ଶାନ୍ତିଦତ୍ତ'। ଏମାନେ ସେତେବେଳେ ଡିଟେକ୍‌ଟିଭର ଲୋକପ୍ରିୟ ଚରିତ୍ର ।

ସାନଭଉଣୀର ମତାମତ ଥିଲା ଅଲଗା। ତା' ମତରେ ବିଲେଇର ନାମ 'କୁନ୍‌ମୁନ୍' କିମ୍ବା 'ବୁଲ୍‌ବୁଲ୍' ହେଲେ ବଢ଼ିଆ ହୁଅନ୍ତା। ଅଥଚ ବୋଉ ବିଲେଇକୁ ଗୋଟେ ପରମ୍ପରାଗତ ନାମ ଯଥା 'ଶୁକେଇ' କିମ୍ବା 'ପିତେଇ' ଦେବାର ସପକ୍ଷରେ ଥିଲେ। ଏଥିପାଇଁ ଆମ ଭିତରେ ଢେର୍ ବେଳଯାଏଁ ଯୁକ୍ତିତର୍କ ହେଲା। ଆଲୋଚନା ଅବଶେଷରେ ଅମୀମାଂସିତ ଭାବରେ ଶେଷ ହୋଇଥିଲା। ପ୍ରତ୍ୟେକ ନିଜ ନିଜ ଯୁକ୍ତିରେ ଓ ନାମକରଣରେ ଯଥାର୍ଥ୍ୟ ଉପରେ ଗୁରୁତ୍ୱ ଦେଇ ଅଟଳ ରହିଥିଲେ।

ବାବା ଆମର ସେଇ ନାମକରଣ ଆଲୋଚନାଚକ୍ରରେ ଅଂଶଗ୍ରହଣ କରି ନ ଥିଲେ। କିନ୍ତୁ ସେ ବିଲେଇର ନାମ ରଖିଥିଲେ ଅଦ୍ଭୁତ। ତାଙ୍କ ପାଟିକୁ ଯେଉଁ ଶବ୍ଦ ଆସିଯାଉଥିଲା ସେ ସେଇ ଶବ୍ଦକୁ ବିଲେଇର ନାମ ଭାବରେ ବ୍ୟବହାର କରୁଥିଲେ। ଏଇ ଯେମିତି 'ସେ ଜାମ୍ବବାନ କୁଆଡ଼େ ଗଲା' କିମ୍ବା 'ସେ ପାମରକୁ ଖାଇବାକୁ ଦିଆଯାଇଛି ତ?' ବୋଲି ମଧ୍ୟେ ମଧ୍ୟେ ସେ କହୁଥିଲେ।

ବାବା ବିଲେଇର ଜୀବନଯାପନ ଉପରେ ଏକ ଚିଠା ପ୍ରସ୍ତୁତ କରିଥିଲେ। ତାହା ଏହିପରି-ବିଲେଇଟି ସକାଳୁ ବନ୍ଧା ହୋଇ ରହିବ ଘରର ଗୋଟେ ପଥର ଖୁଣ୍ଟିରେ। ସକାଳବେଳା ତାକୁ ପେଟପୂରା ଖାଦ୍ୟ ଦିଆଯିବ ଓ ରାତିବେଳେ ଜମା ଖାଇବାକୁ ଦିଆଯିବ ନାହିଁ। ସନ୍ଧ୍ୟାବେଳେ ତା' ବେକରୁ ଦଉଡ଼ି ଖୋଲି ଦିଆଯିବ। ମାତ୍ର ଆମେ ସବୁ ରାତ୍ରଭୋଜନ କଲାବେଳେ ସେ ସେଠାରେ ଦୌରାତ୍ମ କରିବାର ସମ୍ଭାବନା ଥିବାରୁ

କେବଳ ସେଇ ସୀମିତ ସମୟ ପାଇଁ ସେ ବନ୍ଧା ହୋଇରହିବ। ରାତିସାରା ସେ ମୁକ୍ତ ହୋଇ ବୁଲିବ। ଭୋକିଲା ଥିବାରୁ ସେ ମୂଷା ଅବଶ୍ୟ ମାରିବ। ତା'ର ଅନ୍ୟ କାହାରି ଘରକୁ ଯିବା ଉପରେ କଟକଣା ଜାରି ରହିଲା। ସେ ଅନ୍ୟ କାହାରି ଘରକୁ ଯାଉଥିବାର ଦେଖାଗଲେ ଉଚିତ୍ ଶାରୀରିକ ଶାସ୍ତି ଦେବାର ନିୟମ ମଧ୍ୟ ରହିଲା।

ପ୍ରତିବାଦ କରିଥିଲି ମୁଁ। ଅବଶ୍ୟ ନିରବରେ। କେତେ ବଡ଼ ଆଶା, କେତେ ମହାନ୍ ସମ୍ଭାବନାକୁ ଛାତିରେ ବୋହି ଜୀବଟି ଜନ୍ମ ନେଇଛି ପୃଥିବୀରେ। ଅଥଚ ପରିବେଶ କି ନିଷ୍ଠୁର। କି ଭୟଙ୍କର। ହୁଏତ ଏସବୁ ତା'ର ଦୁର୍ଭାଗ୍ୟ ! ପଶୁଟିଏ ହେଲେ ବି ସେ କ'ଣ ସ୍ୱପ୍ନ ଦେଖିନାଇଁ ସୁସ୍ଥ ସୁନ୍ଦର ମୁକ୍ତ ଜୀବନଯାପନ କରିବାକୁ। ଅଥଚ ବାବା ଭୀଷଣ ଭାବରେ ନିର୍ଦ୍ଦୟ। ତାକୁ ବନ୍ଧାହୋଇ ରହିବାର ଆଦେଶ ଦେଇଥିଲେ। ତାକୁ ରାତିରେ ଭୋକିଲା ରହି ଚାଳସନ୍ଧିରୁ, ଗାତ ଭିତରୁ ମୁହଁ କାଢୁଥିବା ମୂଷାମାନଙ୍କୁ ଧରିବାର କଷ୍ଟପ୍ରଦ କାର୍ଯ୍ୟ କରିବାକୁ ବାଧ୍ୟ କରିଥିଲେ।

ହାୟ ! ମଣିଷ କି ବିଚିତ୍ର। ଜଣକୁ ବନ୍ଦୀ କରିବ। ତା'ର ସ୍ୱାଧୀନତା ଅପହରଣ କରିବ। ପୁଣି ଖଟେଇବ ଅନିଚ୍ଛାକୃତ କାର୍ଯ୍ୟରେ। ମୁଁ ଅନୁଭବ କରିଥିଲି ବିଲେଇଟିର ଦୁଃଖ। ମୁଁ ଜାଣିଥିଲି ମୂଷାଧରିବା କି କଷ୍ଟକର। ମୂଷାମାନେ ଭୀଷଣ ଚାଲାକ। ନିଜେ ମୁଁ ଅନେକ ଥର ମୂଷାବଧ କରିବାର ପ୍ରଚେଷ୍ଟାରେ ଅସଫଳ ହୋଇଚି। ଅଥଚ ସେ ଦୁଃଖଦାୟକ ଦୁଃସାଧ୍ୟ କାର୍ଯ୍ୟ ଲେଖି ହୋଇଗଲା ବିଚରା ବିଲେଇଟିର ଭାଗ୍ୟରେ। ଛୋଟିଆ ପୁଷିଟିର ଲଲାଟରେ। ତା'ର ଆଗମନର ପ୍ରଥମ ଦିନରୁ ହିଁ।

ମୁଁ ଚାହୁଁଥିଲି ଭିନ୍ନ କଥାଟିଏ। ଚାହୁଁଥିଲି ବିଲେଇଟା ହୋଇ ଯାଆନ୍ତା ଭଲ ଶିକାର ସାଥୀଟିଏ। ଯଦିଓ ଆମ ଅଞ୍ଚଳରେ ଅରଣ୍ୟ ନ ଥିଲା ତଥାପି ମଧ୍ୟ ମୁଁ ଯଥେଷ୍ଟ ଶିକାର କାହାଣୀ ପଢ଼ିଥିଲି ଓ ଆଫ୍ରିକାର ଘନ ଅରଣ୍ୟରେ ସିଂହ ଶିକାରର ସ୍ୱପ୍ନ ଦେଖିଥିଲି କିଛିବାର। ଆମେ କେବଳ କିଆବୁଦା, ନଡ଼ିଆ ଗୋରଡ଼ା ଓ ଘରପୋଡ଼ି ଗଛର ମେଳନକୁ ବଣବୋଲି ମନେକରୁଥିଲୁ ଏବଂ ଏଣ୍ଡୁଅ, ଗୁଣ୍ଡୁଚି ମୂଷା, ବଣି ପ୍ରଭୃତିଙ୍କୁ ଅତିକାୟ ଆରଣ୍ୟକ ଜୀବ ବୋଲି ମନେକରୁଥିଲୁ।

ଶିକାର କରିବା ପାଇଁ ମୁଁ ବାଉଁଶର ଗୋଟେ ଧନୁ ଓ କିଛି ଶର ତିଆରି କରିଥିଲି। ସ୍କୁଲରୁ ଫେରି ଶିକାର କରିବା କଥା ଚିନ୍ତା କରିଥିଲି। ସେତିକିବେଳେ ଭାବିଥିଲି ବିଲେଇଟି ମୋର ଶିକାରସାଥୀ ହୁଅନ୍ତା କି ? ତେବେ ହୁଏତ ମୁଁ ବଡ଼ ହେଲେ ଜିମ୍‌କର୍ବେଟ୍ ବା ଗଦାଧର ରାୟ ହୋଇଯାଆନ୍ତି।

ଏଇଠି ଅବଶ୍ୟ ଆଉ ଗୋଟେ କଥା ସ୍ପଷ୍ଟ କରିଦେବା ଉଚିତ। ତା' ହେଲା କୁକୁର ଯଦିଓ ଏକ ଚମତ୍କାର ଶିକାର ସାଥୀ ବୋଲି ମୁଁ ଜାଣିଥିଲି, ମାତ୍ର ବୋଉ କୁକୁରକୁ ଭୀଷଣ ଘୃଣା କରୁଥିବାରୁ ଦୁଇ ଥର କୁକୁର ପାଳନ ପାଇଁ ମସୁଧା କରି ବିଫଳ ହୋଇଥିଲି ଓ ଯଥେଷ୍ଟ ମାଡ଼ଗାଳି ହାସଲ କରିଥିଲି। ତେଣୁ କୁକୁରଟିଏ ପାଳି ତାକୁ ଶିକାର ସାଥୀ ବନେଇବାର ସ୍ୱପ୍ନ ମୋର ହୋଇ ସାରିଥିଲା ସୁଦୂର ପରାହତ। ଏଣୁ ସମସ୍ତଙ୍କ ସମ୍ମତିରେ ଆମଘରେ ପ୍ରତିପାଳିତ ବିଚରା ବିଲେଇଟିକୁ ଏକ ଶିକାର ସାଥୀ କରି ମୁଁ ବିଶ୍ୱଶିକାର ରାଜ୍ୟରେ ଚମକ ଆଣିବା କଥା ଭାବୁଥିଲି।

ଅଥଚ ମୋ ସାନଭାଇ ଭାବୁଥିଲା ଅନ୍ୟକଥା। ତା' ମତରେ ବିଲେଇଟିକୁ ଗୋଟେ ଖେଳୁଆଡ଼୍ ଭାବରେ ଗଢ଼ି ତୋଳିବା ଉଚିତ। ସେ ଚାହୁଁଥିଲା ବିଲେଇଟିକୁ ଖେଳ ଶିଖେଇବ। ସର୍କସର ଖେଳ। ଏଇ ଯେମିତି ଚାରିଫୁଟ୍ ଉଚ୍ଚର ଗୋଟେ ପାଚେରୀକୁ ଏକା କ୍ଷେପାକେ ଡେଇଁଯିବା, ଅଗ୍ନିବଳୟ ମଧ୍ୟଦେଇ କୁଦା ମାରିବା। ଦୁଇ ଗୋଡ଼ରେ ଚାଲିବା, ଦାନ୍ତରେ ବନ୍ଧୁକ ଫୁଟାଇବା କିମ୍ବା ଦଉଡ଼ି ଉପରେ ଚାଲିବା ଇତ୍ୟାଦି। ସାନ ଭାଇ ଥିଲା ଜିଦ୍‌ଖୋର୍ ଓ ଆବଶ୍ୟକତାଠାରୁ ଅଧିକ ପରିମାଣରେ ବଦରାଗି। ତେଣୁ ତା'ର କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉ ବୋଲି ସେ ଦାବି କରିଥିଲା।

ବିଲେଇକୁ ନେଇ ସ୍ୱପ୍ନ ଦେଖିବାରେ ସାନ ଭଉଣୀ ମଧ୍ୟ ବିଳମ୍ବ କରି ନ ଥିଲା। ସେ ତା'ର କନାର କୁନି କୁନି କଣ୍ଢେଇ ଆଉ ରବରର ଦାସୀ ପରିବାରୀଙ୍କ ମେଳରେ ବସି ଭାବିଥିଲା ବିଲେଇଟି ହେବ ତା' କଣ୍ଢେଇ ଖେଳର ଗୋଟେ ଚରିତ୍ର। ସେ ତା' ପାଖରେ ଶୋଇବ। କୋଳରେ ବସି ଗେହ୍ଲା ହେବ। ଅଲଗା ସମୟରେ ମୁହଁକୁ ମୁହଁ ଯୋଡ଼ି ଗପ ଶୁଣିବ ଏବଂ 'ହୁଁ' ମାରିବ। ବିଲେଇଟି ମଣିଷର ଭାଷା ବ୍ୟକ୍ତ କରିପାରୁ ଥାଆନ୍ତି କି ଶବ୍ଦରେ ?

ବଡ଼ଭାଇ ବିଲେଇକୁ ଆଦୌ ସହିପାରୁ ନ ଥିଲେ। ତା' ମତରେ ବିଲେଇ ଗୋଟେ ଅସନା ଜୀବ। ତା' ରୁମରେ ଏକ ପ୍ରକାର ଜୀବାଣୁ ଅଛନ୍ତି। ସେ ଘରଦ୍ୱାର ଅପରିଷ୍କାର କରେ। ତେଣୁ ତାକୁ ବାହାର କରିଦିଆଯାଉ। ବଡ଼ ଭାଇ ଏତେ ସଉଖିନିଆ ଥିଲା ଯେ ଖାଇଲା ବେଳେ ସେ ବିଲେଇର କାନ ଦେଖି ଦେଉଥିଲେ ବାନ୍ତି କରିପକାଉଥିଲେ।

ଆମେ ଭାଇଭଉଣୀମାନେ ନିଜ ନିଜ ସ୍ୱପ୍ନନେଇ ବିଲେଇଟିକୁ ନିଜ ଚିନ୍ତାର ନିଜ ରୁଚିର ଜୀବଟିଏ କରି ଗଢ଼ି ତୋଳିବାର ଆଗ୍ରହ ଭିତରେ ବଞ୍ଚି ରହିଲୁ। ବିଲେଇଟି

ତା' ଜୀବନଯାପନ ଆରମ୍ଭ କଲା ବାବାଙ୍କ ନିର୍ଦ୍ଧାରିତ କାର୍ଯ୍ୟ ନିର୍ଘଣ୍ଟ ଅନୁସାରେ। ଆମେ ପ୍ରତ୍ୟେକ ସୁବିଧା ଦେଖି ନିଜ ନିଜ ଇଚ୍ଛାନୁସାର ଶିକ୍ଷା ଦେବାକୁ ଲାଗିଲୁ ବିଲେଇଟିକୁ। ବଡ଼ଭାଇ ସୁବିଧା ଦେଖି ତାକୁ ଭୀଷଣ ମାଡ଼ ଦେବାପାଇଁ ମଧ୍ୟ ଭୁଲିଲା ନାହିଁ।

ମୁଁ ଧନୁଶର ଧରି ଏଣ୍ଡୁଅ ବା ଝିଟିପିଟି ଶିକାର କରିବାକୁ ଗଲାବେଳେ ତାକୁ ସାଙ୍ଗରେ ନେଉଥିଲି। ସାନଭାଇ ତାକୁ ଜବରଦସ୍ତି ଖେଳ ଶିଖାଉଥିଲା। ଦଉଡ଼ିରେ ଚାଲିବା ଶିକ୍ଷା ଦେଲା ବେଳେ ବିଲେଇଟି ବାରମ୍ବାର ଖସି ପଳାଉଥିଲା। ସାନଭାଇ ତାକୁ ପୁନର୍ବାର ଧରିଆଣି ରିଂ ମାଷ୍ଟର ଭଳି ମାଡ଼ ଦଉଥିଲା। ସାନ ଭଉଣୀ ତା' ସୁବିଧାନୁସାରେ ବିଲେଇକୁ ଦଖଲ କରୁଥିଲା ଓ ତାକୁ ଗେଲ କରୁଥିଲା। ତା' ସହ ଗପସପ ହେଉଥିଲା। ଛାତି ଉପରେ ଶୁଆଇ ଧୋ'ରେ ବାଇଆ ଧୋ ଗୀତ ଗାଉଥିଲା। ତା'ଠୁ ଆମ୍ବୁଡ଼ା ଖାଇବା ପର୍ଯ୍ୟନ୍ତ ଆଦର ସୋହାଗ ଚାଲୁଥିଲା।

କିନ୍ତୁ ବୋଉ ଥିଲେ ଦୟାମୟୀ। ସେ ବିଲେଇର ଭୋକିଲା ପେଟକୁ ଦେଖି ଦୁଃଖାର୍ଦ୍ର ଅନୁଭବ ଆଣୁଥିଲେ ନିଜ ଭିତରେ। ଯଦିଓ ବାବାଙ୍କର ନିର୍ଦ୍ଦେଶ ଥିଲା ରାତି ଓଳି ତାକୁ କ୍ଷୁଧାର୍ତ୍ତ ରଖିବାକୁ ଓ ବାଧ୍ୟ କରିବାକୁ ମୂଷାମାରି ପେଟ ଭର୍ତ୍ତି କରିବା ପାଇଁ ତଥାପି ମଧ୍ୟ ଆମେ ସବୁ ଖାଇଲାବେଳେ ବନ୍ଧା ହୋଇ ପଡ଼ିଥିବା ବିଲେଇଟିର ଆର୍ତ୍ତଚିତ୍କାର ବୋଉଙ୍କ ଛାତିକୁ ତରଳେଇ ଦେଉଥିଲା ଦୟାରେ। ତେଣୁ ସେ ବାବାଙ୍କ ଅଲକ୍ଷ୍ୟରେ ପେଟପୂରା ଭୋଜନ ଦେଇ ପକଉଥିଲେ ବିଲେଇଟିକୁ।

ଯା' ଭିତରେ କେଇଟି ଦିନ ବିତିଗଲା ଆପଣା ରାସ୍ତାରେ । ଆମେ ପ୍ରତ୍ୟେକ ନିଜ ନିଜ କାମରେ ମାତିଥାଉ। ହଠାତ୍ ଦିନେ ଦେଖାଗଲା ବିଲେଇଟା ଆମ ପ୍ରତ୍ୟେକଙ୍କ ସ୍ୱପ୍ନକୁ କେତେକାଂଶରେ ସଫଳ କରିପକାଇଛି। ଦାରୁଣ ଭାବେ ଲଙ୍ଘନ କରି ବାବାଙ୍କର କାର୍ଯ୍ୟନିର୍ଘଣ୍ଟକୁ/ସ୍ୱପ୍ନକୁ /ଉଦ୍ଦେଶ୍ୟକୁ। ସେ ବନିଯାଇଥିଲା ଶିକାରୀ। ଝିଟିପିଟି ଶିକାର କରିବାରେ ତା'ଠୁ ପାରଦର୍ଶୀ କେହି ନ ଥିଲେ। ମୁଁ କାନ୍ଥର ଝିଟିପିଟିକୁ ଶରସନ୍ଧାନ କରି ଭୂପତିତ କରିବା ମାତ୍ରେ ହିଁ ସେ ଆହତ ଜୀବଟିକୁ ହତ୍ୟା କରିପାରୁଥିଲା ଓ ଉଦରସ୍ଥ କରି ଦେଉଥିଲା।

ସାନଭାଇର ସର୍କସମାର୍କା ଖେଳରେ ମଧ୍ୟ ସେ କ୍ରମଶଃ ହୋଇଆସୁଥିଲା ପ୍ରବୀଣ। ଚାରିଫୁଟ୍ ଉଚ୍ଚର ପାଚେରୀକୁ ଡେଇଁପାରୁଥିଲା କୁଦାକେ। ଅଗ୍ନିହୀନ ବଳୟ ମଧ୍ୟ ଦେଇ ଡେଇଁ ପଡୁଥିଲା। ଦୁଇ ଗୋଡ଼ରେ ଚାଲିବାକୁ ଆରମ୍ଭ କରୁଥିଲା। ସାନ ଭାଇ ସେହି ସମୟରେ ତା' ବିଲେଇର ଖେଳକୁ ନେଇ ଗୋଟେ ଟିକେଟ୍ ସେଲ୍ ପବ୍ଲିକ୍ ସୋ

କରିବା କଥା ଭାବୁଥିଲା ଓ ଉପଲବ୍ଧ ଅର୍ଥକୁ ନେଇ କ'ଣ କରିବ ତାହାର ଏକ ଚିଠା ପ୍ରସ୍ତୁତ କରୁଥିଲା।

ସାନ ଭଉଣୀ ମଧ୍ୟ ହାରିଯାଇ ନ ଥିଲା। ସେ ବିଲେଇକୁ ଆପଣା କୋଳରେ ଶୁଆଇ ପାରୁଥିଲା। ମଣିଷର କଥା ବୁଝିପାରିଲା ଭଳି ମୁଣ୍ଡ ହଲେଇ ପାରୁଥିଲା ବିଲେଇଟି।

କେବଳ ଭାଙ୍ଗିଯାଇଥିଲା ବାବାଙ୍କର ସ୍ୱପ୍ନ। ହତ ହୋଇଯାଇଥିଲା ମୂଷିକ ବଂଶ ନିବଂଶ ହେବାର ସମ୍ଭାବନା। ରାତିରେ ପେଟଭର୍ତ୍ତି ଆହାର ପାଇ ବିଲେଇଟି ଆନନ୍ଦରେ ଶୋଇ ଯାଉଥିଲା। ମୂଷାମାନେ ନିର୍ଭୟରେ ଚୌର୍ଯ୍ୟ ବୃତ୍ତିରେ ବ୍ୟାପୃତ ରହୁଥିଲେ। ଏପରିକି ଦିନେ ବାବା ଆବିଷ୍କାର କଲେ ବିଲେଇଟି ଶୋଇରହିଛି ଗାଢ଼ ନିଦ୍ରାରେ ଓ ମୂଷିକମାନେ ତା' ଚାରିପଟେ ଅପୂର୍ବ ନୃତ୍ୟ ଶୈଳୀରେ ଡେଇଁ ବୁଲୁଛନ୍ତି।

ବାବା ରାଗି ଉଠିଥିଲେ। ଏବଂ ଏହି ସନ୍ଧିକ୍ଷଣରେ ବଡ଼ଭାଇ ହଠାତ୍ ବିଲେଇଟିକୁ ବହିଷ୍କାର କରିବା ପ୍ରସ୍ତାବ ଆଗତ କଲା। ଏହି ପ୍ରସ୍ତାବକୁ ସମର୍ଥନ କଲେ ବାବା ଦୃଢ଼ ଭାବରେ। ବୋଉ ଯଦିଓ ସପକ୍ଷ ବା ବିପକ୍ଷରେ ନ ଥିଲେ ତଥାପି ସେ ବାବା ଓ ବଡ଼ଭାଇଙ୍କୁ ସମର୍ଥନ କଲେ ଅଜ୍ଞାତ କାରଣରୁ। ଆମେ ତିନି ଜଣ ଯଥାକ୍ରମେ ମୁଁ, ସାନଭାଇ ଓ ସାନ ଭଉଣୀ ଏହି ନିଷ୍ଠୁର ପ୍ରସ୍ତାବ ବିରୋଧରେ ଭୋଟ ଦେଇଥିଲୁ। ମାତ୍ର ଆମ କଥାକୁ ଗୁରୁତ୍ୱ ଦେଇ ବିଚାର କରାଯାଇ ନ ଥିଲା।

ଝିଟିପିଟି ଶିକାରରେ ଅପୂର୍ବ ସଫଳତା ହାସଲ କରି ସାରିବା ପରେ ମୁଁ ସେତେବେଳେ ଆଫ୍ରିକାର ଘନ ଅରଣ୍ୟରେ ସିଂହ ଶିକାର କରିବା କଥା ଭାବୁଥିଲି। କିପରି କେଉଁ ଉପାୟରେ ମୁଁ ଓ ଆମ ବିଲେଇ ବନ୍ଧୁକଟିଏ ପ୍ରାପ୍ତ ହୋଇ ଆଫ୍ରିକାରେ ପହଞ୍ଚିପାରିବୁ ତା'ର ରାସ୍ତା ଖୋଜୁଥିଲି। ସାନଭାଇ ବିଲେଇ ଖେଳ ଦେଖାଇ ଯେଉଁ ଅର୍ଥ ପାଇବା କଥା ନିଶ୍ଚିତ ହୋଇପଡ଼ିଥିଲା ମନେମନେ ସେଇ ଅର୍ଥରେ ଗୋଟେ ତିନିଚକିଆ ସାଇକେଲ୍ ଓ ସିନେମା ହଲ୍‌ଟିଏ କିଣିସାରିବା ପରେ ଆଉ କେତେ ପଇସା ବଳିବ ତା'ର ହିସାବ କରୁଥିଲା। ସାନ ଭଉଣୀ ତା'ର ଆସନ୍ନ କଣ୍ଢେଇ ବାହଘରରେ ବିଲେଇକୁ ଘୋଡ଼ା ଭାବରେ ବ୍ୟବହାର କରି ତା' ଉପରେ ବରକୁ ବସାଇ କନ୍ୟାଘର ପର୍ଯ୍ୟନ୍ତ ନେବାକୁ ସ୍ଥିର କରିଥିଲା। ଠିକ୍ ଏଇଭଳି ଏକ ଘଡ଼ିସନ୍ଧି କାଳରେ ଦୁଃସମୟ ଛାଇଗଲା ଆକାଶକୁ ଓ ବିଲେଇଟିର ନିର୍ବାସନ ଆଦେଶ ଆସିଗଲା ବାବାଙ୍କ ଦପ୍ତରରୁ।

ଆଦେଶ ପାଳନ କରିଥିଲା ବଡ଼ଭାଇ। ଗୋଟେ ବଡ଼ ଅଖାରେ ବିଲେଇକୁ ରଖି, ମୁହଁ ବାନ୍ଧି ସାଇକେଲରେ ନେଇ ସେ ଆମ ଘରଠାରୁ ପାଞ୍ଚ କିଲୋମିଟର ଦୂର

ଗୋଟେ ମଶାଣୀରେ ଛାଡ଼ିଦେଇ ଆସିଲା। ମଶାଣୀର ଅବସ୍ଥିତି ଥିଲା ତିନି ମିଟର ଓସାର ଏକ ନାଳର ଅପର ପାର୍ଶ୍ୱରେ। ଅତଏବ ନାଳ ଡେଇଁ ବିଲେଇଟି ଫେରିବାର ସମ୍ଭାବନା ନ ଥିଲା। ବଡ଼ଭାଇ ଫେରିଆସିଲା। ଆମେ ସାନ ଭାଇ ଭଉଣୀ ତିନି ଜଣ ଗୋଟେ ଶୋକସଭା ପାଳନ କରିଥିଲୁ। ଆମ ଶୋକସଭାରେ କାହାରି ଆଖିରୁ ଲୁହ ଗଡ଼ିବା ପୂର୍ବରୁ ଆକାଶରୁ ଝରିଥିଲା ବର୍ଷା ଓ ଆମ ବର୍ଷାରେ ଭିଜୁଥିବା ମଶାଣୀରେ ଏକାକିନୀ ବିଲେଇଟି କଥା ଭାବି ଭାବି ଆହୁରି ଅଧିକ ଦୁଃଖିତ ହୋଇପଡ଼ିଥିଲୁ।

ତା'ପରଦିନ ସକାଳେ ବିଲେଇଟି ଦାଣ୍ଡ ଦୁଆରେ ଚୁପ୍‌ଚାପ୍ ନିରୀହ ଦୃଷ୍ଟି ବିଞ୍ଚିବିଞ୍ଚି ବସିଥିବାର ଆବିଷ୍କାର କରାଯାଇଥିଲା। ଆମେ ପୁଣିଥରେ ତାକୁ କ୍ଷମା ଦେବା ପାଇଁ ବାବାଙ୍କୁ  ଅନୁରୋଧ କରିଥିଲୁ। ମାତ୍ର ଆମର ଆବେଦନ ଖାରଜ ହୋଇଯାଇଥିଲା। ପୁନଶ୍ଚ ଦଶ କିଲୋମିଟର ଦୂରକୁ ଠେଲି ହୋଇପଡ଼ିଥିଲା ଆମର ସ୍ନେହ। ତଥାପି ବିଲେଇଟି ଫେରିଆସିଥିଲା ମମତାବୋଧର ଡୋରିରେ ବନ୍ଧାହୋଇ। ଅଥଚ ତାକୁ କ୍ଷମା ମିଳିଲାନି। ଅବଶେଷରେ ବାବା ତାକୁ ଦୂର ଗାଁର ଜଣେ ଭଦ୍ରଲୋକଙ୍କୁ ଦାନ କରିଦେଲେ।

କିଛିଦିନ ପରେ ଶୁଣିଲୁ ସେଠାରେ ବିଲେଇଟି ଚମତ୍କାର ଭାବେ ମୂଷା ମାରୁଛି ଓ ତା' ଦାଉରେ ଗ୍ରାମଛାଡ଼ି ପଳାଇଗଲେଣି ଖଳବୁଦ୍ଧି ମୂଷିକମାନେ। ଅଥଚ ତା' ସହ ଆମର ଆଉ ଦେଖାହୋଇ ନାହିଁ। ଦେଖାହେଲେ ସେ କ'ଣ ଆମକୁ ଚିହ୍ନିପାରିବ? ମନେପକେଇ ପାରିବ ଆମ ଭାଇ ଭଉଣୀମାନଙ୍କ ଛାତି ତଳର ସ୍ୱପ୍ନ କଥା। ଗୋଟେ ଜୀବର ଜୀବନ ରାସ୍ତାକୁ ବଦଳେଇ ଗୋଟେ ନୂଆ ପରମ୍ପରା, ଏକ ବୃହତ୍ତର ଅଲୌକିକ କାର୍ଯ୍ୟର ମୀନାର ଗଢ଼ିବାର ହାସ୍ୟାସ୍ପଦ ଅସଫଳ ପ୍ରଚେଷ୍ଟାର କଥା। ସମ୍ଭବତଃ ନୁହେଁ।

ଏବେ ମୁଁ ଆଉ ଝିଟିପିଟି ଶିକାର କରୁନି। ଶିକାରୀ ହେବା କଥା ଭାବୁନି। ସାନଭାଇ ଭାବୁନି ସର୍କସ କରିବା କଥା। ସାନ ଭଉଣୀ କଣ୍ଢେଇ ଖେଳ ଛାଡ଼ି ପଢ଼ାପଢ଼ିରେ ମନଦେଇଛି। ସବୁଠୁ ଆଶ୍ଚର୍ଯ୍ୟର କଥା ଏହି ଯେ ବଡ଼ଭାଇ ଏବେ କାହାରିକୁ ହେଲେ ଘୃଣା କରୁନି। ଏପରିକି ଗୋଟେ ପିମ୍ପୁଡ଼ିକୁ ବି ନୁହେଁ।

# ଏକ ହତ୍ୟାକାଣ୍ଡର ଯୋଜନା

ଆମେ ସବୁ ସ୍କୁଲରେ ପଢୁଥିବା ବେଳେ ହିଁ ଏହି ଚାଞ୍ଚଲ୍ୟକର ସମ୍ବାଦ ଆସି ପହଞ୍ଚିଥିଲା। ସମ୍ବାଦଟି ହେଲା– ପୃଥିବୀ ଅଳ୍ପଦିନ ଭିତରେ ଧ୍ୱଂସ ହେବାକୁ ଯାଉଛି। କେଉଁ ଦୂର ଆକାଶରୁ ଖସି ଆସିବ ଧୂମକେତୁଟିଏ। ପ୍ରବେଶ କରିଯିବ ପୃଥିବୀର କକ୍ଷପଥରେ। ଅକାରଣରେ ଧକ୍‌କା ଖାଇବ ପୃଥିବୀ ଦେହରେ। ସେଇ ଧକ୍‌କାକୁ ସହ୍ୟ କରିପାରିବ ନାହିଁ ପୃଥିବୀ। ଚୂନାଚୂନା ହୋଇଯିବ ଅବଲୀଳାକ୍ରମେ।

ଯୋଗିଆର ଦାଦା ଗୋଟେ ଚଟି ଗୀତ ବହିରୁ ଉଦ୍ଧାର କରି ଏ ସମ୍ବାଦ ଶୁଣାଇଥିଲା ଯୋଗିଆକୁ। ଯୋଗିଆ ଆମମାନଙ୍କ ସାମ୍ନାରେ ପରିବେଷଣ କରିଥିଲା ସମ୍ବାଦଟିକୁ, ଅବିକଳ । ଆମେ ସମସ୍ତେ ତ୍ରସ୍ତ ଦିଶିଥିଲୁ। ରିସେସ୍‌ରେ ସ୍କୁଲରୁ ଖସିଆସି ଆମେ ସ୍କୁଲ ପାଖରେ ଥିବା ବିଲର ହିଡ଼ରେ ବସୁଥିଲୁ। ବିଲରେ ସେତେବେଳେ ମୁଗର ଫସଲ। ବିଲବାଲା ହିଡ଼ ମୂଳରେ ପକେଇ ଦେଇଯାଇଥାଏ ଖଜୁରୀ କଣ୍ଟା। ଫସଲ ରକ୍ଷା କରିବା ପାଇଁ। ଆମେ ହିଡ଼ ଉପରେ ବସି ସତର୍କତାର ସହ ହାତ ବଢ଼ାଉ। ମୁଗଛୁଇଁ ତୋଳୁ। ଖାଉ।

ସେଦିନ ଆମେ ମୁଗଛୁଇଁ ତୋଳିପାରି ନ ଥିଲୁ। ଦୁଃଖରେ।

ସମସ୍ତେ ପ୍ରାୟ କାନ୍ଦକାନ୍ଦ ଦିଶୁଥିଲୁ।

ସମସ୍ତଙ୍କ ମନ ଭିତରେ ଥିଲା କିଛି କିଛି ସୁକୁମାର ସ୍ୱପ୍ନ। ଯାହା ଫଳବତୀ ହେବାର ସମ୍ଭାବନା ଆସ୍ତେ ଆସ୍ତେ କ୍ଷୀଣ ହୋଇଆସୁଥିଲା। ମୋ ଭିତରେ ଥିଲା ଡଜନାଧିକ ମଧୁର ସ୍ୱପ୍ନର ଚାରାଗଛ। ତନ୍ମଧ୍ୟରୁ ଗୋଟିଏ ଥିଲା ବଡ଼ ହୋଇ ଫୁଲ୍ ପ୍ୟାଣ୍ଟ୍ ଓ ଜୋତା ପିନ୍ଧିବା, ଅନ୍ୟଟି ଥିଲା ଯାତ୍ରା ପାର୍ଟିରେ ବ୍ୟବହୃତ ହେଉଥିବା ଗୋଟିଏ ରାଜମୁକୁଟ ନାଇବା। ଦୁଇଚକିଆ ସାଇକେଲ୍ ଚଳାଇବାକୁ ମୁଁ ଉଦ୍ୟମ କରି ବିଫଳ ହୋଇସାରିଥିଲି। ତେଣୁ ବଡ଼ ହେଲେ ଚାକିରି କରି ମୁଁ ଗୋଟିଏ ତିନିଚକିଆ ସାଇକେଲ୍ କିଣିବା କଥା ଚିନ୍ତା କରୁଥିଲି।

ମାତ୍ର ବଡ଼ ହେବାର ସମସ୍ତ ସମ୍ଭାବନା ଏବେ ରୁଦ୍ଧ ହେବାକୁ ଯାଉଥିଲା। କାରଣ ଆଉ ଅଳ୍ପ କେଇଟି ଦିନ ପରେ ପୃଥିବୀଟି ଅକାରଣେ ଧ୍ୱଂସ ହୋଇଯିବ । ଆମେମାନେ ବଡ଼ ହେବା ପୂର୍ବରୁ, ନିଜର ସ୍ୱପ୍ନ ସବୁ ସାକାର କରିବା ପୂର୍ବରୁ। ଆମେ ଏମିତି ଅଟକି

ରହିଯିବୁ ହାଫ୍‌ପ୍ୟାଣ୍ଟ୍ ପିନ୍ଧା ବୟସରେ। ଏମିତି ସ୍କୁଲର ଜୀବନରେ। ପୃଥିବୀଟି ଧ୍ୱଂସ ହୋଇଯିବ।

ଅନ୍ୟ ସମସ୍ତେ ତ ବଡ଼ ହେଲେ। ଆମରି ବେଳକୁ ପୃଥିବୀଟା ଧ୍ୱଂସ ହେବାକୁ ବସିଲା କାହିଁକି ? ସ୍ୱଗତୋକ୍ତି କଲା ନବ।

ପାଣୁଆ ରାଗିଯାଇ ଭୂଇଁକୁ ଗୋଟାଏ ଗୋଇଠା ମାରିଲା। ଯେମିତିକି ସେ ଏବେ ଆଖି ଆଗରେ ପାଇଲେ ଈଶ୍ୱରଙ୍କୁ ହତ୍ୟା କରିପକାଇବ। କହିଲା: ଠାକୁର ଏ ପୃଥିବୀକୁ ରକ୍ଷା କରନ୍ତେ ନାଇଁ ?

ଯୋଗିଆର ସ୍ୱର ଥିଲା ଦାର୍ଶନିକ ସୁଲଭ। କହିଥିଲା: ଆଉ ପାଠ ପଢ଼ି ଲାଭ କ'ଣ ଯେ ?

ସେ ଏତିକି କହି ନିରବ ହୋଇଗଲା ଓ ଚିନ୍ତିତ ଦିଶିଲା।

ସେତେବେଳେ ଗୋଟେ ସର୍ବସମ୍ମତ ପ୍ରସ୍ତାବ ଗୃହୀତ କରେଇବାକୁ ଚେଷ୍ଟା କରୁଥିଲା ବିଶ୍ୱନାଥ। ଚାଲ ସମସ୍ତେ ମିଶିକି ଠାକୁରଙ୍କୁ ଡାକିବା।

ମାତ୍ର ଭାସ୍କର ଯୋଗିଆର ବକ୍ତବ୍ୟକୁ ବୁଝିପାରିଥିଲା ଓ କ୍ରମଶଃ ଉତ୍ସାହିତ ଦେଖାଗଲା। ସେ ହାତରେ ଧରିଥିବା ତା' ଅଙ୍କ ଖାତାରୁ ପୃଷ୍ଠା ପରେ ପୃଷ୍ଠା ଚିରି ଉଡ଼େଇବାକୁ ଲାଗିଲା। କହିଲା: ଏ ଖାତାର ଆଉ କ'ଣ ମୂଲ୍ୟ ଅଛି ଭାଇ !

ଯୋଗିଆ ଭାସ୍କରର ଆଦର୍ଶରେ ଅନୁପ୍ରାଣିତ ହୋଇ ନିଜର ଖାତା ଚିରି ଉଡ଼େଇ ଦେବାକୁ ଯାଉଥିଲା। ମାତ୍ର ହଠାତ୍ ଅଟକି ଗଲା। କହିଲା: ଚିରିକି ଭାଲ କ'ଣ ? ବରଂ ଛଇଳକା' ଦୋକାନରେ ଖାତାଟାକୁ ବିକିଦେଲେ ଅନ୍ତତଃ ଚେନାଚୁର୍ ପେକେଟ୍‌ଟେ ହେବ।

ଏତିକିବେଳେ ସ୍କୁଲ ଆଡୁ ଭାସି ଆସିଲା ଘଣ୍ଟା ଶବ୍ଦ। ରିସେସ୍ ଶେଷ। ଏଥର ପିରିୟଡ଼୍ ଆରମ୍ଭ। ପାଠପଢ଼ା ସୁରୁ। ପୁଣି ଫେରିଯିବାକୁ ହେବ ସ୍କୁଲ ଘର ଭିତରକୁ। ଆମେ ଅନିଚ୍ଛାର ପାଦ ବଢ଼େଇ ବଢ଼େଇ ଆଗେଇଲୁ।

ପୁରୁଣା କ୍ଲାସରେ ଆମର ଗୋଟେ କବିତା ଥିଲା । 'ଅଦ୍‌ଭୁତ କେଡ଼େ ସତେ ପୃଥିବୀଟି ଆମର'। ଆମେ ସେ ଗୀତଟିକୁ ମନେପକେଇଲୁ। ଯେତିକି ମନେପଡ଼ିଲା ସେତିକି କୋରସ୍ ଗାଇ ଗାଇ ଫେରିଲୁ କ୍ଲାସ୍‌ରୁମ୍‌କୁ।

ଆମେ କ୍ଲାସ୍‌ରୁମ୍‌ରେ ପହଞ୍ଚିବା ପୂର୍ବରୁ ଲକ୍ଷ୍ମୀଧର ଗୁରୁଜୀ କ୍ଲାସ୍‌ରୁମ୍ ଭିତରକୁ ଆସି ସାରିଥିଲେ। ଏ ପିରିୟଡ଼୍‌ଟା ତାଙ୍କର। ସେ ହାତରେ ଧରିଥିବା ଛାଟଟାକୁ ଟେବୁଲ୍ ଉପରେ

ପିଟି ଦେଲେ ଦୁଇଥର। ଆମ ଓଠରୁ ମିଳିତ ସ୍ୱର ସଂଗୀତର ଲହର ହଜି ନାଇଁ। ମନରୁ ପୃଥିବୀ ଧ୍ୱଂସ ହେବାର ଆସନ୍ନ ବିପଦ ଜନିତ ଆତଙ୍କ ଅପସରି ନାଇଁ। ସର୍ବୋପରି ରିସେସ୍‌ଜନିତ ଅଳସୁଆମୀ ଦୂର ହୋଇନାଇଁ।

ଲକ୍ଷ୍ମୀଧର ଗୁରୁଜୀ ଚିତ୍କାର କରି କହିଲେ: ଏତେବେଳ ଯାଏଁ ବାହାରେ କୁଆଡ଼େ ବୁଲୁଚ? ଆସ ସବୁ ଭିତରକୁ।

ନେତୃତ୍ୱ ନେବାର ସୁଯୋଗ ଖୋଜୁଥିଲା ଗିରିଧାରୀ।

କହିଲା: ଗୁରୁଜୀ! ଆଜି ଆଉ ପଢ଼ାପଢ଼ି ହେବନାଇଁ।

ଲକ୍ଷ୍ମୀଧର ଗୁରୁଜୀ ବିରକ୍ତ ଦିଶିଲେ।

କ୍ରୁଦ୍ଧ ସ୍ୱରରେ କହିଲେ: କାଇଁକି ହେବିନି ଶୁଣେ?

ଗିରିଧାରୀ ସେତେବେଳକୁ ମନେମନେ ଦଳପତି ହୋଇସାରିଥିଲା। ଆମେ ସମସ୍ତେ ନିରବ ଥିଲୁ। କହିଲା: ଆଉ ପାଠ ପଢ଼ିକି ଲାଭ କ'ଣ? ପୃଥିବୀ ତ ଏବେ ଧ୍ୱଂସ ହେବ।

ନା! ସେ ଚାଞ୍ଚଲ୍ୟକର ସମ୍ବାଦ ଲକ୍ଷ୍ମୀଧର ଗୁରୁଜୀଙ୍କ ମନରେ କୌଣସି ଭାବାନ୍ତର ଆଣିଲା ନାହିଁ। ଯେମିତିକି ପୃଥିବୀ ଧ୍ୱଂସ ହେଲେ ତାଙ୍କର କିଛି ଯାଏ ଆସେ ନାହିଁ। ସେ ଅନାୟାସରେ ଖସିଯିବେ।

ସେ କହିଲେ: ହଉ ହଉ! ନିଜ ନିଜର ଅଙ୍କ ଖାତା ଆଣି ଟେବୁଲ୍ ଉପରେ ରଖ। ଯିଏ ନ ଆଣିଚ ମାଡ଼ ଖାଇବାକୁ ସଜ ହୁଅ।

ଆମେମାନେ ନିରବରେ ଗିରିଧାରୀକୁ ସମର୍ଥନ କରୁଥିଲୁ। ସେ ମଧ୍ୟ ଇତିମଧ୍ୟରେ ଅମିତ ପରାକ୍ରମଶାଳୀ ହୋଇଉଠିଥିଲା। ତା'ଛଡ଼ା ସେ ଅଙ୍କ ଖାତା ଆଣି ନ ଥିଲା, ଅଙ୍କ କରି ନ ଥିଲା ଯେଣୁ।

ସେ ସେମିତି ଦଳପତି ହୋଇ ଠିଆ ହୋଇଛି। ନେତୃତ୍ୱ ନେଉଛି।

କହିଲା: ନା! ଅଙ୍କ ଫଙ୍କ କିଛି ହବନି ଆଜି!

ଏତିକିରେ ଲକ୍ଷ୍ମୀଧର ଗୁରୁଜୀ ଉଗ୍ର ମୂର୍ତ୍ତି ହୋଇଗଲେ।

ଚିତ୍କାର କରି କହିଲେ: ପୃଥିବୀ ଧ୍ୱଂସ ହେଉ କି ନ ହେଉ, ମୁଁ ତମ ସମସ୍ତଙ୍କୁ ଆଜି ଧ୍ୱଂସ କରିଦେବି।

ତାଙ୍କ ହାତରେ ଥିବା ବାଡ଼ିଟା ଚମକି ଉଠିଲା। ଦୁଇ ଚାରିଥର ପିଟି ହୋଇଗଲା ଟେବୁଲ ଉପରେ। ସପାର୍ଟେ ସପାର୍ଟେ କରି। ପୃଥିବୀ ଧ୍ୱଂସ ହେବାର ଭୟଠାରୁ ଅଧିକ

ଭୟପ୍ରଦ ଥିଲା ତାଙ୍କ ବେତ ବାଡ଼ିର ସେଇ ଉଦ୍ଦାମ ନୃତ୍ୟ।

ଗିରିଧାରୀର ନେତୃତ୍ୱ ବ୍ୟର୍ଥ ହୋଇଥିଲା। ତା' ନେତୃତ୍ୱରେ ଆମର ଶ୍ରେଣୀ ପରିତ୍ୟାଗ କରିବାର ପରିକଳ୍ପନା ମଧ୍ୟ ନିହତ ହୋଇଥିଲା। ଅତଏବ ଆମେ ଆତଙ୍କିତ ଭାବରେ ଅଟକି ରହିଲୁ।

ଲକ୍ଷ୍ମୀଧର ଗୁରୁଜୀ ନିସ୍ତୁକ ଛେଚିଥିଲେ ଆମମାନଙ୍କୁ ସେଦିନ। ଯେ ଅଙ୍କ ଖାତା ଆଣିଥିଲା ମାଡ଼ ଖାଇଲା, ଯେ ନ ଆଣିଥିଲା ସେ ବି ମାଡ଼ ଖାଇଲା। ଯେ ପୃଥିବୀ ଧ୍ୱଂସ କଥା କହୁଥିଲା, ସେ ମାଡ଼ ଖାଇଲା। ଯେ ଏ ଘଟଣାର ବିନ୍ଦୁ ବିସର୍ଗ ଜାଣି ନ ଥିଲ. ସେ ବି ମାଡ଼ ଖାଇଲା। ସେଇ ପିରିୟଡ୍ ଶେଷ ହେଲା ବେଳକୁ ଆମ ଭିତରୁ ଅଧିକାଂଶ କାନ୍ଦୁଥିଲେ। ଅନ୍ୟମାନେ ଦେଖାଯାଉଥିଲେ ଅଯଥା ଉତ୍ତ୍ୟକ୍ତ।

ପରବର୍ତ୍ତୀ ପିରିୟଡ୍ ଖାଲି ଥିଲା। ଆମେ ବିଚାର ବିମର୍ଷରେ ବ୍ୟସ୍ତ ରହିଲୁ। ସମସ୍ତଙ୍କ ମନରେ ସେଇ ଗୋଟିଏ ସ୍ୱର ଉଠୁଥିଲା 'ପ୍ରତିଶୋଧ', 'ପ୍ରତିଶୋଧ'।

ଈଶ୍ୱର ସାହୁ କହିଲା, ପୃଥିବୀ ନିହାତି ଧ୍ୱଂସ ହେବା ଆବଶ୍ୟକ। ଯୋଉ ପୃଥିବୀରେ ଲକ୍ଷ୍ମୀଧର ଗୁରୁଜୀଙ୍କ ଭଳି ମାଷ୍ଟ୍ରେ ଅଛନ୍ତି ସେ ପୃଥିବୀ ଧ୍ୱଂସ ହେବା ଉଚିତ୍।

ମୁଁ କହିଲି, ପୃଥିବୀ ତ ନିଶ୍ଚୟ ଧ୍ୱଂସ ହେବ। ଆମେ ସମସ୍ତେ ମରିବା। ଲକ୍ଷ୍ମୀଧର ଗୁରୁଜୀ ବି ମରିବେ। କିନ୍ତୁ ତା' ଆଗରୁ ଲକ୍ଷ୍ମୀଧର ଗୁରୁଜୀ ପାନେ ମଜା ପାଇବା ଉଚିତ!

ଗିରିଧାରୀ ଅଧିକ ମାଡ଼ ଖାଇଥିଲା। ଚିତ୍କାର କରୁଥିଲା: ପ୍ରତିଶୋଧ! ପ୍ରତିଶୋଧ! ତା' ସହିତ ସ୍ୱର ମିଳାଉଥିଲା ଭାସ୍କର: ଉଡ଼େଇ ଦେବାକୁ ହେବ।

କିନ୍ତୁ କେମିତି? କୋଉ ଉପାୟରେ? କୋଉ ଉପାୟରେ ନେଇ ହେବ ପ୍ରତିଶୋଧ? କୋଉ ଉପାୟରେ ଚଖେଇ ହେବ ପାନେ ମଜା? ଆମେ ଆମର ଛୋଟ ଛୋଟ ମସ୍ତିଷ୍କମାନଙ୍କୁ କାମରେ ଲଗେଇ ଦେଇଥାଉ।

ହଠାତ୍ ସମାଧାନର ସୂତ୍ର ଆସିଗଲା ଚତୁର୍ଭୁଜର ମଗଜକୁ।

କହିଲା: ପାଇଛି! ପାଇଛି!

ଆମେ ସମସ୍ତେ ଉତ୍ସୁକ। ଆଗ୍ରହୀ। ସମ ସ୍ୱରରେ କହିଲୁ: କ'ଣ? କେମିତି?

ଚତୁର୍ଭୁଜ କହିଲା: ଗୁଣିଆ! ବାଣ ପେଷାଣ! ରକ୍ତବାନ୍ତି! ଖତମ!

ଆମେ ତା' କଥା କିଛି ବୁଝିପାରିଲୁ ନାହିଁ। ଆମ ଆଖିରେ ଆତଙ୍କ ଆହୁରି ଘନୀଭୂତ ହୋଇ ଆସୁଥିଲା। ଆମେ ଚିତ୍କାର କଲୁ: କ'ଣ କହୁଛୁ ଭଲକରି କହ?

ଚତୁର୍ଭୁଜ କହିଲା: ଆମ ଗାଁ ପାଖରେ ଗୋଟେ ଗୁଣିଆ ଅଛି। ମୁଁ ତା' ପାଖରେ

ଯାଇ ଗୋଟାଏ ବାଣ ବସେଇ ଦେବି। ତା' ପରେ ଯାଇ ତମେ ଦେଖିବ ଲକ୍ଷ୍ମୀଧର ଗୁରୁଜୀଙ୍କ ଅବସ୍ଥା କ'ଣ ହେବ?

ଯୋଗିଆ ପଚାରିଲା: କ'ଣ ହେବ?

ଏଥରକ ଲକ୍ଷିଆ ପାଣ୍ଡେ ଘଟଣା ମଝିକୁ ଚାଲି ଆସିଲା। ଅଭିନୟ ମାଧ୍ୟମରେ ଦେଖାଇବାକୁ ଚେଷ୍ଟା କଲା ପରିଣତିକୁ! ଆଖି ବନ୍ଦ କରିଦେଲା। ଜିଭ ଲମ୍ବେଇ ଦେଲା ବାହାରକୁ। ମୁଣ୍ଡ ଝୁଙ୍କାଇ ଦେଲା ଗୋଟାଏ ପାଖକୁ!

ଆମେ ସମସ୍ୱରରେ କହିଲୁ: ମୃତ୍ୟୁ!

ମୁଁ ଟିକେ ଡରିଗଲି।

କହିଲି: ନା! ନା! ପୂରାପୂରି ଖତମ କରନା! ଯଦି ଧରା ପଡ଼ିଯିବା ତେବେ ଆମ ସମସ୍ତଙ୍କୁ ଫାଶୀ ହୋଇଯିବ!

ଗିରିଧାରୀ ଡରିବା ପିଲା ନ ଥିଲା। ସେ ମନ୍ତବ୍ୟ ଦେଲା: ମାରିଦେଲେ କଣ୍ଟା ଗଲା। ତେବେ ଆସ୍ତେ ଆସ୍ତେ କଲବଲ କରି ମାରିଲେ ମଜା ଆସିବ!

ଚତୁର୍ଭୁଜ ତା'ର ପ୍ରସ୍ତାବର ବ୍ୟାଖ୍ୟା କଲା। ଯାହାର ମର୍ମ ହେଉଛି ଏଇଭଳି ଯେ ତାଙ୍କ ଗ୍ରାମରେ ଯେଉଁ ଗୁଣିଆ ଅଛି ତାକୁ ଦୁଇ ପ୍ରକାରେ ବାଣ ମାରି ଆସେ। ପ୍ରଥମ ବାଣରେ ବୀରଟେ ପେଷାଯିବ। ସିଏ ଲକ୍ଷ୍ମୀଧର ଗୁରୁଜୀଙ୍କ କବାଟକୁ ଠିକ୍ ରାତି ବାରଟାରେ ଖଟ୍ ଖଟ୍ କରିବ, କଳାହେଇ ଡେଙ୍ଗା ଲୋକଟେ ହେଇଥିବ ସେଇ ବାୟବୀୟ ଚରିତ୍ରଟି। ତା' ବେକରେ ଥିବ ମନ୍ଦାରମାଳା। ହାତେ ଲମ୍ବର ଲାଲ ଜିଭ ଲହ ଲହ କରୁଥିବ। ଲକ୍ଷ୍ମୀଧର ଗୁରୁଜୀ କବାଟ ଖୋଲିବେ ଓ ବୀରକୁ ଦେଖିବାମାତ୍ରେ ଭେଟେଣା ହୋଇଯିବେ। ସେଇଠି ମୁହଁମାଡ଼ି ପଡ଼ିବେ। ରକ୍ତବାନ୍ତି ହେବ ଓ ପ୍ରାଣ ଉଡ଼ିଯିବ। ତା'ପରେ ଯାଇ ବୀର ସେଇ ରକ୍ତକୁ ଦେହସାରା ବୋଳିବ ଓ ଚାଲିଯିବ।

ଦ୍ୱିତୀୟ ପ୍ରକାର ଉପାୟରେ ଖାଲି ବାଣଟା ପେଷାଯିବ। ତାହା ପବନରେ ଧୂଳି ଆକାରରେ ଉଡ଼ିଆସିବ। ଲକ୍ଷ୍ମୀଧର ଗୁରୁଜୀଙ୍କର ଘରେ ପାଣିରେ ମିଶିଯିବ। ସେଇ ପାଣିକୁ ଲକ୍ଷ୍ମୀଧର ଗୁରୁଜୀ ପିଇବେ। ତା'ପରେ ତାଙ୍କର ପେଟ ଖରାପ ହୋଇଯିବ। ଦିନ ସାରା ବାରମ୍ବାର ଝାଡ଼ା ହେବ। ଯେତେ ଔଷଧ ଦେଲେ ବି କିଛି କାଟୁ କରିବ ନାହିଁ। ଆସ୍ତେ ଆସ୍ତେ ଦେହ ଅବଶ ହୋଇ ଆସିବ ଓ ସେ ମରିଯିବେ। ସମସ୍ତେ ଜାଣିବେ ଯେ ହଇଜା ରୋଗରେ ତାଙ୍କର ମୃତ୍ୟୁ ହେଲା।

ପ୍ରଥମ ପର୍ଯ୍ୟାୟଟି ଥିଲା ଭୟଙ୍କର। ସେଭଳି ଭୟାବହ ଦୃଶ୍ୟ ଓ ପରିଣତିକୁ

କଳ୍ପନା କରିବା ମାତ୍ରେ ଆମେ ସମସ୍ତେ ଭୟରେ ଥରି ଉଠିଲୁ। ଲୋମ ଟାଙ୍କୁରି ଉଠିଲା। ତେଣୁ ସର୍ବସମ୍ମତ କ୍ରମେ ଦ୍ୱିତୀୟ ପ୍ରସ୍ତାବଟି ଗୃହୀତ ହୋଇଗଲା।

ଚତୁର୍ଭୁଜ କହିଲା: ମୁଁ କାଲି ତେବେ ସ୍କୁଲ ଆସିବି ନାହିଁ। ଗୁଣିଆ ପାଖକୁ ଯିବି।

ଆମ ଭିତରେ ଗୁଣିଆର ଖର୍ଚ୍ଚା ବାବଦରେ ପାଞ୍ଚ ପଇସା ଲେଖାଏଁ ଭେଦା ହୋଇଗଲା। ସମସ୍ତେ ଅକାତରେ ଦାନ କଲେ। କେହି ପ୍ରତିବାଦ ବା ଉଚ୍ଚବାଚ୍ଚ କରିନାହିଁ।

ପରଦିନ ଚତୁର୍ଭୁଜ ସ୍କୁଲକୁ ଆସିଲା ନାହିଁ।

କିନ୍ତୁ ଲକ୍ଷ୍ମୀଧର ଗୁରୁଜୀ ଯଥାବିଧି ସ୍କୁଲକୁ ଆସିଲେ। ପାଠ ପଢ଼ାଇଲେ। ଗାଳି ଦେଲେ। ମାଡ଼ ଦେଲେ । କିନ୍ତୁ ଆମେ କେହି ମନେ ମନେ ରାଗିଲୁ ନାହିଁ। କାରଣ ଯେ କୌଣସି ମୁହୂର୍ତ୍ତରେ ଗୁଣିଆର ବାଣଟା କାମ ଦେବାର ଥିଲା ଓ ଲକ୍ଷ୍ମୀଧର ଗୁରୁଜୀଙ୍କ ପ୍ରାଣପକ୍ଷୀଟି ଅସହାୟ ଭାବରେ ଦେହ ଛାଡ଼ି ଉଡ଼ିଯିବାର ଥିଲା। ଆଃ... ବିଚରା !

ଲକ୍ଷିଆ ପାଣ୍ଡେର ଗୁଣିଆ ବାବଦରେ କିଛି ଆଖିଦେଖା ଅନୁଭୂତି ଅଛି ବୋଲି ସେ ଦାବି କଲା। ତାକୁ ସମର୍ଥନ ଜଣାଇଲା ସନିଆ। ଅତଏବ୍ ରିସେସ୍‌ରେ ଲକ୍ଷିଆ ପାଣ୍ଡେ ଗୁଣିଆର ଚେହେରା ଓ ତା'ର ପୂଜା ପଦ୍ଧତି ସମ୍ପର୍କରେ ଏକ ସଂକ୍ଷିପ୍ତ ବିବରଣୀ ଦେଲା। ଆମେ ଶୁଣିଲୁ ଓ ଡରିଗଲୁ। କାରଣ ଗୁଣିଆର ଚେହେରା ଥିଲା ଭୟଙ୍କର କଳା। ତା'ର ବାଳସବୁ ଟାଆଁଶା ଓ ଠିଆ ଠିଆ। ତା' ବେକରେ ଝୁଲୁଥିବ ମଣିଷ ହାଡ଼ର ଗୋଟେ ମାଳା। କପାଳରେ ଥିବ ଲମ୍ବା ସିନ୍ଦୂର କଳି। ହାତରେ କାଉଁରୀ ହାଡ଼। ଗୋଟାଏ କଳା ଅନ୍ଧାରୁଆ ଘରେ ସେ ପୂଜା କରୁଥିବ ମଣିଷ ଖପୁରୀଟାକୁ। ଝୁଣା ଧୂଆଁରେ ପୋତି ହୋଇଯାଇଥିବ ଗମ୍ଭିରୀ ଘରଟା। ଗୋଟେ କଳା ଗଞ୍ଜା କୁକୁଡ଼ାର ବେକ କାଟି ସେଇଠି ବଳୀ ଦିଆଯିବ। ତା' ପରେ ଯାଇ ଚଣ୍ଡୀସାଧନା ସରିବ। ଧୂଆଁ ଭିତରୁ ଆୱାଜ୍ ଆସିବ, ଆରେ ମତେ କାଇଁକି ଡାକିଲୁ ? କ'ଣ ବର ମାଗୁଛୁ ମାଗ୍ !

ଗୁଣିଆ କହିବ: ଅଳଗୁମ ବେସିକ ସ୍କୁଲରେ ଲକ୍ଷ୍ମୀଧର ଗୁରୁଜୀ ବୋଲି...।

ସେତେବେଳେ ଗୁଣିଆର ଘରସାମ୍ନା ନଡ଼ିଆ ଗଛ ଛାଇରେ ବସି ହାଇ ମାରୁଥିବ ଚତୁରା !

ଏପରି ଲୋମହର୍ଷକ ଦୃଶ୍ୟର କଳ୍ପନା କଲାମାତ୍ରେ ହିଁ ମୁଁ ମୂର୍ଚ୍ଛା ପ୍ରାୟ ହୋଇପଡ଼ିଲି। କହିଲି: ଏମିତି ନ କରିଥିଲେ ହେଇଥାଆନ୍ତା ! ଚତୁରାକୁ ଫେରାଇ ଆଣ।

ନବ ମୋ କଥାକୁ ସମର୍ଥନ କଲା: ମତେ ଲାଗୁଛି ଆମେ ସମସ୍ତେ ଧରାପଡ଼ିବା ! ଗିରିଧାରୀ ଧମକାଇବା ସ୍ୱରରେ କହିଲା: ଏ ଗୁଡ଼ା ଛେରୁଆ ଗୁଡ଼ାକ ! ଯା'ଙ୍କ ଉପରେ

ନଜର ରଖିଥାଅ। ନୋହିଲେ ଡରି ଡରି କାହା ଆଗରେ ସବୁ ଭେଦ ଖୋଲିଦେବେ!

ଆମ ଉପରେ ନଜର ରଖିବା ପାଇଁ ଭାସ୍କର ମୁତୟନ ହୋଇଗଲା।

ଯଥା ରୀତି ଲକ୍ଷ୍ମୀଧର ଗୁରୁଜୀ ସ୍କୁଲ ସାରି ଘରକୁ ଫେରିଗଲେ। ତାଙ୍କ ଘର ଉପରେ ମଧ୍ୟ ଆମର ଜଣେ ପ୍ରତିନିଧି ନଜର ରଖିଲା। କାରଣ ଗୁଣିଆର ପ୍ରକ୍ରିୟା ଯେ କୌଣସି ମୁହୂର୍ତ୍ତରେ ଆରମ୍ଭ ହେବାର ସମ୍ଭାବନା ଥିଲା। ଯେ କୌଣସି ମୁହୂର୍ତ୍ତରେ ଲକ୍ଷ୍ମୀଧର ଗୁରୁଜୀଙ୍କୁ ଗାମୁଛା ପିନ୍ଧା ଅବସ୍ଥାରେ ହାତରେ ଲୋଟା ଧରି ବାରିଆଡ଼େ ବାରମ୍ବାର ଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିବ। ସେ ସମ୍ବାଦ ଆମେ ଯଥାଶୀଘ୍ର ପାଇବା ଉଚିତ୍। ତେଣୁ ଏ ବ୍ୟବସ୍ଥା।

ତତ୍ ପରଦିନ ଚତୁର୍ଭୁଜ ସ୍କୁଲକୁ ଆସିଲା ନାହିଁ। ଲକ୍ଷ୍ମୀଧର ଗୁରୁଜୀ ମଧ୍ୟ ସ୍କୁଲ ଆସିଲେ ନାହିଁ। ଉଡ଼ା ଖବରଟେ ଆସି ପହଞ୍ଚିଲା ଯେ ଗୁରୁଜୀଙ୍କ ଦେହ ଖରାପ। ଏ ସମ୍ବାଦ ଆମ ସମସ୍ତଙ୍କୁ ଆଶ୍ଚର୍ଯ୍ୟ, ଭୟ ଓ ଆତଙ୍କର ଏକ ମିଶ୍ରିତ ଧକ୍କା ଦେଲା।

ଯୋଗିଆ ହଠାତ୍ ନିଜକୁ ନିର୍ଭୀକ ଓ ଦୁଃସାହସୀ ମନେକଲା। ସେ ସ୍କୁଲର ବାଇଗଣ ବଗିଚାକୁ ଆକ୍ରମଣ କଲା। ବାଇଗଣ ସବୁ ତୋଳିନେଲା ଓ ଘରକୁ ଚାଲିଲା। ସେ ମନେ କରିଥିଲା ଯେ ଲକ୍ଷ୍ମୀଧର ଗୁରୁଜୀ ମଲେଣି ଏବଂ ତା'ର ଧରା ପଡ଼ିବାର କୌଣସି ସମ୍ଭାବନା ନାଇଁ। ସେହିପରି ଉତ୍ସାହିତ ଦିଶୁଥିଲେ ପାଣୁଆ ଓ ଭାସ୍କର। ସେମାନେ ସ୍କୁଲ ପୋଖରୀ ମଧ୍ୟରେ ପଶି ଗୋଟେ ଭାକୁର ଧରିପକାଇଲେ ଓ ଫିଷ୍ଟ୍ କଲେ। ସନିଆ ଓ ବିଷ୍ଣୁ ପାଣ୍ଡେ କ୍ଲାସ୍ ରୁମ୍‌ରୁ ଚକ୍‌ଖଡ଼ି ଓ ଡଷ୍ଟର୍ ବାହାରେ ଫିଙ୍ଗି ଦେଲେ।

ମାତ୍ର ଏ ଦୁଃସାହସ ଅଧିକ କାଳ ସ୍ଥାୟୀ ହେଲନାହିଁ। ତତ୍ ପରଦିନ ଲକ୍ଷ୍ମୀଧର ଗୁରୁଜୀ ଯଥାରୀତି ସ୍କୁଲକୁ ଆସିଲେ। ଯୋଗିଆ, ପାଣୁଆ ଏବଂ ଭାସ୍କରମାନେ ଦୟନୀୟ ଭାବେ ଧରାପଡ଼ିଲେ ଓ ଦଣ୍ଡ ପାଇଲେ। ଲକ୍ଷ୍ମୀଧର ଗୁରୁଜୀଙ୍କ ଚେହେରାରେ ଟିପେ ହେଲେ ବି ମଳିନତା ନ ଥିଲା। ସେ ଅଧିକ ସତେଜ ଓ ଉତ୍‌ଫୁଲ୍ଲ ଦିଶୁଥିଲେ। ତଦନୁରୂପ ଉଗ୍ର ଥିଲା ତାଙ୍କର ଦଣ୍ଡ ଦେବାର ପ୍ରଣାଳୀ।

ପରବର୍ତ୍ତୀ ଦିନମାନଙ୍କରେ ଚତୁର୍ଭୁଜ ସ୍କୁଲ ଆସିଲା ନାହିଁ। ଲକ୍ଷ୍ମୀଧର ଗୁରୁଜୀ ଅଧିକ ହିଂସ୍ର ଓ କ୍ରୁର ହୋଇପଡ଼ିଥିଲେ ଆମମାନଙ୍କ ପାଇଁ। ଆମେ ପ୍ରତ୍ୟେକ ପରସ୍ପରକୁ ପଚାରିଥିଲୁ, 'ଚତୁରା କାହିଁ? ଚତୁରା କାହିଁ?' କାରଣ ଏ ଦୁର୍ଗତି କାଳରେ ସିଏ ହିଁ ଥିଲା ଏକମାତ୍ର ସାହା ଭରସା, ଆଶାର ଆଲୋକ।

ଚତୁର୍ଭୁଜର ଗାଁ ଅନେକ ଦୂରରେ ଥିଲା। ଆମେ କେହି ସେ ଗାଁ ଦେଖି ନ ଥିଲୁ।

ଆମର ପ୍ରତିନିଧି ଭାବରେ ଲକ୍ଷିଆ ପାଣ୍ଡେ ଅନୁସନ୍ଧାନରେ ବାହାରି ଗଲା। ଦୁଇ ଦିନ ସ୍କୁଲରେ ଅନୁପସ୍ଥିତ ରହିବା ପରେ ସେ ଫେରିଲା।

ଆମେ ପଚାରିଲୁ: ଚତୁରା ସାଙ୍ଗେ ଦେଖା ହେଲା ?

ସେ କହିଲା: ନା !

ଆମେ ପଚାରିଲୁ: ତୁ ତା' ଗାଁକୁ ଯାଇଥିଲୁ ?

ସେ କହିଲା: ଚତୁରା ଘରେ ପହଞ୍ଚିଲି ଆଉ କୋଉଠୁ ? ଅଧବାଟରୁ ଫେରିଲି।

ଆମେ ପଚାରିଲୁ: କାହିଁକି ?

ସେ କହିଲା: ଚତୁରା ମଲାଣି ଚାରିଦିନ ହେଲା।

ଆମେ ମୁଣ୍ଡରେ ହାତ ଦେଇ ବସିଗଲୁ। କେମିତି ? କୋଉଠି ? କ'ଣ ହୋଇଥିଲା ତା'ର, ଏଇଭଳି ଅନେକ ଅମୀମାଂସିତ ପ୍ରଶ୍ନ ଆମ ମନ ଭିତରେ ଖେଳି ବୁଲୁଥିଲା। ତାର ସମାଧାନ କଲା ଉଛବା ! ତା'ର ଏ ବାବଦରେ ଯଥେଷ୍ଟ ଜ୍ଞାନ ଥିଲା। ସେ ମତ ଦେଲା: କଥାଟା କୌଣସି ବାଟେ ଲିକ୍ କରିଗଲାରେ ! ଲକ୍ଷ୍ମୀଧର ଗୁରୁଜୀ ଜାଣି ପକେଇଲେ ?

ଆମେ ମିଳିତ ସ୍ୱରରେ ପଚାରିଲୁ: ସେଇଠୁ ?

ଉଛବା ବୁଝେଇଲା: ଜାଣି ଦେଲାରୁ ଲକ୍ଷ୍ମୀଧର ଗୁରୁଜୀ ଗୋଟେ ଗୁଣିଆ ଡ଼ାକି ନିଜ ଦେହକୁ କିଳି ଦେଲେ। ଏଣେ ଗୁଣିଆ ତ ବାଣ ଛାଡ଼ି ଦେଇଚି। ବାଣ ଆଉ ଲକ୍ଷ୍ମୀଧର ଗୁରୁଜୀଙ୍କ ଦେହରେ ଭେଦି ପାରିଲା ନାହିଁ। ଯାଏ କୁଆଡ଼େ ? ଥରେ ଗୁଣିଆ ତାକୁ ଛାଡ଼ି ଦେଇଚି ମାନେ ସେ ତ ଆଉ କାମ ନ କରି ଫେରିବନି ନା। ସେ ତେଣୁ ଫେରିକି ଚତୁରା ଦେହରେ ଭେଦି ଗଲା। ବିଚରା ଚତୁରା ମଲା !

ଆମେ ଅଧା ବୁଝିଲୁ। ଅଧା ବୁଝିଲୁନି। ହାୟ ହାୟ କଲୁ !

ମୁଁ କହିଲି, ଯଦି ଆମେ ଧରା ପଡ଼ିବା !

ଯୋଗିଆ କହିଲା, ଆମ ସମସ୍ତଙ୍କୁ ଫାଶୀ ହେଇଯିବ !

ଆମେ ଡ଼ରିବାକୁ ଆରମ୍ଭ କଲୁ। ଆମ ଗାଁକୁ ପୋଲିସ କେବେ କେମିତି ଆସୁଥିଲା। ଆମେ ପୋଲିସଟେ ଦେଖିବା ମାତ୍ରେ ଭାବୁଥିଲୁ ବୋଧେ ସେ ଆମକୁ ବାନ୍ଧି ନେବ ! ଆମକୁ ଫାଶୀ ଦେଇଦେବ। ତେଣୁ ପୋଲିସ୍ ଆସିବା ଖବର ପାଇଲେ ଆମେ ସବୁ ଲୁଚି ଯାଉଥିଲୁ।

ଲକ୍ଷିଆ ପାଣ୍ଡେ କହିଥିଲା: କିନ୍ତୁ ଲକ୍ଷ୍ମୀଧର ଗୁରୁଜୀ ଛାଡ଼ ପାଇବନି !

ଆମେ ପଚାରିଥିଲୁ: କେମିତି ?

ସେ ତତ୍ତ୍ୱଜ୍ଞ ଭଳି ନିର୍ବିକାର ସ୍ୱରରେ କହିଲା: ଏଥରକ ପ୍ରତିଶୋଧ ନେବ ଚତୁରାର ଭୂତ। ପ୍ରତିଶୋଧ ନନେବା ଯାଏଁ ଚତୁରା ଭୂତର ମୋକ୍ଷ ନାଇଁ।

ୟା' ପରେ ଦିନ ବିତିବାକୁ ଲାଗିଲା। ଆମେ ଲକ୍ଷ୍ମୀଧର ଗୁରୁଜୀଙ୍କ ମାଡ଼ ଗାଳିକୁ ସହଜରେ ସହି ନେଉଥିଲୁ। କାରଣ ଆମେ ଜାଣିଥିଲୁ ଦିନେ ସେ ପରାଭବ ପାଇବେ। ଆମ ସମସ୍ତଙ୍କ ତରଫରୁ ପ୍ରତିଶୋଧ ନେବ ଚତୁରାର ଭୂତ। କିଛିଦିନ ପରେ ଆମ ସ୍କୁଲରୁ ଲକ୍ଷ୍ମୀଧର ଗୁରୁଜୀଙ୍କର ବଦଳି ହୋଇଗଲା। ସେ ଅନ୍ୟ ଏକ ସ୍କୁଲକୁ ଚାଲିଗଲେ। ତାଙ୍କର ବଦଳିରେ ସନ୍ଦେହ ପ୍ରକାଶ କରିଥିଲା ପାଣୁଆ। କହିଥିଲା! ମତେ ଲାଗୁଛି ଏ ବଦଳିରେ ଚତୁରା ଭୂତର ହାତ ଅଛି। ସେ ତାକୁ ଅନ୍ୟ ଜାଗାରେ ନେଇ ମାରିବାକୁ ଚାହୁଁଛି। ଆମ ଆଗରେ ମାରିଲେ ଧରାପଡ଼ି ଯାଆନ୍ତା ନାଇଁ!

ମୁଁ କହିଥିଲି: ଭୂତକୁ ଆଉ ଧରିବ କିଏ?

ପାଣୁଆ ବୁଝାଇଥିଲା: ବଦନାମ ତ ଅଛି! ତା'ଛଡ଼ା ଆମକୁ ସେ ରକ୍ଷା କରିବନା? ସମସ୍ତେ ଏଇ ମନ୍ତବ୍ୟରେ ଏକମତ ହୋଇଗଲେ। ଲକ୍ଷ୍ମୀଧର ଗୁରୁଜୀଙ୍କ ବଦଳିର କିଛିଦିନ ଅନ୍ତେ ଖବର ମିଳିଲା ତାଙ୍କର ମୃତ୍ୟୁ ହୋଇଛି। ପାଣୁଆର ଅନୁମାନ ସତ୍ୟ ହୋଇଥିଲା। ସେ ରାତି ଅଧରେ ଭେଟେଣା ହୋଇ ମରିବା କଥା ଶୁଣାଗଲା। ଆମେ ସମସ୍ତେ ସ୍ଥିର ନିଶ୍ଚିତ ହୋଇଗଲୁ ଯେ ଏଟା ସେଇ ଚତୁରା ଭୂତର କାମ। ଯା'ହେଉ ଅବଶେଷରେ ସେ ପ୍ରତିଶୋଧ ନେଲା। ଦୂରରେ, ନିରାପଦରେ, ଯେମିତି କି ତା'ର ସହପାଠୀମାନେ କେହି ଧରା ନପଡ଼ନ୍ତି। ବଦନାମ ନ ହୁଅନ୍ତି। ଫାଶୀ ନ ପାଆନ୍ତି।

ଆମେ ମିଳିତ ସ୍ୱରରେ ଚିତ୍କାର କଲୁ: ଚତୁରା ଭୂତର ଜୟ!

ଉତ୍ସାହିତ ଯୋଗିଆ ଆମ ସ୍କୁଲ କାନ୍ଥରେ ଠାଏ ଠାଏ ଲେଖିଦେଲା–ଚତୁରା ଭୂତର ଜୟ।

ୟା'ଭିତରେ ବିତିଯାଇଛି ବହୁ ବର୍ଷ। ଆମେ ସବୁ ବଡ଼ ହେଇଚୁ। ଦାୟିତ୍ୱ ସଂପନ୍ନ ହେଇଚୁ ଏବଂ ଅନେକ କଥା ବୁଝି ପାରିବାର ବୁଦ୍ଧି ବୃତ୍ତି ହାସଲ କରିଚୁ। ନିକଟରେ ଯୋଗିଆ ଦେଖା ହୋଇଥିଲା। କହୁଥିଲା– ଚତୁରାଟାର କିଛି ହୋଇ ନଥିଲାରେ! ସେ ଏବେ ଗାଁରେ ଚାଷବାସ କରୁଛି। ମୁଁ ମଧ୍ୟ ଶୁଣିଥିଲି ଲକ୍ଷ୍ମୀଧର ଗୁରୁଜୀ ଯଥାରୀତି ଅନ୍ୟ ଏକ ସ୍କୁଲରେ ପାଠ ପଢ଼ାଉଛନ୍ତି ଏବଂ ପୃଥିବୀଟି ଧ୍ୱଂସ ହୋଇ ନାହିଁ।

ଯୋଗିଆ ପଚାରିଲା: ହେଲେ ଆମେ ପିଲାଦିନେ ଯାହାସବୁ ଶୁଣି ଥିଲେ ?

ମୁଁ କହିଲି: ସେସବୁ ପିଲାଦିନ ଥିଲା।

# ଛେଳି

ୟା’ ଭିତରେ ବିତିଯାଇଛି ଅନେକ ବର୍ଷ। ଅନେକ ବର୍ଷା ଆସିଛି। ଧୋଇ ଦେଇଯାଇଛି ମାଟି। ଅନେକ ଖରା ଆସିଛି। ଫଟେଇ ଦେଇଛି ମାଟି। ଅନେକ ଥର ପବନ ବୋହିଛି। ଉଡ଼େଇ ନେଇଛି ମାଟି। କିନ୍ତୁ ଲିଭିପାରି ନାହିଁ କେଇବିନ୍ଦୁ ରକ୍ତର ଦାଗ। ଏବେ ରକ୍ତର ଦାଗ ବସିଯାଇଛି ମାଟି ଉପରେ। ସେଟା ଗୋଟେ ଛେଳିର ରକ୍ତ।

ବହୁବର୍ଷ ତଳେ ଏକ ନାମହୀନ, ପରିଚୟହୀନ ଛେଳି ପାଇଁ କିଛି ଲୁହ ଢଳାଯାଇଥିଲା। ଏବେ ମୁଁ ସେହି ଛେଳିର କଥା ହିଁ କହିବି। ସେଇ ଛେଳିର ଉଷୁମ ତାଜା ରକ୍ତର ଦାଗ କଥା ହିଁ କହିବି। ମୋର ଅପୋଗଣ୍ଡ ଶୈଶବରେ ଅଟକିଯାଇଥିବା ସେଇ ନିରୀହ ଛେଳିର ଠିକଣା କଥା ହିଁ କହିବି।

ଶୈଶବ କଟିଥିଲା ଏକ ନିପଟ ମଫସଲ ଗାଁରେ। ସେଠି ଥିଲା ଗୋଟେ ସିନିୟର୍ ବେସିକ୍ ସ୍କୁଲ। ଯହିଁରେ ବାବା ଥିଲେ ପ୍ରଧାନଶିକ୍ଷକ।

ଦର୍ଶନୀୟ ବସ୍ତୁ କହିଲେ ସେଠି ଥିଲା ଧଣ୍ଡସାପ ଅଧ୍ୟୁଷିତ ଗୋଟେ ପୋଖରୀ। ପୋଖରୀ କୂଳରେ ସ୍କୁଲ। ସେଇ ପାଖରେ ଆମର ଘର ସବୁ। ସ୍କୁଲ ହତାର ଗୋଟେ ପଟେ ଥିଲା ଲମ୍ବା ପାଚେରୀଟେ। ଅନ୍ୟ ଦିଗରେ କ୍ଷେତ ଏବଂ ନଡ଼ିଆ ବଗିଚା। ବର୍ଷାଦିନେ ଆମେ ଧାନ କ୍ଷେତରୁ ଚେଙ୍ଗ ମାଛ ଧରୁଥିଲୁ। ଖରାଦିନେ ବିସ୍ତୀର୍ଣ୍ଣ ବିଲ ପ୍ରାନ୍ତରରେ ଗୁଡ଼ି ଉଡ଼ାଉଥିଲୁ। ଶୀତ ଦିନେ ପାଚେରୀ ଉପରେ ବସି ଖରା ପୁଉଁଥିଲୁ। ବର୍ଷକ ବାରମାସ ପୋଖରୀରେ ବୁଡ଼ ମାରୁଥିଲୁ। ନଡ଼ିଆ ଗଛମାନେ ଆମର କୌଣସି କାମରେ ଆସୁ ନ ଥିଲେ। କାରଣ ସେଥିରେ ଝୁଲୁଥିବା ପଇଡ଼ ଓ ନଡ଼ିଆମାନଙ୍କୁ ସ୍ପର୍ଶ କରିବା ଆମର ସାମର୍ଥ୍ୟର ବାହାରେ ଥିଲା।

ତେବେ ସେଇ ସବୁ ନଡ଼ିଆଗଛ ଉପରେ ଦୌରାତ୍ମ୍ୟ କରିପାରୁଥିଲେ ଅଷ୍ଟମ ଶ୍ରେଣୀର ଛାତ୍ରମାନେ। ସ୍କୁଲରେ ଅଷ୍ଟମ ଶ୍ରେଣୀ ଯାଏଁ ହିଁ କ୍ଲାସ୍ ଥିଲା। ଅଷ୍ଟମ ଶ୍ରେଣୀରେ ଯୋଉମାନେ ପାଠ ପଢୁଥିଲେ ସେମାନେ ସମସ୍ତେ ଥିଲେ ପୂର୍ଣ୍ଣାଙ୍ଗ ମଣିଷ ଷ୍ଟାଣ୍ଡାର୍ଡ଼ର। ଅଧିକାଂଶଙ୍କର ନିଶ ଦାଢ଼ି ଉଠି ସାରିଥିଲା। କେତେଜଣ ବିବାହ ମଧ୍ୟ କରିସାରିଥିଲେ।

ଅନେକ ଦିନରୁ ଗୋଟେ ଅଲିଖିତ ନିୟମ ସ୍କୁଲରେ ପ୍ରଚଳିତ ଥିଲା ଯେ ପରୀକ୍ଷା ପରେ ପରେ ଅଷ୍ଟମ ଶ୍ରେଣୀର ପିଲାମାନେ ଗୋଟେ ଭୋଜି ଦେବେ। ଶିକ୍ଷକମାନେ ସପରିବାର ସେଇ ଭୋଜିରେ ସାମିଲ୍ ହେବେ। ସେ ବର୍ଷ ଅଷ୍ଟମ ଶ୍ରେଣୀର ଶେଷ ପରୀକ୍ଷା ସରିଯାଇଥିଲା। ଫିଷ୍ଟ ପାଇଁ ଦିନ ଧାର୍ଯ୍ୟ ହୋଇଥିଲା ଗୋଟେ ସୋମବାର।

ରବିବାର ସ୍କୁଲ ଛୁଟି ଥିଲା। ପ୍ରାକ୍ ମଧ୍ୟାହ୍ନରେ ଶିଶିର ମତେ ଆସି ଖବର ଦେଲା ଯେ ଛେଳି ଆସିଯାଇଛି। ମୁଁ ତତ୍କ୍ଷଣାତ୍ ଧାଇଁଲି। ଅଷ୍ଟମ ଶ୍ରେଣୀର କ୍ଲାସ୍‌ରୁମ୍ ପାଖକୁ ଯାଇ ଦେଖିଲି ମୋର ଅନ୍ୟ ସମବୟସ୍କ ପିଲାମାନେ ଆସି ସାରିଛନ୍ତି। ସମସ୍ତେ କ୍ଲାସ୍‌ରୁମ୍‌ର ଖୋଲା ଝର୍କା ଦେଇ ଭିତରକୁ ଚାହିଁଛନ୍ତି। ଆଖିରେ ଲଦି ମହଣ ମହଣ କୌତୁହଳ।

ରୁମ୍ ଭିତରେ ଥିଲା ଛେଳି। ମାଟିଆ ରଙ୍ଗର। ଦେଢ଼ଫୁଟ ଉଚ୍ଚତାର ନିରୀହ ପ୍ରାଣୀଟେ। ତା'ପିଠିରେ ବସିବାର ଅସଫଳ ପ୍ରଚେଷ୍ଟା କରୁଥିଲା ଅଷ୍ଟମ ଶ୍ରେଣୀ ପରୀକ୍ଷା ଦେଇଥିବା ଯୁବକୋପମ ଛାତ୍ର ଶରତ ଭାଇ। ଛେଳି ମେଁ ମେଁ ଆର୍ତ୍ତଚିତ୍କାର କରୁଥିଲା। କଷ୍ଟରେ ନଣ୍ଡି ହଗି ପକଉଥିଲା। କିନ୍ତୁ ତା' କାନକୁ ଲଗାମ ଭଳି ଭିଡ଼ି ଧରିଥିଲା ଶରତ ଭାଇ। ଛେଳି ପିଠିରେ ବସି ବୁଲୁଥିଲା ଓ ହସୁଥିଲା।

:ଛେଳିଟାକୁ ଭାରି କଷ୍ଟ ହେଉଥିବ! ନାଇଁ। ମନ୍ତବ୍ୟ ଦେଲା ଭାନୁ। ଆମ ପିଲାମାନଙ୍କ ଦଳର ଏକମାତ୍ର ବାଳିକା ସଦସ୍ୟ!

:ଦେଖୁନ! ସେ କେମିତି କାନ୍ଦୁଛି। କହିଲା ରାଧାକାନ୍ତ।

ଆସେ ସମସ୍ତେ ଛେଳିର ଆଖିକୁ ଲକ୍ଷ୍ୟ କଲୁ। ଘର ଭିତରେ ଆଲୋକ କ୍ଷୀଣ ଥିଲା। ଲୁହ ଦେଖାଗଲା ନାହିଁ। ଆମେ ସମସ୍ତେ ନିର୍ବିରୋଧରେ କିନ୍ତୁ ରାଧାକାନ୍ତର ଆବିଷ୍କାରକୁ ସ୍ୱୀକାର କରିଗଲୁ।

ଶିଶିର କହିଲା: ଏଟା କାଲି କଟା ହେବ!

ଭାନୁ କହିଲା: ଆହା! ବିଚରା!

ଆମେ ଓଠ ଚୁ ଚୁ କଲୁ। ଘର ଭିତରେ ଶରତ ଭାଇ ଗୋଟେ ଛାଟିଆରେ ଛେଳିକୁ ପିଟୁଥିଲା। କାରଣ ଛେଳି ଗୋଡ଼ ଆଣ୍ଠି ଗୋଟେ ଜାଗାରେ ଠିଆହୋଇ ରହିଥିଲା। ଆଗକୁ ଯିବାକୁ ଅନିଚ୍ଛୁକ ଥିଲା। ଶରତ ଭାଇ ଛେଳି ଉଦ୍ଦେଶ୍ୟରେ ଦୁଇ ଚାରିଟା ଗାଳି ଫୋପାଡ଼ି ଦେଲା। କିନ୍ତୁ ସେ ଗାଳିଗୁଡ଼ାକ ବିଦ୍ଧ ହେଲା ଆମରି ଦେହରେ।

ଭାନୁ କହିଲା: ଭାରି ନିଷ୍ଠୁର!

ରାଧାକାନ୍ତ ପ୍ରସ୍ତାବ ଦେଲା: ଆମେ ଛେଳିଟାକୁ ଏଠୁ ଖସେଇ ପାରନ୍ତେନି!

ଭକ୍ତ ତାଳି ମାରିଲା: ଭାରି ମଜା ହେବ !

ଘର ଭିତରେ ଛେଳିଟା ମେଁ ମେଁ ସ୍ୱରରେ ବିକଳ ଚିତ୍କାର କରି ପକାଇଲା । ସେ ଶରତ ଭାଇର ଦେହର ଭାରା ସହିପାରୁ ନ ଥିଲା । ତଳେ ମୁହଁମାଡ଼ି ପଡ଼ିଲା । ହୁଏତ ତା'ର ଗୋଡ଼ ମୋଡ଼ି ହୋଇଯାଇଥିବ । ଥୋମଣୀ ଖଣ୍ଡିଆ ହେଇଯାଇଥିବ । ଛାତିର କଙ୍କାଳରେ ଲାଗିଥିବ ଶକ୍ତ ଆଘାତ । ଶରତ ଭାଇ ଉଠି ଠିଆହେଲା । ସେ ବି ପଡ଼ିଯାଇଥିଲା । ଛେଳିଟା ପ୍ରାଣ ବଞ୍ଚାଇବାର ବିଫଳ ପ୍ରୟାସରେ ଘରସାରା ଧାଇଁ ବୁଲିଲା । ତା' ଓଠରେ ଥିଲା ସେଇ ବିକଳ ଆର୍ତ୍ତନାଦ । ମେଁ... ମେଁ... ମେଁ... ।

ଆମେ ସମସ୍ତେ ଆହୁରି ଦୁଃଖିତ ଦେଖାଗଲୁ ।

ଭାନୁ କହିଲା: ଏ ଛେଳିଟାକୁ ଖସେଇ ଦେବାକୁ ପଡ଼ିବ ?

ମୁଁ ପଚାରିଲି: କିନ୍ତୁ କେମିତି ?

ଶିଶିର ବି ମୋ ସହ ସ୍ୱର ମିଳାଇଲା: କେମିତି ?

ଆମେ ସମସ୍ତେ ଏକାଠି ବସିଗଲୁ ସେଇଠି । ଯୋଜନାଟେ କରିବାକୁ ପଡ଼ିବ । ଷଡ଼ଯନ୍ତ୍ରଟିଏ ରଚିବାକୁ ପଡ଼ିବ । ଏ ନିରୀହ ପ୍ରାଣୀଟିକୁ ବଞ୍ଚାଇବାକୁ ପଡ଼ିବ । ଏ ଅତ୍ୟାଚାରରୁ ଉଦ୍ଧାର କରିବାକୁ ପଡ଼ିବ ବିଚରା ଛେଳିଟାକୁ ।

ଶରତ ଭାଇ କ୍ଲାସ୍‌ରୁମ୍ ଭିତରୁ ବାହାରି ଆସିଲା । ଛେଳି ସହ ଗୋଟାଏ ନିଷ୍ଠୁର ଖେଳ ଖେଳିସାରି ସେ କ୍ଲାନ୍ତ ଦିଶୁଥିଲା । ସେ ରୁମ୍ ବାହାରେ ଶିକୁଳୀ ଲଗାଇଲା । ତାଲା ପକାଇଲା । ଚାବିକୁ ଆପଣା ଅଣ୍ଟାରେ ଖୋସି ଚାଲିଗଲା । ସେ ଏବେ ଘରକୁ ଯିବ । ଘରୁ ଫେରିବ ସନ୍ଧ୍ୟାରେ । ସେଇ ପର୍ଯ୍ୟନ୍ତ ସମୟ ଆମ ହାତରେ ଅଛି । ସେଇ ସମୟ ଭିତରେ ହିଁ କିଛି କରିବାକୁ ପଡ଼ିବ ।

ଭାନୁ କହିଲା: କ'ଣ କରିବା ?

ଆସେ ସମସ୍ତେ ଅସହାୟ ଦିଶୁଥିଲୁ ।

ରାଧାକାନ୍ତ କହିଲା: ଗୋଟେ କାମ କଲେ ଛେଳି ଖସିଯାଇପାରିବ ।

ସମସ୍ତେ ମିଳିତ ସ୍ୱରରେ ପଚାରିଲେ: କ'ଣ ?

ରାଧାକାନ୍ତ ଅନୁଚ୍ଚ ସ୍ୱରରେ ତା'ର ଯୋଜନା ଶୁଣେଇଲା । ଘର ଭିତରକୁ ଯିବାର ବାଟ ତାକୁ ଜଣା । ଝରକାର ଗୋଟେ କାଠି ଦୁର୍ବଳ ଅଛି । ଟିକିଏ ଚେଷ୍ଟା କଲେ ସେଟା ବାହାରି ଯିବ । ସେଇ ଗଳିଦେଇ ଭିତରକୁ ଯାଇହେବ ।

ଆମେ ସମସ୍ତେ ଖୁସୀ ହୋଇଗଲୁ ।

ରାଧାକାନ୍ତ ଆଗେ ଆଗେ ଚାଲିଲା। ଆସେ ସଭିଏଁ ତାକୁ ଅନୁସରଣ କଲୁ। ଝରକାର ଗୋଟାଏ ରେଲିଂ ସେ ଆସ୍ତେ ଖସାଇଦେଲା। ଗୋଟେ ଫାଙ୍କ ତିଆରି ହେଲା ଝର୍କାରେ। ଆମେ ସମସ୍ତେ ପ୍ରାୟ ଦୁର୍ବଳଦେହୀ ଥିଲୁ। ସେଇ ସଂକୀର୍ଣ୍ଣ ଫାଙ୍କ ଦେଇ ଗଳିଯିବା ସୁଗମ ଥିଲା। ଭିତରକୁ ପଶିସାରିବା ପରେ ଝର୍କାର ରେଲିଂକୁ ପୁଣି ଯଥା ସ୍ଥାନରେ ଲଗାଇ ଦିଆଗଲା।

ଆମେ ଭିତରେ ଛେଳିକୁ ଘେରିଗଲୁ।

ଛେଳି କିନ୍ତୁ ଆମର ଦୁଃସାହସିକ ଅଭିପ୍ରାୟ ସମ୍ବନ୍ଧରେ ଅବିହିତ ନ ଥିଲା। ତେଣୁ ସେ ତା'ର ଚିତ୍କାର ଜାରି ରଖିଲା!

ଭାନୁ କହିଲା: ଚୁପ୍! ଚୁପ୍! ସୁନାଟା ପରା! ଚୁପ୍!

ମୁଁ କହିଲି: ଚୁପ୍ ହ'! ଆମେ ପରା ତତେ ଏଠୁ ଖସେଇବାକୁ ଆସିଚୁ!

ଶିଶିର କହିଲା: ଆମେ ଶତ୍ରୁ ନୋହୁ ମିତ୍ର!

ମାତ୍ର ଛେଳି ବୁଝିଲା ନାହିଁ। ସେ କ୍ଲାସ୍‌ରୁମ୍‌ର ଗୋଟାଏ କୋଣରେ ଲୁଚିବାର ଅପଚେଷ୍ଟା କରୁଥିଲା।

ମୁଁ ପ୍ରସ୍ତାବ ଦେଲି। ଭାନୁ ଯେହେତୁ ଝିଅପିଲା ସେ ଛେଳି ପାଖକୁ ଯାଉ। ଛେଳି ଝିଅପିଲାଙ୍କୁ ଡରି ନ ପାରେ। ସେ ତାକୁ ଗେଲ କରି ବଶ କରୁ। ଏଇ ସମୟ ଭିତରେ ଆମେ ତା'ର ଖସିବାର ଉପାୟ ସ୍ଥିର କରୁଥିବା।

ଶିଶିର ମତ ଦେଲା: ତାକୁ କିଛି ଖାଇବାକୁ ଦେବା ଉଚିତ୍! ବିଚରା ଭୋକିଲା ଦିଶୁଚି। ରାଧାକାନ୍ତ ଝର୍କାର ଫାଙ୍କ ଦେଇ ବାହାରକୁ ଚାଲିଗଲା। ଟିକିଏ ପରେ ଦୁଇଟା ସବୁଜ ସୁସ୍ଥ କନିଅର ଡାଳ ଧରି ଫେରିଆସିଲା। ଭକ୍ତ ଷଢ଼େଇରେ ପାଣି ନେଇ ଆସିଲା। ଆମେ ଭାନୁ ମାର୍ଫତ୍ ଛେଳିକୁ ଖାଇବାକୁ ଓ ପିଇବାକୁ ଦେଲୁ।

ଛେଳି ଖାଇସାରି ପିଇସାରି ଆଶ୍ୱସ୍ତ ଦିଶିଲା। ଏଥର ସେ ଛିଡ଼ା ହେବା ଅବସ୍ଥାରୁ ଶୋଇବା ଅବସ୍ଥାକୁ ଆସିଗଲା। ଆମକୁ ବନ୍ଧୁତ୍ୱପୂର୍ଣ୍ଣ ନଜରରେ ଦେଖିବାକୁ ଲାଗିଲା। ଆମେ ଆସ୍ତେ ଆସ୍ତେ ତା' ପାଖକୁ ଗଲୁ। ତା'ର ପିଠି ଆଉଁସିଲୁ। ପ୍ରତିଥର ଆଉଁସାରେ ସେ ଉଲ୍ଲସିତ ମନେହେଉଥିଲା। ଆଖି ବନ୍ଦ କରୁଥିଲା ଓ ତା'ର ଦେହସାରା ଗୋଟେ ଶୀତ୍କାର ଖେଳିଯାଉଥିଲା। ଲହରୀ ଭଳି। ସୁଖାନୁଭୂତି ଭଳି।

ଭାନୁ କହିଲା: ଭାରି କଉତୁକିଆ ହେଇଛି! ନୁହଁ!

ଶିଶିର ଛେଳିର ଥୋଡ଼ିକୁ ଟିକେ ଟେକି ଦେଲା। କହିଲା: ଗୁଲ୍‌ଗୁଲି! ଗୁଲ୍‌ଗୁଲି!

ଛେଳିର ରଙ୍ଗ ଥିଲା ମାଟିଆ। ଚିକ୍‌କଣ ମାଟିଆ ରଙ୍ଗ।

ତାକୁ ଆଉଁସୁ ଆଉଁସୁ ଭାନୁ ମତଦେଲା: ୟା' ଦେହରେ ଯଦି ଧଳାର ଫୁଟୁଫୁଟୁକିଆ ଦାଗ ଥାଆନ୍ତା, ଏଟା ଗୋଟେ ହରିଣ ଛୁଆ ଭଳି ଦିଶୁଥାଆନ୍ତା।

ଭକ୍ତ କହିଲା: ୟା'ର ଗୋଟେ ନାମ ଦେବା ଦର୍କାର!

ଆମେ କିଛି ସମୟ ବିଚାରାଲୋଚନା ପରେ ସର୍ବସମ୍ମତ କ୍ରମେ ସ୍ଥିର କରିଦେଲୁ ଯେ ଏହାର ନାମ 'ହରିଣ' ରଖାଯାଉ।

ଶିଶିର ଏଇ ନାମକରଣରେ ଅଧିକ ଉଦ୍‌ବୁଦ୍ଧ ଦିଶୁଥିଲା। ବେଶ୍ ଉତ୍ସାହିତ ସ୍ୱରରେ କହିଲା: ଆମେ ତା' ଦେହରେ ଫୁଟିଫୁଟିକିଆ ଦାଗ ଦେବା!

ଭାନୁଖୁସୀରେ ତାଳି ମାରି ପକାଇଲା: ଭାରି ମଜା ହେବ!

ଭକ୍ତ କହିଲା: ଛେଳି ପ୍ରତି କେତେ ଅପମାନ ଦେଖ। ସ୍କୁଲରେ ସାର୍‌ମାନେ ଗାଈ ବିଷୟରେ ରଚନା ଲେଖିବାକୁ କହୁଛନ୍ତି, କିନ୍ତୁ ଦିନେ ହେଲେ ଛେଳି ବିଷୟରେ ରଚନା ଲେଖିବାକୁ କହୁନାହାନ୍ତି।

ଶିଶିର ୟା' ଭିତରେ ଛେଳିକୁ ହରିଣରେ ପରିବର୍ତ୍ତନ କରିବାର ଯୋଜନାରେ ମାତିଗଲା। ସ୍କୁଲ ଘରର କଳାପଟା ଧାରରେ ପଡ଼ିଥିଲା କେତେଟା ଭଙ୍ଗା ଚକ୍‌ଖଡ଼ି। ସେଗୁଡ଼ିକ ସଂଗ୍ରହ କରି ସେ ପାଣିରେ ବତୁରେଇଦେଲା। ଚଟାଣରେ ଚନ୍ଦନ ଭଳି ଘୋରିଲା। ପ୍ରସ୍ତୁତ ରଙ୍ଗକୁ ଛେଳିର ଦେହରେ ଏଠି ସେଠି ଲଗେଇବାକୁ ଚେଷ୍ଟା କଲା। ମାତ୍ର ତାହା ଲାଗିଲା ନାହିଁ ଠିକ୍ ଭାବରେ। ତଥାପି ଶିଶିର ଉଦ୍ୟମରେ ମାତିଥାଏ।

ରାଧାକାନ୍ତ ଏବଂ ମୁଁ ଛେଳିକୁ କିପରି ଏଠାରୁ ଖସାଯିବ ତା'ର ଯୋଜନା ପ୍ରସ୍ତୁତ କଲୁ। ଯୋଜନାନୁସାରେ ଝର୍କାର ଫାଙ୍କ ଦେଇ ଛେଳିକୁ ବାହାରକୁ ଅଣାଯିବ; ଇତିମଧ୍ୟରେ ତା' ଦେହରେ ଫୁଟିଫୁଟିକିଆ ଦାଗ ଦିଆସରିଥିବ। ତେଣୁ ତାକୁ ଦେଖିଲେ ସନ୍ଦେହୀ ଜନତା ଛେଳି ବୋଲି ଜାଣିପାରିବେ ନାହିଁ। ସମସ୍ତଙ୍କ ସାମ୍ନାରେ ହିଁ ତାକୁ ନେଇ ଆମେ ଚାଲିଯିବା। ଚାଲିଯିବା ଅନେକ ଦୂରକୁ। ମୁକ୍ତିର ଦେଶକୁ।

ମୁଁ କହିଲି: ଆଉ ଡେରି କରନି। ଶରତ ଭାଇ ଫେରିଆସିପାରେ!

ରାଧାକାନ୍ତ କହିଲା: ଧରା ପଡ଼ିଲେ ସମସ୍ତେ ମରିବା।

ଭାନୁ କନିଅର ଫୁଲରେ ଗୋଟେ ମାଳ ଗୁନ୍ଥୁଥିଲା। ସେଟା ପକେଇ ଦେଲା ଛେଳିର ବେକରେ। ମାତ୍ର ଛେଳି ମାଳର ମହତ୍ତ୍ୱ ବୁଝେନାହିଁ। ସେ ମାଳଟାକୁ ଜିଭ ଲମ୍ବେଇ ଟାଣି ଆଣିଲା। ଆରାମରେ ଖାଇବାକୁ ଲାଗିଲା।

ଭାନୁ ତାକୁ ବୁଝାଉଥିଲା: ମୋ ସୁନାଟା ପରା! ଖାଆନା! ଖାଆନା!

ଶିଶିର ପଚାରିଲା: ଝର୍କା ଫାଙ୍କରେ ଛେଳିଟା ଗଳିବ ତ!

ମୁଁ କହିଲି: ମୁଁ ଜାଣିଚି ଯୋଉ ଫାଙ୍କରେ ବିଲେଇର ନିଶ ଗଳିଯିବ ସେ ବାଟେ ବିଲେଇର ଦେହ ବି ଗଳିଯିବ। ମାତ୍ର ଛେଳି ଗଳିବା ନିୟମ ମତେ ଜଣାନାଇଁ।

ଆମେ ଛେଳିଟିକୁ ସ୍ନେହର ସହିତ ଆଉଁସି ଆଉଁସି କରି ଝର୍କା ପାଖକୁ ଆଣିଲୁ। ରାଧାକାନ୍ତ ଝର୍କାର ଗୋଟାଏ ବାଡ଼ି ଖୋଲିଦେଲା। ଆମେ ଛେଳିକୁ ସେଇ ଫାଙ୍କରେ ଗଳାଇବାକୁ ଟେକି ଧରିଲୁ। ମାତ୍ର ଛେଳି ସମ୍ଭବତଃ ଆମର ଅଭିପ୍ରାୟ ବୁଝିପାରିଲା ନାହିଁ। ମରଣାନ୍ତକ ଚିତ୍କାର କରିବସିଲା।

ଭାନୁ କହିଲା: ଚୁପ୍! ଚୁପ୍!

ଶିଶିର କହିଲା: ଆରେ! ଆମେ ପରା ତତେ ମୁକ୍ତି ଦଉଚୁ!

ରାଧାକାନ୍ତ କହିଲା: ତୁନି ହ'! ସୁନାଟା ପରା!

ମାତ୍ର ଛେଳି ବୁଝିପାରୁ ନ ଥିଲା ଆମର ଆଶ୍ୱାସନା। ଚିତ୍କାର କରୁଥିଲା। ଶିଶିର ତା' ପାଟିକୁ ଚାପି ଧରିଲା। ମାତ୍ର ସେ ଶିଶିର ହାତକୁ କାମୁଡ଼ିଦେଲା। ତା'ର ଚାରିଖୁରାକୁ ଛାଟୁଥାଏ। ଆମ ଦେହ ସାରା ଆଞ୍ଚୁଡ଼ା। ଶିଶିର ଗୋଟେ ଗାମୁଛା ତା' ମୁହଁରେ ବାନ୍ଧି ଦେଲା। ତଥାପି ଛେଳି ଗଁ ଗଁ ହଉଥାଏ।

ମୁଁ କହିଲି: ଶଳା! ରାକ୍ଷସ କିଏ ଦେବତା କିଏ ଚିହ୍ନିପାରୁନି!

ଆମେ ଛେଳିକୁ ଟେକି ଧରିଲୁ ଫାଙ୍କ ସିଧା। ଏଇ କସରତରେ ରାଧା ତଳେ ପଡ଼ିଯାଇଥିଲା। ତଥାପି ସେ ଛେଳିକୁ ଟେକି ଧରିଥିଲା। ମାତ୍ର ଫାଙ୍କ ଦେଇ ଛେଳି ବାହାରକୁ ଯିବା ପୂର୍ବରୁ ହିଁ ଆମର ହାତମାନ କୋହଳ ହୋଇଗଲା। ସେଇ ସୁଯୋଗରେ ଛେଳି ତଳକୁ ପଡ଼ିଗଲା। ଧାଇଁ ପଳାଇଲା। ଶିଶିରର ଗାମୁଛାଟାକୁ ଦାନ୍ତରେ କାମୁଡ଼ି କଣା କରିଦେଇଥିଲା। ଶିଶିରର ମୁହଁ ଦିଶୁଥିଲା କାନ୍ଦୁରା। ଛେଳି ମେଁ... ମେଁ... ରଡ଼ି କରି ଘରସାରା ଘୂରିବୁଲିଲା।

ଆମେ ନାନା ପ୍ରକାର ଆଶ୍ୱାସନାବାଣୀ ଶୁଣାଇଥିଲୁ। ଆ' ଆ' ଚୁ ଚୁ କରିଥିଲୁ। ମାତ୍ର ଛେଳି ଧରା ଦେଲାନି! ବରଞ୍ଚ ଆମକୁ ଧରା ପକାଇବାର ଯୋଜନାରେ ବିକଟ ବୋବାଳି ଛାଡ଼ିବାକୁ ଲାଗିଲା।

ହଠାତ୍ ବାହାରୁ କାହାର ସ୍ୱର ଶୁଣାଗଲା: ଭିତରେ କିଏରେ?

ଆମେ ସ୍ୱରଟାକୁ ଚିହ୍ନିପାରିଲୁ। ସ୍ୱରଟା ଥିଲା କୌସ୍ତୁଭ ଗୁରୁଜୀଙ୍କର। ସମସ୍ତ

ଛାତ୍ର ମହଲରେ ସେ ଜଣେ କ୍ରୋଧୀ ବ୍ରାହ୍ମଣ ଭାବରେ ଆତଙ୍କ ସୃଷ୍ଟି କରିପାରୁଥିଲେ।

ଆମେ ସମସ୍ତେ ଘରର ଗୋଟାଏ କୋଣରେ ଛପିଗଲୁ। କୌସ୍ତୁଭ ଗୁରୁଜୀ ତାଙ୍କ ସନ୍ଦେହ ଅପସାରଣ ପାଇଁ ସ୍କୁଲ ଘରର ଚାବି ଆଣିବାକୁ ଚାଲିଗଲେ। ସେଇ ସୁଯୋଗରେ ଆମେ ଆମର ଗୁପ୍ତ ରାସ୍ତାବାଟେ ବାହାରକୁ ଖସିଆସିଲୁ।

ହତାଶ ଏବଂ ନିରୂପାୟ ଆମେ ପାଞ୍ଚଜଣ।

ରାଧାକାନ୍ତ କହିଲା: କ'ଣ କରିବା ?

ଭାନୁ ପଚାରିଲା: ଆଉ କିଛି ବାଟ ?

ଭକ୍ତ ଚିନ୍ତା କରୁଥିଲା। ଶିଶିର ତା'ର ଚିରା ଗାମୁଛାକୁ ଦେଖୁଥିଲା।

ମୁଁ କହିଲି: ବାହାରିବ ! ଅଲବତ୍ ବାହାରିବ !

ଇତିମଧ୍ୟରେ ଶରତ ଭାଇ ଫେରିଆସିଥିଲା। ସେ ପୁଣି କ୍ଲାସ୍‌ରୁମ୍ ଭିତରକୁ ଗଲା ଓ ଛେଳି ଉପରେ ତା'ର ଅତ୍ୟାଚାର ଆରମ୍ଭ କରିଦେଲା। ଶୁଣାଗଲା ପୁଣି ସେଇ ଆକୁଳ ଚିତ୍କାର !

ଭାନୁ ରାଗିଯାଇଥିଲା। କହିଲା: ଏବେ କାନ୍ଦୁ ଥା'। ଆମେ ଯେତେବେଳେ ଖସଉଥିଲୁ ସେତେବେଳେ ବୋବଉଥିଲୁ କିଆଁ ?

ରାଧାକାନ୍ତ କହିଲା: ଥାଉ ! ବିଚରା ଛେଳିଟା ! ସେ କ'ଣ ବୁଝିପାରୁଚି !

ମୁଁ ଠିଆ ହେଲି। କ୍ଲାସ୍‌ରୁମ୍‌ର ପାଖକୁ ଗଲି।

କହିଲି: ଶରତ ଭାଇ ! ମୁଁ ଭିତରକୁ ଯିବି !

ଶରତ ଭାଇ ମତେ ଚାହିଁଲେ। କହିଲେ: ଛେଳି ଉପରେ ବସିବୁ !

ମୁଁ କହିଲି: ହଁ !

ପ୍ରଧାନଶିକ୍ଷକଙ୍କ ପୁଅ ହିସାବରେ ମୁଁ ଏବେ ବିଶେଷ ସମ୍ମାନ ଦାବି କରୁଥିଲି। ତାହା ପ୍ରଦାନ କରିବାରେ ଶରତ ଭାଇର କାର୍ପଣ୍ୟ ମଧ୍ୟ ନ ଥିଲା।

ସେ ସର୍ତ୍ତ ବାଢ଼ିଲା: ତୁ ଏକା ଆସିବୁ !

ମୁଁ ମାନିନେଲି: ହଁ !

ମୋର ବନ୍ଧୁମାନଙ୍କ ମୁହଁରେ ସନ୍ଦେହ ଓ ଈର୍ଷାର କୋଇଲାଗୁଣ୍ଡ ବିଞ୍ଚି ହୋଇଗଲା। ଯେମିତିକି ମୁଁ ଦଳତ୍ୟାଗୀଟେ। ବିଶ୍ୱାସ ଘାତକଟେ !

ଭାନୁ କହିଲା: ତୁ ବହୁତ ନିଷ୍ଠୁର ! ନାଇଁ !

ଶିଶିର କହିଲା: ତୁ ତେବେ ଆମ ସାଙ୍ଗ ଛାଡ଼ିଦେଲୁ।

ମୁଁ କୌଣସି ମନ୍ତବ୍ୟ ଦେଲିନାହିଁ। ଦୁଆର ପାଖକୁ ଗଲି। ଶରତ ଭାଇ ଦର୍ଜାର ଖିଡ଼ିକି ଟେକିଦେଲା। ଦରଜା ଆସ୍ତେ ଆସ୍ତେ ଖୋଲିଲା। ମୁଁ ପ୍ରବେଶ କରିବାରେ ଅହେତୁକ ବିଳମ୍ବ କଲି ଏବଂ ସେଇ ସୁଯୋଗରେ ହିଁ ଛେଳି ଖସିଗଲା। ମୋ ପୁଡ଼ାତଳ ଦେଇ ବାହାରିଗଲା ବାହାରକୁ! ଶରତ ଭାଇ, ହେ' ହେ', କହିଲା ବେଳକୁ ଛେଳି ବାରଣ୍ଡାରେ। ଶରତ ଭାଇ ଦର୍ଜା ପୁରା ଖୋଲି ବାହାରି ଆସିଲା ବେଳକୁ ଛେଳି ପଡ଼ିଆରେ। ଶରତ ଭାଇ ଆରେ, ତାକୁ ଧର, କହିଲା ବେଳକୁ ଛେଳି ଦୌଡ଼ିଲାଣି। ମୁହୂର୍ତ୍ତକ ଭିତରେ ଗେଟ୍ ଡେଇଁ ବିଲ ମଝିରେ ଠିଆ।

ମୁଁ ମୋର ହାଫ୍‌ପ୍ୟାଣ୍ଟ୍ ପିନ୍ଧା ବନ୍ଧୁମାନଙ୍କୁ 'ଛେଳିକୁ ଗୋଡ଼ାଅରେ' ବୋଲି ନିର୍ଦ୍ଦେଶ ଦେଇ ଦୌଡ଼ିବାକୁ ଲାଗିଲି। ଏଥର ସମସ୍ତେ ମୋ ସହ ଯୋଗଦେଲେ। କିଛିବାଟ ଦୌଡ଼ିବା ପରେ ମୁଁ ଏକ ରାଜକୀୟ ଅଟ୍ଟହାସ୍ୟ କଲି। ଯାହାର ଅର୍ଥ ହେଲା ଏଭଳି ସଫଳ ଯୋଜନାର ନାୟକ ମୁଁ। ମୁଁ ହିଁ!

ମୁଁ ମୋର ବନ୍ଧୁମାନଙ୍କୁ ନିର୍ଦ୍ଦେଶ ଦେଲି: ଆମେ ତାକୁ ଧରିବାନି। ହୁରୁଡ଼େଇ ନେଇଯିବା! ଭକ୍ତ ମୋ ନିର୍ଦ୍ଦେଶକୁ ପସନ୍ଦ କଲା। କହିଲା: ଏମିତି ଜାଗାରେ ତାକୁ ଛାଡ଼ିଦେବା ଯେ କେହି ତାକୁ ପାଇବେନି।

ଆମେ ଛେଳିକୁ ଦୌଡ଼େଇଲୁ। ଛେଳି ବିଲ ଡେଇଁ, ହିଡ଼ ଡେଇଁ, ଦଣ୍ଡା ଡେଇଁ, କିଆବୁଦା ଡେଇଁ ହଜିଗଲା ଅନେକ ଦୂରରେ। ଆମର ଛୋଟ ପାଦ ଦଉଡ଼ି ଦଉଡ଼ି ଥକିଗଲା। ଆମେ ଏଥର ଫେରିଲୁ।

ସ୍କୁଲ ଗେଟ୍ ପାଖରେ ଅସହାୟ ଭାବରେ ଠିଆ ହେଇଥିଲା ଶରତ ଭାଇ!

ଆମେ ତାକୁ ମିଳିତ କଣ୍ଠରେ କୈଫିୟତ୍ ଦେଲୁ: ଖସିଗଲା!

ଶରତ ଭାଇ ଏକା ଏକା ବିଲ ଭିତରକୁ ଆଗେଇଲା।

ଆମେ କୁରୁକୁରୁ ହେଇ ହସିଲୁ। ଏକ ଅଣଆନୁଷ୍ଠାନିକ ବୈଠକରେ ନିଜର ଖୁସି ପ୍ରକଟ କଲୁ। ଏଇଥିପାଇଁ ଯେ ଆମେ ଛେଳିକୁ ମୁକ୍ତି ଦେଇଦେଇଚୁ! ହୁଏତ ଆସନ୍ତାକାଲି ଫିଷ୍ଟ୍ ହୋଇପାରିବ ନାହିଁ। ହୁଏତ ଶରତ ଭାଇ ଗୁଡ଼ାଏ ଗାଳି ଶୁଣିବ! ଅଷ୍ଟମ ଶ୍ରେଣୀର ବିଦାୟୀ ଛାତ୍ରମାନେ ଆଉ ଗୋଟାଏ ଛେଳିର ସନ୍ଧାନରେ ପାଗଳ ହୋଇଯିବେ। କିନ୍ତୁ ସବୁଠୁ ସୁଖକର ଥିଲା ଛେଳିର ମୁକ୍ତି।

ଆମେ ସେଦିନ ସନ୍ଧ୍ୟାପରେ ବି ହସଖୁସୀ ହୋଇଥିଲୁ। ଉତ୍ସାହିତ ହୋଇ ଆମ ଶ୍ରେଣୀର ସାହିତ୍ୟ ବହିରେ ଥିବା ସବୁ କବିତାକୁ ମନେପକେଇ ଗାଇଥିଲୁ। ଉଚ୍ଚ କଣ୍ଠରେ।

ନିକଟ ଅତୀତରେ ଦେଖିଥିବା ଯାତ୍ରା ପାର୍ଟିର ମନେଥିବା ସଂଳାପ କିଛି ଶୁଣାଇଥିଲୁ ପରସ୍ପରକୁ ! ଡେରିରେ ଘରକୁ ଫେରିଥିଲୁ ।

ତା' ପରଦିନ ସକାଳର କଥା ।

ମତେ ଭାନୁ ହିଁ ଉଠେଇବାକୁ ଆସିଥିଲା ଶେଯରୁ । ଚମକେଇଲା ଭଳି ସମ୍ବାଦ ଦେଲା । କହିଲା: ତୁ ଏତେ ବେଳ ଯାଏଁ ଶୋଇଚୁ ! ସେୟାଡ଼େ ଛେଳି କଟା ହେଲାଣି !

ମୁଁ ହସିଲି: ହେଃ... । ଛେଳି ଆଉ କୋଉଠୁ ଆସିଲା । ସେଟା ଖସି ଗଲାଣି ! ସେ ମତେ ଜୋର୍‌କରି ଉଠେଇଲା । କହିଲା: ତୁ ଆ' । ଦେଖ !

ମୁଁ ଉଠିବସିଲି । ବାହାରେ ମତେ ଅପେକ୍ଷା କରୁଥିଲେ ମୋର ସମବୟସ୍କ ବନ୍ଧୁମାନେ । ଆମେ ଘଟଣାସ୍ଥଳୀକୁ ଚାଲିଲୁ ।

ଛେଳିକୁ କାଟିସାରି ସେମାନେ ନେଇ ସାରିଥିଲେ । ଘଟଣାସ୍ଥଳୀରେ ପଡ଼ିଥିଲା କିଛି ରକ୍ତ । ଆଉ ମାଂସର ଟୁକୁରା । ମାଟିରେ ମିଶିଯାଇଥିଲା ରକ୍ତ । କେବଳ ଲାଲ୍ ଲାଲ୍ ରକ୍ତ କଣିକାର ଦାଗ ଥିଲା । ଭୂଇଁ ଉପରେ । ସେଇଠୁ କିଛି ରକ୍ତମିଶା ମାଟି ଆମେ ସଂଗ୍ରହ କଲୁ । ତାକୁ ନେଇ ଚାଲିଗଲୁ ଖେଳିପଡ଼ିଆକୁ । ଖେଳପଡ଼ିଆର ଗୋଟେ କୋଣରେ ସେଇ ରକ୍ତମିଶା ମାଟି ରଖାଗଲା । ତା' ଉପରେ ବାଲି ଆଉ କାଦୁଅରେ ଗଢ଼ିଲୁ ଗୋଟେ ସମାଧି ମନ୍ଦିର । ସେ ମନ୍ଦିର ସାରା ଖଞ୍ଜିଦେଲୁ ଲାଲ୍ ଆଉ ହଳଦିଆ କନିଅର ଫୁଲର ସମ୍ଭାର । ଆମେ ଗୋଟେ ଶୋକସଭା କଲୁ ।

କିନ୍ତୁ ସେ ଧରା ପଡ଼ିଲା କେମିତି ? ମୁଁ ପ୍ରଶ୍ନ କଲି ।

ମୋ ପ୍ରଶ୍ନର ଉତ୍ତର ଦେଲା ରାଧା । କହିଲା , ଛେଳିଟା ମନକୁ ମନ ଧରା ଦେଲା ଶରତ ଭାଇଙ୍କ ହାତରେ ।

କିନ୍ତୁ କାହିଁକି ? ମୁଁ ପଚାରିଲି ।

ବିଲ ବଣରେ ତାକୁ କୁକୁର ଗୋଡ଼େଇଲେ । ବିଲୁଆ ଗୋଡ଼େଇଲେ । ଗାଁ ବାଲା ଗୋଡ଼େଇଲେ । ଯିଏ ଦେଖିଲା , ସିଏ ଗୋଡ଼େଇଲା । ଶେଷରେ ସେ ହତାଶ ହେଇ ପୁଣି ସ୍କୁଲ ଆଡ଼କୁ ମୁହାଁଇଥିଲା, ଶରତ ଭାଇ ହାତରେ ଧରା ପଡ଼ିଲା ।

ଶୁଣାଇଲା ରାଧାକାନ୍ତ ।

ସେ ବୋଧେ ଆମରି କଥା ଭାବି ଫେରି ଆସିଥିବ । ଆମରି ସ୍ନେହ କଥା ମନେ ପକେଇ ଫେରି ଆସିଥିବ । କହିଲି ମୁଁ ।

:କିନ୍ତୁ ସେ ପରା ଶରତ ଭାଇ ହାତରେ ଜାଣି ଜାଣି ଧରାଦେଲା । ସମସ୍ତେ

କହୁଛନ୍ତି ।

ମତ ଦେଲା ଭାନୁ ।

ମୁଁ ଜାଣେ, ତା ପାଇଁ ଆଉ କୌଣସି ଦୁଆର ଖୋଲା ନ ଥିଲା । ସେଇ ମୃତ୍ୟୁର ଦ୍ୱାର ଛଡ଼ା । ମଣିଷର ମାଂସ ହେବାର ନିୟତି ଛଡ଼ା । କେତେ ବାଟ ଆଉ ଧାଇଁ ପାରି ଥାଆନ୍ତା ? କୋଉଠି ଯାଇ ଲୁଚି ଥାଆନ୍ତା ? କୋଉଠି ଆଉ ଅଛି ନିରାପଦ ଅଭୟ ଆଶ୍ରୟ ?

ମୁଁ ସେ ଜାଗା ଛାଡ଼ି ଏକା ଏକା ଆସିଲି ବଧଭୂମିକୁ। ସେଇଠି ରକ୍ତର ଦାଗକୁ ଚାହିଁ ରହିଲି। ଛେଳିର ମୁକ୍ତି ନାହିଁ ତେବେ? ମୁକ୍ତି ନାହିଁ?

ମୋ ଆଖିରୁ ଝରିପଡ଼ିଲା ଦୁଇଟୋପା ରକ୍ତ। ମୋ କାନ୍ଧରେ କିଏ ଜଣେ ହାତ ରଖିଲା।

ଚାହିଁ ଦେଖିଲି ଭାନୁ!

ଯା' ଭିତରେ ବିତିଯାଇଛି ଅନେକ ବର୍ଷ। ଅନେକ ବର୍ଷା ଆସିଛି। ଧୋଇ ହେଇଯାଇଛି ମାଟି। ଅନେକ ଖରା ଆସିଚି। ଫଟେଇ ଦେଇଚି ମାଟି। ଅନେକ ଥର ପବନ ବୋହିଛି। ଉଡ଼େଇ ନେଇଚି ମାଟି। କିନ୍ତୁ ଲିଭିପାରି ନାହିଁ ରକ୍ତର ଦାଗ। କେଇବିନ୍ଦୁ ରକ୍ତର ଦାଗ। ଯାହା ଥିଲା ଗୋଟେ ଛେଳିର।

# ରେଡ଼ିଓ ସଂପର୍କରେ ଗୋଟେ ରଚନା

ଆମ ଘରକୁ ରେଡ଼ିଓ ଅଣାଯିବା ପଛରେ ନିଶ୍ଚୟ ଯଥେଷ୍ଟ କିଛି କାରଣ ଥିବ। ତାହା ଜାଣିଥିବେ ବାବା। ଯିଏ ଏଇ ଭଳି ଏକ ସୁଖବର ଆମ ଭିତରେ ବାଣ୍ଟିଥିଲେ। ଆମକୁ ଉତ୍‌ଫୁଲ୍ଲିତ କରିପାରିଥିଲେ। କିନ୍ତୁ ମୁଁ ମୋର ହାଫ୍‌ପ୍ୟାଣ୍ଟ୍ ପିନ୍ଧା ସେଇ ଦାରୁଣ ଶୈଶବରେ ଡିଟେକ୍‌ଟିଭ୍ ସୁଲଭ ଚିନ୍ତା କରିପାରୁଥିଲି ଓ ରେଡ଼ିଓ ଭଳି ଏକ ଦୁର୍ଲ୍ଲଭ ଅତ୍ୟାଧୁନିକ ଯନ୍ତ୍ରର ଆଗମନ ପଛପଟେ ଥିବା ସଂଖ୍ୟାଧିକ କାରଣର ସନ୍ଧାନ କରିପାରିଥିଲି।

ପ୍ରଥମ କାରଣଟି ଥିଲା ବୋଉ। ଚାକିରୀର ଦାୟରେ ବାବାଙ୍କୁ ସପରିବାର ଏକ ନିପଟ ମଫସଲରେ ରହିବାକୁ ପଡୁଥିଲା। ସେଠାରେ ମନୋରଞ୍ଜନର କୌଣସି ସୁବିଧା ସୁଯୋଗ ନ ଥିଲା। ଅବଶ୍ୟ ବର୍ଷକରେ ଥରେ ଦୁଇ ଥର ବାଉଁଶରାଣୀ ନାଟ, ପାଞ୍ଚ ସାତ ଥର ସାପୁଆ କେଳାର ମୂଷା ସାପ ଖେଳ, ତିନି ଥର ଧୁଡୁକି ନାଚ ଓ ଦୁର୍ଗାପୂଜା ବେଳେ ହାଡ଼ିର ଢାଉଁ ଢାଉଁ ଢୋଲ ବାଜା ଯେ ଦେଖିବାକୁ ମିଳୁ ନ ଥିଲା, ତା' ନୁହେଁ। କିନ୍ତୁ ବୋଉ ସେଇ ମଫସଲ ଗାଁର ରହଣୀକୁ ରୀତିମତ ବନବାସ ବୋଲି ବର୍ଣ୍ଣନା କରୁଥିଲା। ଅତଏବ ବନବାସ କାଳରେ ନିରୁଦ୍‌ବିଗ୍ନ ମଧ୍ୟାହ୍ନ ଓ ନିସ୍ତରଙ୍ଗ ସନ୍ଧ୍ୟା ସବୁକୁ ମୁଖର କରିବା ପାଇଁ ରେଡ଼ିଓ ଥିଲା ଏକମାତ୍ର ମାଧ୍ୟମ।

ଦ୍ୱିତୀୟ କାରଣଟି ଥିଲେ ନିଜେ ବାବା। ବାବାଙ୍କର ସାଂପ୍ରତିକ ରାଜନୀତିର ଖବର ଅନ୍ତର ସଂଗ୍ରହ କରିବାର ସଉକ ଥିଲା। ନେତାମାନଙ୍କର ମିଥ୍ୟା ପ୍ରତିଶ୍ରୁତି ଓ ଆସ୍ଫାଳନକୁ ସବିସ୍ତାର ବର୍ଣ୍ଣନା କରିପାରୁଥିବା ଖବରକାଗଜମାନେ ସେଇ ମଫସଲରେ ଦୁଷ୍ପ୍ରାପ୍ୟ ଥିଲେ। ଗମନାଗମନର ଦାରୁଣ ଦୁର୍ଭିକ୍ଷ ଯୋଗୁଁ ଡାକଯୋଗେ ଚଳାବୁଲା କରୁଥିବା ଏଇ ସମ୍ବାଦପତ୍ରମାନେ ସପ୍ତାହକେ ଥରେ ଦୁଇଥର ନିଜର ନୂଆ ପୁରୁଣା ସଂଖ୍ୟା ସହ ଉପଗତ ହେଉଥିଲେ। ତେଣୁ ତାଜା ସମ୍ବାଦ ପ୍ରାପ୍ତ ହେବାର ଏକମାତ୍ର ସାଧନ ଥିଲା ରେଡ଼ିଓ। ଯାହାକୁ ଦଶ କିଲୋମିଟରର କାଦୁଅ ପଙ୍କର ମାଟିରାସ୍ତା କିମ୍ବା ଡାକ ବିଭାଗର ଉପେକ୍ଷା ପ୍ରତିହତ କରିବାର ସମ୍ଭାବନା ନ ଥିଲା।

ତୃତୀୟ କାରଣଟି ଥିଲା ଆମର ସାମାଜିକ ସମ୍ମାନ। ସେଇ ସମୟରେ ରେଡ଼ିଓ

ଥିଲା ବିଜ୍ଞାନର ସବୁଠୁ ଆଶ୍ଚର୍ଯ୍ୟପ୍ରଦ ଉଦ୍ଭାବନ। ତା' ପୂର୍ବରୁ ଶୁଆସାରୀ ଓ ବଣିଙ୍କ ମୁହଁରୁ ମଣିଷର ଭାଷାନୁରୂପ ଚିତ୍କାର ଶୁଣି ମଣିଷମାନେ ଆମୋଦିତ ହେଉଥିଲେ। କିନ୍ତୁ ରେଡ଼ିଓ ଥିଲା ଏକ ବାକ୍ସମାର୍କା ଯନ୍ତ୍ର ଯାହା ସ୍ପଷ୍ଟ ମଣିଷର ଭାଷା ଓ ଗୀତ ବୋଲିପାରୁଥିଲା। ସେତେବେଳେ ରେଡ଼ିଓର ଗୁଣଗ୍ରାହୀ ମାଲିକମାନଙ୍କୁ ସମ୍ମାନାସ୍ପଦ ବ୍ୟକ୍ତି ବୋଲି ବିଚାର କରାଯାଉଥିଲା। ତେଣୁ ଘରେ ରେଡ଼ିଓ ସ୍ଥାପନ କରି ସେଇ ସାମାଜିକ ଆଭିଜାତ୍ୟ ଅର୍ଜନ କରିବାର ସମ୍ପୂର୍ଣ୍ଣ ଅଧିକାର ଆମର ଥିଲା।

ଚତୁର୍ଥ କାରଣଟି ଥିଲୁ ଆମେ ଚାରି ଭାଇ ଭଉଣୀ। ଆମର ଭବିଷ୍ୟତ ସମ୍ପର୍କରେ ସେଇ କାଦୁଅ ଓ ଲଙ୍ଗଳା ଛୁଆ ପ୍ରପୀଡ଼ିତ ମଫସଲ ଗାଁଟିରେ ବାବା କ'ଣ ସ୍ୱପ୍ନ ଦେଖୁଥିଲେ ତା' ଆମେ ଜାଣୁନା। କିନ୍ତୁ ସେ ନିଶ୍ଚିତ ଭାବରେ ଚାହୁଁଥିଲେ ଆମେ ରେଡ଼ିଓ ଶୁଣି ସ୍ମାର୍ଟ ହେବା ଉଚିତ। କାରଣ ସେତେବେଳକୁ ଆମ ବିନୀ ମାଉସୀଙ୍କ ପିଲାମାନେ ଯେଉଁମାନେ କଟକରେ ରହନ୍ତି, ସେମାନେ ଶିଶୁ ସଂସାର କାର୍ଯ୍ୟକ୍ରମରେ 'ମୋ ନାଁ ରୁନୁ, ମୁଁ ବକ୍ସିବଜାରରୁ ଆସିଛି' ଭଳି ବାକ୍ୟ ଉଚ୍ଚାରଣ କରିପାରି ଆମ ମାମୁଁଘର ଅଞ୍ଚଳରେ କିମ୍ବଦନ୍ତୀରେ ପରିଣତ ହୋଇପଡ଼ିଥିଲେ। ଆମର ବି ସେମିତି ହେବାର ଅଧିକାର ଥିଲା।

ବାବା ରେଡ଼ିଓ ଖରିଦ କରିବା ଉଦ୍ଦେଶ୍ୟରେ କଟକ ଯାଇଥାନ୍ତି। ସଂଧ୍ୟା ଗଡ଼ିଯାଇଥାଏ। କିନ୍ତୁ ବାବା ଫେରି ନ ଥାନ୍ତି। ରାତି କ୍ରମଶଃ ଗଡ଼ିବାରେ ଲାଗିଥାଏ। ବୋଉ ଖାଇ ନ ଥିଲା। ଆମେ ଭାଇ ଭଉଣୀ ଚାରିଜଣ ଖାଇ ସାରିଥିଲୁ। ସାନ ଭାଇ ଓ ସାନ ଭଉଣୀ ଅପେକ୍ଷା କରି କରି ନିଦ ମୁହଁରେ ପଡ଼ିଯାଇଥିଲେ। ଆମେ ବଡ଼ ଦି'ଭାଇ ବୋଉ ସହ ଦାଣ୍ଡଦୁଆରେ ମାଟି ପିଣ୍ଡାରେ ବାବାଙ୍କ ଅପେକ୍ଷାରେ ବସିଥାଉଁ।

ମୁଁ ଟିକିଏ ଢୋଳେଇ ପଡ଼ିଲି। ଗୁରୁତ୍ୱପୂର୍ଣ୍ଣ ସମୟମାନଙ୍କରେ ଏଇଭଳି ସୁଲଭ ରୋଗରେ ଆକ୍ରାନ୍ତ ହେବାର ଅଭ୍ୟାସ ମୋର ଥିଲା। ବଡ଼ଭାଇ ମୋତେ ଖେଂକି ଦେଇ କହିଲା: ଯାଉନୁ ଶୋଇବୁ।

ମୁଁ କଥାଟାକୁ ଏଡ଼େଇ ଦେଲି: ମତେ ନିଦ ଲାଗିନି।

କଥାଟାକୁ ଏଡ଼େଇ ଦେବା ସହଜ ଥିଲା। କିନ୍ତୁ ଆଖିପତାରେ ହାତୀଭଳି ଯେ ନିଦର ଖୋଜ ପଡ଼ି ଆସୁଥିଲା ତାକୁ ଏଡ଼େଇଦେବା ଶହେଭାଗ କଷ୍ଟକର ଥିଲା। ମୁଁ ବୋଉ ଆଡ଼କୁ ଢଳିଯାଇ ଜାକିଜୁକି ହେଇ ବସିବାକୁ ଚେଷ୍ଟାକଲି।

ବଡ଼ଭାଇ ବିଗିଡ଼ିଗଲା: ଏଠି ଶୋଇଲେ ହବନି। ତୁ ଯା' ଏଠୁ।

ମୁଁ କିନ୍ତୁ ତା' କଥା ଶୁଣିଲିନି।

ବଡ଼ଭାଇ ବୋଉ ଆଗରେ ଅଭିଯୋଗ ବାଢ଼ିଲା: ବୋଉ ଦେଖିଲୁ! ଇଏ କେମିତି ଏଠି ତଳେ ଶୋଇଲାଣି।

ବଡ଼ ଭାଇର କପଟ ଉଦ୍ଦେଶ୍ୟ ସଂପର୍କରେ ମୁଁ ସମ୍ପୂର୍ଣ୍ଣ ଅବଗତ ଥିଲି। ରେଡ଼ିଓକୁ ପ୍ରଥମେ ପ୍ରତ୍ୟକ୍ଷ କରିବାର ଗର୍ବ ଓ ଗୌରବକୁ ସେ ହାତେଇ ନେବାକୁ ଚାହୁଁଥିଲା। ଆମ ଚାରି ଭାଇ ଭଉଣୀଙ୍କ ଭିତରେ ସେତେବେଳେ ଏଇ ରକମ ଗୋଟେ ପ୍ରତିଦ୍ୱନ୍ଦ୍ୱିତା ଥିଲା। ଆମ ଘରକୁ ଅଜା କିମ୍ବା ଅନ୍ୟ କେହି ଅତିଥି ଆସିଲେ ତାଙ୍କୁ ପ୍ରଥମେ ଯିଏ ଦେଖିଥାଏ, ସେ ଏକ ବିଶେଷ ସମ୍ମାନ ଦାବି କରେ। ସାରାଦିନ ସେ କେବଳ ଗୋଟିଏ ପଦ କହିବୁଲେ 'ଆଜି ଅଜାଙ୍କୁ କିଏ ଆଗ ଦେଖିଲା?' 'ମୁଁ' 'ମୁଁ ନିଜେ ହିଁ ଉତ୍ତର ଦେବାକୁ ହୁଏ ଏଇ ପ୍ରଶ୍ନର। ସେଇମିତି ଶୁଖୁଆର ଆଖି, କ୍ଷୀରର ସର ଏବଂ ନଡ଼ିଆର ମଞ୍ଜି ପାଇଁ ମଧ୍ୟ ପ୍ରତିଯୋଗିତା ହଉଥିଲା। ବିଜେତା ପରବର୍ତ୍ତୀ ସମୟଗୁଡ଼ିକ 'ଶୁଖୁଆର ଆଖି ଆଜି କିଏ ଖାଇଚି, ମୁଁ, ମୁଁ' ବୋଲି ଘୋଷଣା କରି ବୁଲୁଥିଲା।

ବଡ଼ ଭାଇର ଚକ୍ରାନ୍ତ ଏଇ ପର୍ଯ୍ୟାୟର ଥିଲା। ସେ ଚାହୁଁଥିଲା ନିରଙ୍କୁଶ ଭାବରେ ରେଡ଼ିଓକୁ ପ୍ରଥମେ ଦେଖିବ ଓ ଅବଶିଷ୍ଟ ଦିନଗୁଡ଼ିକ ପାଇଁ କହିବୁଲିବ,''ରେଡ଼ିଓକୁ ଆଗ କିଏ ଦେଖିଲା? ମୁଁ, ମୁଁ!''

କିନ୍ତୁ ତା'ର ଏଇ ଚକ୍ରାନ୍ତକୁ ପଣ୍ଡ କରିବା ପାଇଁ ମୁଁ ସଜାଗ ଥିଲି। ଯଦିଓ ଆଖିପତାରେ ଆଞ୍ଜୁଳା ଆଞ୍ଜୁଳା ନିଦର ବର୍ଷା ହେଉଥିଲା।

ମୁଁ ପ୍ରସ୍ତାବ ଦେଲି, ଚାଲ ଦଉଡ଼ିବା। ଝାଉଁଗଛକୁ ଯାଇ ଯିଏ ଆଗ ଛୁଇଁବ ସିଏ ଏଠି ବସିବ। ଯିଏ ହାରିବ ସିଏ ଶୋଇବାକୁ ଯିବ।

ଝାଉଁଗଛ ଥିଲା ପ୍ରାୟ ଶହେ ମିଟର ଦୂରରେ। ବଡ଼ଭାଇ ମଧ୍ୟ ଜାଣିଥିଲା ଏମିତି ଦୌଡ଼ାଟାଏ ହେଲେ ସେ ଅଲବତ୍ ଜିତିବ। କିନ୍ତୁ ସେ ପ୍ରସ୍ତାବକୁ ଗ୍ରହଣ କଲାନାହିଁ। କାରଣ ଦୌଡ଼ଭଳି କସରତ କରିଦେଲେ ମୋ ଆଖି ପତାରେ ବସା ବାନ୍ଧୁଥିବା ନିଦମାନେ ଅନ୍ତତଃ ପରବର୍ତ୍ତୀ ଏକଘଣ୍ଟା ପାଇଁ ନିରୁଦ୍ଦିଷ୍ଟ ହୋଇଯିବେ। ପରାଜିତ ହେବା ସତ୍ତ୍ୱେ ମୁଁ ଶୋଇବାକୁ ଯିବି ନାହିଁ।

ମୁଁ ଦୁସରା ପ୍ରସ୍ତାବ ଦେଲି: ଚାଲ୍ ପଦ୍ୟାନ୍ତ କରିବା!

ଏଇ ଦ୍ୱିତୀୟ ପ୍ରସ୍ତାବକୁ ବଡ଼ଭାଇ ଅନୁରୂପ କାରଣରୁ ଗ୍ରହଣ କଲାନାହିଁ। ପୁନଶ୍ଚ ମୋ ସହ ବକ୍‌ବାଜି କଲେ, ମୋର ନିଦ ଚାଲିଯିବାର ସମ୍ଭାବନା ଥିବାରୁ ମୋ ସହିତ କଥାଭାଷା ବନ୍ଦ କରିଦେଲା। ସେ ଓଠଚାପି ବସିଲା। ଅନ୍ୟ ଦିଗକୁ ଚାହିଁ ରହିଲା।

ମୁଁ ତୃତୀୟ ପ୍ରସ୍ତାବ ସମ୍ପର୍କରେ ଚିନ୍ତା କରୁ କରୁ କେତେବେଳେ ଯେ ଶୋଇପଡ଼ିଛି

ଜାଣେ ନାହିଁ। ମୋ ନିଦ ଭାଙ୍ଗିଲା ଯେତେବେଳେ ବଡ଼ଭାଇ ମତେ ନିଦରୁ ଉଠେଇଲା। ସଗର୍ବ ଘୋଷଣା କଲା ଯେ, ଏଇ! ଉଠ୍! ଉଠ୍ ମୁଁ ଜିତି ସାରିଲିଣି।

ମୁଁ ହାଉଳି ଖାଇ ପଚାରିଲି: ବାବା କାହାନ୍ତି?

ବାବା ତଥାପି ଦାଣ୍ଡପିଣ୍ଡା ଉପରକୁ ଉଠି ନାହାନ୍ତି। ଅଳ୍ପ ଦୂରରେ ଦିଶୁଥାଏ ତାଙ୍କର କଳାଛାଇ। ଏବଂ ସେଇଆଡୁ ଭାସି ଆସୁଥାଏ ରେଡ଼ିଓର ଧାତବ ଚିତ୍କାର।

ମୁଁ ପ୍ରତିବାଦ କଲି: ନା! ନା! ତୁ ଜିତିନାହୁଁ! ରେଡ଼ିଓ ଏ ଯାଏଁ ଦେଖାଯାଇନି।

ମୋ ପ୍ରତିବାଦକୁ ବଡ଼ଭାଇ ଅସ୍ୱୀକାର କଲା: ଆଗ ଶୁଣିଚି ତ!

ମୁଁ ଅନନ୍ୟୋପାୟ ହୋଇ ସାନ ଭାଇକୁ ଉଠେଇ ପକେଇଲି। କାରଣ ସିଏ ମୋର ଏକନମ୍ବର ସାକ୍ଷୀଥିଲା। ଯିଏ ଘଟଣାର ବିନ୍ଦୁବିସର୍ଗ ନ ଜାଣି ମତେ ସମର୍ଥନ କରୁଥିବାର ଏକାଧିକ ନଜିର ଥିଲା। ବଡ଼ ଭାଇର ଅନୁଗତ ସାକ୍ଷୀ ଥିଲା ସାନ ଭଉଣୀ। ସେ ବାଧ୍ୟ ହୋଇ ସାନ ଭଉଣୀକୁ ଉଠାଇ ଦେଲା। ଆମେ ଚାରି ଜଣ ଦାଣ୍ଡପିଣ୍ଡାରେ ଠିଆହୋଇ ଏକ ସମୟରେ ରେଡ଼ିଓକୁ ସ୍ୱାଗତ କଲୁ।

ବାବା ପିଣ୍ଡା ଉପରକୁ ଉଠିଲେ। ତାଙ୍କ କାନ୍ଧରେ ଚାରି କୋଣିଆ ବାକ୍ସଟା ଗୋଟାଏ ଚମଡ଼ା ପୋଷାକ ପିନ୍ଧି ଝୁଲି ରହିଥିଲା। ଚମଡ଼ା ପୋଷାକର ଫାଙ୍କ ଦେଇ ଦିଶୁଥିଲା ତା'ର ଚିକ୍‌ମିକ୍ ଚେହେରାର କିୟଦଂଶ। ବାବା ପାନ ଖାଇଥିଲେ ଓ ଗର୍ବର ସହ ହସୁଥିଲେ। ସେଇ ଝୁଲନ୍ତ ରେଡ଼ିଓରୁ ଭାସି ଆସୁଥିଲା ଜୋର୍‌ଦାର୍ ଆୱାଜ୍ ସବୁ।

ବୋଉ ପଚାରିଲା: ଏତେ ଡେରି କ'ଣ ହେଲା?

ବାବା କହିଲେ: ଡେରି କାଇଁ? ଆସୁଚୁ ତ!

ବୋଉ ଘର ଭିତରକୁ ଉଠିଗଲା। ତାଙ୍କ ପଛେ ପଛେ ବାବା। ତାଙ୍କ କାନ୍ଧରେ ତଥାପି ମଧ୍ୟ ଝୁଲୁଥାଏ ରେଡ଼ିଓ। ପଛେ ପଛେ ଆମର ଶୋଭାଯାତ୍ରା। ହଠାତ୍ ଆମ ସମସ୍ତଙ୍କୁ ବିସ୍ମିତ କରି ରେଡ଼ିଓରୁ ଜାତୀୟ ସଂଗୀତ 'ଜନଗଣ ମନ' ଶୁଣାଗଲା। ବାବା ଘୋଷଣା କଲେ: ଏଥର ରେଡ଼ିଓ ବନ୍ଦ ହେଲା।

ଆମେ ଚକିତ ଓ ହତୋତ୍ସାହିତ ହୋଇପଡ଼ିଲୁ। ନୂଆ ଜିନିଷଟାକୁ ଆମେ ଭଲକରି ଦେଖିନାହୁଁ। ଶୁଣିନାହୁଁ। କ'ଣ ନା ବନ୍ଦ ହୋଇଯିବ?

ବଡ଼ ଭାଇର ଏ ବାବଦରେ କିଛି ଅକଲ ଥିଲା। ଏ ସବୁ ଅକଲ ସେ ବିନୀ ମାଉସୀଙ୍କ କଟକ ପିଲାମାନଙ୍କଠୁଁ ଉଧାର କରିଥିବା ନିଶ୍ଚିତ।

ସେ ତତ୍‌କ୍ଷଣାତ୍ କହିଉଠିଲା: ସେଇଟାକୁ ମୋଡୁନ! ଆଉ କୋଉ ଷ୍ଟେସନ ଲାଗିବ!

ବାବା ଆଖି ବଡ଼ ବଡ଼ କରି ଚାହିଁଲେ। କହିଲେ: ଆଉ ମୋଡ଼ା ମୋଡ଼ି ନାହିଁରେ ବାବା! ବଡ଼ କଷ୍ଟରେ ସେ ଦୋକାନୀ କଟକ ସେଣ୍ଟର ଲଗେଇଚି। ଥରେ ହଜିଗଲେ ଆଉ ମିଳିବନି।

ଆମେ ହତାଶ ହେଲୁ ସତ, କିନ୍ତୁ ରେଡ଼ିଓ ଦର୍ଶନର ଉଲ୍ଲାସରେ ଶେଯକୁ ଚାଲିଗଲୁ।

ପରଦିନ ସକାଳେ ଚାରିଆଡ଼େ ହଲ୍ଲା ହୋଇଗଲା ଆମର ଗୋଟାଏ ରେଡ଼ିଓ ଆସିଚି। ମୋର ସମସ୍ତ ମ୍ଳେଚ୍ଛବନ୍ଧୁ ମୋତେ ସ୍ୱାଗତ ଜଣାଇଥିଲେ। କେହି କେହି ସନ୍ଦେହୀ ପଚାରିଥିଲେ: ତମରସତରେ ରେଡ୍ଡୁଅଟେ ଆସିଚି।

ମୁଁ କହିଥିଲି: କ୍ୱାଟ୍! କ୍ୱାଟ୍!

ସେମାନେ ବୁଝିପାରି ନ ଥିଲେ।

:କ୍ୱାଟ୍! କ୍ୱାଟମାନେ କ'ଣ?

ମୁଁ ଗର୍ବର ସହ କହିଥିଲି: ତମେ ତ ଡିକ୍‌ଭାଷା ଜାଣିନ! ବୁଝିବ କୋଉଠୁ? ଆମେ ଆଜିକାଲି ରେଡ଼ିଓରୁ ସେଇ ଭାଷା ଶିଖୁଚୁ। ସେଇ ଭାଷାରେ କଥାବାର୍ତ୍ତା କରୁଚୁ!

ରେଡ଼ିଓଟି ରଖାଯାଇଥିଲା ଗୋଟେ ର୍‍ୟାକ୍‌ରେ। ଯୋଉଠିକି ମୋର ହାତ ପୂରାପୂରି ପାଉ ନ ଥିଲା। ବଡ଼ ଭାଇର ହାତ ପାଉଥିଲା। କିନ୍ତୁ ବିଭିନ୍ନ ନଟ୍‌କୁ ସୁବିଧାନୁସାର ମୋଡ଼ାମୋଡ଼ି କରିବାର ସୁଯୋଗ ହେଉ ନ ଥିଲା। କେବଳ ବାବା ହିଁ ତାକୁ ଚମତ୍କାର ଭାବରେ ଛୁଇଁ ପାରୁଥିଲେ। ଖୋଲିପାରୁଥିଲେ।

ସେଦିନ ବାବାଙ୍କର ଚିହ୍ନାଜଣା କିଛି ଲୋକ ଆସିଥିଲେ। ସେମାନଙ୍କ ସହ ଗପସପ କଲାବେଳେ ବାବା ବହୁତ ପ୍ରଫୁଲ୍ଲ ଦିଶୁଥିଲେ। ରେଡ଼ିଓର ଦାମ୍ କେତେ ପଡ଼ିଲା? କେତୋଟି ବ୍ୟାଟେରୀ ପଡୁଛି? ଥରେ ବ୍ୟାଟେରୀ ପକେଇଲେ କେତେ ଦିନ ଯିବ? କୋଉ କମ୍ପାନିର ରେଡ଼ିଓ ଆଜିକାଲି ଭଲ ପଡୁଚି ଇତ୍ୟାଦି ଅନେକ ରସହୀନ ବୈଷୟିକ ଆଲୋଚନା କରି ସେମାନେ ଫେରିଯାଇଥିଲେ।

ବଡ଼ ଭାଇର ସାଙ୍ଗମାନେ ଓ ମୋ ସାଙ୍ଗମାନେ ପ୍ରାୟତଃ ଏକ ସମୟରେ ରେଡ଼ିଓ ଦେଖିବା ପାଇଁ ଆସିଥିଲେ। ତେବେ ମୋର ବହୁତ କମ୍ ସାଙ୍ଗ ଆସିଥିଲେ। ଯାହାର କାରଣ ଥିଲା ସହପାଠୀ ନବକିଶୋର। ନବକିଶୋରର ବାପା ସେ ଅଞ୍ଚଳରେ ଏକମାତ୍ର ଧନୀକ ଓ ରେଡ଼ିଓଧାରୀ ଥିଲେ। ନବକିଶୋର ଆମ ରେଡ଼ିଓଟା ଭଲ ନୁହେଁ ବୋଲି (ରେଡ଼ିଓ ଦେଖିବା ପୂର୍ବରୁ) ଆଶଙ୍କା ପ୍ରକାଶ କରି ଦେଇଥିଲା। କତିପୟ ଅର୍ଦ୍ଧଉଲଗ୍ନ ବନ୍ଧୁ ଏହି ବିବୃତ୍ତି ଶୁଣିବା ପରେ ଆସିବା ପାଇଁ ଆଗ୍ରହୀ ହୋଇପାରି ନ ଥିଲେ।

ସେମାନଙ୍କ ସାମ୍ନାରେ ଆମ ବଡ଼ ଦି' ଭାଇଙ୍କର ଏକ ପ୍ରକାର ତକାତକି ଅବସ୍ଥା

ଆସିଗଲା। କାରଣ ରେଡ଼ିଓ ଭିତରେ ସର୍ବନିମ୍ନ କେତୋଟି ମଣିଷଙ୍କୁ ବାନ୍ଧିକି ରଖାଯାଇଛି ସେ ସଂପର୍କରେ ଏକ ସାରଗର୍ଭକ ଭାଷଣ ମୁଁ ଦେଇଥିଲି। ସକାଳୁ ଶୁଣାଯାଇଥିବା ସମସ୍ତ ସ୍ତ୍ରୀପୁରୁଷଙ୍କ ସ୍ୱର ହିସାବ କରି ଏଇ ତତ୍ତ୍ୱ ମୁଁ ପ୍ରକାଶ କରିଥିଲି। ବଡ଼ଭାଇ ଏହାର ପ୍ରତିବାଦ କଲା। ଅସମ୍ଭବ ! ମଣିଷ ଏହା ଭିତରେ ରହି ନ ପାରେ। ବରଂ କେତୋଟି ଭୂତ ରହିଛନ୍ତି। ଏଇ ରକମ ତର୍କ କରିଥିଲା। ରେଡ଼ିଓର ସାମ୍ନାରେ ଅସଂଖ୍ୟ ଛିଦ୍ରଥିଲା। ସେଇ ବାଟେ ଭିତରର ମଣିଷମାନେ ନିଃଶ୍ୱାସ ନିଅନ୍ତି ବୋଲି ମୁଁ ଅନୁମାନ ଲଗେଇଥିଲି। କିନ୍ତୁ ବଡ଼ଭାଇ ଏକମତ ହୋଇ ନ ଥିଲା। ତା' ମତରେ ସେଇ ଛିଦ୍ରବାଟେ ଭୂତମାନେ ନାହୁଡ଼ ବାହାର କରନ୍ତି।

ତତ୍‌କ୍ଷଣାତ୍ ମୋର ଯୁକ୍ତି ଗ୍ରହଣ ନ ହେବା କାରଣରୁ ମୋର ସମ୍ମାନହାନି ଘଟିଲା। ବଡ଼ ଭାଇର ବନ୍ଧୁମାନଙ୍କ ସାମ୍ନାରେ ମୋର ତା' ପ୍ରତି ବେଖାତିରକୁ ନେଇ ବଡ଼ ଭାଇର ମଧ୍ୟ ସମ୍ମାନ ହାନି ଘଟିଲା। ଏଇ ଘଟଣାକୁ କେନ୍ଦ୍ରକରି ଆମ ଭିତରେ ଗୋଟେ ଫାଇଟିଂ ହେଇଗଲା। ଫାଇଟିଂ ଆରମ୍ଭ ହେବାରୁ ବନ୍ଧୁମାନେ ପ୍ରାଣରକ୍ଷାର୍ଥେ ପଳାଇଗଲେ।

ଆମ ଭିତରେ ଦ୍ୱିତୀୟଥର ଏକ ବିଶ୍ୱଯୁଦ୍ଧ ହେଲା ଯେତେବେଳେ ସାନଭାଇ ଓ ସାନ ଭଉଣୀର ସାଙ୍ଗମାନେ ରେଡ଼ିଓ ଦେଖିବାକୁ ଆସି ପହଞ୍ଚିଲେ।

:ଝିଅପିଲାମାନେ ରେଡ଼ିଓ ଦେଖିବା ଅନୁଚିତ ! ମୁଁ ମତ ଦେଇଥିଲି।

:ଛୋଟ ପିଲାମାନେ ରେଡ଼ିଓ ଦେଖିଲେ ଡରିବେ। ଏକଥା କହିଲା ବଡ଼ ଭାଇ ।

ସାନ ଭାଇ କିନ୍ତୁ ଛାଡ଼ିବା ପିଲା ନ ଥିଲା। ତା'ର ମଧ୍ୟ ସେଇ ପ୍ରାୟ ଉଲଗ୍ନ ବନ୍ଧୁ ମହଲରେ ଯଥେଷ୍ଟ ଇଜ୍ଜତ ଥିଲା। ତେଣୁ ସେ ତା'ର ସିଂଘାଣିନାକା ପିଳେହୀପେଟା ବନ୍ଧୁମାନଙ୍କୁ ଗୁରୁତ୍ୱ ଦେଲା ଭଳି କହିଲା: ମୋ ସାଙ୍ଗମାନେ ଦେଖିବେ !

ଆମେ ବଡ଼ ଦୁଇ ଭାଇ ପ୍ରତିବାଦ କଲୁ: ନା !

ସାନ ଭାଇ ଯୁକ୍ତିକଲା: କାଇଁକି ଦେଖିବେନି ନା !

ସାନ ଭଉଣୀର ସମ୍ମାନହାନି ସରିଥିଲା। ସେ କାନ୍ଦିବାରେ ମନ ଦେଇଥିଲା। ତା'ର ସଖୀମାନେ ହତାଶ ହେଇ ଫେରିଯାଇଥିଲେ। ମାତ୍ର ସାନ ଭଉଣୀ କାନ୍ଦିବା ବଜାୟ ରଖିଥିଲା। ତା'ର କୋହଭରା...ଏଁ... ଏଁ... ଟିକିଏ ଟିକିଏ ସମୟ ଉତ୍ତାରୁ ବାଜି ଉଠୁଥିଲା। କିଛି ସମୟ ପରେ ସେ କାହିଁକି କାନ୍ଦୁଛି ତାହା ମଧ୍ୟ ଭୁଲିଗଲା।

ସାନ ଭାଇ କିନ୍ତୁ ଭୁଲିଯିବା ଭଳି ପ୍ରାଣୀ ନୁହେଁ। ସେ ଯାବତୀୟ ଦୁଷ୍ଟ ଓ ବାରବୁଲା ଶିଶୁଙ୍କର ଅବିସମ୍ବାଦିତ ନେତାଥିଲା। ସାରା ଦ୍ୱିପ୍ରହର ଖରାରେ ବୁଲିବା , ପିଜୁଳି ଗଛରେ ଚଢ଼ିବା ଓ ଯା'କୁ ତାକୁ ବିଧା ଗୋଇଠା ଉପହାର ଦେବାରେ ତା'ର ରେକର୍ଡ଼ ଥିଲା।

ତେଣୁ ଆମର ପ୍ରତିବାଦ ଓ ତା'ର ଜିଦ୍‌କୁ ନେଇ ଦ୍ୱିତୀୟ ଯୁଦ୍ଧ ଘଟିଗଲା। ସେ ଉତ୍‌କ୍ଷିପ୍ତ ହୋଇ ଆମ ଉପରକୁ ଏକ ଢେଲା ଫୋପାଡ଼ିଲା। ତାହା ରେଡ଼ିଓରେ ବାଜି ନ ଥିଲା। ମାତ୍ର ତାହା ରେଡ଼ିଓରେ ବାଜିଛି ବୋଲି ଆମେ ବଡ଼ ଦି'ଭାଇ ତା' ନାମରେ ଅଭିଯୋଗ ଫର୍ଦ୍ଦଟିଏ ପ୍ରସ୍ତୁତ କରି ବାବାଙ୍କ ନିକଟରେ ପେଶ୍ କରିଦେଲୁ।

ବୋଉର ସମସାମୟିକମାନେ ଆସିଲେ ଦ୍ୱିପ୍ରହରେ। ସେମାନେ ଆସିବେ ବୋଲି ବୋଉ ଯେମିତି ଆଗରୁ ଜାଣିଥିଲା। ସେ ଅପେକ୍ଷାକୃତ ସଫା ଲୁଗାପିନ୍ଧି ମୁଣ୍ଡ କୁଣ୍ଡେଇ ସ୍ୱାଗତ ଭଙ୍ଗୀରେ ଘର ଭିତରେ ଟହଲ ମାରୁଥିଲା। ତା'ର ସମସାମୟିକମାନେ ପାନ ଖାଇ ଖାଇ କାଖରେ ଲଙ୍ଗଳାଛୁଆ ଜାକି, ପାଟିରୁ ଅବିରାମ ଶବ୍ଦର ବାଣ ଫୁଟାଇ ଫୁଟାଇ ପହଞ୍ଚିଲେ।

ସେମାନଙ୍କ ଜିଜ୍ଞାସା ଭିତରେ ଏଇସବୁ ପ୍ରସଙ୍ଗ ଥିଲା। ଯେଉଁ ପୁଅଝିଅଙ୍କ ସ୍ୱର ରେଡ଼ିଓରୁ ବାହାରୁଛି ସେମାନେ ସ୍ୱାମୀ, ସ୍ତ୍ରୀ କି ନା? ସେମାନେ ସବୁ କେଉଁଠାରେ ବସିଛନ୍ତି ? ଏତେ ସୁନ୍ଦର ସୁନ୍ଦର କଥା ସେମାନେ କିପରି ଜାଣିଲେ। ସେଇ ସ୍ତ୍ରୀଲୋକମାନେ ଶାଢ଼ୀ ପିନ୍ଧନ୍ତି ନା ଫ୍ରକ୍? ତେବେ ଜିଜ୍ଞାସା ଛଡ଼ା ସେମାନଙ୍କ ମୁହଁରେ ଅଧିକ ଝଲମଲ କରୁଥିଲା ଈର୍ଷା! ଅସହଣି ପଣିଆ। ବୋଉର ସମସାମୟିକ ନ ହେଲେ ମଧ୍ୟ ଅନ୍ୟତମ ଶୁଭେଚ୍ଛୁ ଭାବରେ ଅନୁଘର ମା'ବୁଢ଼ୀ ସେଠାରେ ପହଞ୍ଚିଲେ। ଦୁର୍ଭାଗ୍ୟକୁ ସେତେବେଳେ ରେଡ଼ିଓରୁ ପ୍ରସାରିତ ହେଉଥିଲା ଗୋଟେ ନାଟକ। ନାଟକର ଏକ ତୀବ୍ର ସଂଳାପ ଚିତ୍କାର କରିଉଠିଲା।

:ପାପିନୀ! ଦୂର ହୁଅ ମୋ ସମ୍ମୁଖରୁ।

ଅନୁଘର ମା'ବୁଢ଼ୀ ପହଞ୍ଚୁ ପହଞ୍ଚୁ ଏକଥା ଶୁଣିଲେ ଓ ଡରିଗଲେ। ତୁରନ୍ତ ସ୍ଥାନ ତ୍ୟାଗ ଛଡ଼ା ଗତ୍ୟନ୍ତର ନ ଥିଲା। ଗଲାବେଳେ ସେ କହି କହି ଯାଉଥିଲେ: ଦେଖୁନା! ଶେଷକୁ ରେଡ଼ିଓଟା ବି ମୋ ଉପରେ ଦାଉ ସାଧିବାକୁ ଥିଲା।

ବାବା ରେଡ଼ିଓର ଯତ୍ନ ଓ ଦୀର୍ଘ ଜୀବନ ପାଇଁ ଗୋଟେ ଆଚରଣବିଧି ପ୍ରସ୍ତୁତ କରିଥିଲେ। ତାହା ହେଲା ପିଲାମାନେ ରେଡ଼ିଓ ଖୋଲାଖୋଲି କରିପାରିବେ ନାହିଁ। କେବଳ ବାବା ବୋଉଙ୍କର ସେ ଅଧିକାର ରହିବ। ରେଡ଼ିଓଟି ସପ୍ତାହକରେ ଥରେ ଧୂଳି ମଳିର ଆସ୍ତରଣରୁ ସଫା କରାଯିବ। ମାସକରେ ଥରେ ବ୍ୟାଟେରୀ ଚେକ୍ କରାଯିବ। ନୋହିଲେ ବ୍ୟାଟେରୀ ଲିକ୍ କରି ରେଡ଼ିଓ ଖରାପ କରିଦେଇପାରେ। ରେଡ଼ିଓ କ୍ରମାଗତ ଏକଘଣ୍ଟା ବାଜିବ ଓ ଅଧଘଣ୍ଟା ବିଶ୍ରାମ ନେବ। ରେଡ଼ିଓକୁ କୌଣସି ପରିସ୍ଥିତିରେ ତା'ର ନିର୍ଦ୍ଦିଷ୍ଟ ସ୍ଥାନରୁ ତଳକୁ ବା ଅନ୍ୟ କୌଣସି ସ୍ଥାନକୁ ନିଆଯିବ ନାହିଁ। ଚମଡ଼ା ଖୋଳର

ଫ୍ରକ୍‌ରୁ ମଧ୍ୟ ତାକୁ ଲଙ୍ଗଳା କରାଯିବ ନାହିଁ। ବର୍ଷା ଓ ବିଜୁଳୀ ମାରିବା ସମୟରେ ରେଡ଼ିଓ ବନ୍ଦ ରହିବ।

ସପ୍ତାହକରେ ଥରେ ଯେ ରେଡ଼ିଓ ସଫା କରାଯାଉଥିଲା ସେ ଦୃଶ୍ୟ ମନୋରମ ଥିଲା। ଗୋଟେ ସଫା ବେଡ୍‌ସିଟ୍ ଖଟ ଉପରେ ପକାଯାଉଥିଲା। ତା' ଉପରେ ରେଡ଼ିଓକୁ ନିଃଶବ୍ଦରେ ଶୁଆଇ ଦିଆଯାଉଥିଲା। ଖୁବ୍ ଯତ୍ନରେ ମୃଦୁ ଓ କୋମଳ ଭଙ୍ଗୀରେ ସଫା ଧଳା କନାରେ ପୋଛା ଯାଉଥିଲା। ବ୍ୟାଟେରୀ ପରିବର୍ତ୍ତନ କାଳରେ ମଧ୍ୟ ଅନୁରୂପ ସତର୍କତା ଅବଲମ୍ବନ କରାଯାଉଥିଲା। ଏହିସବୁ କାର୍ଯ୍ୟକ୍ରମ ସମୟରେ ଆମେ ଘଟଣାସ୍ଥଳରୁ ତିନିଫୁଟ ଦୂରତାରେ ଠିଆହୋଇ ତାହା ଦେଖିବାର ଅନୁମତି ପାଉଥିଲୁ ଓ ରେଡ଼ିଓର ଅନ୍ତଃଦୃଶ୍ୟ ଦେଖିବାର ମହାର୍ଘ୍ୟ ସୁଯୋଗ ହାସଲ କରୁଥିଲୁ।

ରେଡ଼ିଓ ଉପରୁ ଧୂଳିମଳିଙ୍କ ଅତ୍ୟାଚାରର ପ୍ରତିରୋଧ କରିବା ପାଇଁ ବୋଉ ଗୋଟେ କନାର ପୋଷାକ ତିଆରି କରିଥିଲା ଓ ତାହା ଚମଡ଼ା ଫ୍ରକ୍ ଉପରେ ପିନ୍ଧାଇ ଦିଆଯାଇଥିଲା। ବର୍ଷା ଓ ବିଜୁଳି କାଳରେ ରେଡ଼ିଓର ସୁରକ୍ଷା ପାଇଁ ଆଉ ଗୋଟାଏ ଚାଦର ଘୋଡ଼ାଇ ଦିଆଯାଉଥିଲା। ରେଡ଼ିଓଟି ଦୃଷ୍ଟି ହେଇ ଯିବାର ସମ୍ଭାବନା ଥିବାରୁ ରେଡ଼ିଓ ରହୁଥିବା ର୍‍ୟାକ୍ ସାମ୍ନା ଝର୍କାଟିକୁ ସବୁଦିନ ପାଇଁ ବନ୍ଦ କରିଦିଆଯାଇଥିଲା।

ଆମ ଅଞ୍ଚଳର ଅନ୍ୟତମ ରେଡ଼ିଓଧାରୀଙ୍କ ସୁପୁତ୍ର ନବକିଶୋର ବନ୍ଧୁ ମହଲରେ ଦିନେ ପ୍ରକାଶ କରିଥିଲା ଯେ କୋଉଠି ମଧ୍ୟ ରାତ୍ରରେ ତାଙ୍କ ରେଡ଼ିଓଟି ବାଦୁଡ଼ି ଭଳି ଘରଭିତରେ ଘୂରିବୁଲେ।

ମୋର ବନ୍ଧୁମାନେ ମୋତ ପ୍ରଶ୍ନ କରିଥିଲେ: ତମ ରେଡ଼ିଓ ଉଡ଼ି ପାରୁଚି ? ଅନେକ ମଧ୍ୟରାତ୍ର ଉନ୍ନିଦ୍ର ରହି ମୁଁ ରେଡ଼ିଓର ଉଡ୍ଡୟନ ଆବିଷ୍କାର କରିପାରି ନ ଥିଲି। ତଥାପି ମୁଁ ହାରିଯାଇ ନ ଥିଲି। ମୁଁ ମୋ ବନ୍ଧୁମାନଙ୍କୁ କହିଥିଲି ମଧ୍ୟରାତ୍ରରେ ଆମ ରେଡ଼ିଓରୁ ଗୋଟେ ଖୁବ୍ ବଡ଼ ଆଲୁଅ ଜଳେ। ଜହ୍ନଠୁ ବଡ଼। ସେଇଥିରେ ମୁଁ ମୋର ପଢ଼ାପଢ଼ି କରିଥାଏ।

ଏହା ନବ ଅବିଶ୍ୱାସ କଲା। ଆମ ଭିତରେ ଝଗଡ଼ା ହେଲା ଓ ତାହା ଅପଢ଼ ଭଳି କଥାବାର୍ତ୍ତା ବନ୍ଦ ରହିବା ସ୍ତରରେ ସୀମିତ ରହିଲା କିଛିଦିନ।

ପିଲାମାନଙ୍କ ରେଡ଼ିଓ ଛୁଇଁବା ଉପରେ ବାବା କଟକଣା ଜାରି କରିଥିଲେ। ତଥାପି ବଡ଼ଭାଇ ତା'ର ବଡ଼ ଭାଇପଣିଆର ପରାକାଷ୍ଠା ପ୍ରଦର୍ଶନାର୍ଥେ ତାକୁ ବାବା ବୋଉଙ୍କ ଅବର୍ତ୍ତମାନରେ ଛୁଇଁ ଦେଉଥିଲା। ମୁଁ ଏ ବାବଦରେ ବାବାଙ୍କ ଆଗରେ ବହୁବାର ଅଭିଯୋଗ ବାଢ଼ିଥିଲି। କିନ୍ତୁ କୌଣସି ସୁଫଳ ମିଳିଲା ନାହିଁ। ବଡ଼ଭାଇ ପ୍ରତି ଦଣ୍ଡବିଧାନ କରିବା ପରିବର୍ତ୍ତେ ବାବା ତା' ପ୍ରତି କୋହଳ ମନୋଭାବ ପୋଷଣ କରିଥିଲେ।

ଏହାର ପ୍ରତିବାଦରେ ମୁଁ ମଧ୍ୟ ରେଡ଼ିଓଟିକୁ ମଧ୍ୟେ ମଧ୍ୟେ ସ୍ପର୍ଶ କରି ଆପଣାର ଗୁରୁତ୍ୱ ଓ ଯୋଗ୍ୟତା ଦେଖାଇବା ଉଚିତ୍ ବୋଲି ଭାବିନେଲି। ମୁଁ ପ୍ରଥମେ ସାନଭାଇ ଓ ସାନ ଭଉଣୀଙ୍କ ସାମ୍ନାରେ ରେଡ଼ିଓଟିକୁ ଛୁଇଁଲି। ଏଥିପାଇଁ ମୋତେ ଗୋଟିଏ ଡେଙ୍ଗା ପିଢ଼ାର ସାହାଯ୍ୟ ନେବାକୁ ପଡ଼ିଥିଲା। ସାନଭାଇ ଓ ସାନ ଭଉଣୀ ହତଚକିତ ହୋଇ ଘଟଣା ପ୍ରତି ବଡ଼ ଭାଇର ଦୃଷ୍ଟି ଆକର୍ଷଣ କରିଥିଲେ। ମୁଁ ବଡ଼ ଭାଇ ସାମ୍ନାରେ ରେଡ଼ିଓକୁ ଛୁଇଁଲି। ବଡ଼ଭାଇ ପ୍ରତି ଏହା ଘୋର ଅପମାନ ଥିଲା। ସେ ଆଉ ପାଦେ ଆଗେଇ ଯାଇ ରେଡ଼ିଓ ଖୋଲିଦେଲା। ମୁଁ ମଧ୍ୟ ଯୁଦ୍ଧଂ ଦେହି ଅବସ୍ଥାରେ ଥିଲି। ମୁଁ ସେଣ୍ଟର ନବ୍‌କୁ ମୋଡ଼ି ଏକ ଅବୋଧ୍ୟ ଭାଷାର କେନ୍ଦ୍ରରେ କଣ୍ଟା ଲଗେଇଦେଲି। ବଡ଼ ଭାଇ ଆଉ ପାଦେ ଆଗେଇଯାଇ ରେଡ଼ିଓକୁ ର୍‌ୟାକ୍ ଉପରୁ ଆଣି ଟେବୁଲ୍ ଉପରେ ଥୋଇଦେଲା। ମୁଁ ରେଡ଼ିଓ ଉପରୁ କନାର ପୋଷାକ ଖୋଲିଦେଲି। ବଡ଼ଭାଇ ଚମଡ଼ାର ଆବରଣ ବାହାର କରିଦେଲା। ମୁଁ ତା'ର ନଟ୍ ସବୁ ଖୋଲିବାରେ ଲାଗିଗଲି।

ଅଚାନକ ବୋଉର ଘଟଣାସ୍ଥଳୀରେ ଆବିର୍ଭୂତି ଘଟିଲା। ସେ ଆମ ଦୁଇ ଜଣଙ୍କୁ ଦୁଇ ଚଟକଣା ଦେଇ ଘରୁ ନିକାଲି ଦେଲା। ଆମେ ବାହାରେ ଏକ ଅମୀମାଂସିତ ବାହୁଯୁଦ୍ଧରେ ବ୍ୟାପୃତ ରହିଲୁ ସନ୍ଧ୍ୟାଯାଏ।

ଏହିଭଳି ଭାବରେ ରେଡ଼ିଓଟି ଆମ ଘରର ଜଣେ ସକ୍ରିୟ ସଦସ୍ୟ ଭାବରେ ସାମିଲ୍ ହୋଇଗଲା। ଆମେ ଯେତେବେଳେ ବାବାଙ୍କର ସେଇ ଚାକିରୀ ଜାଗା ଛାଡ଼ି ଖରାଛୁଟିରେ ଗାଁକୁ ଯାଉଥିଲୁ ତାକୁ ସାଙ୍ଗରେ ନେଉଥିଲୁ। ଟ୍ରେନ୍ ଓ ଶଗଡ଼ଯାତ୍ରାର ଦୀର୍ଘ ସମୟ ତାକୁ ଆମେ ଚାରି ଭାଇଭଉଣୀ ପାଳିକରି କାନ୍ଧରେ ଝୁଲାଉଥିଲୁ। ଆମେ ଯେତବେଳେ ଛୋଟ ନାଟକ କରୁଥିଲୁ, ତହିଁରେ 'ହାତରେ ରେଡ଼ିଓ ଧରି ଗ୍ରାମବାସୀର ପ୍ରବେଶ' ଭଳି ସିନ୍ ଯୋଡ଼ି ଦେଉଥିଲୁ। ଆମ ଘରକୁ କେହି ଅତିଥି ଆସିଲେ ଚା'କପ୍ ସହ ରେଡ଼ିଓଟି ତାଙ୍କ ପାଖକୁ ଚାଲିଯାଉଥିଲା।

ବଡ଼ଭାଇ ସ୍ୱପ୍ନ ଦେଖୁଥିଲା ରେଡ଼ିଓକୁ ଛାତି ଉପରେ ରଖି ମୁକୁଳା ଆକାଶ ତଳେ ସେ ଚିତ୍ ହୋଇ ଶୋଇଯିବ ଓ ଘୂରେଇଯିବ ପୃଥିବୀର ସବୁ ସେଣ୍ଟର୍। ସେ ସେତେବେଳେ ହିନ୍ଦୀ ସିନେମାର ଗୀତ ବୁଝି ନ ପାରୁଥିଲେ ବି ଶୁଣିବାକୁ ଆରମ୍ଭ କରୁଥିଲା। ମୁଁ ସ୍ୱପ୍ନ ଦେଖୁଥିଲି ରେଡ଼ିଓ ପାଖରେ କାଗଜ କଲମ ଧରି ବସିରହିବି। ସାରା ସମୟ। ଟିପିଯିବି ସବୁ ଗୀତ। ସବୁ ନାଟକ। ସବୁ ବକବାଜି। ସାନ ଭାଇ ସ୍ୱପ୍ନ ଦେଖୁଥିଲା ସେ ରେଡ଼ିଓକୁ ଖୋଲିଦେବ। ତା'ର ସବୁ ଯନ୍ତ୍ରପାତିକୁ ଅଣ୍ଡାଳିଯିବ। ପୁଣି ଯୋଡ଼ିଦେବ ଯାହା ଯେମିତି ଥିଲା। ସାନ ଭଉଣୀ ସ୍ୱପ୍ନ ଦେଖୁଥିଲା ରେଡ଼ିଓର ପ୍ରତି ଗୀତ ସହ ସେ ସ୍ୱର ମିଳାଇବ ଓ

ଖୁବ୍ ଶୀଘ୍ର ଏକନମ୍ବର ଗାୟିକା ବନିଯିବ।

ବର୍ଷ ପରେ ବର୍ଷ ସେମିତି ସ୍ୱପ୍ନ ଭିତରେ ବୁଡ଼ିବୁଡ଼ି ଆମେ ଆବିଷ୍କାର କଲୁ ଆମର ସ୍ୱପ୍ନ ଅଜାଣତରେ କେତେବେଳେ ପାଣିଚିଆ ହୋଇଯାଇଛି। ସମୟ ଏବଂ ଦାୟିତ୍ୱବୋଧ ଆମକୁ ବୟସ୍କ କରିଦେଇଛି। ସେତେବେଳକୁ ରେଡ଼ିଓର ଜମାନା ଗଲାଣି। ତାହା ଫିଙ୍ଗି ହୋଇଯାଇଛି ପଛଘରର ଅନ୍ଧାର ଭିତରକୁ। ଖୁବ୍ ସହଜରେ ତାହା ବାଜୁନାହିଁ। ସେଥିପାଇଁ ତାକୁ ଦୁଇଟା ଚାପଡ଼ା ମାରିବାକୁ ପଡ଼େ। ବ୍ୟାଟେରୀ ତା' ଭିତରେ ପୋଚାହେଇ ବାହାରକୁ ରସ ଉବୁକି ଆସେ। ତା' ଦେହ ସାରା ମଇଳା ଓ ଅଳନ୍ଧୁ। କନାର ଫ୍ରକ୍ ଚିରିଗଲାଣି। ଚମଡ଼ାର ଆବରଣ ହଜିଗଲାଣି କୋଉକାଳୁ। ରେଡ଼ିଓଟାର ସ୍ୱର ଏବେ ଗଁ ଗଁ ହଉଛି। ଅନାବଶ୍ୟକ ଘଡ଼ଘଡ଼ ଶବ୍ଦ ମାଡ଼ିବସୁଚି ଅନେକ ସମୟରେ।

ଏବେ ବାବା ରିଟାୟାର୍ କରିସାରିଛନ୍ତି। ଆମେ ସବୁ ଗାଁରେ ଡେରାବାନ୍ଧିଛୁ। ଆମ ଘରେ ଟେଲିଭିଜନ୍ ଅଛି। ଭି.ସି.ଆର୍ ଅଛି। ଶନି ରବିବାର ଆମେ ଗାଁକୁ ଯାଉ। ଟି.ଭି.ରେ ଫିଲ୍ମ ଦେଖୁ। ଭି.ସି.ଆର୍.ରେ କ୍ୟାସେଟ୍ ପକାଉ। ଗାଁରେ ଲୋ ଭୋଲ୍ଟେଜ ପାଇଁ ସାନ ଭଉଣୀ ସାରା ମହଲାର ବିଜୁଳିବତୀ ଲିଭେଇଯାଏ। ଟି.ଭି. ଚାଲିବ ବୋଲି । ତାରି ଭିତରେ ଲିଭିଯାଏ ବାବାଙ୍କ ରୁମ୍‌ର ଆଲୁଅ। ଆମେ ଟେଲିଭିଜନ୍‌ର ରଙ୍ଗୀନ ପର୍ଦ୍ଦା ଉପରେ ସିନେମାର ନାଚଗୀତ ଦେଖୁ। ଘର ତମାମ ବିଛାଡ଼ିହୁଏ ସିନେମା ସଂଗୀତ। ସେତେବେଳେ ବାବା ତାଙ୍କ ରୁମ୍‌ର ଅନ୍ଧାର ଭିତରେ ରେଡ଼ିଓ ଖୋଲନ୍ତି, ଗୋଟାଏ ପରିତ୍ୟକ୍ତ ବୁଜୁଳା ଭଳି ଯାହା ଟେବୁଲ ଉପରେ ମୁହଁମୋଡ଼ି ପଡ଼ିଥାଏ।

ବାବା ସମ୍ବାଦ ଶୁଣିବାକୁ ଚେଷ୍ଟା କରନ୍ତି। ବେଳେ ବେଳେ ସେଣ୍ଟର୍ ଠିକ୍ ଧରେ ନାହିଁ। ବାବା ଯତ୍ନର ସହ ରେଡ଼ିଓକୁ ହଲାହଲି କରନ୍ତି। ଅବଶେଷରେ ଏକ ରୋଗଗ୍ରସ୍ତ ବୃଦ୍ଧର ଯନ୍ତ୍ରଣା ଭଳି ସମ୍ବାଦ ଶୁଣାଯାଏ। କିନ୍ତୁ ସାରା ଘର ଉଚ୍ଛୁଳୁଥିବା ସିନେମାର ସଂଗୀତ ଭିତରେ ରେଡ଼ିଓର ମୁର୍ମୂଷୁ ସ୍ୱର କେଉଁଠି ହଜିଯାଏ।

ମୋର ମନେପଡ଼େ ବାରମ୍ବାର। ବହୁ ବର୍ଷ ତଳର ଚିକ୍‌ମିକ୍ ରେଡ଼ିଓ କଥା। କେମିତି ଯତ୍ନର ସହ ସେ ଶୋଇଯାଉଛି ଖଟର ଶେଯରେ। ବାବା ତାଙ୍କର ପଇଁତିରିଶ ଚାଳିଶ ବର୍ଷର ସୁନ୍ଦର ସ୍ୱାସ୍ଥ୍ୟର ହସ ହସୁଛନ୍ତି ପାଖରେ ବସି। ତାଙ୍କ ହାତରେ ସଫାକନା। ସେ ଆଦରରେ ପୋଛି ଦେଉଛନ୍ତି ରେଡ଼ିଓଟିକୁ।

ମୋର ବେଳେବେଳେ ମନେହୁଏ ବାବା ଆଉ ରେଡ଼ିଓ ଯେମିତି ଏକାଲୋକ। କିମ୍ବା ଖୁବ୍ ପାଖାପାଖି।

# ଏକ ଚୋରିର କାହାଣୀ

ଆମ ଗ୍ରାମରେ ସେତେବେଳେ ଚୋର ଧରିବା ପାଇଁ ମାତ୍ର ପାଞ୍ଚୋଟି ପଦ୍ଧତି ଅନୁସୃତ ହେଉଥିଲା। ସେଗୁଡ଼ିକ ହେଲକ ଯଥାକ୍ରମେ-ନଖଦର୍ପଣୀ, କୁଲାବୁଲା, କୁଞ୍ଚି କୋଲପ, ସର୍ବଜଣା ଓ ପୋଲିସ୍।

ନଖଦର୍ପଣୀର ପଦ୍ଧତି ଏହିଭଳି। ନଖଦର୍ପଣୀ ବିଦ୍ୟା ହାସଲ କରିଥିବା ଗୁଣିଆ କେବଳ ଏଇ କାମ କରିପାରେ। ସେ ଆପଣା ବୁଢ଼ା ଆଙ୍ଗୁଠିରେ କଳାକଜ୍ଜଳ ଲଗାଇ ଦେବ ଓ ମନ୍ତ୍ରପାଠ କରିବ। ସେଇ କଜ୍ଜଳକଳା ଉପରେ କଳାଧଳା ସିନେମାର ଚିତ୍ର ଭଳି ସମୁଦାୟ ଚୋରିର ଦୃଶ୍ୟ ଓ ଚୋରର ଚିତ୍ରପଟ ଦୃଶ୍ୟ ହେବ। ଏହାକୁ ଦେଖିପାରିବ ଆଠବର୍ଷରୁ କମ ବୟସର ଶିଶୁ। ବାସ୍! ଏହି କ୍ଷୁଦ୍ରାୟତନର ଅସ୍ପଷ୍ଟ ଚିତ୍ରରୁ ହିଁ ଚୋରର ହୁଲିଆ ଜାଣିହେବ। ତେବେ ଅଧିକାଂଶ କ୍ଷେତ୍ରରେ ନଖଦର୍ପଣୀର ଚିହ୍ନଟ ବିଫଳ ହେଉଥିଲା। କାରଣ ଚିହ୍ନଟ କରିବା ଚରିତ୍ରଟି ଥିଲା ନିପଟ ଶିଶୁ।

ଦ୍ୱିତୀୟ ଓ ତୃତୀୟ ପଦ୍ଧତି କୁଲାବୁଲା ଓ କୁଞ୍ଚିକୋଲପ ପ୍ରାୟ ଏକ ରକମର ଥିଲା। କୁଲାବୁଲା ପଦ୍ଧତିରେ ଗୋଟେ ଚାଉଳ ପାଛୁଡ଼ା ନୂଆ କୁଲାର ମୁଣ୍ଡରେ କତୁରୀଟିଏ ଲଗାଇ ଦିଆଯାଉଥିଲା। ତା'ପରେ ମନ୍ତ୍ରପାଠ। କୁଲାକୁ ତାନ୍ତ୍ରିକ ଟେକି ଧରେ। ଏଥର କୁଲା ସାମ୍ନାରେ ସନ୍ଦେହ କରାଯାଉଥିବା ଲୋକମାନଙ୍କର ନାମ ଶୁଣାଇ ଦିଆଯାଏ। ଚୋରି କରିଥିବା ଲୋକର ନାମ ଉଚ୍ଚାରିତ ହେବା ମାତ୍ରେ କୁଲାଟି ମନକୁ ମନ ଘୁରିବାରେ ଲାଗେ।

କୁଞ୍ଚି କୋଲପ କ୍ଷେତ୍ରରେ ବି ସେୟା। ତାନ୍ତ୍ରିକ ମନ୍ତ୍ରପାଠ କରିସାରି କୋଲପକୁ ଟେକିକି ଧରେ। କୁଞ୍ଚିଟି ଲାଗିଥାଏ କୋଲପରେ। ସମ୍ଭାବ୍ୟ ଚୋରମାନଙ୍କ ନାମ ପାଠ କରାଯାଏ କୋଲପ ସାମ୍ନାରେ। ଚୋରର ନାମ ପଡ଼ିଲେ ହିଁ ଚାବି ମନକୁ ମନ ଘୁରିଯାଏ। ତାଲା ପଡ଼ିଯାଏ।

ତେବେ ଏଇ ଦ୍ୱିତୀୟ ଓ ତୃତୀୟ ପଦ୍ଧତିରେ ଅସଫଳତା ଥିଲା ବେଶି। କାରଣ ସନ୍ଦେହ କରାଯାଉଥିବା ଲୋକମାନଙ୍କ ତାଲିକାରେ ଚୋରର ନାମ ରହି ନପାରିଲେ

ତାକୁ ଧରିବା ମୁସ୍କିଲ ଥିଲା। ତା'ଛଡ଼ା ''ସନ୍ଦେହ କରାଯାଉଛି'' ବୋଲି ଖବର ପାଇଗଲେ ଅନେକ ଲୋକ ଆସି ଚୋରି ହୋଇଥିବା ଲୋକ ସହ ଝଗଡ଼ା କରୁଥିଲେ। ''ତୁ ଆମକୁ ସନ୍ଦେହ କରୁଛୁ? ତୋର ଏଇ ବୁଦ୍ଧି ?'' ଇତ୍ୟାଦି କହି ଗାଳିଗୁଲଜ କରୁଥିଲେ।

ଚତୁର୍ଥ ପଦ୍ଧତିଟା ଥିଲା ସର୍ବଜଣା ପାଖକୁ ଯିବା। ଆମ ଗ୍ରାମରେ ନଖଦର୍ପଣୀ, କୁଲାବୁଲା ଓ କୁଞ୍ଚି କୋଲପ ବିଦ୍ୟା ଜାଣିଥିବା ଲୋକଥିଲେ। ମାତ୍ର ସର୍ବଜଣା ନଥିଲେ। ଦୂର ଏକ ଗ୍ରାମରେ ଥିଲା ଜଣେ ସର୍ବଜଣା। ତାକୁ ପୂର୍ବଦିନ ରାତିରୁ ଯୋଗାଯୋଗ କରିବାକୁ ପଡୁଥିଲା ଓ ତାର ପାଉଣା ଦେବାକୁ ହେଉଥିଲା। ସେ ସୂର୍ଯ୍ୟୋଦୟ ପୂର୍ବରୁ ତାର ପୂଜାପାଠ ଆରମ୍ଭ କରୁଥିଲା। ପୂଜାପାଠ ସରିବା ପରେ ତାକୁ ପୁଣିଥରେ ଭେଟିବାକୁ ପଡୁଥିଲା ଓ ପ୍ରଶ୍ନ ପଚାରିବାକୁ ପଡୁଥିଲା। ଉତ୍ତରରେ ସେ ଚୋରର ବର୍ଣ୍ଣନା ଦେଉଥିଲା। ତେବେ ସେ ଚୋରର ନାମ କହୁ ନଥିଲା। ବରଂ ଚୋରର ଉଚ୍ଚତା, ଚେହେରା ଓ ''ସେ କଣ କରେ'' ଇତ୍ୟାଦି ସଂପର୍କରେ ସୂଚନା ଦେଉଥିଲା। ସେଇ ସୂଚନାକୁ ଆଧାର କରି ଚୋରକୁ ଧରିବାକୁ ହେଉଥିଲା। ଯାହା ଅନେକ କ୍ଷେତ୍ରରେ ସଫଳ ହୋଇପାରୁ ନଥିଲା।

ପଞ୍ଚମ ପଦ୍ଧତିଟା ଥିଲା ପୋଲିସର ସାହାଯ୍ୟ ନେବା। ଏଇ ପଞ୍ଚମ ପଦ୍ଧତିଟା ଜମା ଆଦୃତ ନଥିଲା ଆମ ଅଞ୍ଚଳରେ। କାରଣ ଲୋକମାନେ ଜାଣି ସାରିଥିଲେ ଯେ ପୋଲିସ୍ ପାଖକୁ ଗଲେ ଚୋରତ ଧରାପଡ଼ିବ ନାହିଁ ବରଂ ଅନେକ ଝମେଲାରେ ପଡ଼ିବାକୁ ହେବ। ପଇସାପତ୍ର ବି ଢ଼େର ଖର୍ଚ୍ଚ ହେବ। ତା'ଛଡ଼ା ଥାନାଟା ଥିଲା ଦୂରରେ।

ତେଣୁ ଯେତେବେଳେ ସୋମନାଥ ମହାରଣାର ଧାନବିଲରୁ ସମୁଦାୟ କଳେଇ ଚୋରି ହୋଇଗଲା ଓ ସେ ଗ୍ରାମବାସୀମାନଙ୍କ ଆଗରେ ଫେରାଦି ହେଲା, ସେତେବେଳେ ଗ୍ରାମବାସୀମାନେ ମିଳିତ ସିଦ୍ଧାନ୍ତ ନେଲେ ଯେ ଏଇ ଚୋରିଟି ପକଡ଼ିବା ପାଇଁ ଖଟିଆ ଅଣାଯିବ। କାରଣ ଯା ପୂର୍ବରୁ ଗାଁରେ ଯେତେ ଯେତେ ଚୋରି ହୋଇଥିଲା ସେ ସବୁ ଥିଲା ଛୋଟକାଟିଆ ଚୋରି। କିନ୍ତୁ ଏଟା ଥିଲା ଗୁରୁତ୍ୱପୂର୍ଣ୍ଣ। ଅନୁସୃତ ହୋଇ ଆସୁଥିବା ପଦ୍ଧତିରେ ଅନେକ ସମୟରେ ଚୋର ଧରା ପଡୁ ନଥିଲେ। ତେଣୁ ଖଟିଆ ଅଣାଯିବ ଓ ସମସ୍ତଙ୍କ ସାମ୍ନାରେ ହିଁ ଚୋରକୁ ଧରାଯିବ।

ଆମ ଗାଁକୁ ଖଟିଆ ଆସିବା ସେଇଥିଲା ପ୍ରଥମ ଓ ଖଟିଆ ମାଧ୍ୟମରେ ଯେ ଚୋର ଧରାଯାଇପାରେ, ସେପରି ଶୁଣିବା ଆମ ପାଇଁ ଥିଲା ନୂତନ କଥାଟେ।

ସୋମନାଥ ମହାରଣା ଗ୍ରାମସଭାରେ ଆବଶ୍ୟକୀୟ ଟଙ୍କା ଦାଖଲ କଲା ଓ ଗ୍ରାମର ଦୁଇଜଣ ପ୍ରତିନିଧି ଖଟିଆବାଲା ସହିତ କଥାବାର୍ତ୍ତା କରିବା ପାଇଁ ନୟାଗଡ଼ ଆଡ଼େ ଯାତ୍ରା

କଲେ। ସେଇସବୁ ଦିନ ଆମ ଶିଶୁମାନଙ୍କ ପାଇଁ ଥିଲା ବେଶ୍ ରୋମାଞ୍ଚକର। ଗାଁ ଲୋକମାନେ ଏଠି ସେଠି ଖଟିଆ ସଂପର୍କରେ ଆଲୋଚନା କରୁଥିଲେ। ଆମେ ଶିଶୁମାନେ ସେଇ ଆଲୋଚନାଠୁ ଦୂରରେ ଠିଆ ହୋଇ ସବୁ ଶୁଣୁଥିଲୁ ଓ ଆମୋଦିତ ହେଉଥିଲୁ। ଆମ ଭିତରୁ କେତେଜଣ ସୋମନାଥ ମହାରଣାର ଘର ସାମ୍ନାରେ ଟହଲ ମାରୁଥିଲେ। ସେ ଯେତେବେଳେ ଘରୁ ବାହାରୁଥିଲା, ତା ପଛେ ପଛେ ଯାଉଥିଲେ। ବାଟରେ କେହି ବୟସ୍କଲୋକ ସୋମନାଥ ମହାରଣା ସହିତ ଭେଟ ହେଲେ ଓ ଗପସପ ହେଲେ, ଆମ ଶିଶୁଦଳର ସଦସ୍ୟମାନେ ପାଖକୁ ଲାଗି ଆସୁଥିଲେ ଓ ସେମାନଙ୍କ ଆଲୋଚନାରୁ ଖଟିଆ ସଂପର୍କରେ ତଥ୍ୟ ଆହରଣ କରୁଥିଲେ।

ସୋମନାଥ ମହାରଣା ଯେଉଁଆଡ଼େ ଯାଉଥିଲେ, ତାଙ୍କଠୁ ସମଦୂରତାରେ ଚାଲିଥିଲା ଆମ ମାନଙ୍କର ଶୋଭାଯାତ୍ରା। ଏକଥା ସୋମନାଥ ମହାରଣା ଜାଣିପାରୁଥିଲା ଓ ଥରେ ଦି'ଥର ଗାଳି ଦେଇଥିଲା। ଥରେ ପଛକୁ ବୁଲିପଡ଼ି ବାଡ଼ି ଉଞ୍ଚାଇ ମାରିବାକୁ ଗୋଡ଼େଇ ଥିଲା। କିନ୍ତୁ ଆମେ ଏଥିରେ ଆଦୌ ଅପମାନିତ ବୋଧ କରିନଥିଲୁ। କାରଣ ଖଟିଆ ସଂପର୍କରେ ଜ୍ଞାନ ଆହରଣ କରିବା ଆମପାଇଁ ସେତେବେଳେ ଚରମ ଓ ପରମ କର୍ତ୍ତବ୍ୟ ଭଳି ମନେ ହୋଇଥିଲା।

ଥରେ ରାଗିଯାଇ ସୋମନାଥ ମହାରଣା କହିଥିଲା: ଆରେ ଶଳାଏ ! ମୁଁ ଏବେ ଝାଡ଼ା ଯାଉଚି। ତମେ ମୋ ପଛରେ ଆସୁଚ କାହିଁକି ? ଝାଡ଼ା ଦେଖିବ ?

ଆମ ଶିଶୁଦଳର ଉତ୍ସାହୀ ଡ଼ିଟେକ୍ଟିଭମାନେ ଦୌଡ଼ି ପଳାଇ ଯାଇଥିଲେ।

ସେଇ ରକମ ଗ୍ରାମର ମୁଖିଆ ଲୋକମାନଙ୍କ ଘରସାମ୍ନାରେ ମଧ୍ୟ ଆମର ପ୍ରତିନିଧି ମୁତୟନ ହୋଇଥିଲେ। ଉଦ୍ଦେଶ୍ୟ ଖଟିଆ ସଂପର୍କରେ ଖବର ସଂଗ୍ରହ କରିବା। ଆମେ ସ୍କୁଲରେ ଏକାଠି ହେଉଥିଲୁ ଓ ଖଟିଆ ସଂପର୍କରେ ଆଧାରିତ ତଥ୍ୟ ନିଜ ନିଜ ଭିତରେ ବାଣ୍ଟି ପକାଉଥିଲୁ।

ସଦ୍ୟ ସଂଗୃହୀତ ଜ୍ଞାନକୁ ଭିତ୍ତି କରି ଯୋଗିଆ କହିଥିଲା: ଖଟିଆଟା ଆକାଶ ମାର୍ଗରେ ଖାଲି ଉଡ଼ିବ। ଚୋରକୁ ଠାବ କରିବା ମାତ୍ରେ ତା'ଉପରେ ମାଡ଼ି ବସିବ।

ନବ ଏ କଥାର ପ୍ରତିବାଦ କଲା। କହିଲା: ଉଡ଼ିବ ଯେ ! ହେଲେ ମନକୁ ମନ ନୁହେଁ। ତାର ଚାରି କୋଣରେ ବନ୍ଧା ହେବେ ଚାରିଟା ଗଞ୍ଜା। ସେଇମାନେ ଉଡ଼ାଇ ନେବେ। ମୁଁ ନିଜେ ଦେଖିଚି ଚାରିଟା କୁକୁଡ଼ା ପାଇଁ ଭୋଳି ନାୟକକୁ ବହିଣା ଦିଆ ହେଇଚି।

ଗିରିଧାରୀ କହିଲା: ନା! ନା! ସେ କୁକୁଡ଼ା କେବଳ ବଳି ପଡ଼ିବ। ପ୍ରକୃତରେ ଖଟିଆର ଚାରିକୋଣରେ ଥୁଆ ହେବ ଚାରିଟା ଅଣ୍ଡା। ସେ ଅଣ୍ଡା ଫୁଟି ଛୁଆ ବାହାରିବ। ସେ ଛୁଆ ତତ୍‌କ୍ଷଣାତ୍ ବଡ଼ ହୋଇଯିବେ ଓ ଖଟିଆକୁ ଉଡ଼େଇ ନେବେ।

ମୁଁ ପଚାରିଲି: ଅଣ୍ଡା ଫୁଟିବା ମାତ୍ରେ କ'ଣ ଚିଆଁ ଗୁଡ଼ାକ ବଡ଼ ହୋଇଯିବେ?

ବିଶିଆ ମନ୍ତବ୍ୟ ଦେଲା: ହେବେ! ହେବେ! ଅଲବତ୍ ହେବେ! ଏସବୁ ଗୁଣୀ ବଳରେ ହେବ।

ଆମ ସମସ୍ତଙ୍କର ଆଖି ସାମ୍ନାରେ ଭାସି ଉଠିଲା ସେଇ ଅଭାବିତ ଦୃଶ୍ୟ। ଅଣ୍ଡାଫୁଟି ବାହାରି ଆସୁଥିବା ଚିଆଁମାନେ ମୁହୂର୍ତ୍ତକ ମଧ୍ୟରେ ବଡ଼ କୁକୁଡ଼ାରେ ପରିଣତ ହୋଇଯାଉଛନ୍ତି ଓ କୁହୁକ ଗାଲିଚା ଭଳି ଗୋଟେ ରଙ୍ଗୀନ ଖଟିଆକୁ ଉଡ଼େଇ ନେଇଯାଉଛନ୍ତି ଦିଗ୍‌ବଳୟର ଆରପାରିକୁ, ଆମେ ଦୃଶ୍ୟଟିକୁ କଳ୍ପନା କରି ବିମୋହିତ ହୋଇଗଲୁ।

ଖଟିଆ ଅଣାଯିବାର ଦିନ ଯେତେଯେତେ ପାଖ ହୋଇଆସୁଥିଲା, ଆମେମାନେ ସେତେ ସେତେ ରୋମାଞ୍ଚିତ ହେଉଥିଲୁ। ହଠାତ୍ ଖବର ମିଳିଲା ଖଟିଆ ଆସିବାର ସାତଦିନ ଆଗରୁ ଗାଁସାରା ଆମିଷ ଭକ୍ଷଣ ନିଷିଦ୍ଧ। ସମସ୍ତେ ଅରୁଆ ଖାଇବାକୁ ବାଧ୍ୟ। ଆମେମାନେ ଆତଙ୍କିତ ହୋଇପଡ଼ିଥିଲୁ। ମାତ୍ର ଖବରଟିକୁ ଖଣ୍ଡନ କଲା ପାଣୁଆ। କହିଲା: ଯୋଉମାନେ ଖଟିଆ କାନ୍ଧେଇବେ କେବଳ ସେଇମାନେ ହିଁ ଅରୁଆ ଖାଇବେ! ମୁଁ ପଚାରିଲି: ଖଟିଆକୁ ତ କୁକୁଡ଼ା ଉଡ଼େଇବେ, ଏ ଲୋକମାନେ ଖଟିଆ କାନ୍ଧେଇବେ କାହିଁକି? ପାଣୁଆ ଉତ୍ତର ଦେଲା: ଆଖି ଛୁଉଁଚି! ମୁଁ ବାପାଙ୍କ ମୁହଁରୁ ଶୁଣିଚି। ଚାରିଜଣ ଲୋକ ନୂଆ ଲୁଗା ପିନ୍ଧିବେ। ସାତଦିନ ଅରୁଆ ଖାଇ ଚଳିବେ। ସେଇମାନେ ଖଟିଆ କାନ୍ଧେଇବେ।

ପାଣୁଆର ନୂତନ ତଥ୍ୟକୁ ସମର୍ଥନ କଲା ସନିଆ।

କହିଲା: ଖଟିଆ ଉପରେ ବସିବ ନାଲି ଲୁଗାପିନ୍ଧା ଗୁଣିଆ। ସେ ମନ୍ତ୍ର ପଢ଼ିବ। ତା'ପରେ ଯାଇ ଖଟିଆ ଆକାଶରେ ଉଡ଼ିବ।

ମୁଁ ଭାବିଲି ହୋଇପାରେ। କାରଣ ଗୁଡ଼ିଟା ଯେମିତି ମନକୁ ମନ ଆକାଶକୁ ଉଡ଼ିଯାଏ ନାହିଁ। ତାକୁ କିଛି ଦୂରରୁ ଆକାଶକୁ ଠେଲିଦେବାକୁ ହୁଏ, ଖଟିଆକୁ ମଧ୍ୟ ସେମିତି ଆକାଶ ଆଡ଼କୁ ଠେଲି ଦେବାକୁ ହେବ ପରା। ମୁଁ ଏଇ ନୂତନ ତଥ୍ୟକୁ ପ୍ରାସଙ୍ଗିକ ମନେକଲି।

ମୋତେ ଟିକିଏ ଦୂରକୁ ଡାକି ନେଲା ଯୋଗିଆ।

ମୁଁ ପଚାରିଲି: କ'ଣ କହିବୁ?

ଯୋଗିଆ କହିଲା: ମୋତେ ଭାରି ଡର ଲାଗୁଛି !

ମୁଁ ପଚାରିଲି: କାହିଁକି ? ତୁ କ'ଣ ସୋମନାଥ ମହାରଣାର କଳେଇ ଚୋରି କରିଛୁ ?

ସେ କହିଲା: ନା।

ମୁଁ ପଚାରିଲି:ତେବେ ଏତେ ଡରୁଛୁ କାହିଁକି ?

ସେ କହିଲା: ମୁଁ ଶୁଣୁଚି ଖାଲି ସୋମନାଥ ମହାରଣାର କଳେଇ ଚୋରି କଥା ନୁହେଁ, ଏବେ ଏବେ ଯେତେ ଚୋରି ହୋଇଚି ସବୁ କଥା ପଡ଼ିବ ଖଟିଆ ସାମ୍ନାରେ।

ମୁଁ କହିଲି: ତ' କ'ଣ ହେଲା ?

ଯୋଗିଆ କାନ୍ଦ କାନ୍ଦ ଦିଶିଲା।

କହିଲା: ମୁଁ ସ୍କୁଲ ଗଛରୁ ଦି'ଟା ପଇଡ଼ ତୋଳିକି ଖାଇ ଦେଇଚି। ଯଦି ହେଡ୍‌ମାଷ୍ଟ୍ରେ ଖଟିଆ ଆଗରେ କଥାଟା ପକେଇ ଦିଅନ୍ତି ! ମୋ ଅବସ୍ଥା କ'ଣ ହେବ ?

ଯୋଗିଆ କଥାଟା ଶେଷ କରୁ କରୁ କାନ୍ଦି ପକେଇଲା। ମୁଁ ବି ଚିନ୍ତାଶୀଳ ଦିଶିଲି। ବହୁତ ଭାବିଚିନ୍ତି କହିଲି: ସେମିତି ହେଲେ ବହୁତ ପିଲା ଧରା ହେବେ ! ତୁ ଭୟ କରନା। ଯୋଗିଆ କାନ୍ଦି କାନ୍ଦି କହିଲା: କିନ୍ତୁ ମୁଁ ତ ଏବେ ଖାଇଚି ନା ! ଆଗ ଧରା ପଡ଼ିଯିବି । ନିଶ୍ଚେ ଧରାପଡ଼ିଯିବି !

ମୁଁ କହିଲି: ତୁ କୁଆଡ଼େ ଗୋଟେ ପଳା !

ଯୋଗିଆ ଅସହାୟ ସ୍ୱରରେ କହିଲା: କୁଆଡ଼େ ଯିବି ?

ମୁଁ ଉପଦେଶ ଦେଲି: କୋଉ କୁଣିଆ ଘରକୁ ପଳା। ଖଟିଆ ଗଲାପରେ ଆସିବୁ।

ଯୋଗିଆ ଆଶ୍ୱସ୍ତ ଦିଶିଲା।

ଖଟିଆ ଆସିବା ଦିନ ଆମେ ସ୍କୁଲରୁ କେମିତି ଠକି କି ରହିବୁ ସେଇକଥା ଯୋଜନା କରୁଥିଲୁ। ସୌଭାଗ୍ୟକୁ ସେଦିନ ପଡ଼ିଲା ଶନିବାର। ସ୍କୁଲରେ ସାର୍‌ମାନେ ମଧ୍ୟ ଅପେକ୍ଷାକୃତ ଉଦାର ଦିଶିଥିଲେ। କାରଣ ସେମାନେ ବି ଖଟିଆ ଦେଖିବାର ଆଗ୍ରହ ଜାରି ରଖିଥିଲେ। ତେଣୁ ସ୍କୁଲକୁ ପ୍ରଥମ ପିରିୟଡ୍ ପରେ ପରେ ହିଁ ଛୁଟି କରିଦିଆଗଲା। ଆମେ ଧାଇଁଲୁ ଘଟଣାସ୍ଥଳୀକୁ।

ଗାଁର ମଝି ମଝିଆ ଗୋଟେ ଜାଗାରେ ଖଟିଆ ପୂଜା ହେଉଥିଲା। ଆମେ ଘଟଣାସ୍ଥଳରେ ପହଞ୍ଚି ଦେଖିଲୁ ଖଟିଆ ଦେଖିବା ପାଇଁ ପ୍ରବଳ ଜନସମାଗମ ହୋଇଛି। ସତେ ଯେମିତି ଯାନିଯାତ୍ରା ବା ମେଳଣ। ଗୋଟେ ପୁରୁଣା ଦଉଡ଼ିଆ ଖଟିଆ ଥୁଆ ହୋଇଛି

ଗାଁ ଦାଣ୍ଡରେ। ଟିକିଏ ଦୂରରେ ଗୋଟେ ଦୁର୍ବଳିଆ ଦାଢ଼ିବାଲା ଲୋକ ବସି ମନ୍ତ୍ରପାଠ କରୁଛି। ମୁଁ ଟିକିଏ ହତାଶ ହୋଇଗଲି। କାରଣ ମୋର ଧାରଣା ଥିଲା ଯେ ମଖମଲି ଶେଯ ପରା ହୋଇଥିବା ଗୋଟେ ସିଂହାସନ ମାର୍କା ଦାମିକା ଖଟ ସେଠି ପକାହେବ । ତାନ୍ତ୍ରିକ ଗୋଟେ ବଳିଷ୍ଠ ଦୀର୍ଘକେଶୀ ଲୋକ ହୋଇଥିବା ଆବଶ୍ୟକ। ମୁଁ ମନେ ମନେ ଟିକେ ଅସନ୍ତୁଷ୍ଟ ହେଲି ଓ ବାସ୍ତବ ସତ୍ୟକୁ ଗ୍ରହଣ କରିନେଲି।

ଖଟିଆର ଆଖପାଖରେ ନୂଆଲୁଗା ପିନ୍ଧିଥିବା ଦଶବାରଜଣ ଆତଯାତ ହେଉଥିଲେ ଓ ଗାଁର ମୁଖିଆ ଲୋକମାନେ ଅପେକ୍ଷାକୃତ ପରିଷ୍କାର ଦିଶୁଥିଲେ ନିଜ ନିଜର ପୋଷାକ ଓ ଚେହେରାରେ।

ପାଣୁଆ ମୋତେ ଚିହ୍ନାଇ ଦେଲା। ଦାଢ଼ିବାଲାଟା ହେଲା ଗୁଣିଆ। ନୟାଗଡ଼ ସାଇଡ଼ରୁ ଆସିଚି। ଏଇ ଚୋରି ଧରିବା ପାଇଁ ସେ ନେବ ଦି’ ହଜାର ଟଙ୍କା। ଯୋଉ ଦଶବାର ଜଣ ଲୋକ ନୂଆ ଲୁଗାପିନ୍ଧି ବୁଲୁଛନ୍ତି ସେମାନେ ସାତ ଦିନ ହେଲା ଅରୁଆ ଖାଇକି ଅଛନ୍ତି। ସେଇମାନେ ହିଁ ଖଟିଆ କାନ୍ଧେଇବେ।

ଗୁଣିଆ ମନ୍ତ୍ର ପାଠ କରୁଥିଲା। ଅରୁଆ ଚାଉଳ, ଦୁବ, ବରକୋଳି ପତ୍ର ସିନ୍ଦୂର ହଳଦୀ ଇତ୍ୟାଦି ବୃଷ୍ଟି କରୁଥିଲା ଖଟିଆ ଉପରେ। ଚାରିଟା କୁକୁଡ଼ାଙ୍କୁ ମାରି ଖଟିଆର ଚାରିକୋଣରେ ରକ୍ତ ଦିଆଗଲା। ମଲା କୁକୁଡ଼ାମାନଙ୍କୁ ଫିଙ୍ଗି ଦିଆଗଲା ଦୂରକୁ। ଖଟିଆର ଚାରି ଖୁରାରେ ଛେଚାହେଲା ଚାରିଟି ଅଣ୍ଡା।

ମୁଁ ପାଣୁଆକୁ ପଚାରିଲି: ଏ ମଲା କୁକୁଡ଼ାକୁ କିଏ ନେବେ ?

ପାଣୁଆ କହିଲା: ଏ କୁକୁଡ଼ାକୁ ଖାଇ ହେବନି। ମନ୍ତ୍ର ବଳରେ ତା’ ଦେହରୁ ସବୁ ରକ୍ତ ମାଂସ ଚାଲିଯାଇଛି। ଏବେ କେବଳ ଖୋଳପାଟା ଯାହା ଅଛି।

ମୁଁ କୁକୁଡ଼ା ପାଖକୁ ଯାଇ, ତାକୁ ଛୁଇଁ ପାଣୁଆ କଥାର ସତ୍ୟାସତ୍ୟ ଅନୁସନ୍ଧାନ କରିପାରିଲିନି। ଭୟ ଲାଗିଲା।

ଏଥରକ ଗୁଣିଆ ଠିଆ ହେଲା, ଆକାଶକୁ ଚାହିଁ ଅଦୃଷ୍ଟ ଦେବୀଙ୍କୁ ପ୍ରଣାମ କଲା। ଆବାହନ କଲା। ନିର୍ଦ୍ଦେଶ ଦେଲା। ଚାରିଜଣ ନୂଆ ଲୁଗାପିନ୍ଧା ଲୋକ ଖଟିଆକୁ କାନ୍ଧେଇଲେ । ଗୁଣିଆ ଆପଣା ଅଣ୍ଟିରେ ଧରିଥାଏ କିଛି ଅରୁଆ ଚାଉଳ। ତା’ ପଛେ ପଛେ ସୋମନାଥ ମହାରଣାର ପୁଅ ଚାଉଳ ବାଉଁଶିଆଟାଏ ଧରି ଠିଆ ହୋଇଥାଏ।

ଗୁଣିଆ କିଛି ହଳଦୀମିଶା ଅରୁଆ ଚାଉଳ ଛାଟି ଦେଲା ଭୂମିରେ ଏବଂ ଚିତ୍କାର କଲା: ଚାଲ୍!

ଏଥର ଚାରିଜଣ ଲୋକ ଆଗେଇଲେ। ସେମାନଙ୍କ କାନ୍ଧରେ ଖଟିଆ। ଏଇ ଯିବାଟାକୁ ଜନତା କହିଲେ ଖଟିଆ ଯାଉଚି। ଚାରିଜଣ ଲୋକ ଖଟିଆ ବୋହି ନେଉଛନ୍ତି ବୋଲି କେହି କହିଲେ ନାହିଁ। ଆସ୍ତେ ଆସ୍ତେ ଖଟିଆର ଗତି ବଢ଼ିଲା। ଦର୍ଶକ ସଂଖ୍ୟା ୟା' ଭିତରେ ଆଶାତୀତ ଭାବରେ ବୃଦ୍ଧି ପାଇଥିଲା। ଖଟିଆ ସେଇ ଲୋକ ଗହଳି ଭିତରେ ଦିଶାହୀନ ତରୀ ଭଳି ବୁଲିବାକୁ ଲାଗିଲା। କେବେ ଏପଟକୁ ଧାଇଁଯାଏ ତ କେବେ ସେପଟକୁ । ଲୋକମାନେ କିଲିବିଲି ହୋଇ ଦଉଡୁଥାନ୍ତି। ଆମେ ବି ଧାଇଁ ଧାଇଁ ଅଣନିଃଶ୍ୱାସୀ ହୋଇଯାଇଥାଉ। ହୋ ହଲ୍ଲାରେ ଭରିଥାଏ ବାୟୁମଣ୍ଡଳ।

ଗୁଣିଆ ଘୋଷଣା କଲା: ଚୋର ଏଇ ଲୋକମାନଙ୍କ ଭିତରେ ଅଛି!

ମୋ ଛାତିରେ ଧଡ଼୍ କରି ହେଲା। ଚୋର ଆମରି ଭିତରେ ଅଛି! ଅଥଚ ଆମେ ତାକୁ ଜାଣୁନା! ତା'ର ସାହସ ତ କିଛି କମ୍ ନୁହେଁ! କିଏ? କିଏ ହୋଇପାରେ ଲୋକଟା? ମୁଁ ସବୁ ଲୋକଙ୍କ ମୁହଁକୁ ବଲ ବଲ କରି ଚାହିଁଲି।

ଜଣେ ନେତୃସ୍ଥାନୀୟ ଲୋକ ଭ୍ରମର ବିଶ୍ୱାଳ ଘୋଷଣା କଲେ: ଦୟାକରି ଲୋକମାନେ ଦଉଡ଼ାଦଉଡ଼ି କରନ୍ତୁ ନାହିଁ। ଗୋଟିଏ ଜାଗାରେ ସ୍ଥିର ହୋଇ ରୁହନ୍ତୁ। ନୋହିଲେ ଚୋର ଧରିବାକୁ କଷ୍ଟ ହେବ।

କେତେଜଣ ସ୍ୱେଚ୍ଛାସେବକ ବାହାରି ଆସିଲେ ଆପେ ଆପେ। ଲୋକମାନଙ୍କୁ ଶାନ୍ତ କଲେ। ଏଥର ଲୋକମାନେ ସ୍ଥିର ହୋଇ ଠିଆ ହେଲେ। ଆମେ ଛୁଆମାନେ ବଡ଼ ଲୋକଙ୍କ ପଛପଟେ ଲୁଚି ରହିଲୁ। ଲୁଚିକି ପ୍ରତ୍ୟକ୍ଷ କରିବାରେ ଲାଗିଲୁ ଏଇ ବିସ୍ମୟକର ନାଟକକୁ। ଏଥର ଖଟିଆ ଚାରିଲୋକଙ୍କ ସାହାରାରେ ଆଗେଇଲା ଓ ଜଣେ ଲୋକ ଦେହରେ ଘଷି ହୋଇ ରହିଲା।

ଗୁଣିଆ ସଗର୍ବେ ଜଣାଇ ଦେଲା: ଏଇ ହେଉଚି ଚୋର!

ଆମେ ସମସ୍ତେ ଚୋର ମୁହଁକୁ ଚାହିଁଲୁ। ସେ ଥିଲା ଶିବ ପଣ୍ଡା। ସେ ବି ଜଣେ ମାମଲତକାରିଆ ଲୋକ। ବଜାର ଉପରେ ଛୋଟକାଟିଆ ଲୁଗା ଦୋକାନଟେ କରିଛି। ତା'ର ଗୋଟେ ପୁଅ ଆମ ତଳ ଶ୍ରେଣୀରେ ବି ପଢ଼େ। ଏଇ ତେବେ ଚୋର? ଏତେ ଭଦ୍ରଲୋକ ବୋଲି ମନେହେଉଥିବା ଲୋକଟା ତେବେ ସୋମନାଥ ମହାରଣାର ଧାନ ଚୋରି କରିଥିଲା।

ଆମେ ଆଶା କରୁଥିଲୁ ଧରାପଡ଼ିଯିବା ପରେ ଲୋକଟିର ମୁହଁ କଳା ପଡ଼ିଯିବ ସେ କାନ୍ଦି ପକେଇବ ଏବଂ ସମ୍ମିଳିତ ଜନତା ତାକୁ ମାଡ଼ି ବସିବେ। କିମ୍ବା ବାନ୍ଧି

ପକେଇବେ। ମାଡ଼ ଦୁଇ ଚାରିଟା ମଧ୍ୟ ହୋଇଯାଇପାରେ। ମାତ୍ର ସେପରି କିଛି ଘଟିଲା ନାହିଁ। ବରଂ ଲୋକଟି ହସିବାକୁ ଲାଗିଲା।

ଏତିକିବେଳେ ନେତୃସ୍ଥାନୀୟ ବ୍ୟକ୍ତି ଭ୍ରମର ବିଶ୍ୱାଳ ସମ୍ମିଳିତ ଲୋକଙ୍କୁ ଭାଷଣଟିଏ ଦେବାର ସୁଯୋଗ ପାଇଥିଲେ। ସେ ସୁଯୋଗର ଅସଦ୍‌ବ୍ୟବହାର କଲେ ନାହିଁ। କହିଲେ ଯେ ଏଇ ପ୍ରଥମ କେସ୍‌ଟା ଥିଲା ପରୀକ୍ଷାମୂଳକ। ପ୍ରକୃତରେ ଖଟିଆ ଚୋର ଧରିପାରୁଛି କି ନାହିଁ ତା'ର ଗୋଟେ ପରୀକ୍ଷା। ଶିବପଣ୍ଡା ଗାଁର ମାମଲତକାରମାନଙ୍କ ଜ୍ଞାତସାରରେ ହିଁ ବନାପଣ୍ଡାର ଗୋଟେ ଲଙ୍ଗଳ ଚୋରି କରିଥିଲା। ଏବେ ଗୁଣିଆକୁ ସେଇ ଲଙ୍ଗଳ ଚୋରିର ସମାଧାନ କରିବାକୁ କୁହାଗଲା ଓ ଖଟିଆ ଶିବ ପଣ୍ଡାକୁ ଚିହ୍ନଟ କଲା। ଏଥିରୁ ପ୍ରମାଣିତ ହେଲା ଯେ ଖଟିଆର ପ୍ରକୃତରେ ଚୋର ଧରିବାର କ୍ଷମତା ଅଛି।

ଯଦିଓ ଏଇ ପ୍ରଥମ ପରୀକ୍ଷାରେ ଖଟିଆ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇଗଲା। ଗୁଣିଆ କିନ୍ତୁ ଖୁସି ଜଣାଗଲା ନାହିଁ। ସେ କହୁଥିବାର ଶୁଣାଗଲା: ମତେ ପୁଣି ପରୀକ୍ଷା।! ମୋ ଖଟିଆକୁ ପୁଣି ପରୀକ୍ଷା ! ହଉ ଠିକ୍ ଅଛି। ଗୁଣିଆକୁ କେତେ ଜଣ ନେତୃସ୍ଥାନୀୟ ବ୍ୟକ୍ତି ବୁଝାଉଥିବାର ଦେଖାଗଲା ଏବଂ ଏଇ ସମୟରେ ଖଟିଆ କାନ୍ଧେଇଥିବା ଲୋକମାନେ ବଦଳିଲେ। ଆଉ ଚାରିଜଣ ନୂଆଲୋକ ଖଟିଆ କାନ୍ଧେଇଲେ।

ଖଟିଆ କାନ୍ଧେଇବାର ସଦ୍ୟ ଅନୁଭୂତି ଅର୍ଜନ କରି ସାରିଥିବା ଏଇ ଚାରିଜଣ ଲୋକଙ୍କ ଚାରିପଟେ ଗଢ଼ି ଉଠିଲା ଉତ୍ସାହୀ ଜନତାଙ୍କ ବୃତ୍ତ। ଜନତା ସେମାନଙ୍କୁ ସେମାନଙ୍କର ଅଭିଜ୍ଞତା ସଂପର୍କରେ ଗୁଡ଼େଇ ତୁଡ଼େଇ ପ୍ରଶ୍ନ କରୁଥିଲେ। ମୁଁ ଗୋଟେ ବୃତ୍ତ ଭିତରେ ଗଳିଗଲି ଓ ସାମ୍ନାରେ ବାହାରିଲି। ପ୍ରତ୍ୟକ୍ଷ ଅଭିଜ୍ଞତାରୁ କିଛି ଶୁଣିଲି। ଯୁବକ ଶୁଣାଉଥିଲେ ଏହିପରି - ପ୍ରକୃତରେ ଆମେ ଧାଉଁଥିଲୁ ସିନା, ହେଲେ ଆମର କିଛି ନ ଥାଏ। ଖଟିଆ ହିଁ ଟାଣିନିଏ। ଆମର ଖାଲି ଚାଲିବା କଥା। ପ୍ରକୃତରେ ଖଟିଆର ମନ୍ତ୍ର ଶକ୍ତି ଅଛି। ମିଛ ନୁହେଁ। ଖଟିଆ କଥା ସତ।

ଏଇ ସବୁ ଦୃଶ୍ୟ ଶୁଣୁଥିବା ବେଳେ ହିଁ ଦେଖିଲି ସେଠି ଯୋଗିଆ ଠିଆ ହେଇଚି। ଯିଏ ସେଦିନ ସ୍କୁଲ ଯାଇ ନ ଥିଲା ଓ ମୋର ପରାମର୍ଶ ମୁତାବକ କୁଣିଆ ଘରକୁ ଚାଲିଯିବାର ଥିଲା। ଅଥଚ ଏବେ ସେ ନିର୍ଭୟରେ ଜନଗହଳି ଭିତରେ ଘୁରୁଛି। ମୁଁ ତା'ର ହାତକୁ ଖପ୍‌କିନା ଧରିପକାଇଲି।

ପଚାରିଲି: କିରେ! ତତେ ପରା କହିଥିଲି କୁଣିଆ ଘରକୁ ପଳେଇବୁ?

ସେ କହିଲା: ଗଲିନି।

ମୁଁ ପଚାରିଲି: ଗଲୁନି କାହିଁକି ?

ସେ କହିଲା: ନାଇଁ ! ଦରକାର ନାହିଁ। ହେଡ୍‌ମାଷ୍ଟ୍ରେ ଏଠି କିଛି ପଚାରିବେ ନାଇଁ।

ମୁଁ ପଚାରିଲି: ତୁ କେମିତି ଜାଣିଲୁ ?

ସେ କହିଲା: କାଲି ସନ୍ଧ୍ୟାବେଳେ ହେଡ୍‌ମାଷ୍ଟ୍ରଙ୍କ ଘରକୁ ଗଲି। ତାଙ୍କ ପାଦତଳେ ସିଧା ପଡ଼ିଗଲି। ସବୁ କଥା ମାନିଗଲି। ସେ ମତେ କ୍ଷମା କରି ଦେଇଛନ୍ତି। ଆଉ କହିଛନ୍ତି ସେ କଥା ଗୁଣିଆକୁ ପଚାରିବେ ନାହିଁ।

ମୋ ମନଟା କାହିଁକି କେଜାଣି ଭାଙ୍ଗିଗଲା।

ମୁଁ ମନ୍ତବ୍ୟ ଦେଲି: ଡରକୁଳା ! ଛେରୁଆ।

ଯୋଗିଆ ମତେ ଆଉ କିଛି ନୂତନ ସମ୍ବାଦ ବି ଶୁଣାଇଦେଲା।

କହିଲା: ମୁଁ ମୋର ସବୁ ଦୋଷ ମାନି ଯାଇଛି। ଆଉ ଅନ୍ୟ ସମସ୍ତଙ୍କ କଥା ବି କହିଦେଇଛି। ମୁଁ କହି ଦେଇଛି, ଗିରିଧାରୀ ଗୋଟେ ଚକ୍ ଡବା ଚୋରି କରିଛି। ଆଉ ତୁ ଡଷ୍ଟରଟାକୁ ବିଲ୍ ଭିତରକୁ ଫୋପାଡ଼ି ଦେଇଛୁ !

ମୁଁ ସଙ୍ଗେ ସଙ୍ଗେ ରାଗିଗଲି। ଯୋଗିଆକୁ ଆକ୍ରମଣ କରିଥାନ୍ତି। ମାତ୍ର ଏତେ ଲୋକଙ୍କ ସାମ୍ନାରେ ସେପରି କରିବା ସମ୍ଭବ ନ ଥିଲା। ସହଜେ ମୁଁ ଥିଲି ଦୁର୍ବଳ। ଯୋଗିଆ ଖବରଟା ଶୁଣାଇ ସାରି ଦାନ୍ତ ଦେଖେଇଲା ଓ ଗହଳି ଭିତରେ ଅଦୃଶ୍ୟ ହେଇଗଲା। ମୁଁ ଏ ସଂପର୍କରେ ଗିରିଧାରୀର ସାହାଯ୍ୟ ନେଇ ଯୋଗିଆକୁ ପାନେ ଦେବାପାଇଁ ମନେ ମନେ ସ୍ଥିର କରିନେଲି। ଯା' ଭିତରେ ଗୁଣିଆକୁ ବୁଝାସୁଝା କରିବା ପର୍ବ ଶେଷ ହୋଇସାରିଥିଲା। ସୋମନାଥ ମହାରଣାର କଳେଇ ଚୋରି ଘଟଣାକୁ ବେପରଦା କରିବା ଦାୟିତ୍ୱ ସେ ହାତକୁ ନେଇ ସାରିଥିଲା। ଏଥର ସେ ମୁଠାଏ ଚାଉଳ ଫୋପାଡ଼ିଲା ଓ ଖଟିଆକୁ ନିର୍ଦ୍ଦେଶ ଦେଲା ସୋମନାଥ ମହାରଣାର ବିଲକୁ ଯିବାପାଇଁ। ଏଥର ଖଟିଆ ଧାଇଁବାକୁ ଲାଗିଲା ବିଲଆଡ଼େ। ସେଟା ଥାଏ ଶୀତଋତୁ। ଫସଲ ଅମଳର ସମୟ। ବିଲ ସବୁ ପୂରାପୂରି ଶୁଖି ନ ଥାଏ। ଠାଏ ଠାଏ କାଦୁଅ। ହିଡ଼ସାରା କୋଇଲିଖିଆ କଣ୍ଟା ଭରପୂର। ଗୋଟେ ଗୋଟେ ଜମିରେ ମୁଗବିରି ଛଟା ହୋଇଥାଏ। ଗଛ ସବୁ ଛୋଟ ଛୋଟ। ସେଇ ଛୋଟ ଗଛକୁ ରକ୍ଷା କରିବା ପାଇଁ ବିଲ ମୂଳରେ କଟା ହେଇ ପଡ଼ିଥାଏ ସପ୍ତଫେଣୀ କଣ୍ଟା, ମାତ୍ର ସେ ସବୁକୁ ଖାତିର ନ କରି ଖଟିଆ ଧାଇଁଲା ଗହୀର ବିଲରେ। ଖଟିଆ ପଛେ ପଛେ ଜନତାଙ୍କ ଶୋଭାଯାତ୍ରା।

ଗୋଟାଏ ବିଲ ମଝିରେ ଠିଆ ହୋଇଗଲା ଖଟିଆ।

ଗୁଣିଆ ଘୋଷଣା କଲା: ଏଇ ବିଲରୁ ଚୋରି ହୋଇଛି।

ଜନତା ଉଲ୍ଲସିତ ଦିଶିଲେ। ମନ୍ତବ୍ୟ ଦେଲେ: ଖଟିଆ ଠିକ୍ ଚିହ୍ନୁଚି।

ପାଣୁଆ ମୋ କାନରେ କହିଲା: ଦେଖିଲୁ! ଖଟିଆ କେମିତି ସୋମନାଥ ମହାରଣାର ବିଲକୁ ଚିହ୍ନିଗଲା। ମନ୍ତ୍ରଯନ୍ତ୍ର କଥାଟା ଠିକ ମ!

ମୁଁ ଯୁକ୍ତି କଲି: କିନ୍ତୁ ଖଟିଆ କାନ୍ଧେଇଥିବା ଲୋକମାନେ ସମେସ୍ତ ତ ଆମ ଗାଁର। ସେମାନେ କ'ଣ ସୋମନାଥ ମହାରଣାର ବିଲ ଚିହ୍ନି ନାହାନ୍ତି?

ପାଣୁଆର ମୁହଁ ମଳିନ ପଡ଼ିଗଲା। ସେ ଚୁପ୍ ରହିଲା।

ଗୁଣିଆ ତେଣେ ଭାଷଣ ଦଉଥାଏ। ଖଟିଆକୁ ନିର୍ଦ୍ଦେଶ ଦେଲା, ଚାଉଳ ଫୋପାଡୁ ଫୋପାଡୁ : ଏଇ ବିଲରୁ ଚୋରି ହେଇଛି। କଳେଇ ଚୋରି। ଯୋଉ ଯୋଉ ବାଟେ ଚୋରମାନେ ଗଲେ ସେ ବାଟ ଦେଖା। ଦେଖା!

ବାସ୍! ଏଥର ଖଟିଆ ଧାଇଁବାକୁ ଲାଗିଲା ହିଡ଼ ଉପର ଦେଇ। ଚାରିଜଣ ଲୋକଙ୍କୁ ନେଇ ଆଗଉଥିବା ଖଟିଆ ହିଡ଼ ଉପର ଦେଇଯିବା ପ୍ରାୟ ଅସମ୍ଭବ ଥିଲା। ତେଣୁ ହିଡ଼ର ଦୁଇପଟେ ଦି'ଜଣ ଲେଖାଏଁ ଧାଉଁଥିଲେ। ଯାହା ପ୍ରମାଣ କରୁଥିଲା ଚୋର ଏଇ ହିଡ଼ଦେଇ ହିଁ କଳେଇ ବୋହି ନେଇଛି। ଏହାପରେ ଖଟିଆ ବାଟୁଳୀପଡ଼ା, ଆମ ଗ୍ରାମର ଅନ୍ୟତମ ସାହି, ଦିଗରେ ଚାଲିଲା। ବାରିପଟୁ ହିଁ ଘରମାନଙ୍କର ପଶିଲା। ଏହିପରି ଅନେକ ଘରର ବାରିପଟ ଦରଜାରେ ଧକ୍କା ଦେଇସାରିବା ପରେ ଖଟିଆ ସ୍ଥିର ହେଲା।

ଗୁଣିଆ ମନ୍ତବ୍ୟ ଦେଲା: ଏହିସବୁ ଘର ଭିତରକୁ କଳେଇ ନିଆଯାଇଛି।

ଜନତା ପ୍ରଭାବିତ ହୋଇସାରିଥିଲେ। ମନ୍ତବ୍ୟ ଦେଲେ: ନିଶ୍ଚୟ! ନିଶ୍ଚୟ! ବିଶିଷ୍ଟ ନେତୃସ୍ଥାନୀୟ ବ୍ୟକ୍ତି ଭ୍ରମଣ ବିଶ୍ୱାଳ ଗୁଣିଆକୁ କହୁଥିଲେ: ଆମର ଚୋର ଧରାହେବା ଦରକାର। ଚୋରକୁ ଶୀଘ୍ର ଧର ହୋ! ଡେରି ହେଲାଣି।

ଶୀତ ଦିନର ସକାଳ ଏବେ ଉଷ୍ଣ ହେବାକୁ ଆରମ୍ଭ କରୁଥିଲା। ସୂର୍ଯ୍ୟ ମୁଣ୍ଡ ଉପରକୁ ଉଠି ସାରିଥିଲେ।

ଗୁଣିଆ ମତ ଦେଲା: ମୁଁ ତ ଚୋରକୁ ପ୍ରଥମରୁ ହିଁ ଧରିପାରିଥାଆନ୍ତି। ମାତ୍ର ଆପଣମାନେ ଅବିଶ୍ୱାସ କଲେ। ତେଣୁ ଏ ଖେଳ ଦେଖଉଚି!

ଜନତା ଆଶ୍ୱସ୍ତ ହେଲେ। ହସିଲେ। ଖୁସି ହେଲେ। ପ୍ରଭାବିତ ଦିଶିଲେ।

ଗୁଣିଆ ଘୋଷଣା କଲା: ଏ ଚୋରିର ଯିଏ ମୂଳ, ତାକୁ ଚିହ୍ନାଇ ଦେ।

ପୁଣି କିଛି ଚାଉଳ ଫିଙ୍ଗିଲା। ଏବଂ ଖଟିଆ ଧାଇଁଲା। ଏଥରକ ଖଟିଆ ଗାଁ ଦାଣ୍ଡକୁ

ଆସିଗଲା। ଜନଗହଳିକୁ ମନ୍ଥି ପକାଇଲା। ଶେଷରେ ଧକ୍‌କା ଦେଲା ଜଣେ ଲୋକ ଦେହରେ। ଲୋକଟା ବିଷଣ୍ଣ ଦିଶିଲା।

ଗୁଣିଆ ଘୋଷଣା କଲା: ଇଏ ହିଁ ମୂଳ।

ଆମେ ଚୋରଟିକୁ ଚିହ୍ନିଲୁ। ସେ ବାଟୁଳିପଡ଼ା ଗାଁର ଲୋକ। ମୁଁ ତାକୁ ଆଗରୁ ଦେଖିଚି। ନାଁ ଜାଣେନା। ପାଣୁଆ ମୋ କାନ ପାଖରେ ଶୁଣାଇଦେଲା: ଏ ହେଉଛି ଚକରା ପ୍ରଧାନ।

ଚକରା ପ୍ରଧାନକୁ ଚାରିପଟୁ ଲୋକ ଘେରି ଯାଇଥିଲେ।

ଚକରା ପ୍ରଧାନ ନିଜର କୈଫିୟତ୍ ଦେଉଥିଲା। କହୁଥିଲା: ମୁଁ ତ ଚୋରି ଦିନ ଗାଁରେ ନ ଥିଲି। କଲିକତାରେ ଥିଲି। ଏଇ ଜମା କାଆଲି ଗାଁକୁ ଆସିଚି।

ବାଟୁଳୀପଡ଼ା ଗାଁର କିଛି ଲୋକ ତା'ର ମନ୍ତବ୍ୟକୁ ସମର୍ଥନ କଲେ।

ଗୁଣିଆ ବିରକ୍ତ ଦିଶିଲା। ପଚାରିଲା: ତୁ ତେବେ ସୋମନାଥ ମହାରଣାର ବିଲରୁ କଳେଇ ଚୋରି କରିନାହୁଁ?

ଚକରା ପ୍ରଧାନ କହିଲା: ନା!

ଗୁଣିଆ କହିଲା: ତୁ କରିଚୁ ।

ଚକରା ପ୍ରଧାନ କହିଲା: ନା! ମୁଁ ତ ଗାଁରେ ନ ଥିଲି। ଚୋରି କରିବି କେମିତି?

ଗୁଣିଆ ଛାଡ଼ିବା ଲୋକ ନୁହେଁ। ପଚାରିଲା: ସତ ସତ କହ! ତୁ ଆଗରୁ କେବେ ଚୋରି କରିଛୁ କି ନା? ନୋହିଲେ ତୋର ଗୁମର ଖୋଲିଦେବି।

ଚକରା ପ୍ରଧାନ କହିଲା: ଆଗରୁ ଥରେ ଅଧେ କରିଛି।

ଗୁଣିଆ କହିଲା: ତେବେ ତୁ ସୋମନାଥ ମହାରଣାର କଳେଇ ଚୋରି କରିବୁ ବୋଲି ଯୋଜନା ନିଶ୍ଚେ କରିଥିଲୁ।

ଚକରା ପ୍ରଧାନ ଚୁପ୍ ରହିଲା। ଚିନ୍ତା କଲା। ଜନତା ବି ଚିନ୍ତିତ ଦିଶିଲେ ଏବଂ ଉତ୍ସୁକ । ଗୁଣିଆ ରାଗିକି ଚାହିଁଥାଏ। ଯେମିତିକି ତାକୁ ଆହୁରି ଅନେକ ମନ୍ତ୍ରଯନ୍ତ୍ର ଜଣାଅଛି ଏବଂ ସେ ସବୁ ମଧ୍ୟ ପ୍ରୟୋଗ ହୋଇଯାଇପାରେ।

ଚକରା ପ୍ରଧାନ କହିଲା: ମାସେ ତଳେ ଅବଶ୍ୟ ଭାବିଥିଲି। ସୋମନାଥ ମହାରଣା ବିଲ ବାଟେ ଥରେ ଯାଉଥିଲି। ଫସଲ ଭଲ ହେଇଥିବାର ଦେଖି ଟିକେ ଲୋଭେଇ ଯାଇଥିଲି ଓ ସୁବିଧା ପାଇଲେ ଚୋରି କରିନେବି ବୋଲି ଭାବିଥିଲି, କିନ୍ତୁ ଏ ଚୋରି ମୁଁ କରିନି।

ଗୁଣିଆ ଏଥର ହସିଲା । ଜିତାପଟର ହସ ।

କହିଲା: ଠିକ୍ ଅଛି ! ଠିକ୍ ଅଛି ! ମୁଁ ଜାଣେ ସେ କଥା । ତେବେ ତୁ ହେଉଛୁ ଏ ଚୋରିର ମୂଳ । ମାନେ ପ୍ରଥମେ ଚୋରି କଥା ଭାବିଥିଲୁ ।

ଜନତା ମଧ୍ୟ କୋଳାହଳ କଲେ । ସମର୍ଥନ ସୂଚକ ଧ୍ୱନିମାନ ଦେଲେ । ଚକରା ପ୍ରଧାନକୁ ମାଫ ହୋଇଗଲା ବୋଲି ମନେହେଲା । ସେ ହାତଯୋଡ଼ି ଗୁଣିଆ ପଛରେ ଠିଆ ହୋଇଥିବାର ଦେଖାଗଲା । ଆଗରୁ ସେ ଖୋଲା ଲୁଙ୍ଗିଟେ ପିନ୍ଧିଥିଲା । ଏବେ ତାକୁ କଚ୍ଛା ମାରି ପକାଇଲା । ଜଣେ ମନ୍ତବ୍ୟ ଦେଉଥିବାର ଶୁଣାଗଲା: ଖଟିଆ ଠିକ୍ ! ଶହେଭାଗ ଠିକ୍ !

ଗୁଣିଆ ଏଥର ହସିଲା ଆଉଥରେ । ଜନତାଙ୍କୁ ଶୁଣାଇ କହିଲା: ଏତେ ଶୀଘ୍ର ମୁଁ ଚୋରକୁ ଧରୁନି ହୋ ! ତାକୁ ଖେଳେଇ ଖେଳେଇ ଧରିବି । ଏଥରକ ଆଉ ଗୋଟେ ସାଥୀ ଧରୁଚି ଦେଖ !

ସେ ଖଟିଆ ଉପରକୁ ଅରୁଆ ଚାଉଳ ଫୋପାଡ଼ିଲା ଓ କହିଲା: ଏ ଚୋରିର ଶେଷ ଲୋକ କିଏ ? ତାକୁ ଧର୍ !

ଖଟିଆ ପୁଣି ଧାଇଁଲା । ଗାଁ ଦାଣ୍ଡକୁ ମନ୍ଥି ପକାଇଲା । ଶେଷରେ ଗୋଟେ ଲୋକ ଦେହକୁ ଲାଗି ସ୍ଥିର ହେଲା । ସେ ଲୋକଟା ଥିଲା ହରିଆ ଜେନା । ହରିଆ ଜେନା ବିକଳ ଦିଶୁଥାଏ । ଖଟିଆ ତା' ଦେହରୁ ଛାଡୁ ନ ଥାଏ । ହରିଆ ଜେନା ଥିଲା ପଙ୍ଗୁ । ଚାଲିପାରେନା ! ଘୁଷୁରି ଘୁଷୁରୁ ଯିବା ଆସିବା କରେ । ସେ ଯେ ଗୋଟେ ଚୋରି ଘଟଣାରେ ସାମିଲ୍ ହୋଇପାରେ ଏମିତି ବିଶ୍ୱାସ କରାଯାଏନା । ତେଣୁ ଜନତା ଟିକେ ଶଙ୍କିତ ଦେଖାଗଲେ ।

କେତେଜଣ ଅଗ୍ରଗାମୀ ଯୁବକ ଗୁଣିଆକୁ ପ୍ରଶ୍ନ କଲେ: ଇଏତ ଅକର୍ମଣ୍ୟଟା ! ଚୋରି କେମିତି କଲା !

ଗୁଣିଆ ଦୃପ୍ତଭଙ୍ଗୀରେ ଠିଆ ହୋଇଥାଏ । କହିଲା: କିନ୍ତୁ ଖଟିଆର ନିର୍ଣ୍ଣୟ ମିଛ ହବାର ନୁହେଁ ।

ଅଗ୍ରଗାମୀ ଯୁବକମାନେ କହିଲେ: କିନ୍ତୁ ଏହା କିପରି ସମ୍ଭବ ? ଜନତାଙ୍କ ମଧ୍ୟରୁ ଅଧିକାଂଶ ଏହି ଯୁବକମାନଙ୍କୁ ସମର୍ଥନ ସୂଚକ ମନ୍ତବ୍ୟ ଦେଲେ । ଅବଶିଷ୍ଟ ସନ୍ଦେହୀ ମନେହେଉଥିଲେ । ଗୁଣିଆ ଚିନ୍ତିତ ।

ସେ ହରିଆ ଜେନା ପାଖକୁ ଆସିଗଲା ।

ଧମକାଇବା ସ୍ୱରରେ କହିଲା: ତୁ କରୁ କ'ଣ ? ସବୁ ସତ ସତ ମାନିଯା' ।

ନୋହିଲେ ତୋର ଭେଦ ଖୋଲି ଦେବି।

ହରିଆ ଜେନା କାନ୍ଦ କାନ୍ଦ ସ୍ୱରରେ କହିଲା:-ମୁଁ କିଛି ଜାଣେନା। ଗୁଣିଆ ପଚାରିଲା-ତୁ କରୁ କ'ଣ? ମାନେ କି କାମ କରୁ?

ହରିଆ ଜେନା କହିଲା: ଚାଉଳ ବେପାର କରେ।

ଆମେ ସମସ୍ତେ ଜାଣିଥିଲୁ ହରିଆ ଜେନା ଗରିବ ଲୋକଟେ, ଜମିବାଡ଼ି କିଛି ନାହିଁ, ସେ ଧାନ କିଣେ, ତା'ର ସ୍ତ୍ରୀ ତାକୁ ଉଷେଇଁ ଦିଏ। ସେ ସବୁ ଚୁରେଇ ଚାଉଳ କରି ହରିଆ ଜେନା ବିକେ। ଏକରକମ ଚଳିଯାଏ।

ଗୁଣିଆ ପଚାରିଲା: ଗତ ପନ୍ଦର ଦିନ ଭିତରେ ଧାନ କିଣିଚୁ?

ହରିଆ ଜେନା କହିଲା: ହଁ।

ଗୁଣିଆ ମନ୍ତବ୍ୟ ଦେଲା: ତେବେ ସେଇ ଧାନ ଭିତରେ ଚୋରି ଧାନ ବି ଥିଲା। ନିଶ୍ଚୟ ଥିଲା।

ହରିଆ ଜେନା ହାତଯୋଡ଼ି ଦେଲା। କହିଲା: ହେଇଥିବ। ଜନତା ପୁଣି ଉଲ୍ଲସିତ ଦିଶିଲେ। ସମବେତ ଜନତା ମନ୍ତବ୍ୟ ଦେଲେ: ଖଟିଆ ଠିକ୍। ପୂରାପୂରି ଠିକ୍!

ଭ୍ରମର ବିଶ୍ୱାଳେ ଗୁଣିଆକୁ ବୁଝାଇଲେ: ତମେ ବହୁତ ଖେଳ ଦେଖେଇଲଣି। ଆମେ ମାନୁଚୁ ପରା ତୁମେ ମହାନ ତାନ୍ତ୍ରିକ। ଆଉ ଡେରି କରନି। ଚୋରକୁ ଧର ହେ!

ଗୁଣିଆ ମୁରକି ହସା ଦେଲା। କହିଲା: ଏଇଥରକ ଧରୁଚି । କ'ଣ ମୋ ଗୁଣୀକୁ ବିଶ୍ୱାସ ହେଲା ତ!

ଭ୍ରମର ବିଶ୍ୱାଳେ ମନ୍ତବ୍ୟ ଦେଲେ: ବିଶ୍ୱାସ ହଉନି ତ! ତୁମକୁ ଡାକିଚୁ କାହିଁକି?

ଗୁଣିଆ କହିଲା: ଠିକ୍ ଅଛି!

ସମବେତ ଜନତା କଳରୋଳ କଲେ: ଖଟିଆ ଠିକ୍! ପୂରାପୂରି ଠିକ୍!

ଏଥର ଖଟିଆ ଉପରକୁ ଫିଙ୍ଗାହେଲା ପୁଣି କିଛି ଚାଉଳ। ଗୁଣିଆର ଓଠରୁ ଉଚ୍ଚାରିତ ହେଲା କିଛି ମନ୍ତ୍ର। ଏବଂ ଖଟିଆ ପୁଣି ଥରେ ଜାଗ୍ରତ ହେଲା। ପୁଣି ଜନତାଙ୍କ ସମ୍ମେଳନକୁ ଦଳି ମନ୍ଥିବାରେ ଲାଗିଲା।

ମୋର ପାଦଟା କାହିଁକି କେଜାଣି ଥରୁଥିଲା।

ମୁଁ ପାଣୁଆକୁ ପଚାରିଲି: ଯଦି ଖଟିଆଟି ମୋ ମୁଣ୍ଡ ଉପରେ ଠିଆ ହୋଇଯାଏ?

ପାଣୁଆ କହିଲା: ହେଃ... ସେମିତି କାହିଁକି ହେବ?

ମୁଁ କହିଲି: ଯଦି ଭୁଲ୍‌ରେ ବି ଠିଆ ହୋଇଯାଏ?

ପାଣୁଆ କହିଲା: ନା! ସେମିତି ହେବନି! ଖଟିଆର କେବେ ଭୁଲ୍ ହେବନି।

ମୁଁ କହିଲି: ତଥାପି ଯଦି ହୋଇଯାଏ! ମତେ ତ ସମସ୍ତେ ଚୋର ବୋଲି ଭାବିବେନା! ମୋ ଆଖି କାନ୍ଦ କାନ୍ଦ ହୋଇଗଲା। ମୁଁ ସେଇଠୁ ଘରକୁ ଫେରି ପଳେଇବି ବୋଲି ମନେ ମନେ ସ୍ଥିର କରିନେଲି। ଘର ଆଡ଼କୁ ପାହୁଣ୍ଡେ ବଢ଼େଇଚି କି ନାଇଁ ଦେଖିଲି ଖଟିଆଟା ଆଉ ଜଣେ ଲୋକ ଉପରେ ସ୍ଥିର ହୋଇଯାଇଛି। ଖଟିଆ ଲୋକଟାକୁ ଧକ୍କା ଦେଇଥିଲା। ଲୋକଟା ପଡ଼ିଗଲା। ଆଉ ତା' ଉପରେ ମାଡ଼ି ବସିବାର ଭଙ୍ଗୀରେ ସ୍ଥିର ହୋଇ ରହିଚି ଖଟିଆ।

ଏଥର ଜନତାର ବୃତ୍ତ ସଂକୁଚିତ ହୋଇଆସିଲା ଲୋକଟି ପାଖରେ। ଏବଂ ଖଟିଆ ଚାରିଦିଗେ। ଆମେ ଦେଖିଲୁ ସେ ଲୋକଟି ଆଉ କେହି ନୁହେଁ, ନିଜେ ସୋମନାଥ ମହାରଣା। ଯାହାର ଚୋରି ଧରିବା ପାଇଁ ଖଟିଆକୁ ଡକାଯାଇଥିଲା।

ଗୁଣିଆ କହିଲା: ଏଇ ଲୋକ ହିଁ ଚୋର।

ଜନତାଙ୍କ ଭିତରୁ କେହି କହିଲା: ଇଏ ଯେ ସୋମନାଥ ମହାରଣା।

ଗୁଣିଆ କହିଲା: ସେ କଥା ମୁଁ ଜାଣେନା। ଇଏ ଯିଏ ହେଉ ଚୋର ହିଁ। ଖଟିଆର ଚିହ୍ନଟ କେବେ ଭୁଲ୍ ହେଇପାରେନା।

ଥର ଥର ଓଠରେ ସୋମନାଥ ମହାରଣା କହୁଥିଲା: ମୋ ନିଜର ଚୋରି ହୋଇଛି ପରା।

ଗୁଣିଆ କହିଲା: ତମେ ହିଁ ଚୋର!

ଜନତାଙ୍କ ଭିତରୁ କେତେଜଣ ସମର୍ଥନ କଲେ: ଅସମ୍ଭବ ନୁହେଁ। ଖଟିଆର ଚିହ୍ନଟ ଭୁଲ୍ ହେଇ ପାରେନା । ଆଉ କେତେ ଲୋକ ଭିନ୍ନ ମତ ଦେଉଥିଲେ: ଅସମ୍ଭବ! ସେ ନିଜେ ଚୋରିକଲା ଆଉ ଖଟିଆ ଡକେଇଚି। ଅସମ୍ଭବ! ଏ ଚିହ୍ନଟ ଭୁଲ୍। ପୁଣି କେତେଜଣ ଯୁକ୍ତି କରୁଥିଲେ: ଅସମ୍ଭବ କ'ଣ? ଆଜିକାଲି ଲୋକମାନେ ଏମିତି ଜାଲମ ହେଲେଣି ଯେ ନିଜେ ଚୋରି କରି ପୁଣି ନାଲିସ୍ କରୁଛନ୍ତି! ସୋମନାଥ ଚୋରି କରିନି ବୋଲି ପ୍ରମାଣ କ'ଣ?

କେତେଜଣ କହୁଥିଲେ: ଅସମ୍ଭବ! ଅସମ୍ଭବ!

କେଇଜଣ କହୁଥିଲେ: ସମ୍ଭବ! ସବୁ ସମ୍ଭବ!

ଆସ୍ତେ ଆସ୍ତେ ଜନତାଙ୍କ ଭିତରେ ଯୁକ୍ତି ପ୍ରତିଯୁକ୍ତି ବଢ଼ିବାରେ ଲାଗିଲା। ଜନତା ଦୁଇ ଦଳରେ ବିଭକ୍ତ ହୋଇସାରିଥିଲେ। ଗୋଟିଏ ଦଳ ଦାବି କରୁଥିଲେ ଖଟିଆର

ଚିହ୍ନଟ ଭୁଲ୍‌! ଆଉ ଦଳେ ଦାବି କରୁଥିଲେ, ଖଟିଆର ଚିହ୍ନଟ ଶତକଡ଼ା ଶହେ ଭାଗ୍‌ ଠିକ୍‌! ଦଳେ ଦାବି କରୁଥିଲେ, ଏ ଗୁଣିଆ ପ୍ରକୃତ ଗୁଣୀ ଜାଣେ! ଆଉ ଦଳେ କହୁଥିଲେ ,ଏ ଗୁଣିଆ କିଛି ଜାଣେ ନାହିଁ । ଏଇଭଳି ଯୁକ୍ତିତର୍କ ହଠାତ୍‌ ହିଂସାତ୍ମକ ମୋଡ଼ ନେଇଗଲା। ମୁଣ୍ଡ ଉପରେ ଖରା ଟାଇଁ ଟାଇଁ। ଲୋକମାନଙ୍କ ମଥାକୁ ବି ରକ୍ତ ଚଢ଼ିଟି ଯାଇଥିଲା। ଆମେ ଦେଖିଲୁ 'ଧର ଧର' 'ମାର ମାର' ଚିତ୍କାରରେ ଖଣ୍ଡମଣ୍ଡଳ କମ୍ପି ଉଠିଚି। କିଏ କାହାକୁ ମାରୁଚି ଜଣାପଡୁ ନ ଥିଲା। ତେବେ ଗୁଣିଆ ଉପରେ ପ୍ରଥମେ ଆକ୍ରମଣ ହେଲା ବୋଲି ଶୁଣାଯାଉଥିଲା। ମୁରବୀସ୍ଥାନୀୟ ଲୋକମାନେ 'ରୁହ, ରୁହ, ବୁଝିବା, ବୁଝିବା' ବୋଲି ପାଟି କରୁଥିଲେ।

ମୁଁ ଏବଂ ମୋର ସମବୟସ୍କମାନେ ଆତ୍ମରକ୍ଷା ପାଇଁ ଦୂରକୁ ଦୌଡ଼ି ପଳାଇଥିଲୁ। ଏକ ଘଣ୍ଟାକାଳ ଦଙ୍ଗାହଙ୍ଗାମା ଚାଲୁ ରହିଲା ପରେ ଅବସ୍ଥା ଶାନ୍ତ ପଡ଼ିଲା। ଜଣାପଡ଼ିଲା ମାରପିଟରେ ପ୍ରାୟ ପଚାଶଜଣ ଲୋକ ଆହତ ହୋଇଛନ୍ତି। ସେମାନଙ୍କ ଭିତରୁ ଗୁଣିଆର ଅବସ୍ଥା ଗୁରୁତର।

ଖଟିଆଟାକୁ ବି ଭାଙ୍ଗି ପକେଇଥିଲା କେହି। ତାହା ପଡ଼ି ରହିଥିଲା ଅଦୂରରେ।

ଆହତମାନଙ୍କୁ ଡାକ୍ତରଖାନା ପଠାହେଲା। ସେହିଦିନ ସଂଧ୍ୟାରେ ଖବର ପାଇ ପୋଲିସ ଆସିଲା ଓ ପ୍ରାୟ ଶହେ ଲୋକଙ୍କୁ ଥାନାକୁ ଧରିନେଲା। ପୋଲିସକୁ ଢେର କିଛି ଦେବାପରେ ସେମାନେ ଛାଡ଼ ପାଇଲେ।

ଆମେ ସ୍କୁଲରେ ପରବର୍ତ୍ତୀ ଦିନମାନଙ୍କରେ 'ଖଟିଆର ଚିହ୍ନଟ ଠିକ୍‌ କି ଭୁଲ୍‌' 'ଗୁଣୀଗାରେଡ଼ି ଅଛି କି ନାହିଁ' ଇତ୍ୟାଦି ସଂପର୍କରେ ଯୁକ୍ତିତର୍କ କରୁଥିଲୁ। ମୁଁ ମନ୍ତବ୍ୟ ଦେଇଥିଲି: ମତେ ଯଦି ଖଟିଆ କାନ୍ଧେଇବାକୁ ସୁଯୋଗ ମିଳିଥାନ୍ତା ତେବେ ମୁଁ ସେ ଗୁଣିଆର ଭେଦ ଖୋଲି ଦେଇଥାନ୍ତି!

ପାଣୁଆ ମତେ ଆଶ୍ୱାସନା ଦେଇଥିଲା: ଠିକ୍‌ ଅଛି, ଆଉ ଥରେ ଖଟିଆ ଆସୁ ତତେ କାନ୍ଧେଇବାର ସୁଯୋଗ ଦିଆଯିବ। ବାପାଙ୍କୁ କହି ମୁଁ ବ୍ୟବସ୍ଥା କରିଦେବି!

ପାଣୁଆର ବାପା ଜଣେ ମାମଲତକାରିଆ ଲୋକଥିଲେ। ତେଣୁ ସେ ଏ ପ୍ରକାର ପ୍ରତିଶ୍ରୁତି ଦେଇପାରିଥିଲା। କିନ୍ତୁ ମୁଁ ଜାଣିଥିଲି ଏ ଆଶ୍ୱାସନା ବୃଥା। କାରଣ କସ୍ମିନ୍‌କାଳେ ବଡ଼ମାନେ ମୋ ଭଳି ଜଣେ ବାଳୁତକୁ ଖଟିଆ କାନ୍ଧେଇବାକୁ ଦେବେ ନାହିଁ। ତେବେ ସବୁଠୁ ବଡ଼ ଆଶ୍ୱାସନାର ବିଷୟ ଥିଲା ଏହି ଯେ ଆମ ଗ୍ରାମରେ ଘଟିଥିବା ଏଇ ଦୁର୍ଘଟଣା ପରେ ଆଖପାଖ ଗାଁରେ ମଧ୍ୟ ଖଟିଆ ଆଣିବା କଥା କେହି ବିଚାର କରୁ ନ ଥିଲେ। ଆମ

ଗ୍ରାମ ତ ଜମା ନୁହେଁ ।

ଗାଁରେ ପୂର୍ବବତ୍ ଛୋଟମୋଟ ଚୋରି ଲାଗି ରହିଥିଲା ଓ ଲୋକମାନେ ପୂର୍ବ ଅନୁସୃତ ପାଞ୍ଚୋଟି ପଦ୍ଧତିର ସାହାରା ନେଉଥିଲେ।

ଗୁଣିଆର ଭେଦ ଖୋଲିବା ମୋ ଦ୍ୱାରା ସମ୍ଭବ ହୋଇପାରି ନ ଥିଲା। ଆମେ ପିଲାମାନେ ବେଳେବେଳେ ଭଙ୍ଗାଖଟିଆ ପାଖକୁ ଯାଉଥିଲୁ। ସେଟା ସେଇଦିନୁ ସେଇଠି ସେମିତି ଭାଙ୍ଗିରୁଜି ପଡ଼ି ରହିଥିଲା। ତାକୁ କେହି କୁଆଡ଼େ ନେଉ ନ ଥିଲେ କିମ୍ବା ନିଜର ଦାବି ସାବ୍ୟସ୍ତ କରୁ ନ ଥିଲେ। ସମସ୍ତଙ୍କର ବିଶ୍ୱାସ ଥିଲା ତାହା ମନ୍ତ୍ରପୂତ।

ଆମେ ପିଲାମାନେ ଅନେକ ଦିନ ପର୍ଯ୍ୟନ୍ତ ସେଇ ଖଟିଆକୁ ସାକ୍ଷୀରଖି ଆମ ଭିତରେ ଚୋର ଧରିଥିଲୁ। ଆଶ୍ଚର୍ଯ୍ୟ! 'ଭଙ୍ଗା ଖଟିଆକୁ ଛୁଇଁ ଶପଥ କରିବୁ ଆ' ବୋଲି କହିଲେ ଆମ ସାଙ୍ଗସାଥୀମାନେ ସତ ମାନିଯାଉଥିଲେ।

# ସାପ

ଯୋଗୀ ଆଉ ମୁଁ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରୁଥିବା କାଳରେ ହିଁ ସାନଭାଇ ଆସି ଡିଷ୍ଟର୍ବ କଲା । ମୁଁ ବିରକ୍ତିର ସହ ତା' ଆଡ଼କୁ ଚାହିଁଲି । କ'ଣ ହେଲା ? ମୋ ଚାହାଣୀରେ ପ୍ରଶ୍ନ ଥିଲା ଏମିତି ।

:''ମତେ କ'ଣ ଗୋଟାଏ କାମୁଡ଼ି ଦେଲା । ସାପ ହୋଇପାରେ ।'' ସାନଭାଇ ଜଣାଇଲା ।

ସେତେବେଳକୁ ସନ୍ଧ୍ୟା ନଇଁ ଆସିଚି । ଚାରିଆଡ଼େ ଛାଇଛାଇଆ ଅନ୍ଧାର । ସାପ ତଥା ସେମାନଙ୍କ ସମ୍ପ୍ରଦାୟର ପ୍ରାଣୀମାନେ ପଦାକୁ ବାହାରି ଆସିବାର ବେଳ । କିନ୍ତୁ ମୁଁ ତତ୍‌କ୍ଷଣାତ୍ ସାନ ଭାଇର କଥାକୁ ବିଶ୍ୱାସ କଲି ନାହିଁ । କାରଣ ସେ ଶତକଡ଼ା ଅନେଶୋତ ମିଛ କହିବାରେ ରେକର୍ଡ଼ କରିଥିଲା । ଏବଂ ମୁଁ ଥିଲି ଅଲସୁଆମାନଙ୍କର ଗୁରୁ । ଦାୟିତ୍ୱଟା ମୋ ମଥାରୁ ମୁଁ ହଟାଇ ଦେଲି । ତାକୁ ଘରକୁ ପଠାଇଦେଲି । କହିଲି:ଯା'... ଯା'... ଘରକୁ ଯା' ।

ସାନଭାଇ ଘରକୁ ଚାଲିଗଲା । ମୁଁ ପୁଣି ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଭିତରକୁ ଫେରିଯିବାକୁ ଚେଷ୍ଟାକଲି । ହଠାତ୍ ଘରଆଡୁ ବଡ଼ ଭାଇର ଚିତ୍କାର ଶୁଣାଗଲା । ଆମେ ବସି ଗପସପ ହେଉଥିବା ଜାଗାଟା ଥିଲା ଆମ ଘରଠୁ ଗୋଟେ ଫର୍ଲଙ୍ଗ ଦୂରରେ । କିନ୍ତୁ ପୃଥିବୀର ଯେ କୌଣସି ଘଟଣାକୁ ସିରିୟସ୍ ଦୃଷ୍ଟିରେ ନେଉଥିବା ବଡ଼ ଭାଇର ଡାକରାରେ କେମିତି ଆତଙ୍କର ଛିଟା ମୁଁ ଅନୁଭବ କରିପାରିଲି । ବଡ଼ଭାଇ ମୋ ନାଁ ଧରି ଡାକ ପକାଉଥିଲା ।

ମୁଁ ଘରଆଡ଼କୁ ଧାଇଁଗଲି । ଘରେ ପହଞ୍ଚି ଦେଖିଲି ଅଭାବନୀୟ ଦୃଶ୍ୟ । ସାନ ଭାଇ ବାରଣ୍ଡାରେ ଶୋଇଯାଇଛି ଉପରକୁ ମୁହଁକରି । ତା' ଗୋଡ଼ରେ ବହୁ ଜାଗାରେ ବନ୍ଧା ହୋଇଛି ଦଉଡ଼ି । ବେଶ୍ ଜପାକସ୍ ଭାବରେ । ବାବା ବିବ୍ରତ ଭାବରେ ପଦଚାରଣା କରୁଛନ୍ତି । ବୋଉ ସାନ ଭଉଣୀକୁ ଝିଙ୍କିନେଇ ଗୋଟେ ଘରେ କବାଟ କିଳି ରହିଛି ଓ

ଠାକୁରଙ୍କୁ ପ୍ରାର୍ଥନା କରୁଛି। ବଡ଼ଭାଇ ନଇଁପଡ଼ିଚି ସାନ ଭାଇର ପାଦ ପାଖରେ। ଯୋଉଠି ଲଣ୍ଠନର ମଳିଛିଆ ଆଲୁଅରେ ଦିଶୁଚି ଦୁଇଟି ରକ୍ତିମ ବିନ୍ଦୁ।

ବଡ଼ଭାଇ ମୋ ଆଡ଼କୁ ବିରକ୍ତି ଓ ଶାସନର ଢଙ୍ଗରେ ଚାହିଁଲା।

:ତତେ ସେ ଆସି ପ୍ରଥମେ କହିଲା, ତୁ କିଛି କହିଲୁନି ?

ମୁଁ କୈଫିୟତ୍ ଦେଲି: ମୁଁ ତ ତାକୁ ଘରକୁ ପଠାଇ ଦେଲି।

ବଡ଼ଭାଇ ଧମକେଇଲା: ତୁ ତା' ଗୋଡ଼ରେ ଦଉଡ଼ିଟେ ବାନ୍ଧି ଦେଇ ପାରିଥାଆନ୍ତୁ।

ମୁଁ କହିଲି: ତ' କ'ଣ ହେଇଯାଇଥାନ୍ତା ?

ବଡ଼ଭାଇ ମୋ ପ୍ରଶ୍ନର ଉତ୍ତର ଦେଲାନି। ଉତ୍ତର ଦେବା ଅନୁଚିତ ମନେକଲା। କାରଣ ସାମ୍‌ନାରେ ଥିଲା ଯେଉଁ ଦୃଶ୍ୟଟି ସେଥିରୁ ମୋର ସବୁକିଛି ବୁଝିଯିବା ଉଚିତ୍ ବୋଲି ସେ ମନେକରୁଥିଲା।

ବାବାଙ୍କ ମୁହଁରେ ବିରକ୍ତି, ବିବ୍ରତବୋଧ ଓ ଭୟର ମିଶ୍ରିତ ଚିହ୍ନ ଛାଇହୋଇ ଆସୁଥିଲା। ସେ ଏପଟ ସେପଟ ହେଉଥିଲେ। ଏବଂ ସ୍ୱଗତୋକ୍ତି କରୁଥିଲେ।

:ମୁଁ ମନା କରୁଛିଟି ! ଏ ବଦମାସ ପିଲା କ'ଣ ଶୁଣିବ ? କଣ୍ଟା ଝଣ୍ଟାରେ ବୁଲିବ। ସାପ କାମୁଡ଼ିବନି ତ ଆଉ କ'ଣ ହେବ ? କିଓ ସଞ୍ଜ ହେଲା ପରେ ପିଲା ଘରକୁ ଯାଇ ପାଠ ପଢ଼ନ୍ତି ନା ଘଡ଼ିଏ ଅନ୍ଧାର ଯାଏଁ ବିଲବଣରେ ଡିଆଁ ମାରନ୍ତି ? ଏଥର ପାଅ ମଜା ! କଥା କହିଲେ କିଏ କ'ଣ ଶୁଣିବ ଏ ଘରେ ? ଏ କାନରେ ପୂରେଇ ସେ କାନରେ ବାହାର କରିଦେବ। ବଦମାସ କୋଉଠିକାର୍ ! ଏ ରାତିଟାରେ କୋଉଠି କିଏ କ'ଣ କରିବ ? କୋଉ ଡାକ୍ତର ଏ ପାଖରେ ଅଛନ୍ତି ଯେ ଡାକି ଆଣିବ !

ବନ୍ଦ ଘର ଭିତରୁ ଶୁଣାଯାଉଥିଲା ବୋଉର କାତର ପ୍ରାର୍ଥନା ! ଅନାମଧେୟ କୌଣସି ଶାସ୍ତ୍ର ସୂତ୍ରରୁ ବୋଉ ଜାଣିବାକୁ ପାଇଥିଲା ଯେ, ନାରୀମାନଙ୍କର ଛାଇ ପଡ଼ିଲେ କୋଉଠି ବିଷରଜ୍ୱାଳା ତୀବ୍ର ହୋଇଯାଏ। ତେଣୁ ସେ ସକନ୍ୟା ଘର ଭିତରେ ଦୁଆର କିଳି ଅଟକି ରହିଥିଲା। ପୃଥିବୀର ସମସ୍ତ ଦେବ ଦେବୀଙ୍କ ଉଦ୍ଦେଶ୍ୟରେ ଅକୁଣ୍ଠିତ ଚିତ୍ତରେ ଭୋଗ ଓ ପୂଜା ଯାଚିବାରେ ଲାଗିଥିଲା।

ବଡ଼ଭାଇ ପଚାରିଲା: କିରେ ! କେମିତି ଲାଗୁଛି ?

ସାନଭାଇ ଆଖିବନ୍ଦ କରିଦେଇଥିଲା। ଏବେ ଆଖି ଖୋଲିଲା। ତା' ଆଖି ଲାଖି ରହିଥିଲା ଛାତର ନିମ୍ନାଂଶରେ। ସେ ସେଇଠି ସେଇମିତି ଆଖିର ଡୋଳା ସ୍ଥିର ରଖି କହିଲା: ଭଲ ?

ବଡ଼ଭାଇ ପ୍ରଶ୍ନ କଲା: ଝିମ୍ ଝିମ୍ ଲାଗୁଚି କି ?

ସାନ ଭାଇ କିଛି ସମୟ ଚିନ୍ତାକଲା । କହିଲା: ଟିକେ ଟିକେ ।

ତା'ର ଏଇ କଥା ପଦକରୁ ଆତଙ୍କ ସଂକ୍ରମିତ ହୋଇଆସିଲା ବଡ଼ ଭାଇର ମୁହଁ ଉପରକୁ । ସ୍ୱଗତୋକ୍ତି କଲା: ବିଷ ହୋଇପାରେ ।

ମୁଁ ସେ ଯାଏ ଡରି ନ ଥିଲି । କିନ୍ତୁ ଏବେ ଡରିବାକୁ ଆରମ୍ଭ କଲି ।

ପଚାରିଲି: ମୁଣ୍ଡ ବୁଲଉଚି ?

କହିଲା: ଟିକେ, ଟିକେ !

ପଚାରିଲି: ବାନ୍ତି ଲାଗୁଛି ?

କହିଲା: ଟିକେ, ଟିକେ !

ପଚାରିଲି: ହାଲିଆ ଲାଗୁଛି ?

କହିଲା: ଟିକେ, ଟିକେ !

ପଚାରିଲି: ଚାରିଆଡ଼େ ଅନ୍ଧାର ଦିଶୁଚି ?

କହିଲା: ଟିକେ, ଟିକେ !

ମୁଁ ବଡ଼ ଭାଇର ମୁହଁକୁ ଚାହିଁଲି । ବଡ଼ଭାଇ ମୋ ମୁହଁକୁ । ମୋ ମୁହଁରେ ପ୍ରଶ୍ନ । କ'ଣ କରିବା ଏବେ ?

ସାନ ଭାଇକୁ ସାପ କାମୁଡ଼ିବା ସମ୍ବାଦ ବାହାରେ ହାଲ୍ଲା ହେବାକୁ ନେଇଥିଲା ଖୁବ୍ କମ୍ ସମୟ । ତେଣୁ ବିପୁଳ ସଂଖ୍ୟାରେ ଶୁଭେଚ୍ଛୁ ଆମଘର ଆଡ଼କୁ ଆଗେଇ ଆସୁଥିଲେ । ଆମର ଘରର ଛୋଟ ବାରଣ୍ଡାଟି ଏଇ ଶୁଭେଚ୍ଛୁମାନଙ୍କ ଉପସ୍ଥିତି ଓ ପ୍ରଶ୍ନରେ ଜର୍ଜରିତ ହୋଇ ଆସୁଥିଲା ।

:ସାପ କୋଉଠି କାମୁଡ଼ିଲା ? ପ୍ରଶ୍ନ କଲେ ଜଣେ ଅନିସନ୍ଧିତ୍ସୁ କାଶୀଭାଇ ।

ବଡ଼ଭାଇ ସମ୍ଭବତଃ ସାନଭାଇଠୁ ବୁଝିନେଇଥିଲା ସବିଶେଷ । ସିଏ ହିଁ ଉତ୍ତର ଦେଲା ।:ପୋଖରୀ କୂଳରେ । କନିଅର ଗଛ ଏପଟକୁ । ତୁଠ ପାଖରେ ।

:ନାଗ ହୋଇପାରେ । ମତ ଦେଲେ କାଶୀଭାଇ ।

ସ୍ଥାନରୁ ସାପର ଜାତି ନିରୂପଣ କରିବାରେ ସେ କିପରି ସଫଳ ହୋଇପାରିଲେ । ସେ ସଂପର୍କରେ କେହି କିଛି ପ୍ରଶ୍ନ କଲେନାହିଁ । ଅଗତ୍ୟା କାଶୀ ଭାଇ ସ୍ପଷ୍ଟୀକରଣ ଦେଲେ । କହିଲେ: ଆଜିଠୁଁ ଠିକ୍ ଏକ ମାସ ତିନି ଦିନ ତଳେ ମୁଁ ସେଠି ମସ୍ତ ଏକ ନାଗ ବୁଲୁଥିବାର ଦେଖିଚି ।

କାଶୀଭାଇଙ୍କର କୌଣସି କଥାକୁ ସହ୍ୟ କରୁ ନ ଥିବା ଯୋଗିଆ ଥଟ୍ଟା କଲା।

:ସେ ନାଗ ତୁମ ମୁଣ୍ଡ ଉପରେ ଫଣାଟେକିବା ପାଇଁ ବୁଲୁଥିଲା କାଶୀ ଭାଇ ।

କାଶୀ ଭାଇ ଅସନ୍ତୁଷ୍ଟ ଦିଶିଲେ: ହେଃ... ମୋ କଥା କେହି ବିଶ୍ୱାସ କରୁନାହାନ୍ତି ଦେଖୁଚି !

ଯୋଗୀ ହିଁ ଉତ୍ତର ଦେଲା: ବିଶ୍ୱାସ କରୁଛୁ। ତମେ ନାଗସାପ ଚିହ୍ନିଚଟି ? କହିଲ ନାଗସାପ ଫଣାରେ ଚକ୍ରଚିହ୍ନ ଥାଏ ନା ହାତ ଚିହ୍ନ ଥାଏ ? କାଶୀ ଭାଇ ଅବିଳମ୍ବେ ଉତ୍ତର ଦେଲେ: ସେ ସେତେବେଳେ ଫଣା ଟେକି ନ ଥିଲା।

ଯୋଗିଆ ହସିଲା। କାଶୀଭାଇ ଅପମାନିତ ହେଲେ। ମାତ୍ର ପରିସ୍ଥିତିର ଭୟାବହତା ଦୃଷ୍ଟିରୁ ସେ ଦୁଇ ଜଣଙ୍କର ଯୁକ୍ତିତର୍କ ଓ ମାନ ଅପମାନ ଅପ୍ରାସଙ୍ଗିକ ଥିଲା। ତେଣୁ ସର୍ବସାଧାରଣ ସେ ଦୁହିଁଙ୍କୁ ଠେଲି ବାହାର କରିଦେଲେ। ତେବେ ସେ ଦୁଇ ଜଣ ବାହାରେ ମଧ୍ୟ ଯୁକ୍ତିତର୍କରେ ମଜ୍ଜି ରହିଥିଲେ।

ଆଗନ୍ତୁକ ଯିଏ ବା ଆସୁଥିଲା ସେ ସବିଶେଷ ଶୁଣୁଥିଲା ଓ ତତ୍‌କ୍ଷଣାତ୍ ଆଲୋଚନାରେ ସାମିଲ୍ ହୋଇଯାଉଥିଲା। ଆଲୋଚନା ମଧ୍ୟରେ ଥିଲା ମାଇ ସାପ ଓ ଅଣ୍ଡିରା ସାପ ମଧ୍ୟରେ ପାର୍ଥକ୍ୟ। ସାପ ଓ କୁଆ ମଧ୍ୟରେ ଝଗଡ଼ା ଲାଗିଲେ କିଏ ଜିତିବ ? ତଥା ସାପର ସଂଗୀତ ପ୍ରତି ଦୁର୍ବଳତା।

ବଡ଼ ଭାଇର ଅନ୍ୟତମ ବନ୍ଧୁ ପୂର୍ଣ୍ଣଭାଇ ଲଣ୍ଠନର କ୍ଷୀଣ ଆଲୁଅରେ 'ସହଜ ପ୍ରାଥମିକ ଘରୋଇ ଚିକିତ୍ସା' ନାମକ ଏକ କ୍ଷୁଦ୍ର ପୁସ୍ତିକାର ପୃଷ୍ଠା ଓଲଟାଇ ସାପ କାମୁଡ଼ାର ସୁଗମ ଚିକିତ୍ସା ଶୀର୍ଷକ ପରିଚ୍ଛେଦର ସନ୍ଧାନ କରୁଥିଲେ। ମାତ୍ର ତାହା ମିଳୁ ନ ଥିଲା।

ବଡ଼ଭାଇ କହିଲା: ଥାଉ ! ମୁଁ ଜାଣିଛି ! ପ୍ରଥମ ଚିକିତ୍ସା ହେଲା- ଗୋଡ଼ରେ କିଛି ଗୋଟାଏ ବାନ୍ଧିଦେବା। ଆମେ ବାନ୍ଧି ସାରିଛେ। ବିଷ ଅଟକି ଯାଇଛି।

ଅସଲରେ ସାନଭାଇର ଗୋଡ଼ରେ ଦଉଡ଼ି, ଗାମୁଛା, କନାଧଡ଼ି, ପ୍ଲାଷ୍ଟିକ୍ ସୂତା ଇତ୍ୟାଦି ଅନେକ ବନ୍ଧନ ଥିଲା। ପାଦଠାରୁ ଜଙ୍ଘ ପର୍ଯ୍ୟନ୍ତ ବନ୍ଧା ଚାଲିଥିଲା। ଉଦ୍ଦେଶ୍ୟ ଯଦି ବିଷ ଥାଏ ତା'ର ଗତିରୋଧ କରିବା। ବନ୍ଧନ ଏତେ ଶକ୍ତ ଥିଲା ଯେ ପାଦ ଛିଣ୍ଡିଯିବା ବି ଅବିଚିତ୍ର ନ ଥିଲା।

ପୂର୍ଣ୍ଣଭାଇ ଚିତ୍କାର କଲେ: ପାଇଛି ! ପାଇଛି !

ସମବେତ ଜନତା ଆଗ୍ରହୀ ହେଲେ: କ'ଣ ?

ପୂର୍ଣ୍ଣଭାଇ ଶୁଣାଇଲେ: ରୋଗୀକୁ ଢେର୍ ଲୁଣ ଓ ଚିନିପାଣି ଦିଅନ୍ତୁ।

ଜଣେ ଅଭିଜ୍ଞ ଝାଡ଼ାରୋଗୀ ମତଦେଲା: ଏଟା ହଇଜାର ଚିକିତ୍ସା !

ପୂର୍ଣ୍ଣଭାଇ ନିରୁତ୍ସାହିତ ଦିଶିଲେ।

ବଡ଼ଭାଇ କହିଲେ: ଦ୍ୱିତୀୟ ଚିକିତ୍ସା ହେଲା ବିଷକୁ ଝାଡ଼ିବା ! କାମୁଡ଼ା ଜାଗାରେ ବାରୁଦ ଲଗେଇ ନିଆଁ ଚେଙ୍ଗି ଦେଲେ ବିଷ ଝଡ଼ିଯିବ।

ପୂର୍ଣ୍ଣଭାଇ ବହିପୃଷ୍ଠା ନ ଖୋଜି ସମବେତ ଜନତାଙ୍କୁ ପଚାରିଲେ: କାହା ପାଖରେ ଦିଆସିଲି ଅଛି ?

ଜଣେ ସଦାଶୟ ବିଡ଼ି ପାନକାରୀଙ୍କ ଅଣ୍ଟାରେ ଥିଲା ଦିଆସିଲିଟାଏ। ସେ ଅକୃପଣ ଚିତ୍ତରେ ତାହା ପ୍ରଦାନ କଲେ। ପୂର୍ଣ୍ଣଭାଇ ତିନି ଚାରୋଟି ଦିଆସିଲି କାଠିରୁ ସଂଗ୍ରହ କଲେ ବାରୁଦ। ବଡ଼ ଭାଇ ତାକୁ ଗୁଞ୍ଜିଦେଲା କ୍ଷତ ସ୍ଥାନରେ। ପୂର୍ଣ୍ଣଭାଇ ଦିଆସିଲି ଜଳାଇଲେ। ବଡ଼ଭାଇ ଜଳନ୍ତା ନିଆଁ ଚେଙ୍ଗିଲା କାମୁଡ଼ା ଜାଗାଟାରେ। ନିଆଁ ଫଁ କିନା ଜଳି ଉଠିଲା। କ୍ଷତ ସ୍ଥାନରେ କିଛି କଳାଦାଗ। ଏବଂ ପବନରେ ବାରୁଦର ପୋଡ଼ାଗନ୍ଧ ସହ ସାନଭାଇ କଣ୍ଠରୁ ଭାସି ଆସିଲା 'ଆଃ' ଚିତ୍କାରଟିଏ।

ସମସ୍ତେ ନିରବ ଥିଲେ ସେତେବେଳେ।

ସମବେତ ନିରବତାକୁ ଭାଙ୍ଗି ଶୁଣାଗଲା ଗୀତଟିଏ। ଆମେ ଆଶ୍ଚର୍ଯ୍ୟ ! ଲକ୍ଷ୍ୟକରି ଦେଖିଲୁ ଗୀତଟାକୁ ସାନ ଭାଇ ହିଁ ଗାଉଛି। ଗୀତର ମର୍ମ ବଡ଼ ଭୟଙ୍କର। ହିନ୍ଦୀ ଫିଲ୍ମର ପୁରୁଣା ଗୀତଟା। 'ଏକ ଦିନ୍ ବିତ୍ ଜାଏଗା ମାଟିକା ମୋଲ। ଜଗମେଁ ରହଜାଏଗା ପ୍ୟାରେ ତେରେ ବୋଲ୍।''

ବଡ଼ଭାଇ ଆତଙ୍କଗ୍ରସ୍ତ ଆଖିରେ ମୋ ଆଡ଼କୁ ଚାହିଁଲା। ମୁଁ ଭୟରେ ଥରିଉଠିଲି। ଗୀତଟା ଶୁଣାଯାଉଥିଲା ଏକ ଦୁର୍ଭାଗ୍ୟଜନକ ପରିଣତିର ପଦଧ୍ୱନୀ ଭଳି। ମୁଁ ଅସହାୟ ଭାବରେ ଏଣେତେଣେ ଚାହିଁଲି। ଦେଖିଲି ଭିଡ଼ ଠେଲି ଆମ ପଡ଼ିଶା ଘରର ଗୋଟେ ଛୋଟ ଝିଅ ରୁନୁ ଘଟଣାସ୍ଥଳୀ ଆଡ଼କୁ ଅଗ୍ରସର ହେଉଛି। ମୋର ହଠାତ୍ କାହିଁକି ମନେହେଲା ସମସ୍ତ ଦୁର୍ଭାଗ୍ୟର କାରଣ ରୁନୁ ହେବା ଖୁବ୍ ବେଶି ସମ୍ଭବ। ଯଦିଓ ମୁଁ କୁସଂସ୍କାର ବିରୋଧରେ ଭାଷଣ ଦେଇ ପୁରସ୍କାର ପାଇପାରୁଥିଲି,ସେଇ ମୁହୂର୍ତ୍ତରେ କୁସଂସ୍କାରର ଦାସ ହୋଇଗଲି। ବୋଉର କଥା ମନେପଡ଼ିଲା। ନାରୀମାନଙ୍କର ଛାଇ ବିଷକୁ ତୀବ୍ର କରେ। ସେ ନାରୀ ଶିଶୁଟିଏ ହେଉନା କାହିଁକି ? ମୁଁ କଟମଟ କରି ଅନେଇଲି ରୁନୁ ଆଡ଼କୁ। କହିଲି: ଯାଃ... ଭାଗ୍..ଏଠୁ।

ରୁନୁ ପ୍ରାଣଘେନି ପଳାଇଗଲା।

ଯେତେବେଳେ ବଡ଼ଭାଇ ଓ ମୁଁ ଏକ ଭୟାନକ ପରିଣତି କଥା ଭାବି ଥରି ଉଠୁଚୁ। ଯେତେବେଳେ ବାବା କ'ଣ କରିବେ ବୋଲି କିଛି ସ୍ଥିର କରିପାରୁ ନାହାନ୍ତି। ଯେତେବେଳେ ବୋଉର ପ୍ରାର୍ଥନା ଆସ୍ତେ ଆସ୍ତେ କାନ୍ଦଣାରେ ବଦଳିଯିବାକୁ ଆରମ୍ଭ କରିଚି। ସେତେବେଳେ ସମବେତ ଜନତା କ୍ରମଶଃ ଯୁକ୍ତିତର୍କ ଓ କଳିଗୋଳରେ ମାତି ଉଠୁଥିଲେ। ମୋର କ୍ରମଶଃ ମନେହେଉଥିଲା ସହାନୁଭୂତି ପାଇଁ ଯେତେ ନୁହେଁ, ଚାଞ୍ଚଲ୍ୟ ଓ ଆମୋଦ ପାଇଁ ଏମାନେ ସେତେ ଏକାଠି ହେଉଛନ୍ତି।

କିଏ ଜୀବନରେ କେତୋଟି ସାପ ମାରିଛି। କିଏ କେତୋଟି ସାପ କାମୁଡ଼ାର ଅଭିଜ୍ଞତା ପ୍ରତ୍ୟକ୍ଷ କରିଛି। କେଉଁ କେଉଁ ପ୍ରକାରର ଗୁଣିଆ ସାପ ବିଷ ଝାଡ଼ି ପାରନ୍ତି। କୋଉ ଗୁଣିଆ ଡାକ ଦେଲେ ସାପ ଆସି ବିଷ ଫେରାଇ ନେବ। କୋଉ ଗୁଣିଆ ସାପ କାମୁଡ଼ା କଥା ଶୁଣିବା ମାତ୍ରେ ପାଖରେ ବସିଥିବା ଲୋକକୁ ଚାପୁଡ଼ାଟେ କଷିଦେବ, ଇଆଡ଼େ ବିଷ ଝଡ଼ିଯିବ ଇତ୍ୟାଦି ବହୁ ବିଚିତ୍ର ଓ ଆମୋଦଦାୟକ ଗୁଲିଖଟି ଚାଲୁ ରହିଥିଲା।

ଯେଉଁ ଯେଉଁ ନବାଗତ ଶୁଭେଚ୍ଛୁମାନେ ଜନତାର ଦଳରେ ଯୋଗଦେଉଥିଲେ ସେମାନେ ପୁଣି ମୂଳରୁ ଅନୁସନ୍ଧାନ କରୁଥିଲେ। କେତେବେଳେ କାମୁଡ଼ିଲା ? କୋଉଠି କାମୁଡ଼ିଲା ? କ'ଣ କାମୁଡ଼ିଲା ? କାହାକୁ କାମୁଡ଼ିଲା ? କେମିତି କାମୁଡ଼ିଲା ? ବର୍ତ୍ତମାନ ଅବସ୍ଥା କ'ଣ ? କ'ଣ ସବୁ ପ୍ରତିକାର ହୋଇଛି ବୁଝୁଥିଲେ। ଯେଉଁମାନେ ଫେରିଯାଉଥିଲେ ସେମାନେ ଶୁଣେଇ ଦେଇ ଯାଉଥିଲେ 'କିଛି ହେବନି ହେ।' ଏଇ ବାକ୍ୟଟି ଆମକୁ ଆଶ୍ୱାସନା ଦେବାପାଇଁ ଯେତେ ନୁହେଁ କିଛି ଚାଞ୍ଚଲ୍ୟକର ଘଟୁନାହିଁ ବୋଲି ନିଜକୁ ସେତିକି ସାନ୍ତ୍ୱନା ଦେଲା ଭଳି ମନେହେଉଥିଲା।

ଜଣେ ବିଶାରଦ କହିଲେ: ପଚାର ! ଆଖିକୁ ସବୁ ଠିକ୍ ଦୁଶୁଚି କି ନା ? ଯଦି ବିଷ ଚହଟିଥିବ, ସବୁ ଜାଲୁଜାଲୁଆ ଦିଶିବ !

ସମସ୍ତେ ପଚାରିବାକୁ ଆଗ୍ରହ କଲେ। ସମ୍ମିଳିତ ସ୍ୱର 'ଘୋ' କରି କମ୍ପି ଉଠିଲା। ଏତେ ଜୋର୍ 'ଘୋ' ହେଲା ଯେ, ଯେ କେହି ଡରିଯିବା ଥିଲା ସ୍ୱାଭାବିକ୍।

ସାନଭାଇ ଉତ୍ତର ଦେଲା: ସବୁ ଦୁଇ ଦୁଇଟା ଦିଶୁଚି।

ବଡ଼ଭାଇ ମୋ ମୁହଁକୁ ଚାହିଁଲା। ମୁଁ ବଡ଼ ଭାଇର ମୁହଁକୁ ଚାହିଁଲି। ଭୟରେ। ଆତଙ୍କରେ।

ଆଉଜଣେ ତତ୍ତ୍ୱବିତ୍ କହିଲେ: କିଛି ନିମ୍ବପତ୍ର ଚୋବେଇବାକୁ ଦିଅ। ଯଦି ମିଠା ଲାଗିବ ତେବେ ବିଷ ଚହଟିଛି ବୋଲି ଜାଣିବାକୁ ହେବ !

ନିମ୍ବପତ୍ର ଆଣିବାକୁ ଅନେକ ଶୁଭେଚ୍ଛୁ ଧାଇଁଗଲେ। ଅବଶ୍ୟ ଜଣେ ଶାସ୍ତ୍ରଜ୍ଞ ବାରଣ କରୁଥିଲେ। ନିଶାକାଳେ ନିମ୍ବପତ୍ର ଚୟନ ନିଷେଧ। ମାତ୍ର ତାଙ୍କ ନିଷେଧାଜ୍ଞା କେହି ଶୁଣିଲେ ନାହିଁ। ମୁହୂର୍ତ୍ତକ ମଧ୍ୟରେ ଗଛଯାକର ନିମ୍ବପତ୍ର ଗଦା ହୋଇଗଲା। ସେଥିରୁ ଜମା ଗୋଟେ ପତ୍ର ସାନ ଭାଇକୁ ଦିଆଗଲା। ସେ ଚୋବେଇଲା।

ସମସ୍ତେ ଉତ୍ତର ପାଇବାକୁ ଆଗ୍ରହ କଲେ। ପୁଣି ମିଳିତ ଚିତ୍କାରର ବିସ୍ଫୋରଣଟିଏ ସୃଷ୍ଟିହେଲା।

ସାନଭାଇ ଉତ୍ତର ଦେଲା: ରାଗ ଲାଗୁଛି !

ବଡ଼ଭାଇ ମୋ କାନ୍ଧରେ ହାତ ରଖିଲା। ତା' ହାତ ଥରୁଥିଲା। ମୁଁ ପୂରାପୂରି ଡରି ଆସୁଥିଲି।

ବଡ଼ଭାଇ କହିଲା: କ'ଣ କରିବା ଏବେ ?

ମୁଁ ଉତ୍ତର ଦେବା ପୂର୍ବରୁ ସମବେତ ଜନତା ଚିତ୍କାର କଲେ: ମନ୍ଦିରକୁ ଯିବାକୁ ହେବ !

ସେତେବେଳେ ସେଇ ମୁହୂର୍ତ୍ତରେ ମନ୍ଦିର ହିଁ ଥିଲା ଏକମାତ୍ର ଆଶ୍ରୟ। ଈଶ୍ୱର ହିଁ ଥିଲେ ଏକମାତ୍ର ଭରସା। ଜନତା ସାନ ଭାଇକୁ ଶୂନ୍ୟେ ଶୂନ୍ୟେ ଟେକିନେଲେ। ଆମେ ଅନୁଧାବନ କଲୁ। ଜନତାଙ୍କ ମଧ୍ୟରୁ ଥୋକେ ଆମ ଘରଠି ଅଟକି ଗଲେ। ସେମାନେ ବାବା ବୋଉଙ୍କୁ ସଙ୍ଗ ଦେବେ। ଥୋକେ ଆମ ସହ ଚାଲିଲେ। ବାଟସାରା ଜନତା ଆମ ସହ ସାମିଲ ହେଉଥାନ୍ତି ଓ ସେମାନଙ୍କ ଆଲୋଚନା ଚାଲୁ ରଖିଥାଆନ୍ତି। ମତେ ବଡ଼ ବିରକ୍ତିକର ମନେହେଉଥାଏ ସେ ଆଲୋଚନା। କିନ୍ତୁ ମୁଁ କିଛି କହିପାରୁ ନ ଥାଏ !

କେଉଁଠି ସିନେମାହଲ୍‌ରେ ନାଗେଶ୍ୱରୀ ବାଜା ଶୁଣି ସତସତିକା ନାଗଟାଏ ପର୍ଦ୍ଦା ସାମ୍ନାରେ ଫଣା ଟେକିଥିଲା। କୋଉଠି ନାଗ ମଲା ପରେ ନାଗୁଣୀ ପ୍ରତିଶୋଧ ନବାକୁ ଗଛମୂଳେ ଜଗି ବସିଥିଲା। ନାଗର ଆଖି କିପରି ଗୋଟେ କ୍ୟାମେରା ଭଳି। ଯାହା ଶତ୍ରୁ ମଣିଷମାନଙ୍କର ଫଟୋ ଉଠାଇ ନିଏ। କୋଉଠି ଗାଈର ପଛ୍ନାରେ ଓହଳି ରହି ନାଗ କ୍ଷୀର ପିଉଥିଲା ଇତ୍ୟାଦି ସୁଖକର ଗଳ୍ପ ଆଲୋଚିତ ହେଉଥିଲା।

ବଡ଼ ପୋଖରୀରେ ବୁଡ଼ ପକେଇ ଗତିଶ୍ୱରଙ୍କ ମନ୍ଦିରରେ ଆଠଗରା ପାଣି ଅଜଡ଼ା ହେଲା। ଝାରମହୁରାଟିଏ କ୍ଷତରେ ଲଗାହେଲା। ଶିବ ମହାପ୍ରଭୁଙ୍କ କରୁଣା ପାଇଁ ଚିତ୍କାର କରି ପ୍ରାର୍ଥନା କରାଗଲା। ସମବେତ ଜନତା ଖୁସୀ ହେଲେ। ଈଶ୍ୱରଙ୍କର ଜୟଜୟ କାର କଲେ। ଆମେ ଘରକୁ ଫେରିଲୁ। ଘରେ ପହଞ୍ଚି ଦେଖିଲୁ ଜନତାଙ୍କ ସଂଖ୍ୟା ବୃଦ୍ଧି ହୋଇଛି।

ଆଲୋଚନାର ପରିସର ମଧ୍ୟ ବ୍ୟାପକ ହୋଇଛି। ରଣାସାପ ଏକଦା ମହା ବିଷଧର ଥିଲା। ସେ ନିଜର ବିଷ ହରାଇଲା କିପରି ? ଅହିରାଜ ସାପ ଜଙ୍ଗଲ ରାସ୍ତାରେ ମୁଣ୍ଡ ପଟୁ ଆକ୍ରମଣ କରେ। ତେଣୁ ଲୋକେ ଜଙ୍ଗଲରେ ମୁଣ୍ଡରେ ଦୁଇ ତିନିଟା ଠେକା ମାରି ଯାଆନ୍ତି। ବୋଡ଼ା ସାପର ବିଷ ଏକୋଇଶିଦିନ ପରେ ବାହାରେ। ସାପ ଶୋଇଲା ଲୋକକୁ କାମୁଡ଼େ ନାହିଁ। ଯଦି କାମୁଡ଼ିଲା ତେବେ ବଞ୍ଚିବା ଅସମ୍ଭବ ଇତ୍ୟାଦି ଥିଲା ଗଳ୍ପ।

ସେଦିନ ଆମେ ଘରେ ଶୋଇଲୁ ନାହିଁ। ତାହା ଥିଲା ଶାସ୍ତ୍ରାନୁସାର ଆଦେଶ। ସ୍କୁଲ ଘରେ କୁଟାର ବିଛଣା ହେଲା। ସେଇଠି ଶୋଇଲୁ। ଭାତଖିଆ ମଧ୍ୟ ବନ୍ଦ। ଚୂଡ଼ା ନଡ଼ିଆ ଖାଇ ରାତ୍ରଭୋଜନ ଶେଷ କଲୁ। ସେଠାରେ ମଧ୍ୟ କିଛି ସହୃଦୟ ଜନତା ଆମ ପାଖରେ ଜଗିକି ଶୋଇବାକୁ ସ୍ଥିର କଲେ। ସେଠାରେ ମଧ୍ୟ ସାରାରାତି ସାପ ସମ୍ପର୍କୀୟ ଆଲୋଚନା ଚାଲୁ ରହିଲା।

ନାଗ ସାପର ମୁଣ୍ଡରେ ଥିବା ମଣି କିପରି ତାକୁ ଟର୍ଚ୍ଚ ଲାଇଟ୍ ଦେଖାଇବା ଭଳି ଅନ୍ଧାରରେ ବାଟ ଦେଖାଏ। ବୋଡ଼ା ସାପର ଲାଙ୍ଗୁଡ଼ କଟିଗଲା ପରେ ତା'ର କେମିତି ଯୋଡ଼ିଏ ଡେଣା ଗଜୁରି ଉଠେ ଓ ସେ ଚନ୍ଦନ ବନକୁ ଉଡ଼ିଯାଏ। ସାପର ଲାଞ୍ଜରେ ହିଁ ବିଷ ଥାଏ, ସେ କାମୁଡ଼ି ସାରି ଲାଞ୍ଜକୁ ଭୂଇଁରେ ଦୁଇଥର ପିଟି ସାରିଲେ ହିଁ ବିଷ ଆସେ। ଆସ୍ତିକ ଆସ୍ତିକ କହିଲେ ଯେତେ ଭୟଙ୍କର ସାପ ହେଉ ପଛେ ପଳାଇଯିବ ଇତ୍ୟାଦି ନାନା ଅସତ୍ୟ ଓ ଅସମର୍ଥିତ କାହାଣୀରେ ସ୍କୁଲ ଘରର ରାତି ଭୋର୍ ହୋଇଗଲା।

ସକାଳେ ପୋଖରୀ କୂଳରେ, କନିଅର ଗଛ ମୂଳେ ତୁଠ ପାଖରେ ମୋଟା ଧଣ୍ଡଟାଏ ବେଙ୍ଗଗିଳି ପଡ଼ି ରହିଥିବାର ଦେଖାଯାଇଥିଲା। ଯଥା ସମୟରେ ବାଡ଼ିଆ ଖାଇ ମଲା। ଆମେ ସନ୍ଦେହ କଲୁ କାମୁଡ଼ିଥିବା ସାପଟା ଧଣ୍ଡ ହୋଇପାରେ। ବାବା କିନ୍ତୁ ତିନି କିଲୋମିଟର ଦୂରସ୍ଥ ଡାକ୍ତରଖାନାକୁ ସାଇକେଲରେ ବସେଇ ସାନଭାଇକୁ ନେଇଥିଲେ ଓ ଯଥାରୀତି ଇଞ୍ଜେକ୍ସନ ଓ ଔଷଧ ଖୁଆଇଲେ।

କିନ୍ତୁ ଆମର ସେ ମଫସଲ ପ୍ରାୟ ଛୋଟ ଗାଁଟିରେ କେହି ସହଜରେ ଭୁଲିପାରି ନ ଥିଲେ ଘଟଣାଟିକୁ। ଯାହା ଚାଞ୍ଚଲ୍ୟକର ପରିଣତି ହେବ ହେବ ବୋଲି ହେଲା ନାହିଁ। ଆମ ପରିବାରର ଯାହାକୁ ଦେଖିଲେ ବି ସେମାନେ ସାପକାମୁଡ଼ା କଥା କ'ଣ ହେଲା ବୋଲି ପଚାରୁଥିଲେ ଓ ଶୁଣା କାହାଣୀର ପେଡ଼ି ଖୋଲି ଦେଉଥିଲେ।

ସଞ୍ଜବେଳେ ଆମଘରେ ଶୁଭେଚ୍ଛୁ ଜନତାଙ୍କର ଭିଡ଼ ହେଉଥିଲା ଓ ଦେହ କେମିତି ଅଛି ପଚାରିବା ବାହାନାରେ ସେମାନେ ଯିଏ ଯେତେ ସାପ କଥା ଜାଣିଥିଲେ ସବୁ

ବିବୃତ୍ତ କରିବାରେ ଉଦାର ହୋଇପଡୁଥିଲେ।

ଧଣ୍ଡ କାମୁଡ଼ିଛି ଅନୁମାନ ପରେ ସାନ ଭାଇକୁ ଖୁସୀ ଲାଗୁଥିଲା। କାରଣ ଏକ ଅସମର୍ଥିତ କାହାଣୀର ସୂତ୍ର ଅନୁଯାୟୀ ଧଣ୍ଡ କୋଉଠି ସାପ ଜାତିର ଅସ୍ପୃଶ୍ୟ ଜୀବ। ତେଣୁ ଯାହାକୁ ଧଣ୍ଡ କାମୁଡ଼େ ତାକୁ ଅନ୍ୟ କୌଣସି ସାପ କାମୁଡ଼ିବା ସମ୍ମାନଜନକ ମନେକରନ୍ତି ନାହିଁ। ତେଣୁ ଏଇ ଧଣ୍ଡର ଆଘାତଟା ସାନ ଭାଇକୁ ଅନ୍ୟ ସାପର ଆକ୍ରମଣ ଆଗରେ ଗୋଟେ ରକ୍ଷାକବଚ ଭଳି ମନେହେଇଥିଲା। ତେଣୁ ସେ ନିର୍ଭୟରେ ଭୟଙ୍କର ଲଟା ବଣ ବୁଦାରେ ଡେଇଁବା ଆରମ୍ଭ କଲା ଅଧିକ ପରିମାଣରେ।

ଆମ ଅଞ୍ଚଳର ଶୁଭେଚ୍ଛୁ ଜନତା ସାପ ସମ୍ପର୍କରେ ନୂଆ ନୂଆ କାହାଣୀ ଗପୁଥିଲେ ଓ ଗପିବା ପାଇଁ ହିଁ ଏକାଠି ହେଉଥିଲେ। ଆମ ଘର ପାଖାପାଖି ଅଞ୍ଚଳ ଥିଲା ଏଇ ସବୁ ଆଲୋଚନାର ପ୍ରକୃଷ୍ଟ ସ୍ଥାନ।

ଏମିତି ଚାଲୁରହିଲା ପରବର୍ତ୍ତୀ ଚାଞ୍ଚଲ୍ୟକର ଘଟଣାଟି ଘଟିବା ପର୍ଯ୍ୟନ୍ତ। ଅନ୍ୟ ଏକ ସାଇରେ ଜଣେ କମ୍ ବୟସ୍କା ସ୍ତ୍ରୀଲୋକକୁ ଭୂତ ଲାଗିଲା ଓ ଶୁଭେଚ୍ଛୁ ଜନତା ସେଠାରେ ଭିଡ଼ ଜମାଇଲେ। ଭୂତ ସମ୍ପର୍କରେ ଯିଏ ଯେତେ କାହାଣୀ ଜାଣିଥିଲେ ତାହା ବ୍ୟକ୍ତ କରିବାର ଉପଯୁକ୍ତ ସମୟ ଓ ସ୍ଥାନ ଖୋଜି ପାଇଥିବାରୁ ଖୁସୀ ଲାଗୁଥିଲେ।

ସାପ କାମୁଡ଼ା କଥା ପ୍ରାୟ ସମସ୍ତେ ବିସ୍ମୃତ ହୋଇ ଆସୁଥିଲେ। କେବଳ ଗ୍ରାମଦେବ ଗତୀଶ୍ୱରଙ୍କ ମହିମା ବର୍ଣ୍ଣନା କାଳରେ ସେ କିପରି ଏକଦା ହେଡ଼୍‌ସାର୍‌ଙ୍କ ସାନ ପୁଅକୁ ବିଷଧର ସର୍ପ କବଳରୁ ରକ୍ଷାକରି ନିଜର ଯଶୋବାନା ଉଚ୍ଚତର କରି ଉଡ଼ାଇଥିଲେ ତାହା ଆଲୋଚିତ ହେଉଥିଲା।

ସାନଭାଇ କିନ୍ତୁ ଭୁଲି ନ ଥିଲା। ସେ ଅଧିକ ଅବାଧ୍ୟ ଓ ଉଚ୍ଛୃଙ୍ଖଳ ହୋଇ ବିଲବନରେ ଡେଉଁଥିଲା। କାରଣ ତା' ହାତରେ ଥିଲା ଅନ୍ୟ ସାପମାନଙ୍କ ବିରୋଧରେ ସୁରକ୍ଷା କବଚ। ମୁଁ ମଧ୍ୟ ଭୁଲି ନ ଥିଲି। ମତେ କାମୁଡ଼ିବା ଯୋଗ୍ୟ ଗୋଟାଏ ଧଣ୍ଡ ସାପର ସନ୍ଧାନ କରୁଥିଲି ମନେମନେ।

# ସ୍କୁଲଦିନ

ସ୍କୁଲର୍ ରୁଟିନ୍ ଥିଲା ଏହିଭଳି। ଦିନ ଦଶଟାରେ ବାଜୁଥିଲା ପ୍ରଥମ ଘଣ୍ଟା। ଆମେ ସବୁ କ୍ଲାସ୍‌ରୁମ୍‌ରେ ବହିଖାତା ରଖି ଦେଇ ସ୍କୁଲ ପଡ଼ିଆରେ ଏକାଠି ହେଉଥିଲୁ। ସେଇଠୁ ଆରମ୍ଭ ହେଉଥିଲା ସଫାଇ କାର୍ଯ୍ୟକ୍ରମ। ସ୍କୁଲର ପରିବେଶ ସଫା କରାଯାଉଥିଲା। ସାଢ଼େ ଦଶଟାରେ ବାଜୁଥିଲା ପ୍ରାର୍ଥନା ଘଣ୍ଟା। ସେଠି ଛାତ୍ରଛାତ୍ରୀମାନଙ୍କର ଉପସ୍ଥାନ ନିଆଯାଉଥିଲା। ପ୍ରାର୍ଥନା ପରେ ପରେ ଥିଲା ଖବରକାଗଜ ପାଠର କାର୍ଯ୍ୟକ୍ରମ।

ଖବରକାଗଜ ପଠନର ପଦ୍ଧତି ଏହିଭଳି। ପୂର୍ବଦିନ ଆସିଥିବା ଖବରକାଗଜର ମୁଖ୍ୟ ଓ ପଠନଯୋଗ୍ୟ ସମ୍ବାଦଗୁଡ଼ିକରେ ଚିହ୍ନ ଦିଆଯାଉଥିଲା। ଏହି କାର୍ଯ୍ୟଟି କରୁଥିଲା ଜଣେ ଛାତ୍ର। ଏବଂ ତାକୁ ସଂସ୍କୃତି ମନ୍ତ୍ରୀ ବୋଲି କୁହାଯାଉଥିଲା। ସଂସ୍କୃତି ମନ୍ତ୍ରୀର କାର୍ଯ୍ୟକାଳ ଏକମାସ ଥିଲା। ସେହି ଛାତ୍ରମନ୍ତ୍ରୀଟି ଶ୍ରେଣୀ ଶିକ୍ଷକଙ୍କ ସହାୟତାରେ କେଉଁ କେଉଁ ସମ୍ବାଦ ପଢ଼ାଯିବ ତାହା ସ୍ଥିର କରୁଥିଲା। (ମୁଁ ଅବଶ୍ୟ ଥରେ ଅଧେ ସଂସ୍କୃତି ମନ୍ତ୍ରୀ ହୋଇଛି। କିନ୍ତୁ ସମ୍ବାଦ ଚୟନ କାଳରେ ଆପଣା ବୁଦ୍ଧି ପ୍ରୟୋଗ କରୁଥିଲି। ଏ ସଂପର୍କରେ ଶ୍ରେଣୀ ଶିକ୍ଷକଙ୍କ ପରାମର୍ଶ ନେଉ ନ ଥିଲି। ତେଣୁ ହତ୍ୟା ଡକାୟତି ଓ ଦୁର୍ଘଟଣାର ସମ୍ବାଦ ସବୁକୁ ନିଶ୍ଚୟ ଚିହ୍ନ ଦେଉଥିଲି ଏବଂ ମୋ କାର୍ଯ୍ୟକାଳ ମଧ୍ୟରେ ସମ୍ବାଦ ପଠନ ଛାତ୍ରଛାତ୍ରୀମାନଙ୍କ ପାଇଁ ବେଶି ରୁଚିକର ଥିଲା। ମୋତେ ଅବଶ୍ୟ ପରେ ଏଥିପାଇଁ ଗାଳି ଶୁଣିବାକୁ ପଡ଼ିଥିଲା ଓ ସଂସ୍କୃତି ମନ୍ତ୍ରୀ ପଦରୁ ବିତାଡ଼ନ କରାଯାଇଥିଲା। କିନ୍ତୁ ମୁଁ ବିଶ୍ୱାସ କରୁଥିଲି ଯେ ମୋ କାର୍ଯ୍ୟକାଳ ମଧ୍ୟରେ ମୁଁ ଛାତ୍ରଛାତ୍ରୀମାନଙ୍କର ବହୁବିଧ ଉନ୍ନତି କରିଯାଇଥିଲି। ଯଥା ରୁଚିକର ସମ୍ବାଦ ପରିବେଷଣ। ଏବଂ ମୋର ଛାତ୍ରପ୍ରିୟତାରେ ପ୍ରତିହିଂସା ପରାୟଣ ହୋଇ ମୋ ପ୍ରତି ଅବିଚାର କରାଯାଇଥିଲା।)

ଖବରକାଗଜରୁ ସମ୍ବାଦ ପଠନ ଅନ୍ତେ ସ୍ଥାନୀୟ ସମ୍ବାଦ ପରିବେଷଣର ବ୍ୟବସ୍ଥା ହେଉଥିଲା। ଏହି କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳରେ ଘଟିଯାଇଥିବା ଘଟଣା ସମ୍ପର୍କରେ ଛାତ୍ରଛାତ୍ରୀମାନେ ସୂଚନା ଦେଉଥିଲେ। ତେବେ ଏଇ ପର୍ଯ୍ୟାୟରେ ପରିବେଷିତ ସମ୍ବାଦ ମଧ୍ୟରେ ଘରପୋଡ଼ି, ସାପକାମୁଡ଼ା, ବଜ୍ରପାତ, ଗଣ୍ଡଗୋଳ ତଥା ଚୋରି ସମ୍ବାଦ ଥିଲା ମୁଖ୍ୟ।

ତା'ପରେ ପରେ ଆମେ ଆସି ଯାଉଥିଲୁ କ୍ଲାସ୍‌ରୁମ୍‌କୁ। ଏବଂ ରୁଟିନ୍ ଅନୁସାରେ ପିରିୟଡ଼୍ ପରେ ପିରିୟଡ଼୍ ଆରମ୍ଭ ହେଉଥିଲେ ହେଁ, ଘଣ୍ଟା ବାଜୁଥିଲେ ହେଁ ଏକ ଅଲିଖିତ ରୁଟିନ୍‌ର କାର୍ଯ୍ୟକ୍ରମ ଆରମ୍ଭ ହେଉଥିଲା।

ପ୍ରଥମ ପିରିୟଡ଼୍‌ର ଅଧାରେ ହିଁ ଅଭିରାମ ଦୃଶ୍ୟ ହେଉଥିଲା ଝର୍କା ପାଖରେ। ଅଭିରାମ ପାଖ ଗାଁର ପିଲା। ତାକୁ ଆଡ଼୍‌ପାଗଳା ବୋଲି ସମସ୍ତେ ମନେକରନ୍ତି। ପାଠ ପଢ଼ିନାହିଁ। ପଢ଼ିଥିଲେ ଅଳ୍ପ କ'ଣ ପଢ଼ିଥିବ। ସବୁବେଳେ ଏଣେ ତେଣେ ବୁଲୁଥାଏ ନିରୁଦ୍ଦେଶ୍ୟ ଭାବରେ। ତେବେ ସକାଳୁ ତା'ର ଦେଖା ନ ଥାଏ। ସେ ଲୁଚିଛପି ରହିଥାଏ କୋଉଠି କେଜାଣି। ପ୍ରଥମ ପିରିୟଡ଼୍‌ର ଠିକ୍ ଅଧାରେ ହିଁ ତା'ର ଚେହେରା ନଜରକୁ ଆସେ।

ସେ ଚୁପ୍‌ଚାପ୍ ଆସି ଝର୍କା ଦେହରେ ମାଙ୍କଡ଼ ଭଳି ଓହଳି ପଡୁଥିଲା ଓ ନିଜର ଉପସ୍ଥିତି ଘୋଷଣା କରିବା ପାଇଁ ଏକ ନାଟକୀୟ ମୁହୂର୍ତ୍ତର ଅପେକ୍ଷା କରୁଥିଲା। ଯେତେବେଳେ ଶ୍ରେଣୀ ଶିକ୍ଷକ କିଛି ଗୋଟାଏ ପ୍ରଶ୍ନ କରୁଥିଲେ, ଆମେ ଛାତ୍ରଛାତ୍ରୀମାନେ କେହି କୌଣସି ଉତ୍ତର ଦେବା ଆଗରୁ ଅଭିରାମ ଝର୍କା ବାହାରୁ କହି ଉଠୁଥିଲା: ମୁଁ କହିବି।

ଆମେ ସମସ୍ତେ ହସୁଥିଲୁ।

ଶ୍ରେଣୀ ଶିକ୍ଷକ ବିରକ୍ତ ହେଉଥିଲେ।

କହୁଥିଲେ: ଅଭି! ତୁ ସେଠି କ'ଣ କରୁଚୁ! ଯା' ପଳା!

ଅଭିରାମ ଶ୍ରେଣୀ ଶିକ୍ଷକଙ୍କ ବିରକ୍ତିକୁ ଧୂଳି ଭଳି ଝାଡ଼ି ଦେଉଥିଲା ଦେହରୁ ଓ ମାଙ୍କଡ଼ ଭଳି ଶବ୍ଦ କରୁଥିଲା। କହୁଥିଲା: ଆମକୁ କ'ଣ ପାଠ ଆସେନି ବୋଲି ଭାବୁଚ କି ମାଷ୍ଟ୍ରେ!

ଶ୍ରେଣୀ ଶିକ୍ଷକ କହୁଥିଲେ: ଆସେ, ଢେର୍ ପାଠ ଆସେ। ମାତ୍ର ଏବେ ଏମାନେ ପାଠ ପଢୁଛନ୍ତି। ତୁ ଚୁପ୍ ରହ।

ଅଭିରାମ ମୁଣ୍ଡ ହଲେଇ କହୁଥିଲା: ହଉ।

ଶ୍ରେଣୀ ଶିକ୍ଷକ ପାଠପଢ଼ା ଜାରି ରଖୁଥିଲେ। ମାତ୍ର ଅଭିରାମ ଜାରି ରଖୁଥିଲା ତା'ର ଦୁଷ୍ଟାମୀ। ସେ ଛାତ୍ରମାନଙ୍କ ମୁହଁକୁ ଲକ୍ଷ୍ୟକରି ଖତେଇ ହଉଥିଲା। ନିରବରେ ବିକୃତ ମୁଖଭଙ୍ଗୀ ଦେଖଉଥିଲା। ଆମେ ସମସ୍ତେ ନିଜକୁ ସମ୍ଭାଳି ପାରୁ ନ ଥିଲୁ। ହୋ ହୋ ହୋଇ ହସି ପକାଉଥିଲୁ। କ୍ଲାସ୍‌ରୁମ୍‌ଟା ହସରେ ବିସ୍ଫୋରିତ ହୋଇଯାଉଥିଲା।

ଶ୍ରେଣୀ ଶିକ୍ଷକ ରାଗିଯାଉଥିଲେ।

କହୁଥିଲେ: ଅଭି ! ତୁ ଏଠୁ ଯାଉଚୁ ନା ଦେଖିବୁ।

ଅଭି କୌଣସି ଉତ୍ତର ଦେଉ ନ ଥିଲା। ମାଙ୍କଡ଼ ଭଳି ଖିଙ୍କାରି ହଉଥିଲା।

ଶ୍ରେଣୀ ଶିକ୍ଷକ ଆଦେଶ ଦଉଥିଲେ: ଗଲ ପିଲେ ! ସେ ଅଭିକୁ ଧରି ଆଣିବ। ତାକୁ ଏଇ ଗଛରେ ବାନ୍ଧି ପକେଇବା।

ଶ୍ରେଣୀରେ ବଳଶାଳୀ ବୋଲି ବିଚାର କରାଯାଉଥିବା ଚାରି ପାଞ୍ଚଜଣ ଲଗୁଡ଼ ହସ୍ତେ ଏଇ ଦୁଃସାହସିକ କାର୍ଯ୍ୟ ସମାପନ କରିବାକୁ ବାହାରୁଥିଲେ। ଏବଂ ଅଭିରାମ କ୍ଷେପା ମାରି ଦୌଡ଼ୁଥିଲା। ବିଲବାଡ଼ ଡେଇଁ। ଅମରିବୁଦା କିଆବୁଦା ସବୁକୁ ଅତିକ୍ରମ କରି। ଧୁ ଧୁ ଖରାରେ ଅଭିରାମକୁ ଧରିବା ପାଇଁ ଗୋଟେ ଖେଳ ଆରମ୍ଭ ହେଉଥିଲା ଓ ପାଠ ପଢ଼ାରୁ ତ୍ରାହି ପାଇ ଆମେ ଝର୍କାବାଟେ ସେଇ ଦୃଶ୍ୟ ଦେଖିବାରେ ମନ ଦେଉଥିଲୁ। କହିବା ବାହୁଲ୍ୟ ମୁଁ ଦୁର୍ବଳ ଶ୍ରେଣୀୟ ଛାତ୍ରମାନଙ୍କ ଭିତରେ ଯାଉଥିଲି। ତେଣୁ ଶ୍ରେଣୀଗୃହରୁ ପ୍ରୋତ୍ସାହନମୂଳକ ଶବ୍ଦମାନ କରି ବଳଶାଳୀମାନଙ୍କୁ କାର୍ଯ୍ୟରେ ତ୍ୱରିତ କରିବା ଆପଣାର ଗୁରୁତ୍ୱପୂର୍ଣ୍ଣ କର୍ତ୍ତବ୍ୟ ମନେକରୁଥିଲି।

ଯେତେବେଳେ ଶ୍ରେଣୀ ଶିକ୍ଷକ ଅନୁଭବ କରୁଥିଲେ ଯେ ଏ ବାବଦରେ ଅଧିକ ସମୟ ବ୍ୟୟ ହୋଇସାରିଲାଣି ଓ ଅଭିରାମ ଧରାପଡ଼ି ନାହିଁ, ଧରା ପଡ଼ିଲେ ବି କିଛି ଲାଭ ନାହିଁ, ସେ ଆଦେଶ ଦେଉଥିଲେ: ଫେରିଆସ, ଅଭିରାମକୁ ଧରିବା ଦରକାର ନାହିଁ।

ମାତ୍ର ତାଙ୍କର ଆଦେଶର ସ୍ୱର ଖରାବେଳିଆ ବିଲ ମଝିରେ ପହଞ୍ଚିପାରେ ନାହିଁ। ତେଣୁ ଶ୍ରେଣୀ ଗୃହରୁ ଆଉ ଚାରିଜଣ ବଶମ୍ୱଦ ସ୍ଥାନୀୟ ଛାତ୍ର ଯାଉଥିଲେ ଦୁଃସାହସୀମାନଙ୍କୁ ଫେରାଇ ଆଣିବା ପାଇଁ। ସେମାନଙ୍କୁ ଡକାହକା କରି ଫେରିଲା ପରେ ଦୁଃସାହସୀମାନେ ଆପଣା କୃତିତ୍ୱର ବିବରଣୀ ଶୁଣାଉଥିଲେ।

ଦୀର୍ଘଶ୍ୱାସ ଛାଡ଼ି ଗିରିଧାରୀ କହୁଥିଲା: ଆଉ ଟିକକରେ ଧରା ପଡ଼ିଯାଇଥାନ୍ତା। ଗୁରୁଜୀ ପଳେଇ ଆସିବାକୁ କହିଲେ ବୋଲି ଆମେ ପଳେଇ ଆସିଲୁ ସିନା। ହେଲେ ଆଜି ଖସିବାର ବାଟ ନ ଥିଲା।

ଝାଳନାଳ ଭାସ୍କର କହୁଥିଲା: ମୁଁ ଗୋଟେ ଟେକା ନାଦି ଦେଲି ଯେ, ଟିକିଏ କେ ଖସିଗଲା। ଯଦି ବାଜିଥାଆନ୍ତା ନା ସେଇଠି ଶୋଇଥାଆନ୍ତା।

ବିଶ୍ୱନାଥ ଖବର ଦଉଥିଲା: ଦୌଡୁ ଦୌଡୁ କଚଡ଼ାଟେ ଖାଇଚି ଯେ ! ଏମିତି ଶକ୍ତ କଚଡ଼ା ଖାଇଚି ଯେ ଏବେ ଯାଇ କୋଉଠି ଗୋଡ଼ ଆଉଁସୁଥିବ। ନ ହେଲେ ଓଷଦ ଖୋଜୁଥିବ।

ପାଣୁଆ କହୁଥିଲା: ଦେଖିବ କାଲି ସେ କଦାପି ଆସିବନି। ଆଜି ଦୌଡ଼ି ଦୌଡ଼ି

ତା'ର ମଜା ବାହାରି ଯାଇଛି।

(ଅଥଚ ପରବର୍ତ୍ତୀ ଦିନମାନଙ୍କରେ ବି ଅଭିରାମ ଆସୁଥିଲା। ହେଲେ ଆମେ ତା'ର ଆଗମନକୁ ଅପେକ୍ଷା କରି କରି ବିତେଇ ଦଉଥିଲୁ ପିରିୟଡ୍ ପରେ ପିରିୟଡ୍।)

ଶ୍ରେଣୀ ଶିକ୍ଷକ ଟେବୁଲ ଉପରେ କଚାଡ଼ି ଦିଅନ୍ତି ତାଙ୍କର ବେତ ଦୁଇବାର।

ଉଚ୍ଚ ସ୍ୱରରେ କହନ୍ତି: ଶାନ୍ତି! ଶାନ୍ତି! ପାଟି ବନ୍ଦ କର। ଯାହା ତ ହେବାର ହେଲାଣି। ଏବେ ଚୁପ୍‌ଚାପ୍ ବସ। ଆମେ ପାଠପଢ଼ା ଆରମ୍ଭ କରିବା।

ଆମର କୋଳାହଳ ଥମି ଯାଉଥିଲା। ଆମେ ଅନିଚ୍ଛା ସତ୍ତ୍ୱେ ଓଲଟାଉଥିଲୁ ବହି। ଏତିକିବେଳେ ପ୍ରଥମ ପିରିୟଡ୍ ଶେଷ ହେବାର ଘଣ୍ଟା ବାଜୁଥିଲା।

ଶ୍ରେଣୀ ଶିକ୍ଷକ ବିରକ୍ତିର ସହ କକ୍ଷ ପରିତ୍ୟାଗ କରୁଥିଲେ।

ଏହାପରେ ଅନ୍ୟ ପିରିୟଡ୍‌ମାନଙ୍କରେ ଯଥାରୀତି ପାଠପଢ଼ା ହେଉଥିଲା। ଆମେ ଥରେ ଶିକ୍ଷକଙ୍କ ମୁହଁକୁ ତ ଥରେ ଝରକା ଆଡ଼କୁ ଚାହୁଁଥିଲୁ। ଅଭିରାମ ଫେରି ଆସିଲା କି? କିନ୍ତୁ ଅଭିରାମ ଫେରୁ ନ ଥିଲା। ଯଦିଓ ଆମେ ଅନ୍ତଃକରଣରେ ଚାହୁଁଥିଲୁ ଅଭିରାମ ଫେରିଆସୁ। ଝରକା ଦେହରେ ମାଙ୍କଡ଼ ଭଳି ଝୁଲିପଡୁ। ବିକୃତ ମୁଖଭଙ୍ଗୀ କରୁ। ଆମକୁ ଆମୋଦିତ କରୁ। ଏବଂ ପାଠପଢ଼ାରୁ ତ୍ରାହି ପାଇ ଆମେ ଅଭିରାମ ପଛରେ ଧାଇଁ ଧାଇଁ ଘୁରିବୁଲୁ ସାରା ଦ୍ୱିପ୍ରହର।

ଦିନ ଗୋଟାଏ ବେଳକୁ ଖାଇବା ଛୁଟି ହେଉଥିଲା। ଅଧ ଘଣ୍ଟାକ ପାଇଁ। ଆମେ କ୍ଲାସ୍‌ରୁମ୍‌ରୁ ବାହାରି ଆସି ସ୍କୁଲ୍ ପଡ଼ିଆରେ ବୁଲିଲାବେଳେ, ମୁଢ଼ି ଚୋବାଇବା ବେଳେ, ପାଣି ପିଇବା ବେଳେ ଯେଉଁ ଚରିତ୍ରଟିକୁ ଭେଟୁ, ଲୋକମୁଖରେ ତା'ର ନାମ ସୁଶୀଳା ବାୟାଣୀ।

ସୁଶୀଳା ବାୟାଣୀର ସେଇଟା ଗାଧୁଆ ବେଳ। ଦିନ ଗୋଟାଏରେ ଯେତେବେଳେ ସୂର୍ଯ୍ୟ ପଶ୍ଚିମ ଦିଗକୁ ଗଡ଼ିବାର ପ୍ରୟାସ ଆରମ୍ଭ କରିବେ ସେତେବେଳେ ସମ୍ଭବତଃ ଗାଧୋଇବା କଥା ମନେପଡ଼େ ସୁଶୀଳ ବାୟାଣୀର। ସେ ଆମ ସ୍କୁଲ ସାମ୍ନା ବିରାଟ ପୋଖରୀରେ ଗାଧୋଇବା ପାଇଁ ପହଞ୍ଚିଯାଏ। ପୋଖରୀ କୂଳରେ ବସି ଦାନ୍ତ ଘଷୁଥାଏ। ଏବଂ ଆମକୁ ଲକ୍ଷ୍ୟ କରୁଥାଏ। ତା'ର ଦାନ୍ତକାଠିଟା ବି ଗୁରୁତ୍ୱପୂର୍ଣ୍ଣ। ଦାନ୍ତକାଠି ତ ନୁହେଁ ଗୋଟିଏ ଭଙ୍ଗାଡାଳ। ତାର ଗୋଟାଏ ପଟ ସେ ଚୋବେଇ ଚାଲିଥାଏ। ଅପରପାର୍ଶ୍ୱରେ ଦୋହଲୁଥାନ୍ତି ମେଞ୍ଚାଏ ପତ୍ର।

ଆମେ ସ୍କୁଲ ପଡ଼ିଆରୁ ସୁଶୀଳା ବାୟାଣୀକୁ ଚାହୁଁ। ସୁଶୀଳା ବାୟାଣୀ ଆମକୁ ଚାହେଁ। ଆମ ଭିତରୁ ଚୁପ୍‌କିନା କିଏ ଜଣେ କହିଦିଏ 'କାଉହାସ୍'। ଏଇଟା ହିଁ କୋର୍ଡ୍‌ୱାର୍ଡ୍।

ସୁଶୀଳା ବାୟାଣୀକୁ ଚିଡ଼େଇବା ପାଇଁ ଏଇ ଶବ୍ଦଟି ଯଥେଷ୍ଟ। କୋଉ ଗବେଷକ କେତେବର୍ଷ ଗବେଷଣା କରି ଏଇ ଶବ୍ଦଟି ପାଇଥିଲା କିଏ ଜାଣେ? ମାତ୍ର ଓଠରୁ ଓଠକୁ ଡେଇଁ ଶବ୍ଦଟି ପହଞ୍ଚିଥିଲା ଆମ ପାଖରେ। ଏବଂ ଆମେ ଶବ୍ଦଟିକୁ ଚିପି ବିସ୍ଫୋରଣଟିଏ କରିଦେଉ।

ଯେତେ କ୍ଷୀଣ ସ୍ୱରରେ କହିଲେ ବି ଶବ୍ଦର ଲକ୍ଷ୍ୟ ହୁଏ ନିର୍ଭୁଲ। ତାହା ନିଶ୍ଚୟ ସୁଶୀଳା ବାୟାଣୀର କର୍ଣ୍ଣକୁହରରେ ପ୍ରବେଶ କରିଯାଏ। ସୁଶୀଳାବାୟାଣୀ ଯେମିତି ଅପେକ୍ଷା କରିଥାଏ ଏଇ ଶବ୍ଦଟି ଶୁଣିବା ପାଇଁ। ଯେ ଯାଏଁ ପୋଖରୀ ପାଣିରେ ପଶି ନ ଥାଏ। ହୁଡ଼ା ଉପରେ ଗଛ ଛାଇରେ ବସିଥାଏ। ଦାନ୍ତକାଠି ରେକଟୁଥାଏ। ଏଣେତେଣେ ଛେପ ଫୋପାଡୁଥାଏ।

ଶବ୍ଦଟି ଉଚ୍ଚାରିତ ହେବା ପରେ ପରେ ଯେମିତି ବିସ୍ଫୋରଣଟିଏ ହୁଏ ତା' ଭିତରେ। ସେ ଫିଙ୍ଗିଦିଏ ଦାନ୍ତକାଠି। ଠିଆ ହୋଇଯାଏ। ଏବଂ ଗାଳି ଦେବାକୁ ଆରମ୍ଭ କରେ। ନାନା ଅଶ୍ରାବ୍ୟ ଭାଷାର ଗାଳି। ଡିଏଁ। ନାଚେ। ଚିତ୍କାର କରେ। ସେଇ ଦୃଶ୍ୟଟା ବେଶ୍ ଉପଭୋଗ୍ୟ ହୁଏ, ଆମ ପିଲାମାନଙ୍କର। ଆମେ ଖିଲ୍‌ଖିଲ୍ ହସୁ। ଆମେ ଯେତେଯେତେ ହସୁ, ସୁଶୀଳାବାୟାଣୀ ସେତେସେତେ ଡିଏଁ। ଉଦଣ୍ଡ ନୃତ୍ୟ କରେ।

ଏତିକିବେଳେ ଘଟଣାର ସମାଧାନ କରିବାକୁ ଶିକ୍ଷକ ମହାଶୟ ପହଞ୍ଚିଯାନ୍ତି।

ପଚାରନ୍ତି: କିଏ କ'ଣ କହିଲା ତାକୁ?

ସୁଶୀଳାବାୟାଣୀ ଚୁପ୍ ହୁଏ ଓ ଶିକ୍ଷକଙ୍କଠାରୁ ନ୍ୟାୟ ଆଶା କରେ। ଆମ ଭିତରୁ ଜଣେ କହେ: କେହି କିଛି କହି ନାହାନ୍ତି ଯେ...?

ଆଉ ଜଣେ କହେ, ଗୋଟାଏ କାଉ ଏଠି ଡାଳରେ ବସିଥିଲା ଯେ ଆମେ ହାଆସ କରି ଉଡ଼େଇ ଦେଲୁ!

ସୁଶୀଳା ବାୟାଣୀ ଅଭିଯୋଗ ବାଢ଼େ, ଦେଖନ୍ତୁ! ଦେଖନ୍ତୁ ମାଷ୍ଟ୍ରେ! ଏ ବଦମାସ୍ ପିଲାଏ କେମିତି କହୁଛନ୍ତି? ଶିକ୍ଷକ ତାକୁ ବୁଝାନ୍ତି: ତମକୁ ତ କେହି କିଛି କହୁନାହାନ୍ତି?

ସୁଶୀଳା ବାୟାଣୀ କହେ: ଏଇନା ତ କହିଲେ ଆଜ୍ଞା।

ଶିକ୍ଷକ କହନ୍ତି: କାଉ ଉଡ଼େଇଲେ ତମର କ'ଣ କ୍ଷତି ହୁଏ?

ଆମେ ସମସ୍ତେ ଶିକ୍ଷକଙ୍କ ପାଳିଧରୁ: ହଁ ସାରେ! ଆମେ କ'ଣ କେହି କାଉ ଉଡ଼େଇବୁ ନାହିଁ। କାଉକୁ ହାସ୍ ବୋଲି କହିବୁ ନାହିଁ।

ସୁଶୀଳା ବାୟାଣୀ ପୁଣିଥରେ ଉନ୍ମାଦ ହୋଇପଡ଼େ, ହେଲେ ଏଥରକ ତା'ର ରାଗଟା ପିଲାଙ୍କ ଉପରୁ ଘୁଞ୍ଚିଯାଏ ଶିକ୍ଷକଙ୍କ ଉପରକୁ। ସେ ତା'ର ଗାଳି ଗୁଲଜର ଦିଗଟା ମୁହାଁଇଦିଏ ଶିକ୍ଷକଙ୍କ ଆଡ଼କୁ।

ସୁଶୀଳା ବାୟାଣୀ ଚିତ୍କାର କରୁଥାଏ। ଗାଳି ଦେବା ଜାରି ରଖିଥାଏ। ଆମେ ହସୁ। ଟିଟିକାର କରୁ। କାଉ ହାସ୍ ବୋଲି କହୁ। ଏବଂ ଶିକ୍ଷକଙ୍କ ନିର୍ଦ୍ଦେଶରେ ପ୍ରବେଶ କରିଯାଉ କ୍ଲାସ୍‌ରୁମ୍ ଭିତରକୁ। କୋଳାହଳକୁ ଉପେକ୍ଷା କରି ଶିକ୍ଷକ ମହାଶୟ ପାଠ ପଢ଼େଇବାର ଉପକ୍ରମ କରନ୍ତି। ସୁଶୀଳା ବାୟାଣୀର ଚିତ୍କାରକୁ ଅତିକ୍ରମ କରି ସ୍ୱର ଉଚ୍ଚ କରନ୍ତି। ଆମ ଭିତରୁ ତଥାପି କେତେଜଣ ପାଠପଢ଼ାକୁ ଆଉଟିକେ ସମୟ ଘୁଞ୍ଚାଇ ଦେବାର ଷଡ଼ଯନ୍ତ୍ରରେ ଲିପ୍ତ ଥାଆନ୍ତି।

କହନ୍ତି: ସାର୍! କିଛି ଶୁଣାଯାଉନି।

ଆଉ କେହି କହେ: ବାହାରେ ଏତେ ପାଟି ହଉଚି ଯେ! କିଛି ଜଣାଯାଉନି।

ଶିକ୍ଷକ ଛପି ଛପି ଦୁଆର ପାଖକୁ ଯାଆନ୍ତି। ସୁଶୀଳା ବାୟାଣୀର ନଜରରେ ନ ପଡ଼ିବା ଭଳି ଭଙ୍ଗୀକରି ଉଙ୍କି ମାରନ୍ତି ଓ ଫେରିଆସି ନିଜର ଅସହାୟତା ପ୍ରକାଶ କରନ୍ତି।

କହନ୍ତି: କ’ଣ ଆଉ କରିବା ?

ଶିକ୍ଷକ ମହାଶୟ ଜାଣନ୍ତି ଏବଂ ଆମ୍ଭେମାନେ ମଧ୍ୟ ଜାଣୁ ଯେ ସୁଶୀଳା ବାୟାଣୀକୁ ସେଠୁ ତଡ଼ିବା ଅସମ୍ଭବ। ତାକୁ ତଡ଼ିବାର ଉପାୟ କରାଯିବା ମାତ୍ରେ ସେ ବେଶି ଚିତ୍କାର କରିବ ଓ ଡେଇଁବ। ଏପରିକି ଲୁଗାପଟା ଫୋପାଡ଼ି ଲଙ୍ଗଳା ହୋଇ ଡେଇଁବା ମଧ୍ୟ ଅସମ୍ଭବ ନୁହେଁ ତ’ ପାଇଁ। ତା’ ସହିତ କଜିଆ କରି ଜିତିବା ଦୂରୁହ। ସାଧାରଣ ଜନତା ମଧ୍ୟ ତାକୁ ସହାନୁଭୂତି ଦେଖାଇବେ।

ଆମେ କହୁ: ସାରେ! ଏ ସୁଶୀଳା ବାୟାଣୀ ନ ଗଲାଯାଏଁ କିଛି ହେଇପାରିବନି।

ଶିକ୍ଷକ କହନ୍ତି: ତୁମେମାନେ ତା’ ଆଡ଼କୁ କାନ ଦିଅନି। ମନ ମୁନ ଚୈତନ ଏକାଠି କର। ମୋ ଆଡ଼କୁ ଦିଅ। ଏବଂ ପାଠପଢ଼।

ସାରଙ୍କ ଚେତାବନୀଟା ଝଡ଼ର ପୂର୍ବାଭାସ ଭଳି ଟିକେ ରୁକ୍ଷ ଶୁଣାଯାଏ। ଆମେମାନେ ସଚେତନ ହେବାଭଳି ଝାଡ଼ିଝୁଡ଼ି ହେଇ ବସୁ।

ଶିକ୍ଷକ ମହାଶୟ ଇତିହାସ ପାଠବହି ଧରି ପଢ଼ିବା ଆରମ୍ଭ କରନ୍ତି। ତାଙ୍କର ସ୍ୱରଟା ଥାଏ ତୀବ୍ର। ସେ ଯେମିତି ସେଇ ଶାବ୍ଦିକ ତୀବ୍ରତାରେ ସୁଶୀଳା ବାୟାଣୀର ଚିତ୍କାରକୁ ଡେଇଁ ଯିବାକୁ ଚାହାଁନ୍ତି। ଆମେମାନେ ଅନୁଭବ କରୁ ହାଟ ବଜାରର କୋଳାହଳ। ସାର୍‌ଙ୍କ ସ୍ୱରରେ ଇତିହାସ ପୃଷ୍ଠାରୁ ବାବର ଆକବର ପ୍ରଭୃତି ବୀରମାନେ ମୈଦାନ ଉପରକୁ ଡେଇଁପଡ଼ନ୍ତି। ମାତ୍ର ସୁଶୀଳା ବାୟାଣୀର କଣ୍ଠଫଟା ଗାଳିଗୁଲଜ ସାମ୍ନାରେ ହାର ମାନନ୍ତି। ଆମମାନଙ୍କର ମନମୁନ ଚୈତନ ଖାରବେଳଙ୍କ ଉପରୁ ହଟି ସୁଶୀଳା ବାୟାଣୀ ଆଡ଼କୁ ଦୌଡ଼ି ଯାଉଥାଆନ୍ତି ବାରମ୍ବାର।

ଉଚ୍ଚ ସ୍ୱରରେ କିଛି କାଳ ଇତିହାସ ପଢ଼େଇ ସାରିବା ପରେ ଶିକ୍ଷକ ମହାଶୟ କ୍ଲାନ୍ତ ଓ ବିରକ୍ତ ଦିଶନ୍ତି। ଏବଂ ଆମ ଆଡ଼କୁ ଚାହାନ୍ତି ଅବଶ ଆଖିରେ। ଆମେମାନେ ଧରାପଡୁ। କାରଣ ଆମ ଆଖିରେ ବି ଥାଏ ଅନାଗ୍ରହ ତୈମୁରଲଙ୍ଗମାନଙ୍କ ପାଇଁ।

ଶିକ୍ଷକ ଆମ ଆଡ଼କୁ ଲକ୍ଷ୍ୟ କରି ପ୍ରଶ୍ନଟିଏ ଫିଙ୍ଗନ୍ତି। କିଛିକ୍ଷଣ ତଳେ ପଢ଼ିଶୁଣାଇଥିବା ଇତିହାସ ପୃଷ୍ଠାରୁ ପ୍ରଶ୍ନଟେ। ହାୟ ! ସେ ପ୍ରଶ୍ନର ଉତ୍ତର ଆମକୁ ଜଣା ନ ଥାଏ। ପ୍ରଶ୍ନଟି ଯେଉଁ ହତଭାଗା ଉପରେ ପଡ଼େ ସେ ସଙ୍ଗେ ସଙ୍ଗେ ଶିକ୍ଷକଙ୍କ କ୍ରୋଧର ଶିକାର ହୋଇଯାଏ।

ଶିକ୍ଷକ ଚିତ୍କାର କରି କହନ୍ତି: ମୁଁ ଘଣ୍ଟାଏ ହେଲା ଗର୍ଜୁଛି, ତୁମେମାନେ କିଛି ବି ଶୁଣୁନ।

ସାର୍‌ଙ୍କ ବେତଟା ହଠାତ୍ ଜୀବନ୍ୟାସ ପାଇଯାଏ। ଏବଂ ଏକ ନୃତ୍ୟ ପଟ୍ଟୟସୀର ଭୂମିକାରେ ପହଞ୍ଚିଯାଏ ହତଭାଗା ଛାତ୍ରଟି ପାଖରେ। ନାଚିଯାଏ ତା' ସାରା ଦେହରେ। ଛାତ୍ରଟି ଚିତ୍କାର କରେ । ଉଃ... ଆଃ... ସ୍ୱର ଶୁଣାଯାଏ। ଏବଂ ତା' ଭିତରେ ଆସ୍ତେ ଆସ୍ତେ ହଜିଯାଏ ସୁଶୀଳା ବାୟାଣୀ। ଆଖି ଆଗରୁ।

ଆମେ ଅଶୋକଙ୍କ ଜନହିତକର କାର୍ଯ୍ୟରୁ ମୋଗଲ ସାମ୍ରାଜ୍ୟର ପତନ ହେଇ ପହଞ୍ଚିଯାଉ କ୍ଲାଇବ୍‌ଙ୍କ ଦ୍ୱୈତ ଶାସନରେ। ଏବଂ କେତେବେଳେ କେମିତି ସୁଶୀଳା ବାୟାଣୀର ସ୍ୱର ଥମିଯାଏ। ସେ ତା'ର ନିତ୍ୟକର୍ମ ସାରି ସେଠୁ ଚାଲିଯାଇଥାଏ, ଆମେ ଜାଣିପାରୁନା। ସେ ମଧ୍ୟ ଜଣେଇ ଦେଇ ଯିବାକୁ ଚାହେଁନା ତା'ର ପ୍ରସ୍ଥାନ। ଆମେ କ୍ଲାସ୍ ଶେଷ ପରେ, ଶିକ୍ଷକ ମହାଶୟ କକ୍ଷରୁ ନିଷ୍କ୍ରାନ୍ତ ହେଲା ପରେ ଝର୍କାବାଟେ ଚାହିଁ ଦେଖୁ ପୋଖରୀ କୂଳଟା ଖାଲି। ସୁଶୀଳା ବାୟାଣୀ ନାହିଁ।

ତା'ପରେ ଯଥାରୀତି ସ୍କୁଲ୍ ଚାଲେ। ପିରିୟଡ୍ ଘଣ୍ଟାବାଜେ। ଶିକ୍ଷକମାନେ ଆସନ୍ତି। ଭୂଗୋଳ ସାହିତ୍ୟ ବିଜ୍ଞାନ ଆଦି ପଢ଼େଇ ଯାଆନ୍ତି।

ସାଢ଼େ ଚାରିଟାରେ ସ୍କୁଲ ଛୁଟିହୁଏ। ସ୍କୁଲ ଛୁଟିର ଟିନ୍‌ଟିନ୍ ଘଣ୍ଟା ବାଜିବା ମାତ୍ରେ ବନ୍ଧ ଭଙ୍ଗା ଜଳସ୍ରୋତ ଭଳି ଆମେ ଛିଟିକି ପଡୁ ବାହାରକୁ। ସ୍କୁଲର ଚାରିକାନ୍ଥର ନିୟମ ଶୃଙ୍ଖଳ ବାହାରେ ଆମେ ନିଜକୁ ମନେକରୁ ବିଶୃଙ୍ଖଳିତ ଏବଂ ମୁକ୍ତ ପକ୍ଷୀ। ସେଥିପାଇଁ ଆମର କୋଳାହଳ ଚିତ୍କାର ଓ ଦୌଡ଼ ଦିଶୁଥାଏ ବିସ୍ଫୋରଣ ଭଳି।

ଠିକ୍ ଏତିକିବେଳେ ଭେଟ ହୁଏ ଆଉ ଗୋଟେ ଚରିତ୍ର ସହ। ସିଏ ବୈରାଗୀ ପ୍ରଧାନେ। ଷାଠିଏ ବର୍ଷର ବୃଦ୍ଧ ଓ ଜଣେ ମୁଖିଆ ଲୋକ। ଗୋରୁମୁଣ୍ଡ ଚିହ୍ନରେ ନିର୍ବାଚନ ଲଢ଼ି ମଧ୍ୟ ସେ ଦୁଇ ଦୁଇ ଥର ସରପଞ୍ଚ ହୋଇପାରିଥିଲେ। ଆମେ ଭାବୁଥିଲୁ ଗୋରୁମୁଣ୍ଡଟା

ଅସନା ଜିନିଷଟେ, ତାହା କଦାପି ଉଦିତ ସୂର୍ଯ୍ୟ ଓ ନିଶୁଣୀ ଚିହ୍ନକୁ ପାରିବ ନାହିଁ। ଅତଏବ ହାରିବ। ମାତ୍ର ବୈରାଗୀ ପ୍ରଧାନେ ଜିତିଥିଲେ।

ଆମେ ସ୍କୁଲଛୁଟି ପରେ ବାହାରେ ଆସିଦେଖୁ। ସେ ଚାଲିଯାଉଛନ୍ତି ଦୂରରେ।

ଖୁସୀ ହେଲା ପରି ଆମେ ଚିତ୍କାର କରୁ: ପଧାନେ ହୋ ପଧାନେ।

ବୈରାଗୀ ପ୍ରଧାନେ ଗୋଟିଏ ହାତ ଉପରକୁ ଟେକି ଦିଅନ୍ତି। ଅର୍ଥାତ୍ ସେ ଆମର ଅଭିବାଦନକୁ (ଯଦି ଏହାକୁ ଅଭିବାଦନ କୁହାଯାଏ) ଗ୍ରହଣ କରୁଛନ୍ତି।

ଆମେ କୋଳାହଳ କରୁ। ଜଣେ ଷାଠିଏ ବର୍ଷର ବୃଦ୍ଧ, ଗ୍ରାମର ଗଣ୍ୟମାନ୍ୟ ବ୍ୟକ୍ତି, ଯଦି ଆମ ଚିତ୍କାରର ପ୍ରତ୍ୟୁତ୍ତର ଦିଏ, ହାତ ଟେକିଦିଏ ତେବେ ଆହୁରି ଖୁସୀ ହେବା ଛଡ଼ା ଗତ୍ୟନ୍ତର କ'ଣ ଅଛି ?

ଆମେ ଚିତ୍କାର କରୁ: ପଧାନେ। ଟିକେ ହାତ ଟେକିଲ !

ପ୍ରଧାନେ ଦୁଇ ହାତ ଉପରକୁ ଟେକି ଦିଅନ୍ତି।

ଆମେ ପ୍ରଧାନେଙ୍କୁ ସାମ୍ନାରୁ ଦେଖି ପାରୁ ନ ଥାଉ। ପଛରୁ ହିଁ ଦେଖୁ। ଦୂରରୁ ହିଁ ଦେଖୁ। ତାଙ୍କର ଚଇତନିଆ ମୁଦ୍ରା। ସେତେବେଳେ ତାଙ୍କ ମୁହଁର ଭଙ୍ଗୀ କେମିତି ହେଉଥାଏ ? ଆମେ କଳ୍ପନା କରିପାରୁନା।

ଆମେ ଚିତ୍କାର କରୁ: ପଧାନେ ! ଟିକେ ଗାମୁଛା ଉଡ଼େଇଲ !

ପ୍ରଧାନେ କାନ୍ଧରୁ ଗାମୁଛା ଟେକନ୍ତି। ହାତରେ ଧରି ଉଡ଼ାନ୍ତି ପବନରେ। ପତାକା ଭଳି ତାହା ଦୋହଲି ଦୋହଲି ପବନ ସୁଅରେ ପଛକୁ ଲମ୍ୱିଯାଏ। କହିବା ବାହୁଲ୍ୟ ତାଙ୍କ କାନ୍ଧରେ ସଦା ବେଳେ ହିଁ ଥାଏ ଲାଲ୍ ଗାମୁଛା। ସେ ଧୋତି ପିନ୍ଧି ଥାଆନ୍ତୁ, କମିଜ ପିନ୍ଧିଥାଆନ୍ତୁ, ଅବା ଖାଲି ଦେହ ହେଉଥାଆନ୍ତୁ।

ଆମେ ଚିତ୍କାର କରୁ: ପଧାନେ ! ଟିକେ ନାଚିଲ !

ଏଥର ପ୍ରଧାନେ ନାଚିବା ଶୈଳୀରେ ଦୌଡ଼ନ୍ତି। ଦୌଡ଼ନ୍ତି ଯେ ଦୌଡ଼ନ୍ତି। ଆମେ ହସି ହସି ଲୋଟିଯାଉଥାଉ। ପ୍ରଧାନେ ଦୌଡ଼ନ୍ତି। ଦୌଡ଼ି ଦୌଡ଼ି ଆମଠୁ ଦୂରେଇ ଯାଆନ୍ତି। ଦୂରେଇ ଯାଇ ହଜି ଯାଆନ୍ତି ଦୂରରେ। ଏବଂ ଆମେ ହସି ହସି କୋଳାହଳ କରି କରି ଆଗେଇ ଯାଉ ଆପଣା ଆପଣା ଘରକୁ।

ଆମେ ଆମ ରଫ୍‌ଖାତା ପଛରେ ଗାରକାଟି ଗୋଟେ ଟେବୁଲ୍ କରିଥିଲୁ। ଉପରେ ଲେଖି ଦେଇଥିଲୁ ରୁଟିନ୍। କେତେବେଳେ କୋଉ ପିରିୟଡ୍ ପଡ଼ିବ, କୋଉ ପିରିୟଡ୍‌ରେ କୋଉ ପାଠ ପଢ଼ାହେବ। କୋଉ ପାଠ କୋଉ ଗୁରୁଜୀ ପଢ଼େଇବେ, ସେ ସବୁ ଲେଖାଥିଲା ସେଇ ଲିଖିତ ରୁଟିନ୍‌ରେ। ଅଥଚ ଏସବୁ ବାହାରେ ଥିଲା ଗୋଟେ ଅଲିଖିତ ରୁଟିନ୍।

ସେଥିରେ ଥିଲେ ଅଭିରାମ, ସୁଶୀଳା ବାୟାଣୀ ଓ ବୈରାଗୀ ପ୍ରଧାନମାନେ। ଦିନ ଦଶଟା, ଦିନ ଗୋଟାଏ ଓ ଦିନ ଚାରିଟାର ସମୟ। ଟେକା ଫୋପଡ଼ା ଫୋପଡ଼ି, ଚିଡ଼ିଆଚିଡି ଓ କୋଳାହଳ। ଅଲଗା ଅଲଗା ଅନୁଭୂତି, ଅଲଗା ଅଲଗା ଅଭିଜ୍ଞତା ଓ ଅଲଗା ଅଲଗା ମନୋରଞ୍ଜନ।

ଦିନେ ସ୍କୁଲଦିନ ସରିଯାଏ। ବୟସ ବଢ଼େ। ଆମକୁ ଡେଇଁ ଡେଇଁ ଯିବାକୁ ପଡ଼େ ଶ୍ରେଣୀ ପରେ ଶ୍ରେଣୀ। ଦିନେ ସ୍କୁଲ ଛାଡ଼ି ଦେବାକୁ ହୁଏ। ଉଚ୍ଚତର ଶିକ୍ଷା ପାଇଁ। ମହତ୍ତର ଜୀବନ ପାଇଁ ଆଗକୁ ଯିବାକୁ ହୁଏ। ପଛରେ ପଡ଼ିରହେ ସ୍କୁଲ। ସ୍ମୃତି ହୋଇଯାଏ ସ୍କୁଲଦିନ। ଆସ୍ତେ ଆସ୍ତେ ଅସ୍ପଷ୍ଟ ଓ ଗୁରୁତ୍ୱହୀନ।

ଏବେ ବହୁବର୍ଷ ପରେ ଦିନେ ଗାଁକୁ ଯାଇଥିଲି। ସ୍କୁଲଆଡ଼େ ବୁଲି ଆସିବାକୁ ଗଲି। ସାଙ୍ଗରେ ଥିଲା ଯୋଗିଆ। ସ୍କୁଲ୍ ଦିନର ସାଥୀ। ଏବେ ସେ ଗାଁରେ ରହେ। ଗାଁ ପାଖ ସ୍କୁଲରେ ମାଷ୍ଟର।

ଯୋଗିଆର କାନ୍ଧରେ ହାତ ରଖି ସ୍କୁଲପଡ଼ିଆ ମଝିରେ ଠିଆ ହୋଇ ଯେତେବେଳେ ସ୍କୁଲ ଆଡ଼କୁ ଚାହିଁଲି। ସେତେବେଳେ ସ୍କୁଲଟା ଦେଖାଗଲା ନିହାତି ଛୋଟ। ଯୋଉ ପୋଖରୀଟା ଦିନେ ବୃହତ୍ତମ ପୁଷ୍କରିଣୀ ମନେହେଉଥିଲା ଏବେ ତାହା ଦିଶୁଛି ଅଗଭୀର ଗଡ଼ିଆଟେ ଭଳି। ଯେଉଁସବୁ ବୃକ୍ଷ ମହାଦ୍ରୁମ ଭଳି ଦିଶୁଥିଲେ ଏବେ ସେମାନେ କ୍ଷୁଦ୍ର ଓ ମୁମୂର୍ଷୁ। ଅଥଚ ଏ ସବୁ ଦିନେ କେତେ ବିଶାଳ ବିଶାଳ ମନେ ନ ହେଉଥିଲା ? ସ୍କୁଲ ଦିନର ସ୍ମୃତି ଭିତରୁ ଆସ୍ତେ ଆସ୍ତେ ଚିକ୍‌ମିକ୍ କରି ଉଠିଲେ ଅଭିରାମ, ସୁଶୀଳା ବାୟାଣୀ ଓ ବୈରାଗୀ ପ୍ରଧାନମାନେ।

ମୁଁ ପ୍ରସ୍ତାବ ଦେଲି: ଆମର ସେମାନଙ୍କଠୁ କ୍ଷମା ମାଗି ନେବା ଉଚିତ୍।

ଯୋଗିଆ କହିଲା: କାହିଁକି ?

ମୁଁ କହିଲି: ଆମେ ସେମାନଙ୍କୁ କେତେ ହଇରାଣ ନ କରିଚେ କହିଲୁ।

ଯୋଗିଆ ଆଶ୍ଚର୍ଯ୍ୟ ହେଲା: ହଇରାଣ ! କେବେ ? କେମିତି ?

ମୁଁ ବୁଝେଇଲି: ହଇରାଣ ଆମେ କରିଚେ ! ଅଭିରାମ କେତେ ଟେକାମାଡ଼ ନ ଖାଇଚି ଆମଠୁ ?

ଯୋଗିଆ କହିଲା: ଅବଶ୍ୟ !

ମୁଁ କହିଲି: ସୁଶୀଳା ବାୟାଣୀକୁ ରଗେଇ ରଗେଇ ଆମେ କେତେ ଥର ଦରମରା ନ କରିଚେ ?

ଯୋଗିଆ କହିଲା: ଅବଶ୍ୟ !

ମୁଁ କହିଲି: ଆଜି ଆମେ ଯେତେବେଳେ ପାଠଶାଠ ପଢ଼ି ବଡ଼ ହେଇଚେ, ଭଦ୍ର ହେଇଚେ, ଶିକ୍ଷିତ ହେଇଚେ, ଆମର କ୍ଷମାମାଗି ନେବାଟା ଠିକ୍ ହବନା ନାହିଁ କହିଲୁ।

ଯୋଗିଆ କହିଲା: ସେମାନେ ଏବେ କେହି ନାହାନ୍ତି ତୋତେ କ୍ଷମା ଦେବାପାଇଁ।

ମୁଁ କହିଲି: ମାନେ ?

ଯୋଗିଆ ସମ୍ବାଦ ଦେଲା: ଅଭିରାମ ମାଟି କାମରେ ଚାଲିଯାଇଛି ପଞ୍ଜାବ। ସୁଶୀଳା ବାୟାଣୀ ମରିଗଲାଣି। ବୈରାଗୀ ପ୍ରଧାନେ ଗାଁ ଛାଡ଼ି ଅନ୍ୟ ଗାଁରେ ଝିଅ ପାଖରେ ରହୁଛନ୍ତି।

ମୁଁ ଦୁଃଖିତ ଦିଶିଲି।

ଯୋଗିଆ କହିଲା: ଏଥିରେ ଦୁଃଖିତ ହେବାର କୌଣସି କାରଣ ନାହିଁ। ଏ ଘଟଣାର ଆଉ ଗୋଟାଏ ଦିଗ ବି ଅଛି।

ମୁଁ ଚମକି ପଡ଼ିଲି।

ପଚାରିଲି: କ'ଣ ତାହା ?

ଯୋଗିଆ କହିଲା: ତୁ କେବେ ଭାବିଚୁ, ଅଭିରାମ ଆମଠୁ ଏତେ ଟେକାମାଡ଼ ଖାଇ ମଧ୍ୟ କାହିଁକି ଫେରିଆସେ ପ୍ରତିଦିନ ସାଢ଼େ ଦଶଟା ବେଳକୁ ଆମ କ୍ଲାସ୍‌ର ଝର୍କା ପାଖକୁ? ଏତେ ଅପମାନିତ ହୋଇ ମଧ୍ୟ ସୁଶୀଳା ବାୟାଣୀ କାହିଁକି ତା'ର ଗାଧୁଆ ବେଳ ଠିକ୍ ଆମ ଖାଇବା ଛୁଟି ବେଳକୁ ରଖିଥାଏ ? ସେ ଆଗରୁ ବି ଗାଧୋଇ କି ଯାଇ ପାରିଥାନ୍ତା ? ଲକ୍ଷ୍ୟ କରିଥିବୁ ଆମ ଖାଇବା ଛୁଟି ବେଳକୁ ସେ ପାଣିରେ ବି ପଶି ନ ଥାଏ ? କାହିଁକି ଆମେ ସ୍କୁଲ ଛୁଟି ପରେ ପରେ ସବୁଦିନେ ଭେଟୁ ବୈରାଗୀ ପ୍ରଧାନଙ୍କୁ ? ତାଙ୍କର କ'ଣ ଏମିତି କାମ ଥାଏ ଯେ ସେ ଠିକ୍ ସେତିକିବେଳେ ହିଁ ଦେଖାଯାଆନ୍ତି ସେଇଠି। ପୁଣି ଟିକେ ଦୂରରେ ଚାଲିଯାଉଥିବା ଅବସ୍ଥାରେ ? ଏ ସବୁ ତ ଆକସ୍ମିକ ଘଟଣା ନୁହେଁ! ନିତ୍ୟ ନୈମିତ୍ତିକ ଦୃଶ୍ୟ! ଭାବିଲୁ ଦେଖି! ଯୋଗିଆର ବିଶ୍ଳେଷଣ ବାସ୍ତବିକ ଚମତ୍କାର ଥିଲା। ମୁଁ କେବେ ଏମିତି ଭାବରେ ଘଟଣା ସବୁକୁ ଭାବି ନ ଥିଲି। ଯୋଗିଆର ଦୃଷ୍ଟିକୋଣରୁ ଚିନ୍ତା କଲି ଓ ମନେହେଲା ସତେ ତ! ଏକଥା ତ ଶତକଡ଼ା ଶହେ ସତ। ତେବେ ସେମାନେ ଏମିତି ହଉଥିଲେ କିଆଁ ?

ପଚାରିଲି: କିନ୍ତୁ କାହିଁକି ସେମାନେ ଅପମାନିତ ହେଉ ନ ଥିଲେ। ଆହତ ହେଉ ନ ଥିଲେ। ଆଘାତ ପାଇ ମଧ୍ୟ ଫେରି ଆସୁଥିଲେ ଏଇ ଭୂମିକୁ ?

ଯୋଗିଆ ଦାର୍ଶନିକ ସୁଲଭ ସ୍ୱରରେ କହିଲା: ଶୈଶବର ଆକର୍ଷଣ।

ମୁଁ ବୋକାଙ୍କ ଭଳି ପଚାରିଲି: ଶୈଶବକୁ କ'ଣ ଫେରିଯାଇ ହେବ ?

ଯୋଗିଆ କହିଲା: ତାହା ତ ଅସମ୍ଭବ। କିନ୍ତୁ ସେଇ ବୟସର ନିକଟତର ହୋଇ

ହେବ। ଏଇ ଶିଶୁମାନଙ୍କ ମାଧ୍ୟମରେ। ଅସଲରେ ଅଭିରାମ ସୁଶୀଳା ବାୟାଣୀ ଓ ବୈରାଗୀ ପ୍ରଧାନମାନେ ତାହା ହିଁ କରୁଥିଲେ।

ମୁଁ ପଚାରିଲି: ଶୈଶବକୁ ଖୋଜିଲେ କ'ଣ ହେବ?

ଯୋଗିଆ ଦୀର୍ଘଶ୍ୱାସ ପକେଇଲା।

କହିଲା: ତା' ତ ମୁଁ ଠିକ୍ ଭାବରେ କହିପାରିବିନି। ସେକଥା କହିଲେ କହିପାରିବେ ଅଭିରାମ, ସୁଶୀଳା ବାୟାଣୀ ଓ ବୈରାଗୀ ପ୍ରଧାନମାନେ। ତେବେ ତୋତେ କ'ଣ ଆଜିର ବୟସ ଓ ଅଭିଜ୍ଞତା ରୁକ୍ଷ ଓ ଅସାର ମନେହେଉନି। ହତାଶାମୟ ଓ ଅର୍ଥହୀନ ଲାଗୁନି। କ୍ଳାନ୍ତ ଓ ଚାଞ୍ଚଲ୍ୟହୀନ ମନେହେଉନି। ଅଥଚ ଶୈଶବରେ ଥିଲା କ'ଣ? ଥିଲା ଅଫୁରନ୍ତ ପ୍ରାଣ ପ୍ରାଚୁର୍ଯ୍ୟ। ଚାଞ୍ଚଲ୍ୟ, ଆବେଗ ଓ ସରଳତା।

ସେଇଠି ସେଇ ସ୍କୁଲର ଟାଙ୍ଗରା ଖେଳ ପଡ଼ିଆ ମଝିରେ ଠିଆ ହେଇ ମତେ ଲାଗିଲା ଦୂରରେ କିଏ ଯେମିତି ବଇଁଶୀଟେ ବଜଉଛି। ବଡ଼ ପରିଚିତ ସ୍ୱର। ଅଥଚ ମନ କହିଯାଉଛି ଏ ମୋର ଚିହ୍ନା ସ୍ୱର। ଏ ମୋର ନିଜ ସ୍ୱର। ବଡ଼ ବିଚିତ୍ର ସେ ଅନୁଭୂତିର ଚାଞ୍ଚଲ୍ୟରେ ଲୋମ ଟାଙ୍କୁରି ଉଠିଲା। ମନେହେଲା ସେଇ ରୁକ୍ଷ ଶ୍ରୀହୀନ ଟାଙ୍ଗରା ଖେଳପଡ଼ିଆ ତଳେ ଯେମିତି ଛପିରହିଛି ଶ୍ୟାମଳ ଘାସ ପଡ଼ିଆଟେ। ତା'ର ଚାରିଦିଗରେ ଫୁଲ ବଗିଚା। କ୍ଷୁଦ୍ର  ଦିଶୁଥିବା ନଡ଼ିଆ ଗଛ, ଟଗରଗଛ ଓ କନିଅର ଗଛମାନଙ୍କ ଭିତରେ ଅଛି ଫଳମୟ ଫୁଲମୟ ବିଶାଳତା। ଅଗଭୀର ମାଟିଆ ପାଣିର ଟୁବି ଗାଡ଼ିଆ ଭିତରେ କାଚକେନ୍ଦୁ ଭଳି ଗଭୀର ଜଳର କଇଁ ଫୁଲ ପଦ୍ମଫୁଲ ଶୋଭିତ ବିସ୍ତୃତ ପୁଷ୍କରିଣୀଟେ। ବାହାରେ ଆତଯାତ ହେଉଥିବା ଚନ୍ଦା ବ୍ୟକ୍ତିତ୍ୱହୀନ ମାଷ୍ଟରମାନଙ୍କ ଭିତରେ ପ୍ରଚଣ୍ଡ ପ୍ରଜ୍ଞା ଓ ବ୍ୟକ୍ତିତ୍ୱ।

ମତେ ସେ ସବୁ ଖୋଜି ପାଇବାକୁ ପଡ଼ିବ। ଖୋଜି ପାଇଲେ ହିଁ ମୁଁ ଭୁଲିଯିବି ମୋର ବର୍ତ୍ତମାନ ଜୀବନର ଅସାରତା। ଅର୍ଥହୀନତା ଓ ଆବେଗହୀନତା। ମୋତେ ଫୁଲର ସୁଗନ୍ଧରେ ଭିଜିଯିବାକୁ ହେବ। ଆହା! କାହିଁ କୋଉ ଦିନରୁ ମୁଁ ଭୁଲିଯାଇଛି ଫୁଲମାନଙ୍କର ବାସ୍ନା। ମୋତେ ଆକାଶକୁ ମୁହଁକରି ଲମ୍ବା ପଡ଼ିଆ ମଝିରେ ଶୋଇଯିବାକୁ ପଡ଼ିବ। କାହିଁ କେଉଁ କାଳରୁ ମୁଁ ସେମିତି ଅନୁଭୂତିଟେ ପାଇନାହିଁ। ମତେ ଚଢ଼େଇମାନଙ୍କ କିଚିରିମିଚିର ଶବ୍ଦ ଭିତରେ ଗୀତ ଗାଇବାକୁ ପଡ଼ିବ। ମତେ ଶୈଶବକୁ ଫେରିଯିବାକୁ ପଡ଼ିବ।

ଯୋଗିଆ କହିଲା: ଭାରି କଷ୍ଟ ଯେ? ଏ ଶିକ୍ଷା ସମ୍ଭ୍ରମତା ଚାକଚକ୍ୟ ସମ୍ମାନର ଖୋଳପା ଡେଇଁ ଯିବା ଭାରି କଷ୍ଟ ଯେ?

ମୁଁ କହିଲି: କିନ୍ତୁ ମୁଁ ଯିବି?

ଯୋଗିଆ କହିଲା: ପାରିବୁ ତ ! ଏ ମିଛ ଖୋଳପା ଡେଇଁଯାଇ ପାରିବୁ ତ ! ବ୍ୟସ୍ତ ଓ ସ୍ୱାର୍ଥପର ସମୟକୁ ଡେଇଁ। ଏତିକିବେଳେ ସ୍କୁଲର ଖେଳଛୁଟିର ଘଣ୍ଟି ବାଜିଲା ଓ ସ୍କୁଲ ପିଲାମାନେ ବାହାରି ଆସିଲେ ପଦାକୁ। ବାହାରି ଆସିଲେ ପଡ଼ିଆକୁ ଓ ନିଜ ନିଜ ଭିତରେ ଗପସପ ହେଲେ। କୋଳାହଳ କଲେ। ହସିଲେ, ଖେଳିଲେ, ଦୌଡ଼ିଲେ।

କିନ୍ତୁ ମୁଁ ହେବି କ'ଣ ? ମୁଁ କ'ଣ ଅଭିରାମ ଭଳି ଝର୍କାରେ ଝୁଲି ପଡ଼ିବି ମାଙ୍କଡ଼ ଭଳି ଓ ଟେକାମାଡ଼ ଖାଇବି। ମଁ କ'ଣ ସୁଶୀଳା ବାୟାଣୀ ଭଳି ପୋଖରୀ ତୁଠରେ ଗାଧୋଇ ବସିବି ଓ ହାସ୍‌ହାସ୍ କହିଲେ ଚିଡ଼ି ଉଠିବି। ମୁଁ କ'ଣ ବୈରାଗୀ ପ୍ରଧାନଙ୍କ ଭଳି ସ୍କୁଲ ଫେରନ୍ତା ରାସ୍ତାରେ ଅପେକ୍ଷା କରିବି ସ୍କୁଲ ଛୁଟି ପାଇଁ।

ମୁଁ ଆସ୍ତେ ଆସ୍ତେ ଆଗେଇଲି। ମତେ ସଂକୋଚ ଲାଗୁଥିଲା। ଅଶ୍ୱସ୍ତିକର ଲାଗୁଥିଲା। ମୋ ଦେହରେ ଦାମୀ ପୋଷାକ। ମୋ ଚାରିପଟେ ସମ୍ମାନବୋଧ ଓ ସଂଭ୍ରମତାର ମିଛ ବଳୟ। ମୋ ମୁହଁରେ ଉଚ୍ଚଶିକ୍ଷା ଓ ଅଧିକ ଅର୍ଥ ଉପାର୍ଜନ କରିବାର ଅହଂକାର। ସେ ସବୁକୁ ଡେଇଁ ଆଗେଇବାକୁ କଷ୍ଟ ହେଉଥିଲା।

ତଥାପି ଆଗେଇଲି।

କାହିଁ କୋଉଦିନରୁ ଦେଖିନାହିଁ ସୂର୍ଯ୍ୟୋଦୟ ? ମନେପଡୁନି କୁମ୍ଭାଟୁଆର ଅସଲ ସ୍ୱରଟା କେମିତି ? ଜାଣି ହେଉନି ଗଙ୍ଗଶିଉଳି ଫୁଲର ବାସ୍ନା କେମିତି ? ବଇଁଚ କୋଳିର ସ୍ୱାଦଟା କେମିତି ? ଗୋଟେ ଯାନ୍ତ୍ରିକତା ଭିତରେ ମୁଁ ପେଶି ହୋଇଯାଇଛି। ମୋତେ ମୁକ୍ତି ଲୋଡ଼ା। ମୋତେ ମେଘମୁକ୍ତ ଆକାଶର ସମଗ୍ର ଦୃଶ୍ୟକୁ ଧରିରଖି ପାରିବାର ଆଖି ଲୋଡ଼ା।

ମୁଁ ଯାଇ ଠିଆ ହେଲି କୁନିକୁନି ସ୍କୁଲପିଲାଙ୍କ ମଝିରେ। ହାତ ଉପରକୁ କଲି। ଚଉତନିଆ ହେଲି। ରୁମାଲ୍ ହଲେଇଲି। ନାଚିଲି, କୁଦିଲି, ଦୌଡ଼ିଲି, ଗଛରେ ଚଢ଼ିଲି, ପାଣିରେ ଡେଇଁଲି।

ଆଶ୍ଚର୍ଯ୍ୟ ! ପିଲାମାନେ ମୋ ଆଡ଼କୁ ଚାହିଁଲେ ନାହିଁ।

ଏତିକିବେଳେ ରିସେସ୍ ଶେଷରେ ଘଣ୍ଟି ବାଜିଲା ଓ ପିଲାମାନେ ଫେରିଗଲେ ସ୍କୁଲ ଘର ଭିତରକୁ। ମୋ ଆଡ଼କୁ ସାମାନ୍ୟ ଦୃଷ୍ଟି ପାତ ବି କଲେ ନାହିଁ। ଯେମିତିକି ସେମାନେ ମୋତେ ଦେଖିପାରୁ ନାହାନ୍ତି।

ମୋ ଆଖିରେ ଲୁହ ଜକେଇ ଆସିଲା।

ମୁଁ କ'ଣ ତେବେ ? ନା ସେମାନେ ବି...।

# ସାପ ଓ ମଣିଷ

ମୋତେ ଟିକିଏ ଛାଇନିଦ ଆସି ଯାଇଥିଲା। ନିଦ ଭାଙ୍ଗିଗଲା। ଆଖି ମେଲି ଦେଖିଲି ଭୟଙ୍କର ଦୃଶ୍ୟଟେ। ମୁଁ କ'ଣ ସତରେ ଦେଖୁଛି ଏମିତି ଭୟାନକ ଦୃଶ୍ୟଟେ ? ନିଶ୍ଚିତ ହବାପାଇଁ ଦୁଇଥର ଆଖିବନ୍ଦ କରି ଖୋଲିଲି। ଆଖି ମଳିବାକୁ ହାତ ଉଠେଇ ପାରିଲିନି। ଅଥଚ ଦୃଶ୍ୟଟି ସମାନ। ଗୋଟାଏ ସାପ ଫଣା ଟେକି ଅଟକି ରହିଛି ସାମ୍ନାରେ। ତା'ର ଲମ୍ବା ଦି'ଫାଳିଆ ଜିଭଟା ମଝିରେ ମଝିରେ ବାହାରକୁ ବାହାରି ଲହଲହ ହେଉଛି। ପୁଣି ଫେରିଯାଉଚି ପାଟି ଭିତରକୁ। ଆଖି ଦୁଇଟି ସ୍ଥିର। ଜଳି ଉଠିଲା ଭଳି ଉଜ୍ଜଳ।

ରୁମ୍ ଭିତରେ ଆଲୁଅ ଜଳୁଥିଲା। ମୁଁ ଶୋଇ ପଡ଼ିଥିଲି ଖଟରେ। ଏବେ ସେଇ ଖଟ ଉପରେ ହିଁ ସାପଟା। ଖୁବ୍ ପାଖରେ ଚେକା ମାରିଛି। ଫଣାଟେକି ରହିଛି ଧ୍ୟାନମଗ୍ନ ଅବସ୍ଥାରେ। ଭୟରେ ଦେହ ଶୀତେଇ ଆସିଲା। ଛାତି ଥରି ଉଠିଲା। ଯଦି ଚୋଟ ମାରେ ? କ'ଣ ହେବ ? କ'ଣ ହେବ ? ମୁଁ ଥରିଗଲି। ଅଧିକ କିଛି ଭାବି ପାରିଲିନି।

ରଙ୍ଗ ମାଟିଆ। ଦେହଟାଯାକ ଚିତ୍ରିତ। ସାଢ଼େ ତିନିଫୁଟର ସାମାନ୍ୟ ଅଧିକ ଲମ୍ବ ହୋଇପାରେ। ଅଧଫୁଟ ଉଚ୍ଚକୁ ଉଠିଛି ଫଣା। ଫଣାରେ ଅଛି କଠଉର ଚିହ୍ନ। ନିଃସନ୍ଦେହରେ କୁହାଯାଇପାରେ ଏଟା ନାଗ। ବିଷଧର। ଏବେ ଫଣା ଟେକିଛି। ତା ମାନେ ସେ ଉତ୍ତେଜିତ। କ୍ରୁଦ୍ଧ। ସେ ଚୋଟ ମାରିପାରେ। ଯଦି ଚୋଟମାରେ ମୋର ପେଟ କିମ୍ବା ଛାତି କିମ୍ବା ମୁହଁକୁ ହିଁ ମାରିବ। ତେବେ ହୁଏତ ବିଷକୁ ରୋକିବାପାଇଁ ସୂତାଟେ ବି ବାନ୍ଧି ହବନି। ବିଷଟା ଦେହସାରା ଖେଳିଯିବାପାଇଁ ନେବ ଖୁବ୍ କମ୍ ସମୟ। ତା'ପରେ ଆସ୍ତେ ଆସ୍ତେ ରକ୍ତ ପ୍ରବାହ ହୋଇଆସିବ ବିଷାକ୍ତ। ହୃତପିଣ୍ଡର ଗତି ଧୀମେଇ ଆସିବ। ହିମଶୀତଳ ମୃତ୍ୟୁ ଓହ୍ଲାଇ ଆସିବ ଦେହର ଉପତ୍ୟକାକୁ। ଏମିତି ହେବ କି ?

ମୋ ଆଖି ସ୍ଥିର ହୋଇ ରହିଛି ସାପର ଆଖିରେ। ସମୟ ଆଗେଇ ଯିବାରେ ଲାଗିଛି। ସାପର ଫଣା ଶିଥିଳ ହୋଇଆସୁଛି। ମୁଁ ସ୍ଥିର ଅଛି। ହଲଚଲ ଇ ହଉନି। ହଲଚଲର ମାନେ ହିଁ ମୃତ୍ୟୁ। ସାପ ଘୁଷୁରି ଘୁଷୁରି ପଛଉଛି। ତା'ର ଅଧଫୁଟ ଉପରକୁ ଉଠିଆସିବା ଫଣା ଅପସରି ଯାଉଛି।

ମୁଁ ଅସ୍ପଷ୍ଟ ସ୍ୱରରେ କହିଲି: ଯା'...ଚାଲିଯା'...ମତେ ବଞ୍ଚା। ମାରିଦେନାରେ...।

ସେ ଆସ୍ତେ ଆସ୍ତେ ପଛେଇଗଲା।

ସାପ କି ବୁଝିପାରେ ମଣିଷର ଭାଷା? ବୁଝିପାରେ ମଣିଷର ଆକୁଳ ଆବେଦନ। ସାପ କି ପଢ଼ିପାରେ ମଣିଷ ମୁହଁରୁ ମୃତ୍ୟୁର ଭୟ? ହୃଦୟର ପ୍ରତିଧ୍ୱନି? ସେତିକିବେଳେ ହିଁ ମନେ ହେଉଥିଲା ସେ ଯେମିତି ବୁଝୁଚି। ବୁଝିପାରୁଚି।

ସାପ ଆସ୍ତେ ଆସ୍ତେ ପଛେଇଗଲା। ମୁହଁ ବୁଲାଇଲା। ସରର୍ ସରର୍ ହୋଇ ଚାଲିଗଲା। ମୁଁ ଆସ୍ତେ ଆସ୍ତେ ଉଠି ବସିଲି। ଥରଥର ଛାତି। ଦେହ ହାତ ଥଣ୍ଡା। ଥରିଲା ଓଠରେ ଆଉଥରେ ନିବେଦନ କଲି।

:ଯା... ଯା... ମତେ ମାରନାରେ...।

ସାପ ଫେରିଗଲା। ସାପ ଦୟାକଲା। ସାପ ମତେ ଦେଇଗଲା ଜୀବନ। ଖଟର ଗୋଟାଏ କୋଣକୁ ଚାଲିଗଲା। ସେଇଠୁ ଖସିପଡ଼ିଲା ଚଟାଣରେ। ଝପ୍ କରି। ସାପ ଏବେ ଚାଲିଯାଇଛି ଖଟରୁ। ମୁଁ ନିରାପଦ ହିଁ। ଅଳ୍ପଟିକେ ଖୁସୀ ହେଇଗଲି। ଖଟ ଉପରେ ଠିଆହେଇ ଚଟାଣକୁ ଚାହିଁଲି।

ସାପଟା ଘରସାରା ଘୁରୁ ଘୁରୁ କେଉଁଆଡ଼େ ଖସି ପଳେଇ ଯିବା ପାଇଁ ବାଟ ଖୋଜୁଥିଲା। ମୁଁ ଖଟ ଉପରେ ଠିଆହୋଇଥିଲି। ତଥାପି ମଧ୍ୟ ସାପର ଭୟ ଯାଇ ନ ଥିଲା ଦେହରୁ। ଛାତି ଥରୁଥିଲା। କିଏ ଜାଣେ ଏ ସାପ ପୁଣିଥରେ ଖଟ ଉପରକୁ ଉଠି ଆସି ପାରିବ କି ନା? ଉଠି ଆସିଲେ ପୁଣି ମତେ ଆକ୍ରମଣ କରିବ କି ନା? ମୁଁ ଖଟ ଉପରୁ ସ୍ପଷ୍ଟ ଦେଖିପାରୁଥିଲି। ସାପ ଚଟାଣରେ। ଏପଟ ସେପଟ ହଉଛି।

ଏବେ ହିଁ ମୁଁ ଚିତ୍କାର କଲି: ସାପ! ସାପ!

ମୋ ଚିତ୍କାରରେ ସାପ ଚମକି ପଡ଼ିଲା। ଧାଇଁଗଲା କବାଟ ଆଡ଼କୁ। କବାଟ ବନ୍ଦ ଥିଲା। ଘର କୋଣରେ କାନ୍ଥକୁ ଡେରି ହୋଇ ପଡ଼ିଥିଲା ଗୋଟାଏ ଛାଞ୍ଚୁଣୀ। ସାପ ଛାଞ୍ଚୁଣୀର ଚାରିପଟେ ଗୁଡ଼େଇ ହୋଇଗଲା। ଶୂନ୍ୟରେ ତୋଳି ଧରିଲା ତା'ର ଫଣା। ମୋତେ ଚାହିଁ ରହିଲା। କ୍ରୋଧରେ? ଅଭିମାନରେ? ଦୁଃଖରେ? ଆକୁଳରେ?

ମୁଁ ତଥାପି ମଧ୍ୟ ଚିତ୍କାର କରୁଥିଲି: ସାପ! ସାପ!

ମୋ ଚିତ୍କାର ମୋ ରୁମ୍‌ରୁ ବାହାରି ଆମର ସାରା ଘର ବିଛେଇ ହୋଇଗଲା। ବାବା ବାହାରି ଆସିଥିଲେ ତାଙ୍କ ରୁମ୍‌ରୁ। ମୋ ରୁମ୍‌ର ବାହାରପଟ ବାରଣ୍ଡାକୁ ଆସି ଯାଇଥିଲେ। କହିଲେ: କ'ଣ ହେଲା? କି ସାପ? କବାଟ ଖୋଲ୍!

ମୋ ପାଟି ଥରୁଥିଲା। ଦାନ୍ତ ଠକଠକ ବାଜୁଥିଲା। ଭୟରେ ଜଡ଼ସଡ଼ ଦେହ। ମୁଁ କାନ୍ଦିଲା ସ୍ୱରରେ କହିଲି: ନାଗଟାଏ ! କବାଟ ବନ୍ଦ ଅଛି। ତେବେ ଖିଡ଼ିକି ଭଲକି ଦିଆ ହେଇନି, ଆପଣ କବାଟ ଧଡ଼ଧଡ଼ କରନ୍ତୁ କବାଟ ଖୋଲିଯାଇପାରେ। ସାପଟା କବାଟ ପାଖରେ ଅଛି।

ବାବା ବାହାରପଟୁ କବାଟ ଧଡ଼ଧଡ଼ କଲେ। କବାଟ ଖୋଲିଗଲା। ସାପ ଏଇ ଶବ୍ଦରେ ସମ୍ଭବତଃ ଡରିଗଲା। ନିରାପଦ ଆଶ୍ରୟ ସନ୍ଧାନରେ ସେ ପୁଣି ପଶିଗଲା ଘର ଭିତରକୁ। ଘର ଭିତରେ ଖଟ, ଟେବୁଲ୍, ଆଲମାରୀ ବହିର୍‌ୟାକ୍ । ଖଟ ତଳେ ଗୋଟେ ଦି'ଟା ବାକ୍ସ। ଘର କୋଣରେ କେଇଖଣ୍ଡ ସାଇଜ୍‌କରା ପଟା। ତାରି ଭିତରେ କୋଉଠି ଗୋଟାଏ ଲୁଚି ରହିବାର ଯୋଜନାରେ ସାପ ଚାଲିଗଲା।

ଏବେ କବାଟ ଖୋଲା। ମୋ ପାଇଁ ମୁକ୍ତିର ମୁକ୍ତ ପବନ। ଗୋଟାଏ ଲମ୍ବା କୁଦା ମାରିଲି। ଯାଇ ପଡ଼ିଲି ବାହାର ବାରଣ୍ଡାରେ। ବାହାରର ଖୋଲା ବାୟୁମଣ୍ଡଳରୁ ନେଲି ଫୁସ୍‌ଫୁସ୍ ଭରି ନିଃଶ୍ୱାସ। ଏଇ ଯେମିତି ମୁଁ ଫେରିଆସିଛି ଏଇ ସବୁଜ ସତେଜ ପ୍ରିୟ ପୃଥିବୀକୁ ଯମ ରାଜ୍ୟରୁ। ଟିକେ ଶାନ୍ତିର ନିଃଶ୍ୱାସ ନେଲି। ଛାତିକୁ ଦମ୍ଭ ଲାଗିଲା।

ବାବା ପଚାରିଲେ: ନାଗଟି ?

ମୁଁ କହିଲି: ନିଶ୍ଚିତ। ମୁଁ ଭଲକରି ଦେଖିଛି। ତା' ଫଣାରେ କଠଉର ଚିହ୍ନ ଅଛି।

ବାବା କହିଲେ: କ'ଣ କରିବା ?

ମୁଁ କହିଲି: ମାରିଦେବା। ନାଗ ସାପକୁ କ'ଣ କେହି ଘର ଭିତରେ ରଖେ ? ଘର ଭିତରେ ସାପ ରଖି କ'ଣ ମଣିଷ ଚଳିପାରେ ?

ବାବା ମୋ ସହିତ ଏକମତ ହେଲେ। ମତେ ନିର୍ଦ୍ଦେଶ ଦେଲେ ଘରର ଦୁଆର ଜଗିକି ରହ। ଯେମିତି ସାପଟା ଖସିଯାଇ ନ ପାରେ। ତା'ପରେ ସେ ଗାଁ ଭିତରକୁ ଚାଲିଗଲେ।

ବାବା ଏକା ସାପଟାକୁ ମାରିପାରିବେନି। ତା'ଛଡ଼ା ସେଟା କିଛି ଏମିତି ସେମିତି ସାପ ନୁହେଁ। ଖୋଦ୍ ନାଗ। ଆମେ ପ୍ରାୟ ଗାଁ ବାହାରେ ଘର କରିଥିଲୁ। ତେଣୁ ଗାଁରୁ କିଛି ସୁସ୍ଥ ସବଳ ଯୁବକ ଡାକିବାକୁ ପଡ଼ିବ। ତେଣୁ ବାବା ଗାଁ ଭିତରକୁ ଗଲେ।

ମୁଁ ଜଗି ରହିଲି ଘରକୁ। ସାପକୁ ବି। ବୋଉ ସାନ ଭଉଣୀ ଦାଦା ପୁଅ ଭାଇ ସମସ୍ତେ ନିରାପଦ ଦୂରତ୍ୱରେ ବସି ରହିଲେ।

ବାବା ଫେରିଲା ବେଳକୁ ଅଧଘଣ୍ଟାଏ ବିତିଯାଇଛି। ସାଙ୍ଗରେ ତିନି ଜଣ ଯୁବକ

ଆସିଛନ୍ତି। ସେମାନଙ୍କ ହାତରେ ଠେଙ୍ଗା, ଭାଲି, କନ୍ତ ପ୍ରଭୃତି ମାରଣାସ୍ତ୍ର ଶୋଭା ପାଉଚି।

ସେମାନେ ଘର ଭିତରକୁ ଯିବା ପୂର୍ବରୁ ପଚାରିଲେ: ନାଗ ନିଶ୍ଚୟ!

ମୁଁ କହିଲି: ନିଶ୍ଚୟ! ମୁଁ ଚିହ୍ନିଚି।

ସେମାନେ ସେଇଠି ମାରଣାସ୍ତ୍ର ରଖିଦେଲେ। ପ୍ରଥମେ ପ୍ରଣାମ କଲେ ଶୂନ୍ୟକୁ। ସମ୍ଭବତଃ ନାଗଦେବଙ୍କୁ। ଜଣାଇଲେ, ସେମାନେ ନାଗସାପ ମାରନ୍ତି ନାହିଁ। ନାଗଦେବ ହେଉଛନ୍ତି ମହାପ୍ରଭୁ ଶିବଙ୍କର ବାହାନ। ତାଙ୍କୁ ମରାଯାଇ ପାରେନା।

ବାବା ମତ ଦେଲେ: ନାଗ ହେଇବି ନ ପାରେ!

ସେମାନେ କିଛି ସମୟ ଯୁକ୍ତିତର୍କ କଲେ। ମାତ୍ର ମୁଁ ପ୍ରତିବାଦ କରୁଥିଲି। କାରଣ ସାପଟା ନାଗ ନ ହେବା ମୋର ଚିହ୍ନରାପଣ ପ୍ରତି ଗୋଟାଏ ଚ୍ୟାଲେଞ୍ଜ। ମୋର ଜ୍ଞାନ ବୁଦ୍ଧି ପ୍ରତି ଗୋଟାଏ ଉପହାସ। ବାବାଙ୍କର ମତଥିଲା ଘର ଭିତରେ ସାପଟାଏ ରଖି ଚାଲିବା କୌଣସି ସୁସ୍ଥ ମଣିଷର କାର୍ଯ୍ୟ ନୁହେଁ। ସେମାନଙ୍କର ମତଥିଲା ନାଗଦେବଙ୍କୁ ମରାଯାଇ ପାରେନା। ଶେଷରେ ସ୍ଥିର ହେଲା ପ୍ରଥମେ ସାପଟାକୁ ଖୋଜାଯାଉ। ତା'ପରେ ଯାଇ ମାରିବା କଥା ଉଠିବ।

ଘର ଭିତରେ ଇଲେକ୍ଟ୍ରି ଆଲୁଅ ଜଳୁଥିଲା। ତଥାପି ମଧ୍ୟ ଖଟତଳ ଘର କୋଣମାନଙ୍କରେ ବସା ବାନ୍ଧିଥିଲେ ଫିକା ଅନ୍ଧାର। ସେଇ ଅନ୍ଧାର ଭିତରକୁ ଫିଙ୍ଗାଗଲା ଟର୍ଚ୍ଚର ଆଲୁଅ। ଘରର ଅନ୍ଧିସନ୍ଧି ଖୋଜାଗଲା। ମାତ୍ର ସାପ ନଜରକୁ ଆସିଲା ନାହିଁ। ସେମାନେ ଆସ୍ତେ ଆସ୍ତେ ଘର ଭିତରକୁ ପଶିଲେ। ସମ୍ଭାବ୍ୟ ଲୁଚିବା ସ୍ଥାନଗୁଡ଼ିକୁ ଠେଙ୍ଗାରେ ଖସ୍‌ଖସ୍ କଲେ। ମାତ୍ର ସାପ ବାହାରି ଆସିଲା ନାହିଁ। ତା'ପରେ ଘର ଭିତରୁ ସବୁ ଛୋଟବଡ଼ ଜିନିଷ ବାହାରକୁ ବାହାର କରି ଦିଆଗଲା। ସେଗୁଡ଼ିକର ପୁଙ୍ଖାନୁପୁଙ୍ଖ ପର୍ଯ୍ୟବେକ୍ଷଣ ହେଲା। ମାତ୍ର ସାପର ସନ୍ଧାନ ମିଳିଲା ନାହିଁ।

ତିନି ଜଣଯାକ ଯୁବକ ମତ ଦେଲେ: ସେ ନାହାନ୍ତି । ଚାଲିଗଲେଣି। ସେ କ'ଣ ଏତେ ସମୟ ରହନ୍ତି କି? ଖାଲି ଦେଖାଦେଇ ଚାଲିଯାଆନ୍ତି ନା!

ଆମ ଅଞ୍ଚଳର ଲୋକମାନେ ନାଗଦେବଙ୍କୁ ଯଥେଷ୍ଟ ସମ୍ମାନ ଜଣେଇ କଥାବାର୍ତ୍ତା କରୁଥିଲେ।

ଜଣେ ବାବାଙ୍କୁ ପଚାରିଲେ: ଆପଣଙ୍କର କ'ଣ କିଛି ଯାଚଙ୍ଗା ଫାଚଙ୍ଗା ଥିଲା କି?

ବାବା ବୋଉଙ୍କ ମୁହଁକୁ ଚାହିଲେ। ବୋଉ 'ହଁ' କଲେ। 'ହଁ' କରିବା ସ୍ୱାଭାବିକ

ଥିଲା। କାରଣ ପୃଥିବୀର ପ୍ରାୟ ସବୁ ଠାକୁରଙ୍କ ପାଖରେ ଆମର ପ୍ରଚୁର ଯାଚଞ୍ଚା ବାକି ପଡ଼ିଥିଲା। ସେତିକିବେଳେ ବି ସାପର ଅଚାନକ ଆବିର୍ଭାବରେ ସଂତ୍ରସ୍ତ ବୋଉ ଅନେକ ଯାଚଞ୍ଚା ଯାଚି ସାରିଥିଲେ। ଆମର ଅନେକ ଆଶା ବାକି ଥିଲା। ଆମର ଅନେକ ସ୍ୱପ୍ନ ଅଧା ଥିଲା। ତେଣୁ ଈଶ୍ୱରମାନେ ଯାଚଞ୍ଚାର ଲାଞ୍ଚ ପାଉଥିଲେ।

ଆଉ ଜଣେ ଯୁବକ ମନ୍ତବ୍ୟ ଦେଲେ: ସେ କେବଳ ମନେପକାଇ ଦବାକୁ ଆସିଲେ।

ତୃତୀୟ ଯୁବକ ପରାମର୍ଶ ଦେଲେ: କାଲି ମହାଦେବଙ୍କ ପାଖରେ ଚୂଡ଼ାଘଷାଟେ ଭୋଗ କରିଦିଅନ୍ତୁ। ଦେଉଳରେ ବାନାଟେ ବାନ୍ଧି ଦିଅନ୍ତୁ। ସବୁ ଠିକ୍ ହୋଇଯିବ।

ସମସ୍ତଙ୍କ ଅନୁସନ୍ଧାନ, ଆଲୋଚନା, ମନ୍ତବ୍ୟ, ପ୍ରତିମନ୍ତବ୍ୟ ଭିତରେ ଏଇ ପ୍ରସ୍ତାବ ଗୃହୀତ ହୋଇଗଲା ଯେ ଘର ଭିତରେ ଆଉ କୌଣସି ସାପ ନାହିଁ। ହୁଏତ ଆସି ନ ଥିଲା। ମୁଁ ଭୁଲ୍ ଦେଖିଥିଲି। କିମ୍ବା ସ୍ୱପ୍ନ ଦେଖିଥିଲି। ଯଦି ଆସିଥିଲା ତେବେ ସେ ସ୍ୱୟଂ ନାଗଦେବ ହିଁ ଥିଲେ। ଦେଖାଦେଇ ସେ ଫେରିଯାଇଛନ୍ତି।

ଆଗତ ତିନି ବଳିଷ୍ଠ ଯୁବକ ଫେରିଯିବାକୁ ପ୍ରସ୍ତୁତ ହେଲେ।

ସମ୍ମିଳିତ ମାରଣାସ୍ତ୍ରମାନେ ମଳିନ ଦେଖାଗଲେ। ମୁଁ ଘର ଭିତରକୁ ଗଲି। ଶେଷଥର ପାଇଁ ଗୋଟେ ଡିଟେକ୍ଟିଭ୍ ସୁଲଭ ଦୃଷ୍ଟି ବୁଲାଇଲି। ଘରର ଗୋଟେ ପଟେ ଥିଲା ଗୋଟେ ର୍ୟାକ୍ । ର୍ୟାକ୍‌ରେ ଥିଲା ଥାକ ଥାକ ବହି।

ମୁଁ ପ୍ରସ୍ଥାନୋଦ୍ୟତ ତିନି ଯୁବକଙ୍କୁ ଡାକିଲି।

କହିଲି: ଏ ବହିର ଥାକ ଦେଖିଛ ?

ସେମାନେ ବହିର ଥାକ ଉପରେ ବାଡ଼ି ପିଟିଲେ। ଥାକକୁ ହଲେଇଲେ। ଥାକମାନଙ୍କରେ ଖସ୍‌ଖସ୍ କଲେ। ଏଇ ସିଦ୍ଧାନ୍ତ ଜଣେଇ ଦେଲେ ଯେ: ସେ ନାହାନ୍ତି। ଚାଲିଗଲେଣି।

ମୁଁ ନିର୍ଦ୍ଦେଶ ଦେଲି ବହିତକ ସ୍ଥାନାନ୍ତର କରିବା ପାଇଁ।

ନିର୍ଦ୍ଦେଶ ପାଳିତ ହେଲା। ସେମାନେ ବେପରୁଆ ଭାବରେ ବହି କାଢୁଥିଲେ। ହଠାତ୍ ଘଟିଲା ବିସ୍ମୟର ବିସ୍ଫୋରଣ। ବହିଥାକ ଭିତରୁ ବାହାରି ଗଲା ସାପଟା। ତିନି ଯୁବକ ପଛେଇଗଲେ। ଆତ୍ମରକ୍ଷା ପାଇଁ ସାପ ଧାଇଁବାକୁ ଲାଗିଲା।

ଘର ଭିତରୁ ଇଲେକ୍ଟ୍ରି ଲାଇଟ୍ ଚାଲିଗଲା। ଆମେ ଆକ୍ରମଣ ପାଇଁ ପ୍ରସ୍ତୁତ। ଘର ଭିତରେ ଘୁରି ବୁଲୁଚି ସାପ।

ଯୁବକମାନେ ଖଟ ଉପରେ। ସାପକୁ ଚିହ୍ନିବାକୁ ଉଦ୍ୟମ କରୁଥିଲେ।

:ନାଗ ହୋଇପାରେ।

:ଜମା ନୁହେଁ।

:ହେଃ... ନାଗ ଏମିତି ରହେ କି ?

:ରଣା କିଓ ?

:ନାଇଁ ହୋ ! ଢମଣାଟେ !

:ମାରିବା ?

:ନାଗ ନୁହଁଟି !

:ଭଲକରି ଦେଖ।

:ମୁଁ ତା' ଫଣାଟା ଦେଖି ପାରୁଛି ?

ଏଇ ଆଲୋଚନା ଭିତରେ ଘର ଭିତରକୁ ଚାଲାଣ ହୋଇଗଲା ମାରଣାସ୍ତ୍ର। ଆକ୍ରମଣ ବି ହୋଇଗଲା ସାପଟା ଉପରେ। ଟର୍ଚ୍ଚ ମିଳିଲା ପରେ। ଟର୍ଚ୍ଚର ଆଲୁଅ ଜଳିଉଠି ସାପକୁ ଆହୁରି ସ୍ପଷ୍ଟ ଭାବରେ ଚିହ୍ନାଇଲା ବେଳକୁ, ସାପର ଅଣ୍ଟା ଉପରେ କନ୍ତ ଗଳିଯାଇଛି। ସାପ ଛଟପଟ ହଉଛି।

:ହଁ!ହଁ! ଇଏ ନାଗ !

:ଏବେ କ'ଣ କରିବା ?

:ଛାଡ଼ିଦିଅ !

:ଛାଡ଼ିହବନି !

:ମାରିବା !

:ଆଉ କ'ଣ ଦରମଲା କରି ଛାଡ଼ିବ ନା କ'ଣ ହୋ !

:ହଉ ମାର।

:ଜୟ ଶିବ ଶମ୍ଭୁ !

ସାପର ମୃତ ଦେହ ବାହାରକୁ ଆସିଲା ଟିକିଏ ପରେ। ସେଟା ଥିଲା ବଡ଼ ଭୟଙ୍କର ଜାତିର ନାଗ। ଲମ୍ୱାଥିଲା ସାଢ଼େ ତିନିଫୁଟ। ଯେଉଁମାନେ ସାପକୁ ମାରିଥିଲେ ସେମାନେ ଅନୁତପ୍ତ ଦିଶୁଥିଲେ।

କହିଲେ: ଆମେ କଦାପି ନାଗସାପ ମାରୁନା ଆଜ୍ଞା ! ପରିସ୍ଥିତିରେ ପଡ଼ି ମାରିଦେଲୁ।

ଆଉ ଜଣେ କହିଲେ: ଏହାଙ୍କୁ ଘିଅରେ ଦାହ କରିବାକୁ ପଡ଼ିବ।

ତୃତୀୟ କହିଲେ: ଏହାଙ୍କର କର୍ମ କର୍ମାଣୀ, ଦାନ ଧର୍ମ ବି ହବ।

ପ୍ରଥମ କହିଲେ: ଚାଲ ଗାଧେଇକି ମନ୍ଦିରରେ ଦର୍ଶନ କରି ଘରକୁ ଯିବା।

ମୁଁ ସାପଟାକୁ ଲକ୍ଷ୍ୟ କରୁଥିଲି। କେଇ ମିନିଟ୍ ତଳେ ସେ ଥିଲା ହିଂସ୍ର। ତା'ର ଥିଲା ଉଦ୍ଧତ ଫଣା। ତା'ର ଥିଲା ଦାନ୍ତ। ଦାନ୍ତରେ ବିଷ। ତା' ହାତରେ ସୁଯୋଗ ଥିଲା। ସେ ମତେ ଚୋଟ ମାରି ପାରିଥାଆନ୍ତା। ବିଷ ଜର୍ଜରିତ କରିପକାଇଥାଆନ୍ତା। ମାତ୍ର କଲାନି। କାହିଁକି କଲାନି ?

ତା'ପରେ ଅନେକ ଦିନ। ଅନେକ ରାତି। ଦିନ ସବୁ ସନ୍ଧ୍ୟା ହୋଇଯାଇଛି ଭୟରେ ଶଙ୍କାରେ। ରାତି ସବୁ ସକାଳ ହୋଇଯାଇଛି ଆଶଙ୍କାରେ ଆତଙ୍କରେ। ପ୍ରକୃତରେ କ'ଣ ହେଇଥାନ୍ତା ଯଦି ସେ ମୋର ନିବେଦନ ଶୁଣି ନ ଥାନ୍ତା ! ସେ ମରିଗଲା ବେଳେ ସେମିତି କିଛି ନିବେଦନ କରିଥିଲଲା କି ? ମୁଁ ଜାଣିନାହିଁ। ଜାଣିଥିଲେ କ'ଣ ମୁଁ ଛାଡ଼ି ଦେଇ ପାରିଥାଆନ୍ତି ?

ମତେ ରାତିରେ ନିଦ ହୁଏନା। ନାନା ଦୁଃସ୍ୱପ୍ନ ଦେଖେ, ଯଦି ନିଦ ଆସେ। ମୋର ସ୍ୱପ୍ନରେ ମତେ ପ୍ରଶ୍ନକରେ ସାପଟା। ମୁଁ ଉତ୍ତର ଦେଇ ପାରେନା। ଏହା ହିଁ କ'ଣ ସାପ ଓ ମଣିଷ ଭିତରେ ପାର୍ଥକ୍ୟ ?

# ମୃତ୍ୟୁ ସହ ପରିଚୟ

ବାବା ଘର ଭିତରକୁ ଆସିଲେ। ଏବଂ ଜାରି କରିଦେଲେ ଘୋଷଣାନାମାଟି। ପିଲାମାନଙ୍କର ବାହାରକୁ ଯିବା ବନ୍ଦ। ଖରାବେଳେ ସମସ୍ତେ ଘର ଭିତରେ ହିଁ ରହିବେ।

ବୋଉ ପଚାରିଲା: କାହିଁକି ? କ'ଣ ହେଲା ?

ଆମେ ଦି' ଭାଇ ଠିଆ ହେଇଥାଉ ଟିକିଏ ଦୂରରେ। ଅନ୍ତତଃ ଯେଉଁ ଦୁଇ ଜଣଙ୍କର ସ୍ୱାଧୀନତାକୁ କ୍ଷୁର୍ଣ୍ଣ କରି ଏ ଆଦେଶନାମା ଜାରି ହୋଇଥିଲା।

ବାବା ବୁଝାଇଲେ: ଯୋଉ ଭିକାରୁଣୀଟା ଆମ ସ୍କୁଲ ପଛପଟେ ରହୁଥିଲା, ସିଏ ମରିଗଲା।

ବୋଉ ଚମକି ପଡ଼ିଲା: ସତେ ?

ବୋଉର ପାଟି ମେଲା ରହିଗଲା। ସେ ଆତଙ୍କିତ ଦିଶିଲା। ଡରିଗଲା କିଛି ପରିମାଣରେ, ଦୁଃଖିତ ହେଲା ବି ତତୋଧିକ। କାରଣ ସେଇ ଭିକାରୁଣୀ ଆମ ସମସ୍ତଙ୍କ ପାଇଁ ଖୁବ୍ ଚିହ୍ନା ଚରିତ୍ରଟିଏ ଥିଲା। ସ୍କୁଲ ପଛପଟେ ଶୁଏ। ଆଖପାଖ ଅଞ୍ଚଳରେ ବୁଲି ବୁଲି ଭିକ ମାଗେ । ବୋଉ ଅଯାଚିତ ଭାବରେ ଅନେକ କିଛି ଦାନ କରିଥିଲା ତାକୁ । ଭାତ ତରକାରୀଠୁ ଆରମ୍ଭ କରି ପୁରୁଣା ଶାଢ଼ୀ ଓ ଚାଦର ପର୍ଯ୍ୟନ୍ତ। ଅବଶ୍ୟ ବାବା ଏ ସବୁର ଟେର୍ ପାଉ ନ ଥିଲେ। କାରଣ ଏସବୁ ଘଟୁଥିଲା ଦ୍ୱିପ୍ରହରେ। ବାବା ଯେତେବେଳେ ସ୍କୁଲରେ ଥାଆନ୍ତି ଭିକାରୁଣୀ ବାରିପଟେ ଦୁଆରେ ଡାକେ। ବୋଉ ତାକୁ ସକାଳ ବେଳାରେ ବଳକା ଭାତରୁ କିଛି ଦେଇଦିଏ। ଭିକାରୁଣୀ ଖାଏ। ଆଶୀର୍ବାଦ କରେ।

ବୋଉ ଦୋହରାଇଥିଲା ତା'ର ଶୋକାର୍ତ୍ତ ଅଭିବ୍ୟକ୍ତିକୁ: ମରିଗଲା ! ନାଇଁ ! ବିଚାରୀ !

ବାବାଙ୍କ ସ୍ୱରରେ କାରୁଣ୍ୟ ନ ଥିଲା। ପରିସ୍ଥିତି ସଚେତନ ଦୃଢ଼ତା ଥିଲା। ସେ କହିଲେ: ପିଲାମାନଙ୍କୁ ବାହାରକୁ ଛାଡ଼ିବନି। ସେମାନେ ଡରିଯିବେ।

ଭିକାରୁଣୀଟି କୋଉଠୁ କେମିତି ଆସିଲା ତା'ର ହିସାବ କେହି ରଖିନାଇଁ। ସମସ୍ତଙ୍କ ଅଜାଣତରେ ସେ ଆସି କେତେବେଳେ ସ୍କୁଲ ପଛପଟର ଅପରିଷ୍କାର ସ୍ଥାନଟିକୁ ଆପଣାର ଘର ଭାବରେ ଗ୍ରହଣ କରିନେଇଛି କେହି ଲକ୍ଷ୍ୟ କରିନାହିଁ। ତେବେ ତାକୁ ସେଠୁ ବେଦଖଲ କରିବା କଥା ବିଚାର ହୋଇନାହିଁ। ବାବା ଥିଲେ ସେଇ ସ୍କୁଲରେ

ପ୍ରଧାନଶିକ୍ଷକ। ସ୍କୁଲ ପାଖରେ କ୍ୱାର୍ଟର୍ସ, ଯୋଉଠି ଆମେ ସବୁ ରହୁଥିଲୁ। ଭିକାରୁଣୀ ସ୍କୁଲ ପଛପଟକୁ ଆପଣାର ଘର ବୋଲି ଘୋଷଣା କରିସାରିବା ପରେ କ୍ୱାର୍ଟର୍ସଗୁଡ଼ିକୁ ତା'ର ଭିକମଗା ଜାଗା ଭାବରେ ବି ଗ୍ରହଣ କରିନେଲା। ସେ ପ୍ରାୟ ପ୍ରତିଦିନ କ୍ୱାର୍ଟର୍ସଗୁଡ଼ିକୁ ପ୍ରଦକ୍ଷିଣ କରୁଥିଲା। ଆମେ ତାକୁ ସହ୍ୟ କରୁଥିଲୁ।

ବୋଉ ପଚାରିଲା: ତେବେ କ'ଣ କେମିତି ହେବ?

ବାବା କହିଲେ: ତା'ର ଦାହ ସଂସ୍କାର ଆମମାନଙ୍କୁ କରିବାକୁ ପଡ଼ିବ। ମୁଁ ଆମ ଗୁରୁଜୀମାନେ, ଏବଂ ବଡ଼ ବଡ଼ ପିଲାମାନେ କେତେଜଣ ଯାଇ ଏସବୁ କାମ କରିଦେଇ ଆସିବୁ।

ବଡ଼ଭାଇ ଏପଟକୁ ସେପଟକୁ ଚାହୁଁଥିଲା। ଯେମିତି ସେ ଏଇ ମୁହୂର୍ତ୍ତରେ କୁଆଡ଼େ ଗୋଟେ ଖସି ପଳେଇବ। ମୁଁ ଅସହାୟ ଲାଗୁଥିଲି। କାରଣ ମୋ ହାତରେ ସେଦିନର ମଧ୍ୟାହ୍ନକୁ ରଙ୍ଗୀନ ଭାବରେ ବିତାଇବା ପାଇଁ ପ୍ରାୟ ଏକଡଜନ୍ ସ୍ୱପ୍ନ ମହଜୁଦ ଥିଲା। ପ୍ରଥମେ ଥିଲା ଗୁଡ଼ି ଉଡ଼ାଣ। ଆହା.... କୁଆଡ଼େ ଗଲା ମୋର ଗୁଡ଼ି। ଏବେ ସବୁ ସ୍ୱପ୍ନ ଭାଙ୍ଗିଯିବାର ପରିସ୍ଥିତି ସୃଷ୍ଟି ହୋଇ ଆସୁଥିଲା।

ବାପା ଆମର ଦୁଇ ଭାଇଙ୍କୁ ତୀକ୍ଷ୍ଣ ଦୃଷ୍ଟିରେ ଚାହିଁଲେ ଏବଂ ଚାଲିଗଲେ।

ଚାଲିଗଲାବେଳେ ଦାଣ୍ଡପଟର ଦରଜା ଆଉଜାଇ ଦେଇଗଲେ ବାହାରପଟୁ।

ଆମେ ଦି ଭାଇ ଠିଆ ହେଇଥାଉ ଅଗଣାରେ। କୁଆଡ଼େ ଯିବୁ? କେମିତି ଯିବୁ? ଆମର ଯିବା ଦରକାର। ଆମକୁ ମନା କାହିଁକି କରାଯାଉଛି ସେଠିକି ଯିବାକୁ? ମନ ବିଦ୍ରୋହ କରି ଉଠୁଥିଲା। ଗୋଟେ ଜିଦ୍ ବଳବତ୍ତର ହୋଇଆସୁଥିଲା। ଆମେ ଯିବୁ। ଆମେ ଯିବୁ। ନିଶ୍ଚୟ ଯିବୁ।

ବୋଉ ଆମମାନଙ୍କୁ ଚାହିଁଲା। ବାବାଙ୍କ ଆଦେଶର ଏକ ପରିମାର୍ଜିତ ତଥା ଦଣ୍ଡବିଧି ସମ୍ପନ୍ନ ଘୋଷଣାନାମା ଫିଙ୍ଗିଦେଲା: ଖବରଦାର! ଯିଏ ବାହାରକୁ ଯିବ ପିଟିପିଟି ତା'ର ସାରା ବନେଇଦେବି।

ଆମେ ଟିକେ ଡରିଗଲୁ। ଏମିତିରେ ବୋଉ ବେଶି ରାଗେନା, କିନ୍ତୁ ଥରେ ରାଗିଲେ ମାଡ଼ ନ ଦେଇ ଶାନ୍ତ ହୁଏନା।

ଆମକୁ କିଛି ପ୍ରତିକ୍ରିୟା ପ୍ରକାଶର ସୁଯୋଗ ନ ଦେଇ ବୋଉ କହିଲା: ଘର ଭିତରକୁ ଯାଅ। ମୁଁ ବାହାରୁ ଶିକୁଳୀ ଲଗେଇ ଦେଉଛି।

ଆମେ ଦି ଭାଇ ସ୍ତବ୍ଧ। ଆମେ ବୁଝିପାରୁଥିଲୁ କିଛି ଗୋଟାଏ ଅଘଟଣ ଘଟିଯାଇଛି।

ଯାହା ଭୟଙ୍କର ଏବଂ ଦୁଃଖଦାୟକ। ମୃତ୍ୟୁ ସମ୍ପର୍କରେ ଆମର ଧାରଣା ସେତେ ସ୍ପଷ୍ଟ ନ ଥିଲା। ଜାଣିଥିଲୁ ମଣିଷ ମରିଯାଏ। ଏବଂ ମଲାପରେ ପୋଡ଼ାହୁଏ ମଶାଣୀରେ। କିନ୍ତୁ ଜମା ଦେଖି ନ ଥିଲୁ ମଲାଲୋକ ?

କେମିତି ଦିଶେ ମଲାଲୋକର ମୁହଁ? ଏମିତି ପ୍ରଶ୍ନଟେ ମୋ ଭିତରେ ଖେଳିବୁଲୁଥିଲା। ସ୍ୱଳ୍ପ ବୟସ ଓ ସୀମିତ ଅଭିଜ୍ଞତା ସତ୍ତ୍ୱେ ଆମେ ନିଜକୁ ମନେକରୁଥିଲୁ ଜ୍ଞାନୀ ଓ ବଡ଼ଲୋକମାନଙ୍କର ସମକକ୍ଷ। ମଲାଲୋକର ମୁହଁ ଭଳି ଏକ ରହସ୍ୟମୟ ଦୃଶ୍ୟ ସହିତ ପରିଚିତ ହେବାର ଏ ଥିଲା ଯେମିତି ଗୋଟେ ଚମତ୍କାର ସୁଯୋଗ। ଯାହାର ହାତଛଡ଼ା କରିବା ଉଚିତ ନ ଥିଲା। ବଡ଼ଭାଇ ଅନୁନୟ କଲା: ବୋଉ ! ମୁଁ ଯିବି।

ମୁଁ ବଡ଼ ଭାଇର ଆବେଦନ ସହିତ ନିଜର ଆଗ୍ରହ ବି ଯୋଡ଼ିଦେଲି !

କହିଲି: ବୋଉ ! ଆମେ ଯିବୁ !

ବୋଉ ଧମକଦେଲା: ବାବା କ'ଣ କହିଗଲେ ଶୁଣିଲଟି ! ଛୋଟପିଲା ସେ ସବୁ ଜାଗାକୁ ଯାଆନ୍ତିନି ! ଚୁପଚାପ୍ ଘର ଭିତରକୁ ଯାଇ ଶୋଇପଡ଼।

ଆମେ ପରସ୍ପରର ମୁହଁକୁ ଅସହାୟ ଭାବରେ ଚାହିଁଲୁ।

ବୋଉ କହିଲା: ମୁଁ ବାହାରୁ ଶିକୁଳୀ ଲଗେଇ ଦେଇଯାଉଛି। ଟିକେ ପଡ଼ିଶାଘରୁ ଆସୁଛି। ତୁମେ ଚୁପ୍‌ଚାପ୍ ଶୋଇପଡ଼।

ବୋଉର କାର୍ଯ୍ୟକ୍ରମ ସଂପର୍କରେ ଆମେ ଅନୁମାନ କରିପାରିଲୁ। ବୋଉ ଏବେ ପଡ଼ିଶାଘରକୁ ଯିବ। ସେଠାରେ ସମ୍ବାଦଟି ପରିବେଷଣ କରିବ। କ୍ରମେ ମହିଳା ମହଲରେ ସମ୍ବାଦଟି ସଂକ୍ରମିତ ହେବ। ଏବଂ ଏପରିବି ହୋଇପାରେ ମହିଳାମାନଙ୍କର ଏକ ସମ୍ମିଳିତ ଦଳ ଘଟଣାସ୍ଥଳକୁ ଯାଇପାରନ୍ତି।

ତେବେ ଏ ଅବରୋଧ ଆଦେଶନାମା ସାନଭାଇ ପ୍ରତି ଲାଗୁ ହେଲା ନାହିଁ। କାରଣ ସେ ବହୁ ଆଗରୁ ପଡ଼ିଶାଘରକୁ ଖେଳିବାକୁ ଚାଲି ଯାଇଥିଲା।

ବୋଉ ଗଲା। ବାହାରପଟୁ ଶିକୁଳୀ ଲଗେଇଦେଇ। ଏବେ ଘର ଭିତରେ ଆମେ ଦୁଇ ଭାଇ। ତିନି ବଖରା ଲମ୍ବାଘର। ଗୋଟେ ବାରଣ୍ଡା। ବାରଣ୍ଡା ତଳକୁ ଛୋଟ ଅଗଣା। ଅଗଣା ମଝିରେ ଆମେ ଦି ଭାଇ। ପୃଥିବୀର ସବୁ ରହସ୍ୟକୁ ଭେଦ କରିଯିବାକୁ ମନରେ ଆଗ୍ରହ, ଅଥଚ ଆଗ୍ରହ ସାମ୍ନାରେ ଠିଆ ହେଇଛି ଗୁରୁଜନମାନଙ୍କର ହସ୍ତକ୍ଷେପ। ହିମାଳୟ ଭଳି।

ବଡ଼ଭାଇ ଓ ମୋ ଭିତରେ କିଛି ସମୟ ବିଚାର ଆଲୋଚନା ଚାଲିଲା। ବଡ଼ଭାଇ

ଜାଣିପାରୁଥିଲା ଯେ ସେ ସିନା ଯାଇପାରିଲା ନାହିଁ। ତା'ର ସାଙ୍ଗମାନେ ନିଶ୍ଚୟ ଯାଇଥିବେ । ସେମାନଙ୍କର ବାପାମାନେ ଆମ ବାବାଙ୍କ ଭଳି ଏତେ କଟକଣା ଜାରି କରି ନ ଥିବେ। ତେଣୁ ତାକୁ ଯିବାକୁ ହେବ। ନୋହିଲେ ସେ ଲାଜ ପାଇବ। କାରଣ ଅଭିଜ୍ଞତା ଓ ଅନୁଭୂତିର ଏ ଦୌଡ଼ରେ ସେ ପଛରେ ପଡ଼ିଯିବ ତା'ର ସାଙ୍ଗମାନଙ୍କ ଠାରୁ ।

ମୁଁ ପ୍ରସ୍ତାବ ଦେଲି: ଚାଲ ବାରିପଟ କବାଟ ଖୋଲି ପଳେଇଯିବା!

ବୋଉ ଦାଣ୍ଡପଟ କବାଟରେ ଶିକୁଳୀ ଲଗେଇଦେଇ ଯାଇଥିଲା। କିନ୍ତୁ ତା'ର ମାନେ ନୁହେଁ ଯେ ଖସିବାର ସବୁ ରାସ୍ତା ବନ୍ଦ ହୋଇଯାଇଛି। କିନ୍ତୁ ଆମର ବାରିପଟ କବାଟ କଥା ମନେ ନ ଥିଲା। ମୋ ମଥାରେ ଅଚାନକ ପ୍ରବେଶ କରିଗଲା ଚିନ୍ତାଟା।

ବଡ଼ଭାଇ ଖୁସୀ ହେଇଗଲା। କହିଲା: ମୁଁ ଯିବି। କିନ୍ତୁ ତୁ ଯିବୁନି!

ମୁଁ ଭାଙ୍ଗିପଡ଼ିଲି। ଆରେ! ଏ କେତେବଡ଼ ଅନ୍ୟାୟ। ମୁଁ ଖସିବାର ବାଟ ବତେଇଲି। ଅଥଚ ଯାଇପାରିବି ନାହିଁ।

ବଡ଼ଭାଇ ମୋ ଆଡ଼କୁ କଟକଟ କରି ଚାହିଁଲା। ତା'ର ବଡ଼ଭାଇ ସୁଲଭ ଅଧିକାର ସାବ୍ୟସ୍ତ କଲା। କହିଲା: ତୁ ଘର ଜଗିକି ରହ। ଆମେ ଦି'ଜଣ ପଳେଇ ଗଲେ ଯଦି ଚୋର ପଶେ। କ'ଣ ହେବ? ତୁ ବରଂ ଘର ଜଗିଥା'। ମୁଁ ଯାଉଛି। ଯାହା ଦେଖିବି ତତେ ଆସି ଟିକିନିଖି କରି କହିବି!

ମୁଁ ଭୂମିରେ ଗୋଡ଼ କଚାଡ଼ିଲି। ବଡ଼ ଭାଇର ଯୁକ୍ତି ଯଥାର୍ଥ ଥିଲା। ଦାରୁଣ ବି ଥିଲା। ମୁଁ ମିଛ କାନ୍ଦିବାର ବାହାନା କଲି।

ବଡ଼ଭାଇ ବୁଝେଇଲା: ବୋଉ ଯଦି ଏଇନେ ଫେରିଆସେ, ଆଉ ଆମେ ଦି'ଜଣ ନାହେଁ ବୋଲି ଦେଖେ, କ'ଣ ହେବ ବୁଝି ପାରୁଚୁ ତ? ବରଂ ତୁ ଘର ଜଗିଥା। ବୋଉ ଆସିଲେ ମୁଁ ଯାଇଚି ବୋଲି କହିବୁ ନାହିଁଟି! କହିବୁ, ମୁଁ ଝାଡ଼ା ଯାଇଛି।

ମୁଁ ବଡ଼ଭାଇର ପ୍ରସ୍ତାବରେ ଏକମତ କି ନା କହିବା ପୂର୍ବରୁ ହିଁ ସେ ଆଗେଇ ଗଲା। ବାରିପଟ ଦୁଆରର ଖିଡ଼ିକି ଖୋଲିଦେଲା। କହିଲା: ମୁଁ ଚାଲିଲି!

ମୁହୂର୍ତ୍ତକ ଭିତରେ ବଡ଼ଭାଇ କୋଉଆଡ଼େ ଅଦୃଶ୍ୟ ହୋଇଗଲା। ମୁଁ ବାରିକବାଟ ପାଖକୁ ଆସିଲି। ବାହାରକୁ ଚାହିଁଲି କେହି କୁଆଡ଼େ ନାହାନ୍ତି। ଖିଡ଼ିକି ଲଗେଇ ଦେଲି। ପୁଣି ଫେରିଆସିଲି ଘର ଭିତରକୁ।

ବାରଣ୍ଡାରେ ବସିଲି। ମୁଁ ଏକୁଟିଆ ହୋଇଗଲି। ଲମ୍ବା ଖଞ୍ଜାଟା। କେହି କୁଆଡ଼େ ନାହାନ୍ତି। ଅଗଣା ସାରା ବିଞ୍ଚି ହୋଇଥାଏ ପ୍ରଚଣ୍ଡ ଖରା। ଖରାର ଧାସ ବାଜୁଥାଏ ବାରଣ୍ଡାରେ

। ମୁଁ ଏକା ଏବଂ ଅସହାୟ। ଦିନଟା ଆସ୍ତେ ଆସ୍ତେ ଦୀର୍ଘ ଲାଗିଲା। ମୁହୂର୍ତ୍ତମାନେ ଦୀର୍ଘତର। ବୋଉ ଫେରୁନାହିଁ। ବଡ଼ଭାଇ ବି ଫେରୁନାହିଁ। ମୁଁ ଏକା, ଭୟ ଲାଗୁଥାଏ। ଦ୍ରୁତ ଗତିରେ ମୋର କ୍ଷୁଦ୍ର ମସ୍ତିଷ୍କଟା କାମ କରିଯାଉଥାଏ। ମୁଁ ପ୍ରଚୁର ଭାବି ଚାଲିଥାଏ।

ମୋର ଯୋଜନାରେ ଥିଲା ଅନେକ ସୁଖକର କାର୍ଯ୍ୟକ୍ରମ। ସେହି ପ୍ରହର ପାଇଁ। ଏବେ ସେ ସବୁ ଅସାର ମନେହେଲା। ଆସ୍ତେ ଆସ୍ତେ ବିରକ୍ତିକର ମନେହେଉଥିଲା ସବୁକିଛି। ମୁଁ ନିଜ ଭିତରେ କ୍ରମେ କ୍ରମେ ଅଧୈର୍ଯ୍ୟ ହୋଇ ପଡୁଥିଲି। ଇଚ୍ଛା ହେଲା ଖୁବ୍ ଜୋର୍‌ରେ କାନ୍ଦିବି। ଚିତ୍କାର କରି ଫଟେଇଦେବି ପୃଥିବୀ ସାରା। ମାତ୍ର ପାରିଲିନି। ମୋର ଅପେକ୍ଷା କ୍ରମେ କ୍ରମେ ଦାରୁଣ ଓ କଷ୍ଟପ୍ରଦ ହୋଇଆସିଲା।

ବୋଉ ଫେରୁନାହିଁ। ବଡ଼ଭାଇ ଫେରୁନାହିଁ। କେହି କୁଆଡ଼େ ଆସୁନାହିଁ। ମୁଁ ଏକା । ସାମ୍ନାରେ ଲମ୍ବା ଓ ବିରକ୍ତିକର ସମୟ। ବିତୁନାହିଁ ଜମା, ମୁଁ ଆଉ ସମ୍ଭାଳି ପାରିଲି ନାହିଁ। ନିଃଶବ୍ଦରେ ଚିତ୍କାର କଲି। ମୋର ମୁକ୍ତି ଦରକାର। ମୋର ନିଜ ହାତରେ ତୋଳି ଧରିଲି ଆପଣାର ଶାସନ ଭାର। ନିଜକୁ ମୁକ୍ତି ଦେଲି। ନିଜକୁ ନିଜେ କହିଲି: ଯା' ପଳେଇ ଯା। ମୁକ୍ତି ନେଇ ଚାଲିଯା' ଏଇ ବିରକ୍ତିକର ଓ ଅଧୈର୍ଯ୍ୟ ସମୟରୁ। ପରେ ଯା' ହେବ ଦେଖାଯିବ। ଯା' ଚାଲିଯା'।

ମୁଁ ଧୀରେ ଧୀରେ ବାରିକବାଟ ପାଖକୁ ଆସିଲି। କବାଟ ଖୋଲିଲି। ବାହାରକୁ ଗଲି। ଏବଂ ଦୌଡ଼ିବାକୁ ଗଲି। ବାହାରଟା ଥିଲା ଜନଶୂନ୍ୟ। ଚାରିଆଡ଼େ ପ୍ରଚଣ୍ଡ ଖରା। ରାସ୍ତାରେ କେହି କୁଆଡ଼େ ନାହାନ୍ତି। ସବୁ ଦିଗରେ ଯେମିତି ଗୋଟେ ଖାଁ ଖାଁ ନିଶୂନତା। ମୁଁ ପ୍ରଥମେ ଧାଇଁଲି ଆମ ସ୍କୁଲ ପାଖକୁ। ସ୍କୁଲର ପଛପଟେ ଥିଲା ଗୋଟେ ପରିତ୍ୟକ୍ତ ଓ ଭଙ୍ଗା ବାରଣ୍ଡା। ତା'ର ଗୋଟେ କୋଣରେ ନିଜର ଆସ୍ଥାନ ଜମାଇଥିଲା ଭିକାରୁଣୀଟା। ତାକୁ କ'ଣ ଘର କୁହାଯାଏ ? କୁହାଯାଏନା।

ତେବେ ସେଇଟା ଥିଲା ତା'ର ଆଶ୍ରୟସ୍ଥଳ। ବେଳେବେଳେ ଆମେ ସ୍କୁଲ ପିଲାମାନେ ଖେଳଛୁଟିରେ ସେଠି ବୁଲୁଥିଲୁ। ଦୂରରୁ ଗୋଟେ ବୃତ୍ତାକାର ଗହଳୀଟିଏ କରି ତାକୁ ଲକ୍ଷ୍ୟ କରୁଥିଲୁ। ଭିକାରୁଣୀଟା ବିଡବିଡ୍ ହୋଇ କ'ଣସବୁ କହୁଥିଲା ଆମକୁ । ଆମେ ବୁଝୁ ନ ଥିଲୁ। କିନ୍ତୁ ତାଳିମାରି ହସୁଥିଲୁ।

ମୁଁ ଯାଇ ସେଇଠି ଠିଆ ହେଲି। ସେଠି କେହି ନ ଥିଲେ। ଏବଂ ଭିକାରୁଣୀର କୌଣସି ଆସବାବ ଯଥା ତା'ର ଛିଣ୍ଡା କନା ଓ ମଇଳା ଲୁଗା ଖଣ୍ଡେ ଦି ଖଣ୍ଡ ବି ନ ଥିଲା। ସେଠି କେବଳ ଥିଲା ତା'ର ଅନୁପସ୍ଥିତି। ଆଗରୁ ସେ ଭିକ ମାଗିବାକୁ ବି

ଚାଲିଯାଏ। ସେ ଜାଗା ଶୂନ୍ୟକରି। କିନ୍ତୁ ଆଜି ଏ ଶୂନ୍ୟତାଟା କେମିତି ଗୋଟେ ଅଲଗା ଦିଶୁଥିଲା। ଅଲଗା ଅନୁଭବଟେ ଆଣୁଥିଲା। ଟିକିଏ ଦୂରରେ ପଡ଼ିଥିଲା ତା'ର ଭଙ୍ଗା ଆଲୁମିନିୟମ୍ ବେଲାଟା। ବେଲା ଭିତରେ ଚାଉଳର ଦାନା କେଇଖଣ୍ଡ।

ଚାଉଳ ମୁଠେ ଥାଇ ବି ସେଇ ବେଲା ଭିତରଟା ଭାରି ଶୂନ୍ୟଶୂନ୍ୟ ଦିଶୁଥିଲା। କ୍ରମେ ମନେହେଲା ସେ ବେଲାଟା ଥରିଉଠୁଛି ମୋ ଆଖି ସାମ୍ନାରେ, ସେ ସମଗ୍ର ଶୂନ୍ୟ ଦୃଶ୍ୟ ଥରିଉଠୁଛି। ଭିକାରୁଣୀଟିର ଅନୁପସ୍ଥିତିଟା ଗୋଟେ ମର୍ମାନ୍ତିକ ଅନୁଭବ ଭଳି ଚହଲି ଉଠୁଛି। ଏବେ ଯେମିତି ପୃଥିବୀରେ ଆସିଯାଇଛି ଭୂମିକମ୍ପ। ଥରିଉଠୁଛି ଦିଗବିଦିଗ। ମନେହେଲା ସେଇ ଛୋଟ ବେଲା ଭିତରେ ଶୋଇପଡ଼ିଚି ଯେମିତି କେହିଜଣେ ଶୂନ୍ୟ ଚେହେରା ନେଇ।

ଆଉ ଅଧିକ ସମୟ ସେଠି ରହିପାରିଲିନି। ନିଜ ଭିତରେ ରୁନ୍ଧି ହୋଇ ଆସୁଥିଲା ସେଇ ଅଧୈର୍ଯ୍ୟପଣ, ସେଇ ଅସହାୟତା। ମୁଁ ସେଠୁ ଧାଇଁଲି । କୁଆଡ଼େ ଧାଇଁଲି ? କାହିଁକି ଧାଇଁଲି ? ଜାଣିପାରିଲିନି। ଗୋଟେ ନିରୁଦ୍ଦେଶ୍ୟ ଲକ୍ଷ୍ୟପଥରେ ଧାଇଁବାରେ ଲାଗିଲି। ନିର୍ଜନ ଜନଶୂନ୍ୟ ରାସ୍ତା। ମୁଁ ଦିଗଭ୍ରଷ୍ଟ। ମୋର ମନେହେଉଥାଏ ଏଇଠି କୋଉଠି ଯେମିତି ମୋର ଚିହ୍ନାଲୋକମାନେ ଅଛନ୍ତି। ମୁଁ ଖୋଜୁଥିବା ଦୃଶ୍ୟସବୁ ଅଛି। କୋଳାହଳ ଅଛି। ଛାଇ ଅଛି। ଆଶ୍ରୟ ଅଛି। ଅଥଚ ମିଳୁ ନ ଥାଏ।

ମୁଁ ସେମିତି ଧାଉଁଥାଏ।

ରାସ୍ତା ଓ ପଡ଼ିଆମାନେ ତଥାପି ଥିଲେ ଦୀର୍ଘ। ମୋର ମନେହେଲା ସେସବୁ ରୁଦ୍ଧ ହୋଇଆସୁଛି। ବାଟ ବନ୍ଦ ହୋଇ ଆସୁଛି। ଅଦୃଶ୍ୟ ବାଡ଼ଟେ ପଡ଼ିଆସୁଛି ମୋ ଆଗରେ। ଆଉ ଆଗକୁ ଦୌଡ଼ିବା ସମ୍ଭବ ନୁହେଁ। ପାରିଲିନି ବି। କ୍ଳାନ୍ତ ହୋଇ ବସିପଡ଼ିଲି ଗୋଟେ ଗଛମୂଳେ। ଏମିତି କେତେ ସମୟ ବିତିଚି ମନେନାହିଁ। ଅନୁଭବ କଲି ମୁଁ କାନ୍ଦୁଚି। ପୁଣି ଠିଆ ହେଲି। ପାଦରେ ଶକ୍ତି ନ ଥାଏ। ଭାରି ଦୁର୍ବଳ ଲାଗୁଥାଏ। ଧୀରେ ଧୀରେ ଚାଲିଚାଲି ଆସିଲି। ଫେରିଆସିଲି ଘରକୁ।

ବାରିପଟର ଦର୍ଜା ଖୋଲିଲି ନିଃଶବ୍ଦରେ। ଅଗଣାରେ ପଶିଲି। ସବୁ ଠିକ୍ ଅଛି। କୌଣସି ଚୋର ପଶିନାହିଁ। ବଡ଼ଭାଇ ଫେରିନାହିଁ। ସାନଭାଇ ଆସିନାହିଁ।

ମୁଁ ବାରଣ୍ଡା ଉପରେ ବସିଗଲି ଥକ୍କା ହୋଇ।

ଏମିତି କେତେ ସମୟ ବିତିଚି ଜାଣେନା। କେତେ ସମୟ ପରେ ଆବେଗ କଟିଗଲା ପରେ ଦେଖିଲି ବଡ଼ଭାଇ ପଛପଟୁ ଦର୍ଜା ଠେଲି ଭିତରକୁ ପଶୁଛି।

ଅନୁଚ୍ଚ ସ୍ୱରରେ ମତେ କହିଲା ! କିଛି ଅସୁବିଧା ହେଇନି ତ !

ମୁଁ କହିଲି ନା ! କେହି ଆସିନାହାନ୍ତି !

ବଡ଼ଭାଇ ଆସି ବସିଗଲା ବାରଣ୍ଡାରେ ଥକ୍‌କା ହେଇ ।

ମୋ ମନ ଭିତରେ ଲହଡ଼ି ଖେଳୁଥାଏ ଆଗ୍ରହ । ଜାଣିବା ପାଇଁ କ'ଣ କେମିତି ହେଲା । କେମିତି ଦିଶେ ମଲା ଲୋକର ମୁହଁ ? କେମିତି ମୃତ୍ୟୁ ଓ ଶ୍ମଶାନ ଏକ ହୁଅନ୍ତି ନିଆଁର ପିଠିରେ ? ମଣିଷ ମରିକି କେମିତି ହଜିଯାଏ ? ମୁଁ ପଚାରିଲି: କ'ଣ କେମିତି ହେଲା କହୁନୁ ?

ବଡ଼ଭାଇ ଦୀର୍ଘଶ୍ୱାସଟେ ପକାଇଲା । କହିଲା: ଏସବୁ ବଡ଼ ଗୁମର କଥା । ସାନ ମାନେ ଜାଣିବା ଜମା ଉଚିତ ନୁହେଁ ।

ଯା' ଭିତରେ ବଡ଼ଭାଇ ବୋଧହୁଏ ନିଜକୁ ଖୁବ୍ ବଡ଼ ବୋଲି ଭାବିବାକୁ ଆରମ୍ଭ କରିଥିଲା । ଏବଂ ମୁଁ ଯୋଉ ଛୋଟକୁ ସେଇ ଛୋଟ ହୋଇ ରହିଯାଇଥିଲି । ଯଦିଓ ଆମ ଭିତରେ ବୟସର ବ୍ୟବଧାନ ଥିଲା ଜମା ଦୁଇ ବର୍ଷ । ବଡ଼ଭାଇ ତୃତୀୟ ଶ୍ରେଣୀରେ ପଢୁଥିଲା ଓ ମୁଁ ପଢୁଥିଲି ପ୍ରଥମ ଶ୍ରେଣୀରେ । ସାନଭାଇ ସ୍କୁଲ ଯିବାକୁ ସମର୍ଥ ହୋଇ ନ ଥିଲା । ସାନ ଭଉଣୀ ସେତେ ବେଳକୁ ଜନ୍ମ ହେଇନି । ବଡ଼ଭାଇ ହାଫ୍ ପ୍ୟାଣ୍ଟ୍ ପିନ୍ଧୁଥିଲା । ମୁଁ ଫିତା ଲଗା ହାଫ୍ ପ୍ୟାଣ୍ଟ୍ ପିନ୍ଧୁଥିଲି ଓ ସାନଭାଇ ଅଧିକାଂଶ ସମୟ ଥିଲା ଦିଗମ୍ବର । ତେବେ ବଡ଼ଭାଇ ହଠାତ୍ ବୟସ୍କ ଦାୟିତ୍ୱବାନ ହୋଇଗଲା କେତେବେଳେ ?

ମୁଁ କହିଲି: କିନ୍ତୁ ତୁ ତ କହିକି ଯାଇଥିଲୁ ମତେ ସବୁକଥା ଟିକିନିଖି କହିବୁ । ତୋରି କଥାରେ ମୁଁ ଘରଜଗି ପଡ଼ିରହିଲି । ଆଉ ଏତେ ବେଳକୁ କହୁଛୁ କ'ଣ ନା ସାନମାନେ ସେ କଥା ଜାଣିବେନି !

ବଡ଼ଭାଇ ମୋ ଯୁକ୍ତିରେ ପ୍ରଭାବିତ ହେଲା । ତା'ର ମନ ବଦଳିଗଲା । କହିଲା: ଠିକ୍ ଅଛି । ମୁଁ ତତେ ସବୁକଥା କହିବି । କିନ୍ତୁ ସାବଧାନ ! ଏସବୁ ଯେମିତି ପ୍ରଘଟ ନ ହୁଏ ।

ମୁଁ ବିଶ୍ୱସନୀୟତାର ଶପଥ କଲି ।

କହିଲି: ମୁଁ କେବେ ତୋ କଥା କାହାକୁ କହିଚି । ତୁ ବାବାଙ୍କ ପକେଟରୁ ପଇସା ଚୋରି କରି ଚକୋଲେଟ୍ ଖାଇଚୁ । ମତେ ଅନେକ ଥର ଭାଗ ଦେଇନୁ । ମୁଁ ସେକଥା କାହାକୁ କହିଚି ?

ବଡ଼ଭାଇ ମୋ କଥାରେ ପ୍ରଭାବିତ ହୋଇ ଆସୁଥିଲା । ତା'ର ଗୁମର କଥାକୁ

ନେଇ ମୁଁ ବିଶ୍ୱାସଭାଜନ ହେବାର ଉଦ୍ୟମ ଜାରି ରଖିଥିଲି।

କହିଲା, 'ଠିକ୍ ଅଛି, ତେବେ ଶୁଣ୍!'

ସେମାନେ ବୁଢ଼ୀକୁ ନେଇ ମଶାଣୀକୁ ଚାଲିଗଲେ। ମଶାଣୀରେ କାଠ ସଜାହୋଇ ନିଆଁ ଲାଗିଲା। ତା' ଉପରେ ଶୁଆଇ ଦେଲେ ବୁଢ଼ୀକୁ। ଠିକ୍ ଏତିକିବେଳେ ଆକାଶରୁ ଆସିଲେ ଯମଦୂତମାନେ। ମୋ ଆଖି ବଡ଼ବଡ଼ ହେଇଗଲାଏ : ଯମଦୂତ !

ବଡ଼ଭାଇ ବର୍ଣ୍ଣନା କରି ଚାଲିଥାଏ, କଳା କଳା ଭୁଷୁଣ୍ଡା ଲୋକଗୁଡ଼ାକ। ହାତରେ ତାଙ୍କର ବଡ଼ବଡ଼ ଗଦା। ବେକରେ ମାଳି ମେଞ୍ଚାଏ ପଡ଼ିଚି। ବଡ଼ବଡ଼ ବାଳ। ବଡ଼ବଡ଼ ନିଶ । ଆଖିଗୁଡ଼ାକ ଲାଲ୍। ସେମାନେ ତ ଆସିଲେ ବୁଢ଼ୀକୁ ନେବାକୁ।'

ମୁଁ ପଚାରିଲି,'ସେଇଠୁ ?'

ବଡ଼ଭାଇ କହୁଥାଏ, ସେମାନେ ଯେମିତି ବୁଢ଼ୀକୁ ନିଆଁ ଉପରୁ ଟାଣିକି ନେଇଛନ୍ତି ଆମ ଗୋବିନ୍ଦ ଗୁରୁଜୀ ଥିଲେ ଗୋଟେ ଲମ୍ବା ବାଉଁଶରେ କୁଟିଦେଲେ ପାହାରେ। ସେମାନେ ଯାଇ ଦୂରରେ ପଡ଼ିଲେ। ତା'ପରେ ତ ଆକାଶରେ ଗୋଟେ ଟଣାଓଟରା ଚାଲିଲା। ସେମାନେ ବୁଢ଼ୀର ହାତ ଧରି ଟାଣୁଥାଆନ୍ତି ଆକାଶରେ। ତାକୁ ନେଇଯିବାକୁ ଯମପୁର। ଇଆଡ଼େ ଆମ ଗୁରୁଜୀମାନେ ବାଉଁଶରେ ଗୋଟେ ଆଙ୍କୁଡ଼ା କରି ବୁଢ଼ୀକୁ ଟାଣୁଥାଆନ୍ତି ଜୁଇ ଉପରକୁ। ଚାଲିଲା ଟଣାଟଣି।'

ମୁଁ ମୋ ମାନସ ଚକ୍ଷୁରେ ଦେଖିପାରୁଥାଏ ସେ ଦୃଶ୍ୟଟିକୁ। କୌଣସି ଯାତ୍ରାପାର୍ଟିର ଦୃଶ୍ୟଠୁ ଚମତ୍କାର, ଆମୋଦଦାୟକ।

ମୁଁ ପଚାରିଲି,'ମଲାପରେ ସବୁଲୋକଙ୍କୁ ପରା ଯମ ଧରିନିଏ ତା' ପୁରକୁ। ଏ ବୁଢ଼ୀକୁ ନେଲାବେଳେ ଆମ ଗୁରୁଜୀ ପଞ୍ଚାକ କାହିଁକି ଟଣାଓଟରା କଲେ।'

ବଡ଼ଭାଇ ବୁଝିପାରିଲା,'ମୂର୍ଖ! ଏ ବଡ଼ ଗହନ କଥା! ସେମାନେ ମଲା ପରେ ଆତ୍ମାଟାକୁ ଧରିକି ନେବେ ଯମପୁରକୁ, କିନ୍ତୁ ଯଦି ଜୁଇ ଉପରୁ ଦେହଟାକୁ ନେଇଗଲେ, ତ କଥା ସଇଲା। ସେମାନେ ଭାରି କଷ୍ଟଦେବେ ଦେହଟାକୁ। ତୁ ଚିତ୍ରରେ ଦେଖିନୁ। ତତଲା ତେଲ କଡ଼େଇରେ ପକେଇ ବରା ଭଳିଆ ଛାଣିବେ। ମୁଣ୍ଡ ସିଧା କରତରେ ଦି'ଫାଳ କରି ଚିରି ଦେବେ। ଗୁହ କୁଣ୍ଡରେ ପକେଇବ। ଶେଷକୁ କାମୁଡ଼ି କାମୁଡ଼ି ଖାଇବେ, ଦେଖିନୁ କେମିତି ଭୁଷୁଣ୍ଡା ଭୁଷୁଣ୍ଡା ଚେହେରା ରଖିଛନ୍ତି।''

ଭୟରେ ମୋ ଦେହ ଥରି ଉଠିଲା।

ପଚାରିଲି,''ସେଇଠୁ କ'ଣ ହେଲା ?''

ବଡ଼ଭାଇ ଶୁଣାଇଲା,'ହବ ଆଉ କ'ଣ ? ଯମଦୂତଗୁଡ଼ାକ ହାରିଲେ। ଆମ ଗୁରୁଜୀମାନେ ବୁଢ଼ୀକୁ ପୋଡ଼ି ପାଉଁଶ କରିଦେଲେ। ଯମଦୂତଗୁଡ଼ାକ ଭକୁଆ ଭଳିଆ ଚାହିଁଥାଆନ୍ତି। ଶେଷକୁ ନିଜେ ଯମ ବି ଆସିଲେ। କିନ୍ତୁ କିଛି କରିପାରିଲେନି ?''

ମୁଁ ପଚାରିଲି,''ତମେ ଯମକୁ ଦେଖିଲ ?''

ବଡ଼ଭାଇ ଜୋର୍ ଦେଇ କହିଲା,''ହଁ। ଦେଖିଲି । ମଇଁଷି ପିଠିରେ ବସିଥାଏ। ମୁଣ୍ଡରେ ତା'ର ମୁକୁଟ। ଏଡ଼େ ଏଡ଼େ ନିଶ। ଆକାଶରେ ବହୁତ ଉଚ୍ଚରେ ଥାଇ ଚାହିଁ ରହିଥାଏ। କରିବ ବା କ'ଣ ? ଯେମିତି ବୁଢ଼ୀ ପୋଡ଼ିକି ପାଉଁଶ ହେଇଗଲା ଯମ ଗୋଟେ ଲମ୍ବା ପାଳ ଦଉଡ଼ି ଲମ୍ବାଇ ଦେଲା ଜୁଇ ଆଡ଼କୁ। ଆଉ ବୁଢ଼ୀର ଆତ୍ମାଟାକୁ ଧରିକି ନେଇଗଲା।''

ମୁଁ ପଚାରିଲି,''ଆତ୍ମାଟାକୁ ତମେ ଦେଖିଲ ?''

ବଡ଼ଭାଇ ବୁଝାଇଲା,''ଆତ୍ମାଟାକୁ କ'ଣ ଦେଖିହେବ। ସେଟା ଅଦୃଶ୍ୟ। କିନ୍ତୁ ଦେଖିଲୁ ଗୋଟେ ଭଉଁରୀ ଭଳି ଚହଲି ଚହଲି କ'ଣ ଗୋଟାଏ ଉପରକୁ ଉଠିଗଲା। ଯମର ପାଳଦଉଡ଼ି ମୁଣ୍ଡାରେ ଲାଗି।''

ମୁଁ ପଚାରିଲି,''ତାକୁ ରୋକିବା ପାଇଁ ଗୋବିନ୍ଦ ଗୁରୁଜୀ ହେରିକା କିଛି କଲେନି।''

ବଡ଼ଭାଇ କହିଲା, ''ନା ! ସମସ୍ତେ ଖାଲି ଦେଖୁଥାଆନ୍ତି। ଆତ୍ମାଟାକୁ ତ ରୋକିହେବ ନାହିଁ। ରୋକିଲେ ବା ଲାଭ କ'ଣ ? ସେଟା ଯେମିତି ହେଲେ ଉଡ଼ିଯିବ। ଯମ ସେଟାକୁ ନେବା କଥା ନେବ। କିନ୍ତୁ ଏତିକି ହେବ ଯେ ଯମ ଆତ୍ମାକୁ ବେଶି କଷ୍ଟ ଦେଇପାରିବ ନାହିଁ।''

ନାଟକର ସଂଘର୍ଷପୂର୍ଣ୍ଣ ଦୃଶ୍ୟ ଭଳି ମୋ ଆଖି ସାମନାରେ ଦେଖାଯାଉଥିଲା ବଡ଼ ଭାଇର ବର୍ଣ୍ଣନାର ଚିତ୍ରସବୁ। ନୀଳ ଆକାଶ, ଆକାଶରେ ଗୋଟିଏ ଭୟଙ୍କର ମଇଁଷି, ମଇଁଷି ପିଠିରେ ଯମ, ନିଶବାନ ଯମଦୂତ। ହାତରେ ଗଦା ଓ ପାଳଦଉଡ଼ିର ଫାଶ। ଏହି ଭଳି ଲୋମହର୍ଷଣକାରୀ ଦୃଶ୍ୟକୁ ପ୍ରତ୍ୟକ୍ଷ କରି ନ ପାରି ଥିବାରୁ ନିଜ ଉପରେ ରାଗ ଆସୁଥିଲା। ବଡ଼ଭାଇ ଗୌରବର ହସ ହସି ବାରଣ୍ଡାରେ ବସିଥିଲା।

ମୁଁ ଆକାଶକୁ ଅନେଇଲି। ନିରେଖି କି ଚାହିଁଲି। କାଳେ କେଉଁଠି ଯମର ପାଦ ଚିହ୍ନ ଅବା ଯମଦୂତମାନଙ୍କର ଗଦାର ଶେଷାଂଶ ଅବା ମଇଁଷିର ଲାଙ୍ଗୁଡ଼ଟା ଦିଶିବ ପରା।

କେତେବେଳେକେ ଫେରିଲା ବୋଉ। ଫେରିଆସି ଅନୁସନ୍ଧାନ କରିନେଲା

ସବୁ ଠିକ୍ ଅଛି ନା ନାଇଁ? ଆମେ କେହି ବାହାରକୁ ଯାଇଥିଲୁ ନା ନାଇଁ?

ମୁଁ କହିଲି: ଆମେ ଘରେ ଅଛୁ। ମୁଁ ତ ଏଇଠି ଖେଳୁଚି।

ବଡ଼ଭାଇ କହିଲା: ମୁଁ ଶାଗପଟାଳିରୁ ଘାସ ବାଛୁଥିଲି ପରା।

ବୋଉ ଖୁସୀ ହେଲା। ଯା' ପରେ ଫେରିଲା ସାନଭାଇ।

ବାବା ଫେରିଲେ ଅନେକ ଡେରିରେ। ସେ ଦିଶୁଥିଲେ କ୍ଳାନ୍ତ ଏବଂ ଝାଳନାଳ। ବୋଉକୁ ଲକ୍ଷ୍ୟ କରି କହିଲେ: ସବୁକାମ ଯା'ହେଉ ସୁରୁଖୁରୁରେ ହେଇଗଲା। ବୁଢ଼ୀର ପୁଣ୍ୟ ବଳ କିଛି ଥିଲା। ନୋହିଲେ ସାଙ୍ଗେ ସାଙ୍ଗେ ଏତେ ଲୋକ ବାହାରି କାମଟା ସାରି ଦେଇ ନ ଥାନ୍ତେ। ମତେ ଗୋଟାଏ ଗାମୁଛା ଦିଅ। ମୁଁ ଲୁଗା ପାଲଟି ଗାଧୋଇବି।

ବୋଉ ବାବାଙ୍କ ହାତକୁ ବଢ଼ାଇଦେଲା ଗାମୁଛା।

ମୁଁ ପଚାରିଲି, ''ଲୁଗା ପାଲଟି ଗାଧୋଇବ କାହିଁକି?''

ବୋଉ ବୁଝାଇଲା,''ମଶାଣୀକୁ ଗଲେ ମଶାଣୀଛୁଆଁ ହେବ। ନ ଗାଧୋଇଲେ ଘର ଦ୍ୱାର ମାରା ହୋଇଯିବ। ଲୁଗାପଟା ସବୁ ଧୋଇଦେବାକୁ ପଡ଼ିବ।''

ମୁଁ ପଚାରିଲି,''ଘରଦ୍ୱାର ମାରା ହେଲେ କ'ଣ ହେବ?''

ବୋଉ କହିଲା, ଘରେ ଆଉ ଠାକୁର ପାଣି ପାଇବେଟି! ସବୁ ନଷ୍ଟଭ୍ରଷ୍ଟ ହେଇଯିବନି?

ଏଥର ମୁଁ ବଡ଼ଭାଇ ଆଡ଼କୁ ଚାହିଁଲି, କାରଣ ବଡ଼ଭାଇ ମଶାଣୀଛୁଆଁ ହେଇ ବି ଏବେ ଆରାମରେ ବସି ରହିଥିଲା। ପ୍ୟାଣ୍ଟ୍ ସାର୍ଟ ଧୋଇବା ବା ଗାଧୋଇବାର ନାମ ଧରୁ ନ ଥିଲା। କିନ୍ତୁ ତା'ର ପାପଟିକୁ ଲୁଚାଇଦେବା ମୋ ପକ୍ଷରେ ସମ୍ଭବ ନ ଥିଲା। କାରଣ ତାହାହେଲେ ଘରୁ ସବୁ ଠାକୁର ଚାଲିଯିବେ। ଠାକୁରମାନେ ପାଣି ପାଇବେ ନାହିଁ । ତାଙ୍କ ପାଖରେ ଭୋଗ ହେବନି ଏବଂ ଭୋଗ ନ ହେଲେ ଆଉ ଯାହା ହେଉ ନ ହେଉ ସକାଳୁ ଟିକେ ଟିକେ ଭୋଗ ଯେ ଖାଇବାକୁ ମିଳୁଛି ତାହା ମିଳିବନି।

ମୁଁ ବଡ଼ଭାଇକୁ କହିଲି: ଯା! ତୁ ବି ଗାଧୋଇ ପଡ଼।

ବଡ଼ଭାଇ ଗାଲୁ ମାରିଲା, ''ମୁଁ କାହିଁକି ଗାଧେଇବି।'' ମୁଁ ଜାଣିଲି ବଡ଼ଭାଇ ଫାଙ୍କି ଦେବାକୁ ବସିଚି। ମାତ୍ର ଏତେ ବଡ଼ ଅନ୍ୟାୟକୁ ବରଦାସ୍ତ କରିବା ମୋ ପକ୍ଷରେ ଅସମ୍ଭବ ଥିଲା। ବାଧ୍ୟ ହେଇ ମୁଁ କଥାଟାକୁ ବୋଉର ନଜରକୁ ଆଣିଲି।

କହିଲି,''ଭାଇ ବି ମଶାଣୀକୁ ଯାଇଥିଲା। କିନ୍ତୁ ଗାଧୋଉ ନାହିଁ।''

ବଡ଼ଭାଇ ଆତ୍ମରକ୍ଷାର ସ୍ୱରରେ କହିଲା,''ମୁଁ ମଶାଣୀକୁ ଯାଇନି।''

କିନ୍ତୁ ମୁଁ ଜୋର ଦେଇ କହିଲି,''ହଁ! ହଁ! ସେ ଯାଇଥିଲା।''

ଅବଶେଷରେ ସେଇ ଦୁଃଖଦାୟକ ଘଟଣାଟି ଘଟିଲା। ବଡ଼ଭାଇ ଉପରେ ମାଡ଼ ହେଲା। ଉଭୟ ବାବା ବୋଉଙ୍କ ପକ୍ଷରୁ । ସେ କାନ୍ଦିଲା ଓ ଶେଷରେ ଲୁଗାବଦଳି ଗାଧେଇଲା। ମୋ ସହିତ ସାରା ସଞ୍ଜବେଳ କଥାହେଲାନି। ରୁଷିଲା, ଆମର ଅପଡ଼ ହେଲା।

ରାତିରେ ଶୋଇବାକୁ ଗଲାବେଳେ ସେ ମୋତେ କଥା କହିଲା। କହିଲା: ମୁଁ ପ୍ରକୃତରେ ମଶାଣୀକୁ ଯାଇ ନ ଥିଲି। ମୁଁ ମିଛ କହିଥିଲି।

ମୁଁ ପଚାରିଲି,''ତେବେ ତୁ କୁଆଡ଼େ ଯାଇଥିଲୁ?''

ସେ ତା'ର ଅଭିଜ୍ଞତା ବର୍ଣ୍ଣନା କଲା। କହିଲା,''ମୁଁ ସେ ଭିକାରୁଣୀ ରହୁଥିବା ଜାଗାଟାକୁ ଯାଇଥିଲି। କ'ଣ ଦେଖିଲି ଜାଣୁ? ଦେଖିଲି ଗୋଟେ ଖାଲି ଜାଗା। ହେଲେ ସେ ଖାଲି ଜାଗାଟା କେମିତି ଗୋଟେ ବିଚିତ୍ର ଦିଶିଲା। ଖାଁ ଖାଁ ଦିଶିଲା। ମୋ ଆଖିରେ ଖାଲି ଥରିଉଠିଲା। ଯେମିତି ଭୂମିକମ୍ପ। ମୁଁ ସେଠୁ ପଳାଇଆସିଲି। ଏଣେତେଣେ ଦୌଡ଼ିଲି । ତେବେ ଦୌଡ଼ିପାରିଲିନି। କେମିତି ଭୟ ଲାଗିଲା। ଲାଗିଲା ଯେମିତି ସବୁ ରାସ୍ତା ବନ୍ଦ ହୋଇ ଆସୁଛି। ରୁଦ୍ଧ ହୋଇ ଆସୁଛି। ଗୋଟେ ଗଛ ମୂଳରେ ବସିଲି। କାନ୍ଦିଲି। ଫେରିଆସିଲି।

ମୁଁ ବଡ଼ ଭାଇର କାନ୍ଧରେ ହାତ ରଖିଲି। ଆଶ୍ୱାସନାର ହାତ।

ବଡ଼ଭାଇ ମୋ ପାଖକୁ ଘୁଞ୍ଚି ଆସିଲା। କହିଲାଏ''ମରିଯିବା ମାନେ କ'ଣ ଜାଣୁ?''

ମୁଁ ପଚାରିଲି,''କ'ଣ?''

ସେ କହିଲା,''ମରିଯିବା ମାନେ ହେଲା... ?''

ସେ ଆଉ ଅଧିକ କିଛି କହି ପାରିଲାନି। କେମିତି କହିଥାନ୍ତା? କାରଣ ସେତେବେଳେ ତା'ର ବୟସ ଥିଲା କମ୍। ତା' ମଥାରେ ନା ଥିଲା ଅଭିଜ୍ଞତା ନା ଥିଲା ଜ୍ଞାନ। ପୃଥିବୀର ସମସ୍ତ ନିଷ୍ଠୁର ଓ ଦୁଃଖଦ ଆବେଗକୁ ଶବ୍ଦରୂପ ଦେବାପାଇଁ ସାମର୍ଥ୍ୟ ନ ଥିଲା ତା' କଥାରେ। ମୋର ବି ବୟସ ଥିଲା ଆହୁରି କମ୍। କିନ୍ତୁ ମୋର ମନେ ହେଉଥିଲା ମୁଁ ଯେମିତି ସବୁ ବୁଝିପାରୁଚି। ବଡ଼ଭାଇର ମୁହଁର ଅଭିବ୍ୟକ୍ତି ମୋ ପାଇଁ ସରଳ ମାନସାଙ୍କ ଭଳି ସ୍ପଷ୍ଟ ହେଇ ଆସୁଥିଲା।

କହିଲି,''ମୁଁ ବି ବାହାରକୁ ଯାଇଥିଲି। ତୁମେ ଯାହାଯାହା ଦେଖିଲ ମୁଁ ବି ସେଇଆ ଦେଖିଛି।'' ବଡ଼ଭାଇ ମତେ କୁଣ୍ଢାଇ ପକାଇଲା। ଆମେ ଦୁଇଜଣ କାନ୍ଦି ପକେଇଲୁ।

# ଚୋରର ନାମ ଗୋପୀଆ

ଯେଉଁଦିନ ଆମର ଖେଳିବାରେ ମନ ଲାଗେନା ଆମେ ଏକାଠି ହେଇ ଗପସପ କରୁ ଏବଂ ସବୁ ଗପରେ ଥାଏ ଗୋପୀଆ ପାଣ। ଗୋପୀଆ ପାଣ ସେତେବେଳକୁ ଗୋଟାଏ ଜୀବନ୍ତ କିମ୍ବଦନ୍ତୀ। ଜଣେ ପ୍ରଖ୍ୟାତ ଚୋର। ଚୋରି କରିବାରେ ତାର ଏତେ ଖ୍ୟାତି ଯେ ତା ସଂପର୍କରେ ନାନା ମଜାଦାର ଲୋମହର୍ଷକ ରୋମାଞ୍ଚକର କଥା ଆସି ଜମା ହୁଏ ସବୁଆଡ଼େ ଓ ଆମର ଅପରାହ୍ନର ଆସରରେ ଆଲୋଚିତ ହୋଇଯାଏ।

ଯେତେବେଳେ ରାଧାକାନ୍ତ କହେ ଯେ, ଗୋପୀଆର ନୂଆ କାଣ୍ଡକାର୍ଖାନା କ'ଣ ଶୁଣିଲଣି ? ମୋ କକେଇ କହୁଥିଲେ। ମୁଁ ଶୁଣିକି ଆସିଲି।

ଆମ ଦେହ ଥରି ଉଠେ। ଲୋମ ଟାଙ୍କୁରି ଉଠେ। ଡ଼ବଡ଼ବ ଆଖିରେ ଆମେ ଚାହିଁ ରହୁ ରାଧାକାନ୍ତ ଆଡ଼କୁ।

ରାଧାକାନ୍ତ ତା କାହାଣୀ ଶୁଣାଏ।

ଗୋପୀଆ ଜଣକ ଘରକୁ ଚୋରି କରିବାକୁ ଗଲା। ଲୋକଟା ଜମିଦାର। ଘରେ ବହୁତ ସୁନା ରୁପା। ଗୋପୀଆ ଚୋରି କରିବା ପାଇଁ ଆଗରୁ ଠିକ୍ କରିଥାଏ। ଗୋଟେ ନୋଟିସ୍ ମାରିଦେଲା ଗାଁ ମୁଣ୍ଡରେ। ମୁଁ ଅମୁକ ତାରିଖ ଦିନ ରାତିରେ ଜମିଦାର ଘରୁ ଚୋରି କରିବାକୁ ଯିବି। ଜମିଦାର ପୋଲିସ୍‌ରେ ଖବର ଦେଲେ। ପୋଲିସ୍ ଆସି ସେଇଦିନ ପହଞ୍ଚିଲା। ପୂରା ପୋଲିସ୍ ଫୋର୍ସ ଆସିଗଲେ। ଜମିଦାର ଘର ଚାରିପଟେ ଘେରି କି ରହିଲେ। ସଞ୍ଜ ହେଲା। ରାତି ହେଲା। ରାତି ଯାଇ ଅଧ ହେଲା।

ରାଧାକାନ୍ତ ଗପ ଅଧା ରଖି ଟିକେ ଦମ ନେଲା।

ଆମେ ସମସ୍ତେ ଡ଼ବଡ଼ବ ଆଖିରେ ଚାହିଁ ରହିଥିଲୁ ରାଧାକାନ୍ତ ଆଡ଼କୁ।

ଆମର ସାରା ଦେହ ରୋମାଞ୍ଚିତ ଓ ଗୋଟେ ଅଜଣା ଭୟର ମୃଦୁ ପାଦ ଶବ୍ଦ ଚାରି ଦିଗରୁ ଘେରି ଆସୁଥିଲା।

ମୁଁ ଅଧୈର୍ଯ୍ୟ ହେଇ କହି ପକାଇଥିଲି: ତା'ପରେ କ'ଣ ହେଲା କୁହ !

ରାଧାକାନ୍ତ ତାର କାହାଣୀ ଶୁଣାଏ।

ରାତି ବଢ଼ିବାରେ ଲାଗିଥାଏ। ପୋଲିସ ଫୋର୍ସ ଘେରିକି ରହିଥାନ୍ତି ଜମିଦାରଙ୍କ ଘରକୁ। ମଝିରେ ମଝିରେ ହ୍ୱିସଲ ମରା ହଉଥାଏ। ଟର୍ଚ୍ଚ ଆଲୁଅ ଜଳୁଥାଏ। ରାତି ବଢୁଥାଏ।

ଆମେ ପୁରାପୁରି ଅଧୈର୍ଯ୍ୟ ସେତେବେଳକୁ।

ସମସ୍ୱରରେ କହିଉଠିଲୁ: ତା'ପରେ କ'ଣ ହେଲା କହ!

ରାଧାକାନ୍ତ କହିଲା: ତା'ପରେ? ତା'ପରେ ଆସ୍ତେ ଆସ୍ତେ ରାତି ସରି ଆସିଲା। ଭୋର ହୋଇଗଲା।

ଆମେ ହତାଶ ଦିଶିଲୁ।

ମୁଁ କହିଲି ଖୁବ୍ ବିଷର୍ଣ୍ଣ ସ୍ୱରରେ।

:'ତା'ମାନେ! ଗୋପୀଆ ଆସିଲା ନାହିଁ। ଗୋପୀଆ ଫେଲ୍ ମାରିଲା।'

ମୋର ଏ ରସଭଙ୍ଗକୁ ସମ୍ଭବତଃ ପସନ୍ଦ କରୁ ନଥିଲା ରାଧାକାନ୍ତ।

କହିଲା: ତୁ ଆଗ ପୁରା କଥାଟା ଶୁଣ! ଏମିତି ଆଗଚଲା ହଉଛୁ କାହିଁକି?

ଅନ୍ୟ ସମସ୍ତେ ମୋ ଆଡ଼କୁ ରାଗିକି ଅନେଇଲେ।

ମୁଁ କହିଲି: ହଉ! ତୁ କହ! ଶୀଘ୍ର ଶୀଘ୍ର କହ!

ରାଧାକାନ୍ତ ଏଥର ବେଶ ଗର୍ବର ସହ କଥା କହୁଥିଲା। କାରଣ ଏବେ ସେ ଗୋପୀଆ ଭଳି ଚରିତ୍ର ସଂପର୍କରେ କିଛି ଅଧିକ ତଥ୍ୟ ହାସଲ କରିପାରିଛି ଓ ସେ କଥା ଜାଣିବା ପାଇଁ ଆମେମାନେ ତା'ଚାରିପଟେ ବ୍ୟାକୁଳ ଚିତ୍ତରେ ବସି ରହିଛୁ।

ରାଧାକାନ୍ତ ତାର କଥା ଶୁଣାଇଲା।

''ଧୀରେ ଧୀରେ ସକାଳ ହେଲା। ପୋଲିସ ଖୁସୀରେ ବସିଲେ। ଯା'ହେଉ ଗୋପୀଆ ଆସିପାରିଲାନି। କିନ୍ତୁ ବଡ଼ ପୁଲିସ ଅଫିସର ଜମିଦାରଙ୍କ ଘରକୁ ଯାଇ ଆଚମ୍ଭିତ ହୋଇଗଲେ। କାରଣ ଘର ଭିତରେ ତାଙ୍କୁ କିଏ ବାନ୍ଧି ପକେଇଥିଲା। ତାଙ୍କ ଟ୍ରେଜେରୀ ଭଙ୍ଗା ହୋଇଥିଲା ଓ ଟଙ୍କା ସୁନା ଚୋରି ହୋଇଯାଇଥିଲା।

ଆମେ ସମସ୍ତେ ସମସ୍ୱରରେ ପଚାରିଉଠିଲୁ: କିଏ କଲା ଏ କାମ? କେମିତି କଲା?

ରାଧାକାନ୍ତ ଆଶ୍ୱାସନାର ବାଣୀ ଶୁଣାଇଲା: କିଏ ଆଉ କରିବ? ସେଇ ଗୋପୀଆ ହିଁ କଲା।

ଆମେ ଅଧା ଅବିଶ୍ୱାସ ଅଧା ସନ୍ଦେହରେ ପଚାରିଲୁ: ଚାରିପଟେ ପୋଲିସ୍ ଜଗିଛନ୍ତି ପରା। କେମିତି ଗୋପୀଆ ଏ କାମ କଲା ?

ରାଧାକାନ୍ତ ହସିଲା: ସେଇତ ଗୋପୀଆର ବାହାଦୂରୀ। ଚାରିପଟେ ପୋଲିସ ଜଗିଥିବ କିନ୍ତୁ ସେ ତା କାମ ସାରିଦେଇ ଚଲ୍।

ଆମେ ଖୁସୀରେ ବା ଆମୋଦରେ ବା ରୋମାଞ୍ଚରେ ହାତ ତାଳି ଦେଲୁ। ଏମିତି ଅସମ୍ଭବ ବା ଅତିରଞ୍ଜିତ କାହାଣୀର ନାୟକ ଥିଲ ଗୋପୀଆ, ଯିଏ ନୋଟିସ୍ ମାରି ଚୋରି କରିବାକୁ ଆସୁଥିଲା ଓ ଚାରିପଟେ ପୋଲିସ୍ ଜଗି ରହିଥିଲେ ବି ସେମାନଙ୍କୁ ବୋକା ବନେଇ ଖସି ଯାଉଥିଲା।

ଆଉଦିନେ ତା ବିଷୟରେ ଗପୁଥିଲା ଶିଶିର। ସେ କୋଉଠୁ କେଜାଣି ଗୋପୀଆ ନାମରେ ନୂଆ ଗପ ଶୁଣି ଆସିଥାଏ ଓ ଆମକୁ ଶୁଣାଇବ ବୋଲି ଉଚ୍ଛନ୍ନ ହେଉଥାଏ। ଆମେ ବି ଶୁଣିବା ପାଇଁ ତତୋଧିକ ଆକୁଳ ହୋଇ ବସିଥାଉ। ଶିଶିର ଶୁଣାଉଥାଏ।

:ମୋ କଥା ଟିକେ ଶୁଣ।

ଆମେ କହୁଥାଉ: ଆମେ ଶୁଣୁଛୁ! ତୁ ଶୁଣା!

ଶିଶିର ଶୁଣାଉଥାଏ: ଗୋପୀଆ ଏବେ ଜଣକ ବାହାଘରକୁ ଯାଇଥିଲା।

ଆମେ ପଚାରିଲୁ: ଦିନରେ ନା ରାତିରେ।

ସେ କହିଲା: ରାତିରେ! କିନ୍ତୁ ସମସ୍ତଙ୍କ ସାମ୍ନାରେ ଯାଇ ଠିଆ ହେଲା। ଭୋଜି ଖାଇଲା। ସମସ୍ତଙ୍କ ସାଙ୍ଗରେ ହସଖୁସୀ ହେଲା।

ଆମର ଆଖି ବଡ଼ବଡ଼ ହେଇଗଲା।

ଶିଶିର ଶୁଣାଉଥାଏ: ଗୋଟେ ସାଙ୍ଗର ଝିଅର ବାହାଘର ଥିଲାତ। ଆସିବ ବୋଲି ଆଗରୁ କହିଥିଲା। ତୁମେ ତ ଜାଣ ସେ ଯାହା କହିଥାଏ ନିଶ୍ଚୟ ପାଳନ କରେ। ତେଣୁ ଆସି ପହଞ୍ଚିଲା। ଠିକ୍ ରାତି ନଅଟା ପାଖାପାଖି। କିନ୍ତୁ କେମିତି କୋଉବାଟେ ଆସିଲା କେହି ଜାଣି ନାହାନ୍ତି। ତା ସାଙ୍ଗରେ ବି କେହି ନଥିଲେ ।

ଆମେ ଆଶ୍ଚର୍ଯ୍ୟ! ହତଚକିତ ତଥା ବିସ୍ମୟରେ ମୂକ।

ମୁଁ ପଚାରିଲି: ପୋଲିସ୍ ଜାଣି ପାରିଲାନି!

ଶିଶିର ତାର କାହାଣୀର ରୋମାଞ୍ଚକର ଅଧ୍ୟାୟ ଏଥର ଆମ ସାମ୍ନାରେ ପେଶ୍ କଲା।

କହିଲା: ପୋଲିସ୍ ଜାଣିଲା। କୋଉଠୁ ଗୋଟେ ଖବର ପାଇଗଲା। ଆଜିକାଲି

ଗାଁରେ ଖବର ଦେବାକୁ କଣ ଲୋକ ଅଭାବ ଅଛନ୍ତି। ଗାଁ ଚଉକିଆ ସବୁ ପରା ସେଇଥିପାଇଁ ଗାଁରେ ଥାଆନ୍ତି। ପୋଲିସ ଯେମିତି ଖବର ପାଇଛି ପୁରା ଫୋର୍ସ ସହ ଆସି ପହଞ୍ଚିଗଲା ଗାଁରେ। ଚାରିପଟୁ ଘେରଉ କରିଦେଲା। ପୋଲିସ ଅଫିସରଙ୍କ ହାତରେ ରିଭଲଭର। ଗୋଟେ ମାଇକ୍‌ରେ ସେମାନେ ଗୋପୀଆକୁ ଡ଼ାକ ପକେଇଲେ , ଗୋପୀଆ, ଗୋପୀଆ, ଚାରିପଟୁ ପୋଲିସ ଘେରି ଗଲେଣି। ତୋର ଖସିଯିବାର ସବୁ ବାଟ ବନ୍ଦ। ଏଥର ଆତ୍ମ ସମର୍ପଣ କର।

ଶିଶିର ଟିକେ ଦମ ନେଲା।

ଆମ ଛାତିର କମ୍ପନ ବଢ଼ିଯାଇଥାଏ। ଆମେ ସବୁ ଖୁବ୍ ଉଦଗ୍ରୀବ ଓ ଅଧୈର୍ଯ୍ୟ ହୋଇ ଆସୁଥାଉ।

ଆମେ ପଚାରିଲୁ: ସେଠୁ କଣ ହେଲା ? ଗୋପୀଆ ଧରା ପଡ଼ିଲା ?

ଶିଶିର ତାର କାହାଣୀ ଜାରି ରଖିଲା।

କହିଲା: ଗୋପୀଆ ସେତେବେଳକୁ ଖାଉଥିଲା। ସାଙ୍ଗେ ସାଙ୍ଗେ ଉଠିପଡ଼ିଲା।

ଧଡ଼ପଡ଼ ହେଇ କୋଠାଘରର ଛାତ ଉପରକୁ ଉଠିଗଲା। ସେଇତ ଅନ୍ଧାରରେ ଠିଆ ହେଇ ଚାରିଆଡ଼କୁ ଚାହିଁଲା। ପୋଲିସବାଲା ବାହାରେ ଠିଆ ହେଇ ଟର୍ଚ୍ଚ ଲାଇଟ୍ ପକଉଥାନ୍ତି। ତାଙ୍କ ମାଇକ୍‌ରେ ଡ଼ାକୁ ଥାଆନ୍ତି। ସେଇଠୁ ଦି ମହଲା କୋଠା ଛାତରୁ ଗୋପୀଆ ତଳକୁ ଡ଼େଇଁ ପଡ଼ିଲା। ଡ଼େଇଁ ପଡ଼ିଲା ଯେ ଫକଫକ ବେଙ୍ଗ ଭଳି ଡ଼େଇଁଲା।

ଆମେ ପଚାରିଲୁ: ଏତେ ଉଚ୍ଚରୁ ଡ଼େଇଁଲା, ତା ହାତଗୋଡ଼ ଭାଙ୍ଗିଗଲାନି ?

ଶିଶିର ଶୁଣାଇଲା: ତୁମେ ମାନେ ଜାଣିନା କି ? ଗୋପୀଆର ଜୋତାରେ ସ୍ପ୍ରିଙ୍ଗ ଲାଗିଥାଏ। ସେ ତଳକୁ ଡ଼େଇଁଲା ମାତ୍ରେ ପୁଣି ପାଞ୍ଚହାତ ଉପରକୁ ଉଠିଯିବ। ବେଙ୍ଗ ଭଳି ଡ଼େଇଁବ ଯେ ଏକା କୁଦାକେ ଦଶହାତ ଡ଼େଇଁଯିବ। ତଳକୁ ପଡ଼ିଲାମାତ୍ରେ କଣ ଗୋଟାଏ ବାଣ ଫୁଟେଇ ଦେଲା ଯେ ଚାରିଆଡ଼ ଧୂଆଁ ହେଇଗଲା। ପୋଲିସବାଲା ଆଖି ମଳୁମଳୁ ସେ ପାର୍। ପଛରେ ପୋଲିସ୍ ଏଣେ ତେଣେ ଗୋଡ଼େଇଲେ। ଆକାଶକୁ ଅନ୍ଧାରକୁ ଗୁଳି ମାରିଲେ। କିନ୍ତୁ ଗୋପୀଆ ପାର୍। ସେ କୋଉଥିରେ ଗଲା, କେମିତି ଗଲା କେହି ଜାଣି ପାରିଲେ ନାହିଁ।

ଆମେ ଆଶ୍ୱସ୍ତ ହେଲୁ। ଯା'ହେଉ ଗୋପୀଆ ରକ୍ଷା ପାଇଗଲା।

ଗୋପୀଆ ଯଦିଓ ଗୋଟେ ଚୋର ଥିଲା କିନ୍ତୁ ତା ନାମରେ ବହୁ ଲୋମହର୍ଷକ କାହାଣୀ ଶୁଣାଯାଉଥିଲା ପ୍ରତିଦିନ। ତାକୁ ପୋଲିସ ଖୋଜି ଖୋଜି ନୟାନ୍ତ ହଉଥିଲେ ଓ

ସେ ପୋଲିସକୁ ଚକମା ଦେଖେଇ କୁଆଡ଼େ ଅଦୃଶ୍ୟ ହେଇ ଯାଉଥିଲା। କିଏ କିଏ କହୁଥିଲେ, ସେ ଚଣ୍ଡୀସାଧନା କରି ଏମିତି ବର ପାଇଛି ଯେ, ତାକୁ କେହି ଧରି ପାରିବେ ନାହିଁ। କିନ୍ତୁ ବାରମ୍ବାର ନୋଟିସ୍ ଦେଇ ଚୋରି କରିବା ଓ ପୋଲିସ ସାମ୍ନାରେ ଖସି ପଳେଇ ଯିବାରେ ତାର ସର୍ବକାଳୀନ ରେକର୍ଡ଼ର କାହାଣୀ ଅସରନ୍ତି ଥିଲା।

ଆମ ଅଞ୍ଚଳରେ ଯେ କୌଣସି ଅଚିହ୍ନାଲୋକ ଦେଖାଗଲେ ଆମେ ତାକୁ ଗୋପୀଆର ଚୋରଦଳର ସଦସ୍ୟ ବୋଲି ମନେ କରୁଥିଲୁ। ସେତେବେଳେ ପୋଲିସମାନେ ନାଲିଟୋପି ଓ ହାଫ୍ ପ୍ୟାଣ୍ଟ ପିନ୍ଧି ଅକାଳେ ସକାଳେ ଗ୍ରାମାଞ୍ଚଳରେ ଦୃଶ୍ୟମାନ ହେଉଥିଲେ। ସେମାନଙ୍କୁ ଦେଖିଲେ ଆମେ ଭାବୁଥିଲୁ ଆଖପାଖ ଗାଁରେ ବୋଧେ ଗୋପୀଆର ଦଳ ଚୋରି କରିଛନ୍ତି।

ଆମ ଆଖିରେ ଗୋପୀଆ ଅଜେୟ ଓ ଅଦ୍ଭୁତ ଦିଶୁଥିଲା। ତାର କାରନାମା ନିତିଦିନ ଶୁଣିଶୁଣି ଆମେ ତାକୁ ଗୋଟେ ନାୟକରେ ସମ୍ମାନ ଦେଉଥିଲୁ। ଦିନେ ଭକ୍ତ ତା ସଂପର୍କରେ ଏପରି ଚାଞ୍ଚଲ୍ୟକର ସମ୍ବାଦ ପହଞ୍ଚାଇଲା ଯେ ଆମେ ଭୟରେ ଥରି ଉଠିଲୁ।

ଭକ୍ତ ଶୁଣାଇଲା: ଗୋପୀଆ ଖୁବ୍ ରାଗି ଯାଇଛି। ଭୟଙ୍କର ଭାବରେ ରାଗିଯାଇଛି।

ଆମେ ଚମକି ପଡ଼ିଲୁ ଓ ଆତୁର ଦିଶିଲୁ।

:କାହିଁକି ? କଣ ହେଲା ?

ଭକ୍ତ ଶୁଣାଇଲା: ପୋଲିସ୍ ଗୋପୀଆର ଭାଇକୁ ଥାନାକୁ ବାନ୍ଧି ନେଇଛି। ସେଇଥିପାଇଁ ଗୋପୀଆ ରାଗିଯାଇଛି। ଥାନାବାବୁକୁ ନୋଟିସ୍ ପଠେଇଛି, ସେ ଥାନାକୁ ଆସି ତା ଭାଇକୁ ଛଡ଼ାଇନେବ। ଏବଂ ଦରକାର ପଡ଼ିଲେ ବୋମା ପକେଇ ଥାନାକୁ ଉଡ଼େଇଦେବ।

ଥାନାଟା କୋଉଠି ଆମେ ଦେଖି ନ ଥିଲୁ କି ଜାଣି ନ ଥିଲୁ। କୋଉ ଥାନାର କୋଉ ଥାନାବାବୁ  ଗୋପୀଆର କୋଉ ଭାଇକୁ କେମିତି ଧରିନେଇ ରଖିଛନ୍ତି ତାର ସବିଶେଷ ବିବରଣୀ ବି ଆମ ପାଖରେ ନ ଥିଲା। ତଥାପି ଆମେ ଆଖି ବନ୍ଦ କରି ଦେଖିପାରୁଥିଲୁ ଗୋଟେ ଜେଲଖାନା ଭଳି ଝରକାର ଆରପଟେ ଗୋଟେ ଦାଢ଼ିଆ ଏବଂ ବଳିଷ୍ଠ ଲୋକ ଠିଆ ହୋଇରହିଛି ଓ ତା ସାମ୍ନାରେ ଖାକି ପୋଷାକ ପିନ୍ଧା ଗୋଟେ ପୋଲିସ ପହରା ଦେଉଛି।

ଆମେ ଅସହାୟ ଭାବରେ ପ୍ରଶ୍ନ କଲୁ: ଏବେ କଣ ହେବ ?

ଆମର ସ୍ୱର ଏତେ ଅସହାୟ ଶୁଣାଯାଉଥିଲା ଯେମିତି ଥାନାଟା ଏଇ ପାଖରେ ଓ

ଗୋପୀଆ ଥାନାକୁ ବୋମାମାଡ଼ କଲେ ତାର ଛିଟିକା ଆମ ଉପରେ ପଡ଼ିବାକୁ ବାଧ୍ୟ।

ଭକ୍ତ ଆମକୁ ଆଶ୍ୱାସନା ଦେଲା। ଯେମିତି ସେ ଗୋପୀଆକୁ ବହୁତ ଅନ୍ତରଙ୍ଗ ଭାବରେ ଜାଣେ।

କହିଲା: ମନେରଖ! ଗୋପୀଆ ନିରୀହ ଲୋକଙ୍କର କିଛି କରିବନି।

ଆମେ ଶାନ୍ତିରେ ନିଃଶ୍ୱାସ ମାରିଲୁ। କାରଣ ଆମ ନିଜ ବିଚାରରେ ଆମେ ସବୁ ନିରୀହ ଲୋକଥିଲୁ । ଯେଉଁମାନଙ୍କୁ ଗୋପୀଆ ସାହାଯ୍ୟ କରୁଥିବାର କାହାଣୀ ଶୁଣାଯାଉଥିଲା ବିଭିନ୍ନ ସମୟରେ।

ୟା ପରେ କିଛି ଦିନ ଧରି ଗୋପୀଆ ସଂପର୍କରେ କିଛି ଶୁଣାଯାଇ ନଥିଲା। ମାତ୍ର ତାର ଥାନା ଆକ୍ରମଣର ସମ୍ଭାବ୍ୟ ସମ୍ବାଦ ଦେଇଥିବା ଭକ୍ତକୁ ଆମେ ବେଳେବେଳେ ପଚାରୁଥିଲୁ: ଆଉ କିଛି ଖବର ମିଳିଲା? ଗୋପୀଆ ଥାନା ଆକ୍ରମଣ କଲାଣି ନା ନାଇଁ। ତାର ଭାଇ ଥାନାରେ ଅଛି ନା ନାଇଁ। ପୋଲିସ୍ ଏ ବାବଦରେ କଣ କହୁଚି? ଗୋପୀଆ କୋଉଦିନ ଥାନା ଆକ୍ରମଣ କରିବ। ତାରିଖ ଦେଇଛି ନା ନାଇଁ? ତାରିଖ ଗଡ଼ିଗଲାଣି ନା ନାଇଁ ଇତ୍ୟାଦି ଇତ୍ୟାଦି।

ତେବେ ଭକ୍ତ ପାଖରେ ଏହାର ଉତ୍ତର ନଥିଲା। କାରଣ ଏ ସଂପର୍କୀୟ ସମ୍ବାଦ ସବୁ ଆମ ହାତକୁ ଆସୁଥିଲା ବହୁ ତୁଣ୍ଡରୁ ବହୁ ତୁଣ୍ଡକୁ ଡ଼େଇଁ। କିଛିଦିନ ଅନ୍ତେ ଏହାର ପରବର୍ତ୍ତୀ ସମ୍ବାଦ ରାଧାକାନ୍ତ ପାଖରୁ ମିଳିଲା।

ସେ କହିଥିଲା: ଯାହା ହେଲା କିଛି ଭଲ ହେଲା ନାହିଁ।

ଆମେ ପଚାରିଲୁ: କାହିଁକି? କଣ ହେଲା?

ରାଧାକାନ୍ତ କହିଥିଲା: ଗୋପୀଆର ଭାଇ ମରିଯାଇଛି। ପୋଲିସ୍ ତାକୁ ଗୁଳିମାରି ଉଡ଼େଇ ଦେଇଛି।

ଆମେ ଭୟରେ ଚମକି ଗଲୁ।

ପଚାରିଲୁ: ଏବେ କଣ ହେବ?

ରାଧାକାନ୍ତ କହିଲା: ହବ ଆଉ କଣ? ଗୋପୀଆ ପ୍ରତିଶୋଧ ନେବ। କୌଣସି ଥାନା ରଖେଇ ଦେବ ନାହିଁ। କୌଣସି ପୋଲିସ୍ ରଖେଇ ଦେବ ନାହିଁ।

ଆମେ ଆଖିବୁଜି ସେଇ ଭୟଙ୍କର ଦୃଶ୍ୟର ପରିକଳ୍ପନା କରିଥିଲୁ ଯୋଉଥିରେ ଗୋପୀଆ ହନୁମାନ ଭଳି ଲାଞ୍ଜରେ ନିଆଁ ଜଳେଇ ସାରା ଓଡ଼ିଶାର ଥାନା ସବୁକୁ ପୋଡ଼ି ପକଉଛି।

ଭକ୍ତ ଗୋଟେ ଅନିସନ୍ଧିସ୍ଣୁ ଡ଼ିଟେକ୍ଟିଭ୍ ଭଳି ପ୍ରଶ୍ନକଲା: କିନ୍ତୁ ଏସବୁ ଘଟିଲା କେମିତି ?

:ଗୋପୀଆତ ଥାନାକୁ ନୋଟିସ ପଠେଇ ଦେଇଥିଲା ଯେ ସେ ଅମୁକ ଦିନ ଆସି ତା ଭାଇକୁ ଛଡ଼େଇ ନେବ। ନୋଟିସ ପାଇଲା ଦିନରୁ ତ ଥାନାବାଲାଙ୍କର ହରଡ଼କମ୍ପ। ଥାନାବାବୁ ଛୁଟିରେ ପଳେଇଲେ। କନଷ୍ଟେବଲମାନେ ଯିଏ ଯାହାର ଲୁଚିଲେ। ସେଇଠୁ ଉପରୁ ଅର୍ଡ଼ର ଆସିଲା ଯେ ତାକୁ ଥାନାରେ ରଖନାଇଁ। ଜେଲକୁ ପଠେଇ ଦିଅ। ପୋଲିସ୍ ତ ତାକୁ ଜେଲକୁ ପଠଉଥିଲେ। କୋଉଠୁ ଖବର ପାଇଗଲା ଗୋପୀଆ। ଜଙ୍ଗଲ ଭିତର ଦେଇ ପୋଲିସ୍ ଜିପ୍ ଯାଉଥିଲା। ଗୋପୀଆର ଦଳ ଘେରିଗଲେ। ସେଇଠୁ ଜଙ୍ଗଲ ଭିତରେ ଗୁଳି ମରାମରି ଚାଲିଲା। ଏଇ ସୁଯୋଗରେ ଗୋପୀଆର ଭାଇ ଜିପ୍‌ରୁ ଡ଼େଇଁ ପଡ଼ି ଦଉଡ଼ିଲା। ପୋଲିସ୍ ପଛଆଡ଼ୁ ଗୁଳିମାରିଲା ଯେ ସେଇଠି ସେ ଲେଉଟି ପଡ଼ିଲା। ତାପରେ ତ ଗୋପୀଆ ରାଗିକି ସେଇଠି ସେ ଥାନା ଜିପ୍ ପୋଡ଼ିଦେଲା। ସବୁ ପୋଲିସ୍‌ଙ୍କୁ ମାରି ଜଙ୍ଗଲରେ ପକେଇଦେଲା। ସେଠି ଗୋଟେ ନୋଟିସ୍ ମାରି ଦେଇ ପଳେଇଗଲା।

ଆମେ ପଚାରିଲୁ: ସେ ନୋଟିସ୍‌ରେ କଣ ଲେଖିଛି।

ରାଧାକାନ୍ତ କହିଲା: କଣ ଆଉ ଲେଖିବ? ଲେଖିଛି ସେ ଏଣିକି ପ୍ରତିଶୋଧ ନେବ। ଗୁଳି ଫୁଟିବ। ବୋମା ପଡ଼ିବ। ଧନୀମାନଙ୍କୁ ଲୁଟ୍ କରିବ। ପୋଲିସ୍‌କୁ ମାରିବ।

ଆମେ ଖୁବ୍ ଆତଙ୍କରେ ଏଣିକି ତେଣିକି ଚାହିଁଲୁ ଓ ଆମ ଅଞ୍ଚଳର ଏକମାତ୍ର ଧନଶାଳୀ ଲୋକ ସୂର୍ଯ୍ୟ ସାହୁଙ୍କ ଘରଆଡ଼କୁ ଚାହିଁରହିଲୁ। କେବେ ଓ କେମିତି ଆମର ଦୁର୍ଦ୍ଧଷ ଯୋଦ୍ଧା ଗୋପୀଆ ଚୋର ଏଇ ଘରକୁ ଆକ୍ରମଣ କରିବ।

ଏହା ପରର କିଛିଦିନ ପ୍ରାୟ ନିସ୍ତରଙ୍ଗ ଥିଲା ଗୋପୀଆ ବାବଦରେ। ଗୋପୀଆ ସମ୍ବାଦ ନ ମିଳିବାରୁ ଆମେ ଆମର ଦ୍ୱିତୀୟ ପ୍ରକାରର ହିରୋ କଲେଜପିଲାଙ୍କ ବିଷୟରେ ଗପ କରିବାକୁ ଲାଗିଲୁ। ସେତେବେଳେ ‘‘କଲେଜପିଲା’’ କହିଲେ ପୁରା ହିରୋ ମାର୍ଫିକ ଚେହେରା। ବେପରୁଆ ବେଖାତିର କଥାବାର୍ତ୍ତା। ଗୁଣ୍ଡା ଭଳି ସମସ୍ତଙ୍କଠୁ ବଳୁଆ ଓ ଜୋରଦାର ଚରିତ୍ର। କଲେଜପିଲାମାନେ କେମିତି ବସ ବା ଟ୍ରେନ୍‌ରେ ଟିକେଟ୍ ନ କରି କଣ୍ଡକ୍ଟର ଓ ଟ୍ରେନର ଟିଟିମାନଙ୍କ ସହିତ ଗଣ୍ଡଗୋଳ କରନ୍ତି। ସିନେମା ହଲ୍ ଓ ଥିଏଟରରେ ଜବରଦସ୍ତ ପଶନ୍ତି ତା’ର ଲୋମହର୍ଷକ କାହାଣୀ ଆମେ ଶୁଣୁଥାଉ। ଆମ ସେ ଅଞ୍ଚଳରେ ସେତେ ବେଶି ବଡ଼ ଧରଣର ଚୋରି ହେଉ ନ ଥିଲା। ଯାହା ହେଉଥିଲା ସେସବୁ ଛୋଟିଆ ମୋଟିଆ ଠାଉକା ଚୋରମାନଙ୍କର କାମ। ଯେମିତି ଡାଲଟେ ବା କଂସାଟେ।

ଖୁବ୍ ବେଶିରେ ପୋଖରୀରୁ ମାଛ ବା ଧାନଗଦାରୁ ଦି'ଚାରି ବିଡ଼ା କଳେଇ।

ଦିନେ ହଠାତ୍ ବଡ଼ ଚୋରିଟେ ହେଇଗଲା। ଗଣେଶ ପଣ୍ଡାଙ୍କ ଲୁଗା ଦୋକାନରୁ ଚୋରମାନେ ସବୁ ଲୁଗା ଥାନ ଉଡ଼େଇ ନେଇଗଲେ। ସକାଳୁ ଖବରଟା ଗାଁସାରା ବ୍ୟାପୀଗଲା ଓ ଲୋକମାନେ ମେଲା କବାଟକୁ ଚାହିଁ ରହିଲେ। ଲୋକମାନେ ଥରେ ଚୋରି ଯାଇଥିବା ଦୋକାନ ଆଡ଼କୁ ଚାହିଁଲେ ଓ ନିଜ ନିଜ ଭିତରେ ଗପିବାରେ ଲାଗିଥିଲେ। ସେମାନେ ପରସ୍ପରକୁ ଚୋରି ସଂପର୍କରେ ବିଭିନ୍ନ ପ୍ରଶ୍ନ ପଚାରୁଥିଲେ ଓ ଉତ୍ତରରୁ ଚୋର ସଂପର୍କରେ ତଥ୍ୟ ପ୍ରଦାନ କରିବାର ଡିଟେକ୍ଟିଭ୍ ଶୈଳୀ ପ୍ରୟୋଗ କରୁଥିଲେ।

ଆମେ ବାଳୁତମାନେ ସେଠି ଠିଆହେଇ ଟିକେଟିକେ ଭୟ ପାଇଥିଲୁ, ବୟସ୍କମାନଙ୍କ ଆଲୋଚନା ଶୁଣିଥିଲୁ ଓ ଆମେ ମଧ୍ୟ ପ୍ରବୀଣ ଡିଟେକ୍ଟିଭ୍ ଭଳି ନିଷ୍କର୍ଷରେ ପହଞ୍ଚିବାର ଉଦ୍ୟମ କରିଥିଲୁ।

ମୁଁ ଜୋର୍ ଦେଇ କହିଥିଲି: ଏଇଟା ନିଶ୍ଚିତ ଗୋପୀଆର କାମ। ତା'ଛଡ଼ା ଆଉ କେହି ଏମିତି ଚୋରି କରିପାରେନା।

ମୋ ସହିତ ଏକମତ ହୋଇ ନ ଥିଲା ରାଧାକାନ୍ତ।

କହିଥିଲା: ନା! ନା! ଅସମ୍ଭବ! ଗୋପୀଆ ଏମିତି ଆସି ଚୋରି କରିବନି। ସେ ଯେମିତି ହେଲେ ଆଗତୁରା ନୋଟିସ୍ ଦେବ। ଚିଠି ଦେବ । ନ ହେଲେ କାନ୍ଥରେ ଲେଖିଦେଇ ଯିବ।

ମୁଁ ଯୁକ୍ତି କରିଥିଲି: ଚୋରଙ୍କୁ କୋଉ ବିଶ୍ୱାସ। ଏବେ ହୁଏତ ଗୋପୀଆ ତା'ର ବାଗ ବଦଳେଇ ଦେଲାଣି। ସବୁବେଳେ କ'ଣ ଗୋଟାଏ ପ୍ରକାରେ ଚୋରି କରୁଥିବ। ମୁଁ ଶୁଣିଛି ସେ ଠାଏ ଠାଏ ନୋଟିସ୍ ନ ଦେଇ ବି ଚୋରି କରେ।

ରାଧାକାନ୍ତ କହିଥିଲା: ହେଲେ ସେ ଚୋରି କଲାପରେ ବି ଲେଖିଦେଇଯାଏ। ଯେମିତି ହେଲେ ସେ ଲେଖିଦେଇ ଯିବା କଥା ଯିବ।

ମୁଁ କହିଥିଲି: ହୁଏତ ତରତରରେ ଚାଲିଯାଇଛି। ନ ହେଲେ ଲେଖିବାକୁ ଚକ୍‌ଖଡ଼ି ପାଇନାହିଁ। ସନ୍ଦେହମୋଚନ ପାଇଁ ଆମେମାନେ ସେଇ ଦୋକାନ ଘରର କାନ୍ଥବାଡ଼କୁ ତନ୍ନତନ୍ନ କରି ଲକ୍ଷ୍ୟ କରିଥିଲୁ। ମାତ୍ର କୋଉଠି ହେଲେ ବି କିଛି ସୂଚନା ଲେଖାଯାଇ ନ ଥିଲା। ଠାଏ କେବଳ 'କଂଗ୍ରେସ ହଟାଅ ଦେଶ ବଞ୍ଚାଅ' ବୋଲି ଗତ ନିର୍ବାଚନ ବେଳେ କିଏ ଜଣେ ଲେଖିଦେଇଯାଇଥିଲା ଯେ ତାହା ଅଧାଲିଭା ଅବସ୍ଥାକୁ ଆସିଯାଇଥିଲା। ଆଉ ଠାଏ ଲେଖା ହେଇଥିଲା ''ଆମେ ଦୁଇ, ଆମର ଦୁଇ।''

ମୁଁ ହସି ହସି କହିଥିଲି: ଏକଥା କଦାପି ଗୋପୀଆ ଲେଖି ନ ଥିବ।

ଆମେ ସାନମାନେ ଏହିପରି ଆଲୋଚନା କରୁଥିଲୁ । କିନ୍ତୁ ବଡ଼ମାନେ ଅଲଗା ପ୍ରକାରେ ଆଲୋଚନା କରୁଥିଲେ। ସେମାନେ ନିଷ୍ପତ୍ତି ନେଇଗଲେ ଯେ ପୋଲିସରେ ଖବର ଦିଆଯିବ ନାହିଁ। କାରଣ ପୋଲିସ ତ ଚୋର ଧରି ପାରିବନି ପରନ୍ତୁ ଗ୍ରାମବାସୀଙ୍କୁ ହଇରାଣ କରିବ। ସେତେବେଳେ ପୋଲିସ ପ୍ରତି ଲୋକଙ୍କର ପ୍ରାଣେ ଭୟ। ସ୍ଥିର ହୋଇଯାଇଥିଲା ଯେ ସର୍ବଜଣା ପାଖକୁ ଯିବାକୁ ହେବ ଓ ଚୋରର ହୁଲିଆ ଆଣିବାକୁ ହେବ।

ଏହାପରେ ଚାରି ଦିନ ବିତିଯାଇଥିଲା ଘଟଣାହୀନ ଭାବରେ।

ପଞ୍ଚମ ଦିନ ଶୁଣାଯାଇଥିଲା ଚୋର ଧରାପଡ଼ିଛି। ଗ୍ରାମବାସୀ ଚୋରକୁ ଧରି ନଡ଼ିଆ ଗଛରେ ବାନ୍ଧି ରଖିଛନ୍ତି। ଆମେ ପିଲାମାନେ ଚୋର ଦେଖିବାକୁ ଘଟଣାସ୍ଥଳୀକୁ ଧାଇଁଲୁ।

ଅବଶ୍ୟ ସେତେବେଳ ପର୍ଯ୍ୟନ୍ତ ଆମେ ଗୋଟିଏ ହେଲେ ଦୁର୍ଦ୍ଧାନ୍ତ ଚୋର ଦେଖି ନ ଥିଲୁ। ଚୋର ସଂପର୍କରେ ଆମ ମନରେ ବିଚିତ୍ର ବିଚିତ୍ର ଧାରଣା ଥାଏ। କାରଣ ସେ ଅନ୍ଧାରରେ ଆସୁଥିଲା ଓ ଅନ୍ଧାରରେ ହଜି ଯାଉଥିଲା। ଗୋପୀଆ ଥିଲା ଆମର ହୀରୋ ଓ ଆମେ ଭାବୁଥିଲୁ ସେ ଗୋଟେ ବିରାଟ ଚେହେରାର ଅଦ୍ଭୁତ କାରନାମା ଦେଖେଇ ପାରିଲା ଭଳି ବୀର ପୁରୁଷଟେ ହୋଇଥିବ।

ଆମେ ଘଟଣାସ୍ଥଳୀରେ ପହଞ୍ଚି ଦେଖିଥିଲୁ ଖୁବ୍ ସାଧାରଣ ଚେହେରାର ଦୁର୍ବଳ ମଇଳା ଗାମୁଛା ପିନ୍ଧା ଦି'ଟା ଲୋକ ନଡ଼ିଆ ଗଛରେ ବନ୍ଧା ହୋଇଛନ୍ତି ଓ ଗ୍ରାମବାସୀ ସେମାନଙ୍କୁ ଗାଳି ଫଜିତ କରୁଛନ୍ତି।

ରାଧାକାନ୍ତ ପଚାରିଥିଲା ତାସ୍ଛଲ୍ୟରେ: ଏଇ କ'ଣ ଚୋର!

ଭକ୍ତ କହିଥିଲା: ଇସ୍! ଏମାନଙ୍କ ଭିତରେ ଗୋପୀଆ କିଏ?

ମୁଁ ସ୍ୱପ୍ନଭଙ୍ଗର ଶିକାର ହୋଇଆସୁଥିଲି।

କହିଥିଲି: ଅସମ୍ଭବ! ଅସମ୍ଭବ! ଗୋପୀଆ ଏମିତି ହୋଇପାରେନା।

ବ୍ୟାପକ ଅନୁସନ୍ଧାନ ପରେ ଆମେ ଯାହା ସମ୍ବାଦ ସଂଗ୍ରହ କରିପାରିଥିଲୁ ତା'ର ସାରମର୍ମ ଏହିପରି। ଗଣେଶ ପଣ୍ଡା ଓ ଦୁଇ ଜଣ ମୁରବୀସ୍ଥାନୀୟ ଲୋକ ସର୍ବଜଣା ପାଖକୁ ଯାଇଥିଲେ। ସର୍ବଜଣାର ଘର ଆମ ଅଞ୍ଚଳଠୁଁ ଦଶକିଲୋମିଟର ଦୂରରେ ଗୋଟେ ଗାଁ ଓ ସେ ଖଡ଼ି ପକେଇ ଚୋରର ହୁଲିଆ କହିଦେଇପାରେ। ସେ ଗ୍ରାମ ମୁରବୀମାନଙ୍କୁ ଫୁଲର ନାମ, ଫଳର ନାମ ବା ଗୋଟିଏ ସଂଖ୍ୟାର ନାମ ପଚାରିବା ପରେ ଗଣନା କରିଥିଲା ଓ

କହିଥିଲା ଚୋର ଦ୍ୱିତୀୟବାର ସେହି ସ୍ଥାନକୁ ଆସିବ। ସେ ଭବିଷ୍ୟତବାଣୀ କରିଥିଲା ଯେ ଚୋରିର ପଞ୍ଚମ ଦିନ ସୂର୍ଯ୍ୟୋଦୟ ପୂର୍ବରୁ ଚୋର ସେହି ସ୍ଥାନ ଦେଇ ନିଶ୍ଚୟ ଯିବ।

ମୂରବୀମାନେ ଫେରିଆସିଥିଲେ ଓ ପଞ୍ଚମ ଦିନର ପ୍ରଭାତ ପୂର୍ବରୁ ଚୋରି ସ୍ଥାନରେ ଲୁଚି ବସିଥିଲେ। ଏହି ଦୁଇ ଯୁବକ ପ୍ରଭାତ ପୂର୍ବରୁ ସେ ରାସ୍ତାରେ ଯିବାର ଧୃଷ୍ଟତା କରନ୍ତେ ଅଚିରେ ଧୃତ ହେଲେ ଓ ଚୋର ବୋଲି ସାବ୍ୟସ୍ତ ହେଲେ।

ଚୋର ଦୁଇ ଜଣ ମାଡ଼ଗାଳି ଖାଇ ପ୍ରତିବାଦ କରୁଥାନ୍ତି ଓ ଜଣାଉଥାଆନ୍ତି ଯେ ସେମାନେ ନିର୍ଦ୍ଦୋଷ, ସେମାନେ ପ୍ରକୃତରେ ମୁହଁ ଅନ୍ଧାରୁ ହାଟ କରିବା ପାଇଁ ଦୂରସ୍ଥାନକୁ ଯାଉଥିଲେ। ମାତ୍ର ସେମାନଙ୍କ କୈଫିୟତ୍ ଗ୍ରାମବାସୀଙ୍କ ବିଶ୍ୱାସଯୋଗ୍ୟ ହେଉ ନ ଥିଲା । ସେମାନେ ନିର୍ବିବାଦରେ ସର୍ବଜଣାର ନିର୍ଦ୍ଦେଶକୁ ସତ୍ୟ ବୋଲି ସ୍ୱୀକାର କରିନେଇଥିଲେ।

ତେବେ ଏଇ ଘଟଣାର ପରିସମାପ୍ତି ଦୁଃଖଦାୟକ ଥିଲା। କାରଣ ସେଦିନ ସଂଧ୍ୟା ହୋଇଗଲା ମାତ୍ର ସେହି ଦୁଇ ଯୁବକ ନିଜର ଦୋଷ ସ୍ୱୀକାର କରି ନ ଥିଲେ। ମାଡ଼ ମାରି ମାରି ହାଲିଆ ହୋଇ ପଡ଼ିଥିବା ଗ୍ରାମବାସୀ ସେମାନଙ୍କୁ ମୁକ୍ତି ଦେଇଥିଲେ ସଂଧ୍ୟା ପରେ। ଦୁଇ ଯୁବକ ସେଠାରୁ ନିକଟବର୍ତ୍ତୀ ଥାନାକୁ ଯାଇଥିଲେ ଓ ଗ୍ରାମବାସୀଙ୍କ ନାମରେ ଏତଲା ଦେଇଥିଲେ। ପରଦିନ ଗାଁକୁ ପୋଲିସ ଆସିଲେ ଓ ଗଣେଶ ପଣ୍ଡା ଓଗେର ପାଞ୍ଚଜଣ ମୂରବୀସ୍ଥାନୀୟ ଲୋକଙ୍କୁ ହରିଜନ ନିର୍ଯ୍ୟାତନା ମାମଲାରେ ବାନ୍ଧିନେଲେ। ପ୍ରକାଶଥାଉକି ମାଡ଼ ଖାଇଥିବା ଦୁଇ ଯୁବକ ଥିଲେ ହରିଜନ ସଂପ୍ରଦାୟର।

ଏତେସବୁ ଘଟଣା ସତ୍ତ୍ୱେ ଗ୍ରାମବାସୀ କିନ୍ତୁ ବିଶ୍ୱାସ କରୁଥିଲେ ଯେ ସର୍ବଜଣାର କଥା ହିଁ ଠିକ୍! ସର୍ବଜଣାର କଥା କେବେ ବି ଭୁଲ୍ ହୋଇପାରେନା। ଦୁଇ ଯୁବକଙ୍କୁ ସନ୍ଧ୍ୟାରେ ନ ଛାଡ଼ି ପରଦିନ ସକାଳ ପର୍ଯ୍ୟନ୍ତ ବାନ୍ଧି ରଖିଥିଲେ ସେମାନେ ନିଶ୍ଚୟ ନିଜର ଦୋଷ ସ୍ୱୀକାର କରିଥାନ୍ତେ।

ପରେ ଗଣେଶ ପଂଡା ଥାନାରୁ ଖସିଲା ଓ ଲୋକେ ସେ ଚୋରି କଥା ଭୁଲିବାକୁ ଆରମ୍ଭ କଲେ । କିନ୍ତୁ ମୁଁ ଜାଣିଥିଲି ଯେ ଗୋପିଆର ଯା ପଛରେ ନିଶ୍ଚେ ହାତ ଥିଲା ।

ତେବେ ମଝିରେ ମଝିରେ ଗୋପୀଆ ସଂପର୍କରେ ଚାଞ୍ଚଲ୍ୟକର ଖବରମାନ ଶୁଣାଯାଉଥାଏ ଓ ତାହା ସ୍ଥାନୀୟ ସାମାନ୍ୟ ଘଟଣାଗୁଡ଼ିକୁ ଗୁରୁତ୍ୱହୀନ କରି ଦେଉଥାଏ। ଏଇ ଯେମିତି ଶୁଣାଗଲା ଗୋପୀଆ ଏବେ ସାଧୁବେଶରେ ବୁଲୁଛି। ମୁହଁରେ ମେଞ୍ଚାଏ ଧଳା ଲମ୍ୱା ଦାଢ଼ୀ, ଦେହସାରା ପାଉଁଶ ବୋଳା ହେଇଛି। ଗୋପୀଆ ଦିନରେ ଛଦ୍ମବେଶରେ ବୁଲି କୋଉଠି ଚୋରି କରିବ ସ୍ଥିର କରି ନେଉଛି। କିଏ ଜଣେ କହିଥିଲା, ଗୋପୀଆ

ଏବେ ମଶାଣୀରେ ବସି ତନ୍ତ୍ର ସାଧନା କରୁଛି। କାଳୀ ପୂଜା କରି ନିଜକୁ ଆହୁରି ବଳୁଆ ଓ ଭୋଜବାଜି ସମ୍ପନ୍ନ କରିବ। ସେମିତି ହେଲେ ପୋଲିସ ତା'ର ଛାଇ ସୁଦ୍ଧା ସ୍ପର୍ଶ କରିପାରିବ ନାହିଁ। କାଳୀ ସାଧନା ପାଇଁ ସେ ମଣିଷଛୁଆ ବଳୀ ଦେବା ପାଇଁ ଖୋଜୁଛି।

ଏଇସବୁ ଖବର ଆମମାନଙ୍କୁ ଭୟଭୀତ କରିବା ପାଇଁ ଥିଲା ଯଥେଷ୍ଟ। ଆମେ ଆମ ଅଞ୍ଚଳରେ ବୁଲୁଥିବା ସବୁ ସାଧୁ ବେଶଧାରୀ ଦାଢ଼ିଆ ବାବାଙ୍କୁ ସନ୍ଦେହ ଦୃଷ୍ଟିରେ ଦେଖିବାକୁ ଆରମ୍ଭ କରିଥିଲୁ। ତା' ସହିତ ଡରିବାକୁ ମଧ୍ୟ।

ଦିନେ ବଡ଼ ଭାଇ ତା'ର ସାର୍ଟ ଉତାରି ଦେଇ, ସ୍କୁଲର ପାଚେରୀ ଉପରେ ରଖିଦେଲା ଓ ସାଙ୍ଗ ସାଥୀମାନଙ୍କ ସାଙ୍ଗରେ ଖେଳରେ ମଜ୍ଜିଗଲା। କେତେବେଳେ କିଏ ଜଣେ ସାର୍ଟଟା ହରଣଚାଳ କରିନେଇଛି ଜଣା ପଡ଼ିଲାନି। ବଡ଼ଭାଇ ଖେଳ ଶେଷରେ ସଞ୍ଜ ବେଳକୁ ସାର୍ଟ ଖୋଜିଲା ବେଳକୁ ସାର୍ଟ ଗାଏବ। ସେ କାନ୍ଦି କାନ୍ଦି ଘରକୁ ଫେରିଲା ଓ ବୋଉଙ୍କଠାରୁ ଆହୁରି ଗାଳିମାଡ଼ ଖାଇଲା।

ବୋଉ କହିଲା: ସେ ପିଲା କେମିତି ସାର୍ଟଟା ଚୋରି କରିନେଲା କୁହ?

ମୁଁ କହିଲି: ସେ ପିଲା ବୋଲି କେମିତି ଜାଣିଲୁ?

ବୋଉ କହିଲା: ବଡ଼ ଲୋକ କାହିଁକି ଚୋରି କରିବେ।

ମୁଁ ଯୁକ୍ତି କଲି: ଗୋପୀଆ ତ ବଡ଼ ଲୋକଟେ, ସେ ପୁଣି ଚୋରିକରେ ନା ନାଇଁ!

ବଡ଼ଭାଇ ପଚାରିଲା: ତୁ କ'ଣ କହୁଚୁ ଏ ଚୋରି ଗୋପୀଆ କରିଛି।

ମୁଁ କହିଲି: ଅସମ୍ଭବ କ'ଣ? ଏବେ ଗୋପୀଆର ଅବସ୍ଥା ଭଲ ନାଇଁ। ତା'ର ଦଳବଳ ସବୁ ଭାଙ୍ଗିଯାଇଛି। ପୋଲିସ ତା'ର ଆଡ୍ଡା ଦଖଲ କରି ନେଇଛି। ସେ ଏବେ ଏକା ଏକା ଏଠି ସେଠି ଲୁଚି ବୁଲୁଛି।

ବଡ଼ଭାଇ କହିଲା: ଅସମ୍ଭବ! ଗୋପୀଆର କେବେ ବି ଏମିତି ଅବସ୍ଥା ହେବନାହିଁ। ଗୋପୀଆ ଖୁବ୍ ବଡ଼ ଚୋର। ମାନେ ଖୁବ୍ ବଡ଼ ଚୋର!

ଆମର ଆଲୋଚନାର ମାର୍ଗ ଦିଗହରା ହେଉଥିବାର ଦେଖି ବୋଉ ଆହୁରି ରାଗିଥିଲା ଓ କହିଥିଲା: ସେ ପିଲା ନିଶ୍ଚେ ଧରାପଡ଼ିବ। କେଡ଼େ ସୁନ୍ଦର ସାର୍ଟଟା ନେଇ ପଳେଇଲା। କେଡ଼େ ସୁନ୍ଦର ମାନୁଥିଲା ମୋ ପୁଅକୁ।

ବୋଉର ଓଠ ଚୁ ଚୁ କରିବା ଦେଖି ମୁଁ ବି ଟିକେ ଦୁଃଖିତ ହୋଇପଡ଼ିଥିଲି। କାରଣ ଆମ ଘରର ନିୟମ ଥିଲା ଏମିତି ଯେ ବଡ଼ ଭାଇକୁ ଛୋଟ ହେଲେ ତା'ର ସାର୍ଟ ପ୍ୟାଣ୍ଟ୍ ମୋ ଭାଗରେ ପଡୁଥିଲା ଓ ମୁଁ ତାକୁ କିଛିଦିନ ପିନ୍ଧୁଥିଲି। ମୋତେ ଯେଉଁ ସାର୍ଟ ପ୍ୟାଣ୍ଟ୍

ଛୋଟ ହେଉଥିଲା ତାହା ସାନଭାଇ ଭାଗରେ ପଡୁଥିଲା। ତେଣୁ ସେଇ ସୁନ୍ଦର ସାର୍ଟଟା ଦିନେ ମୋ ଭାଗରେ ପଡ଼ିବାର ଥିଲା ଓ ତାହା ଚୋରିଗଲା। ମୁଁ ଦୁଃଖରେ ଭାଙ୍ଗିପଡ଼ିଥିଲି।

ବଡ଼ଭାଇ କହିଥିଲା: ମୁଁ କିନ୍ତୁ ସର୍ବଜଣା ପାଖକୁ ଯିବି।

ଶେଷପର୍ଯ୍ୟନ୍ତ ସେ ସର୍ବଜଣା ପାଖକୁ ଯାଇ ପାରି ନ ଥିଲା। କାରଣ ସର୍ବଜଣାର ଠିକଣା ଆମ କାହାରି ପାଖରେ ନ ଥିଲା।

ତେବେ ବର୍ଷକ ପରେ ଗୋଟେ ପିଲା ବଡ଼ ଭାଇର ସେଇ ଚୋରି ଯାଇଥିବା ସାର୍ଟ ପିନ୍ଧି ସ୍କୁଲକୁ ଆସିଲା ଓ ବଡ଼ଭାଇ ତା'ର ସାର୍ଟକୁ ଅଚିରେ ଚିହ୍ନି ପାରିଥିଲା। ବଡ଼ଭାଇ ସେ ପିଲାର ହାତଧରି ଭିଡ଼ି ଭିଡ଼ି ଆମ ଘରକୁ ଆଣିଥିଲା ଓ ବୋଉ ସାମ୍ନାରେ ଠିଆ କରେଇଥିଲା।

ବୋଉ ପଚାରିଥିଲା: ଏ ସାର୍ଟ ତୁ ତିଆରି କରିଛୁ?

ପିଲାଟା କହିଥିଲା: ନା! ଆମେ ତିଆରି କରିନୁ।

ବୋଉ ପଚାରିଥିଲା: କୋଉଠୁ ଆଣିଲୁ?

ପିଲାଟା କହିଥିଲା: ମୋ ବାପା ଆଣିଥିଲା।

ବୋଉ ପଚାରିଥିଲା: ତୋ ବାପା କୋଉଠୁ ଆଣିଲା?

ପିଲାଟା କହିଲା: ମୁଁ ଜାଣିନି।

ଏଇ ଶେଷ ପଦଟା କହିଲାବେଳେ ସେ କାନ୍ଦୁଣୁ ମାନ୍ଦୁଣୁ ଦେଖାଯାଇଥିଲା। ଏତିକିବେଳେ ଘଟଣାସ୍ଥଳୀରେ ବାବା ଆସି ପହଞ୍ଚିଥିଲେ ଓ ଆମକୁ ବୁଝାଇବାକୁ ଉଦ୍ୟମ କରିଥିଲେ। ଗୋଟେ ଚୋର ଧରି ପାରିଥିବାର ଆମର ଆନନ୍ଦ ଓ ଚାଞ୍ଚଲ୍ୟକୁ ବାବା ଉପେକ୍ଷା କରିଥିଲେ।

କହିଥିଲେ: ସେ ସାର୍ଟଟା ଫେରେଇଲେ କ'ଣ ତୁମେ ତାକୁ ଗ୍ରହଣ କରିପାରିବ?

ଆମେ କହିଥିଲୁ:ନାଇଁ ଯେ !

ବାବା କହିଥିଲେ: ତାକୁ ଛାଡ଼ିଦିଅ। ସେ ଯାଉ। ସେ ଭାରି ଗରିବ ପିଲାଟେ। ସେ ଗତବର୍ଷ ସ୍କୁଲକୁ ଆସୁଥିଲା। ମଝିରେ ଗୁଡ଼େ ଦିନ ହେଲା ସ୍କୁଲ ଆସିନାହିଁ। ସେ କାହିଁକି ସ୍କୁଲ ଆସୁ ନ ଥିଲା ଜାଣ! ତା'ର ସାର୍ଟଟିଏ ନ ଥିଲାବୋଲି । ଦିଅ ତାକୁ କ୍ଷମା କରିଦିଅ। ସେ ଯାଉ।

ବାବାଙ୍କ କଥାରେ କରୁଣାର ଏକ ଧାରା ଝରିଆସୁଥିଲା ଯେମିତି। ଆମେ ସେ ପ୍ରସ୍ତାବକୁ ନିରବରେ ଗ୍ରହଣ କରିନେଲୁ। କିନ୍ତୁ ବଡ଼ ଭାଇ ଟିକେ ଅସନ୍ତୋଷ ପ୍ରକାଶ

କରୁଥିଲା । କାରଣ ସେ ଚୋର ଧରିପାରିଥିବାର ଗୋଟେ ଗୌରବସୂଚକ ପୁରସ୍କାର ଆଶା କରୁଥିଲା ।

ତେବେ ପିଲାଟା ଯିବା ପୂର୍ବରୁ ମୁଁ ତାକୁ ମୋର ଶେଷ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ପଚାରିଥିଲି।

ପଚାରିଥିଲି: ତୋ ବାପାର ନାମ କ'ଣ ଗୋପୀଆ ?

ସେ ମୋ ପ୍ରଶ୍ନ ବୁଝିପାରିଲାନି କିମ୍ବା ଏତେ ଜୋର୍‌ରେ ଡରିଯାଇଥିଲା ଯେ ଆବ୍‌ବାକାବ୍‌ବା ହେଇ ମତେ ଚାହିଁଲା।

କହିଲା: ମୁଁ ଜାଣିନି। ଆମେ ତାକୁ 'ବାପା' ବୋଲି ଡାକୁ।

ମୁଁ ମତ ଦେଲି : ଅବଶ୍ୟ ଗୋପୀଆ ଏମିତି ନିକୁଛିଆ ଚୋରି କରିବନି।

କିଛିଦିନ ପରେ ଖବରକାଗଜରେ ଗୋଟେ ଛୋଟ ସମ୍ବାଦ ପ୍ରକାଶ ପାଇଥିଲା ଯେ ଗୋପୀଆ ନାୟକ ନାମକ ଦୁର୍ଦ୍ଦାନ୍ତ ଚୋରର ପୁରୀ ଜେଲ୍‌ରେ ଯକ୍ଷ୍ମା ରୋଗରେ ମୃତ୍ୟୁ ଘଟିଛି।

ଆମେ କିନ୍ତୁ ସେ ସମ୍ବାଦକୁ ବିଶ୍ୱାସ କରି ନ ଥିଲୁ। କାରଣ ଗୋପୀଆ ଗୋଟେ ଅସମ୍ଭବ ବଳଶାଳୀ ଅଦ୍ଭୁତ ମଣିଷ । ସେ ଏମିତି ଅସହାୟ ଭାବରେ, ରୋଗରେ , ଜେଲ୍‌ଭିତରେ ମରି ନ ପାରେ। ଇଏ ଆଉ କୋଉ ଗୋପୀଆ ନାୟକ ହୋଇଥିବ। ସେ ଧରା ପଡ଼ିବା କଥା ନୁହେଁ । ସେ ମରିବା କଥା ନୁହେଁ ।

ପିଲାଦିନର ହୀରୋମାନେ ହାରନ୍ତି ନାହିଁ। ମରନ୍ତି ନାହିଁ।